R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୮୮
ତିଥି : ଅଷ୍ଟମୀ
୨୩ ଜୁଲାଇ ୨୦୨୬, ଗୁରୁବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 288
23 July 2026, Thursday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ତୃତୀୟ ଦିନରେ ବି ସଂସଦ ଅଚଳ




ନୂଆଦିଲ୍ଲୀ, ୨୨।୭ : ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ଆନ୍ଦୋଳନକାରୀ ଛାତ୍ରଙ୍କ ଉପରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପ୍ରସଙ୍ଗରେ ସଂସଦ ଚାଲିପାରୁନାହିଁ। ଲଗାତର ତୃତୀୟ ଦିନ ପାଇଁ ସଂସଦର ଉଭୟ ଗୃହରେ କାର୍ଯ୍ୟ ଅଚଳ ହୋଇଛି। କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ ଲୋକସଭାରେ ଓ ରାଜ୍ୟସଭାରେ ମନ୍ତ୍ରୀ ଜେପି ନଡ୍ଡା ସରକାର ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ କହିବା ସତ୍ତ୍ୱେ ବି ଗୃହ ସ୍ୱାଭାବିକ ହୋଇପାରିଲାନାହିଁ। ବିରୋଧୀ ଦଳ ପକ୍ଷରୁ ଆଲୋଚନା ପୂର୍ବରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି। ତେବେ କଂଗ୍ରେସ ସାଂସଦମାନେ ଆଜି କଳା ପୋଷାକ ପିନ୍ଧି ସଂସଦକୁ ଆସିଥିଲେ। କଳା ପୋଷାକ ପିନ୍ଧି ସେମାନେ ତାଙ୍କ ପ୍ରତିବାଦକୁ ଜାହିର କରିଥିଲେ।

ରାଜ୍ୟସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ୍ ଖଡ୍‌ଗେ କହିଛନ୍ତି ଯେ ପ୍ରଥମେ ଶିକ୍ଷାମନ୍ତ୍ରୀ ଇସ୍ତଫା ଦିଅନ୍ତୁ ଏହାପରେ ଆଲୋଚନା ହେବ। ଲୋକସଭାରେ କଂଗ୍ରେସ ସାଂସଦ କେସି ବେଣୁଗୋପାଳ ମଧ୍ୟ ପ୍ରଶ୍ନପତ୍ର ଲିକ୍ ଓ ଛାତ୍ରଙ୍କ ଉପରେ ହୋଇଥିବା ପୋଲିସର ଆକ୍ରମଣ ସମ୍ପର୍କରେ ଉଲ୍ଲେଖ କରିଥିଲେ। ତେବେ କେନ୍ଦ୍ରମନ୍ତ୍ରୀ ରିଜିଜୁ କହିଥିଲେ ଯେ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି। ତେବେ କେତେ ସମୟ ଆଲୋଚନା ହେବ, ଗୃହର ସବୁ ଦଳର ନେତାଙ୍କ ସହ ବିଚାର ବିମର୍ଶ କରାଯାଇ ସ୍ଥିର କରାଯିବ। ତେବେ ବିରୋଧୀ ସାଂସଦମାନେ (୯ ପୃଷ୍ଠାରେ)

- ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ଆଲୋଚନା ଲାଗି ସରକାର ପ୍ରସ୍ତୁତ : ରିଜିଜୁ
- ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିରୋଧୀ ଅଟଳ
- କଳା ପୋଷାକ ପିନ୍ଧି ପ୍ରତିବାଦ କଲେ କଂଗ୍ରେସ ସାଂସଦ

### ଛାତ୍ର-ଯୁବକଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଘଟଣା

# ତୁରନ୍ତ ଶୁଣାଣି ପାଇଁ ମନାକଲେ ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, ୨୨।୭ : ଯନ୍ତର ମନ୍ତରରୁ ସଂସଦ ଚଲୋ ଅଭିଯାନରେ ସାମିଲ ହୋଇଥିବା ଛାତ୍ର ଓ ଯୁବକଙ୍କ ଉପରେ ପୋଲିସର କାର୍ଯ୍ୟାନୁଷ୍ଠାନ ବାବଦରେ ଶୁଣାଣି ପାଇଁ ହୋଇଥିବା ଆବେଦନରେ ସୁପ୍ରିମ୍‌କୋର୍ଟ ଏହାର ଜରୁରୀ ଶୁଣାଣି ଲାଗି ମନା କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏହି ମାମଲାର ଶୁଣାଣି କରିବାବେଳେ ଜରୁରୀ ଶୁଣାଣିକୁ ପ୍ରତ୍ୟାଖ୍ୟାନ କରିବା ସହ ଭିଡ଼ିଓ ଦେଖିବାକୁ ଆମ ପାଖରେ ସମୟ ନାହିଁ ବୋଲି ଆବେଦନକାରୀଙ୍କୁ କହିଛନ୍ତି। ଏଭଳି ଆଭିମୁଖ୍ୟ ସମସ୍ତଙ୍କୁ ଚକିତ କରିଛି।

ଆଜି ସୁପ୍ରିମ୍‌କୋର୍ଟରେ ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠରେ ଏହି ଆବେଦନ ଜଣେ ଆଇନ୍‌ଜୀବୀ କରିଥିଲେ। କୋର୍ଟ ଏହି ମାମଲା ନିଜଆଡୁ ଗ୍ରହଣ କରି ଶୁଣାଣି କରିବାକୁ ସେ କହିଥିଲେ। ତେବେ କୋର୍ଟ ଏହି ଆବେଦନକୁ ଗ୍ରହଣ କରିନଥିଲେ। ଆଇନ୍‌ଜୀବୀ କହିଥିଲେ ଓ ସିଜେଆଇ ତାଙ୍କୁ ଧନ୍ୟବାଦ ଦେଇଥିଲେ। ତେବେ ପୁନର୍ବାର ଓକିଲଜଣକ ପୋଲିସର ବଳପୂର୍ବକ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଅନେକ ଭିଡ଼ିଓକୁ ଉଲ୍ଲେଖ କରିଥିଲେ।

### ଭିଡ଼ିଓ ଦେଖିବାକୁ ଆମ ପାଖରେ ସମୟ ନାହିଁ : ସିଜେଆଇ

କହିଥିଲେ ଆମ ସମୟ ନଷ୍ଟ କରନାହିଁ କିମ୍ବା ତୁମର ସମୟ ବି ନଷ୍ଟ କରନାହିଁ। ତେବେ ଆବେଦନକାରୀ ଯୁକ୍ତି କରିଥିଲେ ଯେ ନିଟ୍, ୟୁଜିର ପେପର ଲିକ୍ ନେଇ ଛାତ୍ରମାନେ ପ୍ରତିବାଦ କରୁଛନ୍ତି। ଏହି ପ୍ରସଙ୍ଗ ସାଧାରଣରେ ଗୁରୁତ୍ୱ ରହିଛି। ଏନ୍‌ଟିଏ ଦ୍ୱାରା ପରୀକ୍ଷା ପରିଚାଳନାରେ ସଂସ୍କାର ଆସିବା ଉଚିତ୍ ବୋଲି ତେବେ ସିଜେଆଇ କହିଥିଲେ ଯେ ଆମ ପାଖରେ ସମୟ ନାହିଁ, ଆମେ ବସି ଏହି ଭିଡିଓ ଦେଖିବୁ। ସିଜେପି ପକ୍ଷରୁ ନିଟ୍ ପେପର ଲିକ୍ ଓ ଅନ୍ୟ ପରୀକ୍ଷା ପ୍ରସଙ୍ଗରେ ହୋଇଥିବା ପ୍ରତିବାଦ ନେଇ ପୂର୍ବରୁ ମଧ୍ୟ ପ୍ରଧାନ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପୂର୍ବରୁ କହିଥିଲେ ଯେ ଯେଉଁ ବେକାରୀ (୯ ପୃଷ୍ଠାରେ)

### ସିଏମ୍‌ଓରୁ ଫାଇଲ ଗାଏବ ମାମଲା

# ଭିକେ ପାଣ୍ଡିଆନଙ୍କୁ ପୋଲିସ ସମନ

ଭୁବନେଶ୍ୱର, ୨୨।୭ (ସବ୍ୟୁ) : ସିଏମ୍‌ଓରୁ ଦୁଇଟି ଫାଇଲ ଗାଏବ ହେବା ମାମଲାର ତଦନ୍ତ କ୍ୟାପିଟାଲ ଥାନା ପୋଲିସ କରିଥିବା ବେଳେ ପୂର୍ବ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନଙ୍କୁ ପୋଲିସରେ ହାଜର ହେବାକୁ ସମନ ହୋଇଛି। ଆସନ୍ତା ୨୫ ତାରିଖ ଦିନ ୧୧ଟା ବେଳେ ଜୋନ୍-୧ ଏସିପିଙ୍କ ପାଖରେ ହାଜର ହେବାକୁ ସମନରେ ସ୍ପଷ୍ଟ କରାଯାଇଛି । ଏହି ସମନ କରିଛନ୍ତି ତଦନ୍ତକାରୀ ଅଫିସର କ୍ୟାପିଟାଲ ଥାନାର ଅତିରିକ୍ତ ଇନ୍ସପେକ୍‌ଟର ବିପିନ ବିହାରୀ ହୋତା । ସରକାରଙ୍କ ପକ୍ଷରୁ ଫାଇଲ ଗାଏବ ନେଇ କ୍ୟାପିଟାଲ ଥାନାରେ ଏତଲା ହେବା ପରେ କେସ୍ ନଂ- ୪୬୦/୨୦୨୬ରେ ମାମଲା ରୁଜୁ ହୋଇଛି । ମାମଲାରେ ୩୦୫/୩୧୬ (୨)/ ୨୩୮ (ସି)/୨୪୧/୬୧ (୨) (ବି) ବିଏନ୍‌ଏସ୍ ଦଫା ଲାଗୁ କରାଯାଇଥିବା ପୋଲିସ କହିଛି । କ୍ୟାପିଟାଲ ଥାନାରୁ ଜାରି ହୋଇଥିବା ସମନ ଭିକେ ପାଣ୍ଡିଆନଙ୍କୁ ପଳାସପଲ୍ଲୀ ଘରକୁ ପଠାଯାଇଥିବା ସମନରେ ଦର୍ଶାଯାଇଛି ।

ଫାଇଲ ଗାଏବ ମାମଲାରେ ପୂର୍ବତନ ଆଇଟି ସଚିବ ମନୋଜ ମିଶ୍ର ଓ ପୂର୍ବ ସରକାରଙ୍କ ତତ୍କାଳୀନ ପ୍ରମୁଖ ସଚିବ ରାଜେଶ ବର୍ମାଙ୍କୁ କ୍ୟାପିଟାଲ ଥାନାରେ ହାଜର ହେବାକୁ ସମନ ହୋଇଥିଲା । ମନୋଜ ମିଶ୍ର ହାଜର ହୋଇ ତାଙ୍କ ପକ୍ଷ ରଖିଥିବା ବେଳେ ରାଜେଶ ବର୍ମା ତାରିଖ ଅନୁଯାୟୀ ହାଜର ହୋଇନାହାନ୍ତି । ତାଙ୍କୁ ଆଉ ଥରେ ନୋଟିସ୍ କରାଯିବ ବୋଲି ସୂଚନା ମିଳିଛି । ଯଦି ସେ ଦ୍ୱିତୀୟଥର ନୋଟିସ୍ ଅନୁଯାୟୀ ହାଜର ନହୁଅନ୍ତି ତେବେ ତାଙ୍କ ବିରୋଧରେ ୱାରେଣ୍ଟ ଇସ୍ୟୁ ହୋଇପାରେ ବୋଲି ଖବର ମିଳିଛି । ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ ଓ ଭୁବନେଶ୍ୱର ଡିସିପି ଜଗମୋହନ ମିନା ବୁଧବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇ ତଦନ୍ତ କିପରି ହେଉଛି ଓ କେତେବାଟ ଯାଇଛି ସେ ସମ୍ପର୍କରେ ସୂଚନା ଦେଇଛନ୍ତି । ଫାଇଲ ଗାଏବ ମାମଲାର ତଦନ୍ତ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇ ସୂଚନା ଦେଇଥିବା ଗଣମାଧ୍ୟମକୁ କହିଛନ୍ତି । (୯ ପୃଷ୍ଠାରେ)

### ବାହୁଡ଼ା ଯାତ୍ରା ପ୍ରସ୍ତୁତି ସମୀକ୍ଷା

# ଆଇନ ଶୃଙ୍ଖଳା, ସୁରକ୍ଷା ସହ ସାଲିସ ନାହିଁ



ଭୁବନେଶ୍ୱର, ୨୨।୭ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଆସନ୍ତା ୨୪ ତାରିଖରେ ମହାପ୍ରଭୁଙ୍କ ବାହୁଡା ଯାତ୍ରା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରି ଭିଡ ପରିଚାଳନା ଓ ସୂଚନା ସଞ୍ଚାର ଉପରେ ଅଧିକ ଗୁରୁତ୍ୱ ଦେବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହା ସହିତ ମୁଖ୍ୟମନ୍ତ୍ରୀ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ପ୍ରଶାସନ ଓ ପୋଲିସର ମାର୍ଗଦର୍ଶିକା ପାଳନ କରିବାକୁ ନିବେଦନ ମଧ୍ୟ କରିଛନ୍ତି।

- ଭିଡ଼ ପରିଚାଳନାକୁ ଗୁରୁତ୍ୱ ଦିଅ : ମୁଖ୍ୟମନ୍ତ୍ରୀ
- ଶ୍ରଦ୍ଧାଳୁ ପୋଲିସ ପ୍ରଶାସନର ମାର୍ଗଦର୍ଶିକା ମାନନ୍ତୁ

ବୈଠକରେ ହୋଇଥିବା ଆଲୋଚନାରୁ ଜଣା ଯାଇଛି ଯେ, ରଥଯାତ୍ରା ଠାରୁ ଆଜି ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ପ୍ରାୟତଃ ଠିକ୍ ଭାବରେ ପରିଚାଳିତ ହୋଇଛି। ଲଗାଣ ବର୍ଷା, ପ୍ରତିକୂଳ ପାଗ, ଗରମ ଓ ଗୁଳୁଗୁଳି ସତ୍ତ୍ୱେ ଅଧିକାରୀ ଓ କର୍ମଚାରୀ ତଥା ଭକ୍ତମାନଙ୍କ ସେବା ଓ ସମର୍ପଣ କୌଣସି ମାତ୍ରାରେ ପ୍ରଭାବିତ ହୋଇନାହିଁ। ସେବାୟତମାନଙ୍କ ନିଷ୍ଠା ଓ ସମର୍ପଣ ମନୋଭାବର ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ମହାପ୍ରଭୁଙ୍କ ସେବାରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଟିମ୍ ସ୍ପିରିଟ ନେଇ କାମ କରୁଥିବାରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ।

ପୁରୀ ସହରରେ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ସଜାଗ ରହି ସମସ୍ତ ବ୍ୟବସ୍ଥାର ନିୟମିତ ପରିଚାଳନା ଓ ତଦାରଖ କରୁଛନ୍ତି। ପହଣ୍ଡି, ରଥଟଣା, ଦକ୍ଷିଣି ମୋଡ, ଆଡପ ମଣ୍ଡପ ଦର୍ଶନ, ପ୍ରତ୍ୟେକ ସମୟରେ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ନିୟମିତ ତଦାରଖ କରୁଛନ୍ତି।

ବୈଠକରେ ଭିଡ ପରିଚାଳନା ଓ ନିରନ୍ତର ସୂଚନା ସଞ୍ଚାର ଉପରେ ଅଧିକ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଭିଡରେ (୯ ପୃଷ୍ଠାରେ)

# ଆମେରିକା ଟାର୍ଗେଟରେ ଇରାନର ସେତୁ, ଶକ୍ତିକେନ୍ଦ୍ର

ନୂଆଦିଲ୍ଲୀ, ୨୨।୭ : ଇରାନ ଉପରେ ଆମେରିକା ଲଗାତର ୧୧ ଦିନ ଧରି ଆକ୍ରମଣ ଜାରି ରଖିଛି। ଇରାନ ମଧ୍ୟ ଏହାର ଜବାବ ଦେଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ହରମୁଜ୍ ପ୍ରଣାଳୀ ଦେଇ ଆସୁଥିବା ଜାହାଜ ଉପରେ ଇରାନ ଆକ୍ରମଣ କରୁଛି ତାହାର ଜବାବ ଦିଆଯିବ। ଇରାନର ପୋଲ ଓ ଶକ୍ତିକେନ୍ଦ୍ର ସହ ହରମୁଜ୍‌ରେ ଥିବା ଜାହାଜ ଉପରେ ଆକ୍ରମଣ କରାଯିବ।

ସୋସିଆଲ ମିଡ଼ିଆରେ ଟ୍ରମ୍ପ ଉଲ୍ଲେଖ କରିଛନ୍ତି ଯେ ହରମୁଜ୍ ପ୍ରଣାଳୀରୁ ଇରାନକୁ ହଟାଇବାକୁ ପଦକ୍ଷେପ ନିଆଯାଇଛି। ମିଶାଇଲ, ରକେଟ୍, ଡ୍ରୋନ୍ ବା ଅନ୍ୟ କୌଣସି ଅସ୍ତ୍ରଶସ୍ତ୍ର ଦ୍ୱାରା ଇରାନ ଆକ୍ରମଣ କରି ବମ୍‌ଗୁଡ଼ିକ ନିଷ୍କ୍ରିୟ କରିବ। ଆମେରିକା ସେନା ପକ୍ଷରୁ କୁହାଯାଇଛି ଯେ ଇରାନର ସାମରିକ ଦକ୍ଷତାକୁ ଟାର୍ଗେଟ କରାଯାଇ ଆକ୍ରମଣ କରାଯାଉଛି। ସେମାନେ ଏୟାରକ୍ରାଫ୍ଟ ହ୍ୟାଙ୍ଗର, ଡ୍ରୋନ୍ ଗଚ୍ଛିତ ଥିବା ସ୍ଥାନ ଓ ସାମରିକ ଭିତ୍ତିଭୂମିଗୁଡ଼ିକୁ ଟାର୍ଗେଟ କରିଛନ୍ତି। ତେହେରାନ୍ ମଧ୍ୟ ଏହାର ଜବାବ ଦେଇଛି। ଇସ୍ରାଏଲ ଓ ଗଲ୍ଫ ରାଷ୍ଟ୍ରରେ ଥିବା ଆମେରିକାର ସାମରିକ ଘାଟି ଉପରେ ଜୋରଦାର ଆକ୍ରମଣ କରିଛି। (୯ ପୃଷ୍ଠାରେ)

# ଅନଶନ ପ୍ରତ୍ୟାହାର ଲାଗି ୱାଙ୍ଗଚୁକ୍‌ଙ୍କ ସର୍ତ୍ତ



ନୂଆଦିଲ୍ଲୀ, ୨୨।୭ : ଅନଶନ ପ୍ରତ୍ୟାହାର ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ସାମାଜିକ କାର୍ଯ୍ୟକର୍ତ୍ତା ସୋନମ୍ ୱାଙ୍ଗଚୁକ୍ ସର୍ତ୍ତ ଆରୋପ କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ନିଟ୍ ପେପେର ଲିକ୍ ଘଟଣାରେ ଯେଉଁ ଛାତ୍ରମାନେ ପ୍ରତିବାଦ କରୁଛନ୍ତି ସେମାନଙ୍କ ଉପରେ କୌଣସି ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବନାହିଁ। ଯଦି ସରକାର ଏଭଳି ପ୍ରତିଶ୍ରୁତି ଦେବେ ସେ ଅନଶନ ବନ୍ଦ କରିବେ। ନଚେତ୍ ଏହା ଅନିର୍ଦ୍ଦିଷ୍ଟ କାଳ ପାଇଁ ଜାରି ରଖିବେ।

କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା ଓ ଜିତେନ୍ଦ୍ର ସିଂଙ୍କୁ ଲେଖିଥିବା ପତ୍ରରେ ୱାଙ୍ଗଚୁକ୍ ଉଲ୍ଲେଖ କରିଛନ୍ତି ଯେ କୌଣସି ଯୁବ ପ୍ରତିବାଦକାରୀ ବିକ୍ଷୋଭ ପାଇଁ କୌଣସି ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବେନାହିଁ। ଏହାର ଏକ ସ୍ପଷ୍ଟ ପ୍ରତିଶ୍ରୁତି ମିଳିବା ଦରକାର। ପ୍ରତିବାଦକାରୀମାନେ କେବଳ ତାଙ୍କର ସ୍ୱର ଉଠାଇଛନ୍ତି ଓ ଶିକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛ ଓ ଉତ୍ତରଦାୟିତ୍ୱ ଧାର୍ଯ୍ୟ ପାଇଁ ମତ ରଖିଛନ୍ତି। ୫୯ ବର୍ଷୀୟ ସାମାଜିକ କାର୍ଯ୍ୟକର୍ତ୍ତା ୱାଙ୍ଗଚୁକ୍‌ଙ୍କୁ ପୋଲିସ ବଳପୂର୍ବକ ଉଠାଇ ଆଣିଥିଲା। ସିଜେପି ଆନ୍ଦୋଳନକୁ ସମର୍ଥନ କରି ସେ ଆମରଣ ଅନଶନରେ ବସିଥିଲେ। ପ୍ରାୟ ୨୫ ଦିନ ହେବ ସେ ଅନଶନରେ ଅଛନ୍ତି। ତାଙ୍କୁ ଘରୋଇ ମେଦାନ୍ତ ହସ୍ପିଟାଲ ଗୁରୁଗାଓଁକୁ ସ୍ଥାନାନ୍ତର କରାଯାଇଛି। ଚିଠିରେ ୱାଙ୍ଗଚୁକ୍ (୯ ପୃଷ୍ଠାରେ)

# କୋଭିଡ ଲାଗି ବିଚଳିତ ହୁଅନି : ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର, ୨୨।୭ (ସବ୍ୟୁ): ଆନ୍ଧ୍ରପ୍ରଦେଶରେ କୋଭିଡ ସଂକ୍ରମିତ ଚିହ୍ନଟ ପରେ ମୃତ୍ୟୁ ବରଣ କରିଥିଲେ । ବ୍ରହ୍ମପୁରରେ ବୁଧବାର ଜଣେ କୋଭିଡ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେବେ ଏହାକୁ ନେଇ କେହି ବିବ୍ରତ ନହେବାକୁ ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି ।

କୋଭିଡ୍ -୧୯ ପରିସ୍ଥିତି ବାବଦରେ ଗଣମାଧ୍ୟମ ରିପୋର୍ଟଗୁଡ଼ିକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ବିଚାରକୁ ନେଇଛି । ଭାରତ ସରକାରଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ, ଆଇଡିଏସପି (ଇଣ୍ଟିଗ୍ରେଟେଡ ଡିଜିଜ ସର୍ଭେଲାଏନ୍ସ ପ୍ରୋଗ୍ରାମ), ଆଇସିଏମଆର (ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ) କୋଭିଡ୍ ୧୯ ବାବଦରେ ସ୍ୱାଧୀନ ଭାବରେ ଯେଉଁ ତଥ୍ୟ ମୂଲ୍ୟାଙ୍କନ କରିଛନ୍ତି, ସେଥିରେ ଏହାର ସ୍ତର ବହୁତ କମ ରହିଛି ବୋଲି ସୂଚିତ ହେଉଛି । ଏଥିରେ ବିଚଳିତ ନହେବାକୁ କୁହାଯାଇଛି। ରୋଗୀଙ୍କ ପାଇଁ ନିୟମିତ ନିରୀକ୍ଷଣ ଏବଂ କ୍ଲିନିକାଲ୍‌ମାନଙ୍କ ସତର୍କତା ଭାରତ ସରକାରଙ୍କ ପ୍ରୋଟୋକଲ ଅନୁସାରେ ଅବଲମ୍ବନ କରାଯାଉଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦେଇଛନ୍ତି ।

# ଶୀଘ୍ର ନ୍ୟାୟ ପାଇବେ ଏସ୍‌ସି/ ଏସ୍‌ଟି ବର୍ଗ

### ତ୍ୱରିତ ଶୁଣାଣି ଲାଗି ୬ ସ୍ୱତନ୍ତ୍ର କୋର୍ଟ ସ୍ଥାପନ

ଭୁବନେଶ୍ୱର, ୨୨।୭ (ସବ୍ୟୁ): ରାଜ୍ୟରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି (ଏସ୍‌ସି/ ଏସ୍‌ଟି) ବର୍ଗର ଲୋକଙ୍କୁ ଶୀଘ୍ର ଆଇନଗତ ନ୍ୟାୟ ପ୍ରଦାନ ଏବଂ ସେମାନଙ୍କ ଅଧିକାରର ସୁରକ୍ଷା ପାଇଁ ଓଡ଼ିଶା ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି (ଅତ୍ୟାଚାର ନିରୋଧ) ଆଇନ, ୧୯୮୯ ଅଧୀନରେ ଆସୁଥିବା ମାମଲାଗୁଡ଼ିକର ତ୍ୱରିତ ଶୁଣାଣି ଏବଂ ଦଣ୍ଡବିଧାନ ପାଇଁ ରାଜ୍ୟର ୬ଟି ଜିଲ୍ଲାରେ ଏକ୍ସକ୍ଲୁସିଭ୍ ସ୍ୱତନ୍ତ୍ର କୋର୍ଟ ସ୍ଥାପନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି ।

ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୨୬୩୯୫ ଅନୁଯାୟୀ, ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ସୁପାରିଶ ଓ ସହମତି କ୍ରମେ ଏହି କୋର୍ଟଗୁଡ଼ିକ ସ୍ଥାପନ କରାଯାଇଛି । ରାଜ୍ୟ ସରକାର ସାମାଜିକ ନ୍ୟାୟ ଓ ଶୋଷିତ ବର୍ଗର ଅଧିକାର ସୁରକ୍ଷା ପାଇଁ ସଂକଳ୍ପବଦ୍ଧତା ପ୍ରଦର୍ଶନ କରିଛନ୍ତି । ଏହି ନୂତନ ସ୍ୱତନ୍ତ୍ର କୋର୍ଟଗୁଡ଼ିକ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍-କମ୍-ସ୍ୱତନ୍ତ୍ର କୋର୍ଟ ଭାବେ କାର୍ଯ୍ୟ କରିବେ । ଏଗୁଡ଼ିକ ଭଦ୍ରକ, ଗଞ୍ଜାମ (ବ୍ରହ୍ମପୁର), ଯାଜପୁର, କେନ୍ଦ୍ରାପଡ଼ା ଓ ପୁରୀ ରାଜସ୍ୱ ଜିଲ୍ଲା ଏବଂ ଖୋର୍ଦ୍ଧା ରାଜସ୍ୱ ସବ-ଡିଭିଜନ୍ ପରିସୀମା ମଧ୍ୟରେ କାର୍ଯ୍ୟକାରୀ ହେବ । ଏହି କୋର୍ଟଗୁଡ଼ିକ ପ୍ରତିଷ୍ଠା ହେବା ଦ୍ୱାରା ବହୁ ଦିନରୁ ପଡ଼ିରହିଥିବା ମାମଲାଗୁଡ଼ିକର ତ୍ୱରିତ ନିଷ୍ପତ୍ତି ହୋଇପାରିବ ।

ପୋଲିସ ମୁଖ୍ୟାଳୟର ରାଜ୍ୟ ମାନବାଧିକାର ସୁରକ୍ଷା ସେଲ୍ (ଏସଏଚଆରପିସି)ର ନିରନ୍ତର ସମୀକ୍ଷା ଓ ପ୍ରୟାସ ଫଳରେ ଏହି ପ୍ରସ୍ତାବ ସାକାର ହୋଇପାରିଛି । ଏଡିଜିପି ଯତୀନ୍ଦ୍ର କୋୟଲଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ଓ ପ୍ରଚେଷ୍ଟା ବଳରେ ପେଣ୍ଡିଂ ମାମଲାର ସଠିକ୍ ଆକଳନ କରାଯାଇ ଗୃହ ବିଭାଗ ମାଧ୍ୟମରେ ହାଇକୋର୍ଟଙ୍କ ଆବଶ୍ୟକୀୟ ସ୍ୱୀକୃତି ହାସଲ କରାଯାଇପାରିଛି ।

ଏହି ଆନୁଷ୍ଠାନିକ ବିଜ୍ଞପ୍ତି ପରେ, ଗୃହ ବିଭାଗ ପକ୍ଷରୁ (୯ ପୃଷ୍ଠାରେ)

# ୧୦ ବର୍ଷରେ ୧୫୨ ପ୍ରଶ୍ନପତ୍ର ଲିକ୍ : ରାହୁଲ



ନୂଆଦିଲ୍ଲୀ, ୨୨।୭ : ଦେଶରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ୧୦ ବର୍ଷ ମଧ୍ୟରେ ୧୫୨ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଛି। ମାତ୍ର ଗୋଟିଏ ବି ଘଟଣାରେ କାର୍ଯ୍ୟାନୁଷ୍ଠାନ ହୋଇନାହିଁ ବୋଲି ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧି କହିଛନ୍ତି।

ନିଜ ହାତରେ କଳା ବ୍ୟାଚ୍ ପିନ୍ଧି ସାମ୍ବାଦିକ ସମ୍ମିଳନୀ କରି ରାହୁଲ କହିଛନ୍ତି ଯେ ଦେଶର ଶିକ୍ଷା ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି। ଲକ୍ଷ ଲକ୍ଷ ଛାତ୍ର ଓ ତାଙ୍କ ପରିବାରକୁ ଏଥିପାଇଁ ମୂଲ୍ୟ ଦେବାକୁ ପଡୁଛି। ଆମର ଶିକ୍ଷା ବ୍ୟବସ୍ଥା ବିଶ୍ୱର ସର୍ବୋତ୍ତମ ବୋଲି ସମସ୍ତେ ଜାଣିଥିଲେ। ମାତ୍ର ଏବେ ତାହା ଭୁଷୁଡ଼ି ପଡ଼ିଛି। ଛାତ୍ର ଓ ଯୁବକଙ୍କ ଉପରେ ହୋଇଥିବା ପୋଲିସ କାର୍ଯ୍ୟାନୁଷ୍ଠାନ ଲାଗି କିଏ ଉତ୍ତରଦାୟୀ ହେବ ତାହା ମଧ୍ୟ ସ୍ପଷ୍ଟ ହେବା ଦରକାର। ଆମ ଛାତ୍ରମାନଙ୍କର ଭୁଲ୍ କେଉଁଠି ରହିଲା। କାହିଁକି ସୁରକ୍ଷା ବଳ ସେମାନଙ୍କୁ ଅସ୍ତ୍ରଦ୍ୱାରା ଟାର୍ଗେଟ କଲେ ଓ ମାଡ ମାରିଲେ। କେତେକ ସ୍ଥାନରେ ମଧ୍ୟ ସେମାନଙ୍କୁ ଅପମାନିତ କଲେ। ଛାତ୍ରମାନଙ୍କୁ ପୋଲିସ ଯେଭଳି ବ୍ୟବହାର କରିଛି ପ୍ରଧାନମନ୍ତ୍ରୀ ସେଥିଲାଗି ଛାତ୍ରମାନଙ୍କୁ କ୍ଷମା ମାଗିବା ଦରକାର। ଯେଉଁଭଳି ଭାବରେ ମୋ ସହ ବ୍ୟବହାର କରାଗଲା ତାକୁ ମୁଁ ଖାତିର କରୁନାହିଁ। ମୋ ସହିତ ଏଭଳି ଖରାପ ବ୍ୟବହାର ୫ ଥର ହୋଇଛି। କିନ୍ତୁ ମୋର ଫୋକସ ଛାତ୍ରମାନଙ୍କ ଉପରେ ରହିଛି। ଛାତ୍ରମାନେ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରୁଥିଲେ। ସେମାନେ ସାଧାରଣତଃ ପଚାରିଥିଲେ ଯେ ଦେଶର ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ। ସେମାନଙ୍କର ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଜାଣିବାର ଅଧିକାର ରହିଛ। ପେପର ଲିକ୍ ହେବାଦ୍ୱାରା ଛାତ୍ରମାନେ ଚାପରେ ରହୁଛନ୍ତି। କେତେକ ଚାତ୍ର ମଧ୍ୟ ଆତ୍ମହତ୍ୟା କରୁଛନ୍ତି। ଚାପ ଯୋଗୁ ଶେଷ ମୁହୂର୍ତ୍ତରେ ସେମାନେ ଏଭଳି ପଦକ୍ଷେପ ନେଉଛନ୍ତି। ଏହା ଏକ ଛୋଟ ସମସ୍ୟା ନୁହେଁ। ଏହା ଏବେ ଦେଶର ବଡ ସଙ୍କଟ ହୋଇଛି। (୯ ପୃଷ୍ଠାରେ)

### କୌଣସି ଘଟଣାରେ ହୋଇନି କାର୍ଯ୍ୟାନୁଷ୍ଠାନ

### ପ୍ରସଙ୍ଗର ରାଜନୀତିକରଣ କରୁଛନ୍ତି ରାହୁଲ : ନଡ୍ଡା



ଦିଲ୍ଲୀ, ୨୨।୭ : ସରକାର ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ହେଉଥିବା ପ୍ରତିବାଦ ସମ୍ପର୍କରେ ସଂସଦରେ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି। ମାତ୍ର କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ଓ ଅନ୍ୟ ଦଳଗୁଡ଼ିକ ଏହି ପ୍ରସଙ୍ଗକୁ ରାଜନୈତିକକରଣ କରିବାକୁ ଚାହୁଁଛନ୍ତି। ସରକାର ଏହି ଅଚଳାବସ୍ଥା ଦୂର କରିବା ପାଇଁ କାର୍ଯ୍ୟ କରୁଛନ୍ତି ବୋଲି ବିଜେପିର ପୂର୍ବତନ ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା କହିଛନ୍ତି ।

ଦଳୀୟ ମୁଖ୍ୟାଳୟରେ ଏକ ସାମ୍ବାଦକ ସମ୍ମିଳନୀ କରି ଶ୍ରୀ ନଡ୍ଡା କହିଛନ୍ତି ଯେ ଛାତ୍ରମାନଙ୍କର ଦାବି ଓ ପେପର ଲିକ୍ ପ୍ରସଙ୍ଗ ଉତ୍ଥାପନ କରିଛନ୍ତି। ମୋର ପ୍ରଥମ ନିବେଦନ ହେଉଛି ଯେ ଏହି ଘଟଣାର ରାଜନୀତିକରଣ କରାନଯାଉ। ଏହାକୁ ନେଇ ରାଜନୈତିକ ଫାଇଦା ନେବାପାଇଁ ଚେଷ୍ଟା କରିବା ଠିକ୍ ନୁହେଁ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏହା ଉପରେ ବିସ୍ତୃତ ଆଲୋଚନା ଦରକାର। ଆମେ ସଂସଦରେ ବିସ୍ତୃତ ଆଲୋଚନା ପାଇଁ (୯ ପୃଷ୍ଠାରେ)



# ମହାବେଦି

ଦେବର୍ଷି ନାରଦଙ୍କ ଉପଦେଶ ଅନୁସାରେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ନୀଳମାଧବଙ୍କ ଦର୍ଶନ ଲାଭ ପାଇଁ ଯେଉଁ ସ୍ଥାନରେ ସହସ୍ର ଅଶ୍ୱମେଧ ଯଜ୍ଞ ଅନୁଷ୍ଠାନ କରିଥିଲେ ତାହାକୁ ସ୍କନ୍ଦ ପୁରାଣ ଅନୁଯାୟୀ ମହାବେଦି କୁହାଯାଏ । ଏହି ମହାବେଦୀରେ ଏକ ଆବଦ୍ଧଗୃହ ନିର୍ମାଣ କରାଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଗଢା ଯାଇଥିଲା । ଏହି ଆବଦ୍ଧଗୃହ ମହାରାଣୀ ଗୁଣ୍ଡିଚା ଦେବୀଙ୍କ ନାମରେ ନାମିତ ଗୁଣ୍ଡିଚା ଘର । ଶାସ୍ତ୍ରପୁରାଣରେ ଏହି ଗୁଣ୍ଡିଚା ଘରକୁ ଆଡପମଣ୍ଡପ, ରାସମଣ୍ଡପ, ମହାବେଦି ଭାବେ ବର୍ଣ୍ଣନା କରାଯାଇଛି । ପୁରୀରର ପ୍ରଚଳିତକଥା ଅନୁସାରେ ଏହା ହେଉଛି ମହାପ୍ରଭୁଙ୍କର ଜନ୍ମବେଦୀ । ପ୍ରତିବର୍ଷ ରଥଯାତ୍ରାରେ ମହାପ୍ରଭୁ ଏଠାକୁ ଯାତ୍ରା କରିଥାଆନ୍ତି । ବଡଦେଉଳଠାରୁ ପ୍ରାୟ ଅଢେଇ କିମି ଦୂରରେ ଏହି ମନ୍ଦିର ଅବସ୍ଥିତ। ଗୁଣ୍ଡିଚା ଘର ରାଜା କପିଳେନ୍ଦ୍ର ଦେବଙ୍କ ଦ୍ୱାରା ଏକ ମନ୍ଦିର ରୂପେ ନିର୍ମାଣ କରାଯାଇଥିବାର ଜଣାଯାଏ। ମାଦଳା ପାଞ୍ଜି ବର୍ଣ୍ଣନା ଅନୁସାରେ ରାଜା ଦ୍ୱିତୀୟ ରାମଚନ୍ଦ୍ରଦେବଙ୍କ ଚତୁର୍ଥ ଅଙ୍କରେ ୧୭୨୮ ଖ୍ରୀଷ୍ଟାବ୍ଦରେ ତାଙ୍କର ବକ୍ସି ବେଣୁ ଭ୍ରମରବର ରାୟ ଗୁଣ୍ଡିଚା ମନ୍ଦିରର ଜଗମୋହନ ନିର୍ମାଣ କରାଇଥିଲେ। ଗୁଣ୍ଡିଚା ମନ୍ଦିରକୁ ଘେରି ରହିଛି ଦୁଇଟି ପ୍ରାଚୀର - ଭିତର ବେଢା ଓ ବାହାର ବେଢା । ବାହାର ବେଢା ପ୍ରାଚୀରର ଲମ୍ବ ପ୍ରାୟ ୪୩୦ ଫୁଟ, ପ୍ରସ୍ଥ ୩୨୦ ଫୁଟ ଓ ଉଚ୍ଚତା ପ୍ରାୟ ୨୦ ଫୁଟ। ମନ୍ଦିରରେ ଦୁଇଟି ଦ୍ୱାର ଯଥା ସିଂହ ଦ୍ୱାର ଓ ନାକଚଣା ଦ୍ୱାର ଏବଂ ଉତ୍ତର ପଟକୁ ରହିଛି ନୃସିଂହ ମନ୍ଦିର। ସିଂହ ଦ୍ୱାର ସମ୍ମୁଖରେ ଦୁଇଟି ସିଂହଙ୍କ ମୂର୍ତ୍ତି ସହିତ ଉପରେ ନବଗ୍ରହ ପଟି ରହିଛନ୍ତି। ଭିତର ବେଢାରେ ରୋଷଘର, ମୁକ୍ତି ମଣ୍ଡପ, ଶ୍ରୀଗୋପାଳ ଜୀଉ ମନ୍ଦିର ଓ ସୂର୍ଯ୍ୟପୂଜା ମଣ୍ଡପ ଅବସ୍ଥିତ। ସେହିଭଳି ଗୁଣ୍ଡିଚା ମନ୍ଦିରର ଉଚ୍ଚତା ପ୍ରାୟ ୭୫ ଫୁଟ। ସମଗ୍ର ମନ୍ଦିର ଚାରି ଭାଗରେ ବିଭକ୍ତ ଗର୍ଭଗୃହ, ଜଗମୋହନ ନାଟମନ୍ଦିର ଓ ଭୋଗ ମଣ୍ଡପ। ଗର୍ଭଗୃହ ମଧ୍ୟରେ ଥିବା ସିଂହାସନକୁ ରତ୍ନବେଦି କୁହାଯାଏ, ଯାହାର ଲମ୍ବ ୧୯ ଫୁଟ ଓ ଉଚ୍ଚତା ୪ଫୁଟ। ଜଗମୋହନ ପାଶ୍ୱର୍ରେ ରହିଛି ଭଣ୍ଡାରଘର। ରଥରୁ ଓହ୍ଲାଇ ଠାକୁରମାନେ ଗୋଟି ପହଣ୍ଡିରେ ସିଂହଦ୍ୱାର ମଧ୍ୟରେ ପ୍ରବେଶ କରି ବାହାର ବେଢାକୁ ଯାଆନ୍ତି। ବାହାର ବେଢାରୁ ହାରାବତୀ ଦ୍ୱାର ଦେଇ ଭିତର ବେଢାକୁ ଯାଇ ସେଠାରୁ ନାଟମନ୍ଦିର ଭିତରକୁ ଗରୁଡସ୍ତମ୍ଭ ପାଶ୍ୱର୍ରେ ଥିବା ଦ୍ୱାର ବାଟେ ପ୍ରବେଶ କରନ୍ତି। ନାଟମନ୍ଦିରରୁ ଜଗମୋହନ ଭିତର ଦେଇ ଗର୍ଭଗୃହର ରନିବେହି ଉପରକୁ ବିଜେ କରନ୍ତି । ନାଟ ମଣ୍ଡପର ଛାତଟି ଚାରୋଟି ସ୍ତମ୍ଭ ଉପରେ ନିର୍ମିତ । ପ୍ରତ୍ୟେକ ସ୍ତମ୍ଭର ଉଚ୍ଚତା ପ୍ରାଚ ପଚିଶ ଫୁଟ । ଗୁଣ୍ଡିଚାଘର ଭୋଗମଣ୍ଡପର ଲମ୍ବ ପ୍ରାୟ ୩୫ଫୁଟ, ପ୍ରସ୍ଥ ୨୦ ଫୁଟ । ଏହାର ରୋଷଘରେ ୨୦୩ଟି ଚୁଲି ରହିଛି । ଶ୍ରୀଗୁଣ୍ଡିଚା ଦିନ ଶ୍ରୀବିଗହ୍ରମାନେ ସିଂହ ଦ୍ୱାର ଦେଇ ଗୁଣ୍ଡିଚା ମନ୍ଦିରକୁ ପ୍ରବେଶ କରନ୍ତି ଏବଂ ବାହୁଡାଦିନ ନାକଚଣା ଦ୍ୱାର ଦେଇ ରଥ ଉପରକୁ ବିଜେ କରନ୍ତି।



# ସବୁଠାରୁ କ୍ଷୀପ୍ର ବୁଢ଼ିଆଣୀ

ବୈଜ୍ଞାନିକମାନେ ପରୀକ୍ଷାଗାରରେ ୨୫୮ଟି ପ୍ରଜାତିର ବୁଢ଼ିଆଣୀଙ୍କ ଉପରେ ପରୀକ୍ଷଣ କରିବା ପରେ ଅଷ୍ଟ୍ରେଲିଆରେ ମିଳୁଥିବା 'ହଣ୍ଟସମ୍ୟାନ୍ ସ୍ପାଇଡର୍' କୁ ମଣିଷଠାରୁ ବି ଦ୍ରୁତ ବେଗରେ ଦୌଡୁଥିବା ବିଶ୍ୱର ସବୁଠାରୁ କ୍ଷୀପ୍ର ବୁଢ଼ିଆଣୀ ଭାବେ ଚିହ୍ନଟ କରିଛନ୍ତି` ଏହାର ବେଗ ପ୍ରାୟ ୧୩ କିମି ପ୍ରତି ଘଣ୍ଟା ରେକର୍ଡ କରାଯାଇଛି, ଯାହା ଜଣେ ସାଧାରଣ ମଣିଷର ଦୌଡ଼ିବା ବେଗ (୬ ରୁ ୧୦ କିମି/ଘଣ୍ଟା) ଠାରୁ ବି ଅଧିକ। ଏହା ପୂର୍ବରୁ ମୋରକ୍କୋର 'ଫ୍ଲିକ୍-ଫ୍ଲାକ୍ ସ୍ପାଇଡର୍' କୁ ସବୁଠାରୁ ଦ୍ରୁତ ବୋଲି ବିବେଚନା କରାଯାଉଥିଲା` ବୈଜ୍ଞାନିକମାନଙ୍କ କହିବା ଅନୁଯାୟୀ, ହଣ୍ଟସମ୍ୟାନ୍ ସ୍ପାଇଡର୍ ସବୁଠାରୁ ଦ୍ରୁତ ସାବ୍ୟସ୍ତ ହୋଇଥିବା ବେଳେ ଗବେଷଣାରୁ ଏହା ମଧ୍ୟ ସାମ୍ନାକୁ ଆସିଛି ଯେ ଲମ୍ବା ଗୋଡ଼ ଥିବା ବୁଢ଼ୀଆଣୀମାନେ ଅଧିକ ଦ୍ରୁତ ବେଗରେ ଦୌଡ଼ିପାରନ୍ତି । ଯେଉଁଠାରେ ଶରୀର ଅତ୍ୟଧିକ ଓଜନିଆ ହେଲେ ସେମାନଙ୍କ ବେଗ କମିଯାଏ। ।

## ଦିବ୍ୟ ବ୍ୟଞ୍ଜନ

### ତ୍ରୀପୁରି

**ସାମଗ୍ରୀ-** ମଇଦା: ୨୦୦ ଗ୍ରାମ, ଘିଅ : ୨ ବଡ଼ ଚାମଚ, ଲୁଣ, ପାଣି, କୋରା ନଡ଼ିଆ : ୧୦୦ ଗ୍ରାମ, ଗୁଡ଼ : ୧୩୦-୧୫୦ ଗ୍ରାମ, ଗୋଲମରିଚ, ଅଳେଇଚ ମଞ୍ଜି, ମଇଦା : ୧ ବଡ଼ ଚାମଚ, ଘିଅ ।

**ପ୍ରସ୍ତୁତି-** ପ୍ରଥମେ ଏକ ପାତ୍ରରେ ମଇଦା, ଲୁଣ ଏବଂ ୨ ବଡ଼ ଚାମଚ ଉଷୁମ ଘିଅ ପକାଇ ଭଲଭାବେ ମିଶାଇ ଦିଅନ୍ତୁ । ତା'ପରେ ଅଳ୍ପ ଅଳ୍ପ ପାଣି ଦେଇ ଏକ ଟାଣ ମିଶ୍ରଣ ଚକଟି ନିଅନ୍ତୁ। ଏହାକୁ ଏକ ଓଦା କପଡ଼ାରେ ଘୋଡ଼ାଇ ୧୫-୨୦ ମିନିଟ୍ ପାଇଁ ରଖିଦିଅନ୍ତୁ । ଏହାପରେ ଅଳ୍ପ ଆଞ୍ଚରେ ଏକ କଡ଼େଇ ବସାଇ ସେଥିରେ ଗୁଡ଼ ପକାଇ ତରଳାନ୍ତୁ । ଏହାପରେ ଏଥିରେ କୋରା ନଡିଆ ପକାଇ ଗୋଳାନ୍ତୁ । ଗୁଡ଼ ଓ ନଡିଆ କୋରା ମିଶିଗଲା ପରେ ସେଥିରେ ଛେଚା ଗୋଲମରିଚ ଓ ଅଳେଇଚ ମଞ୍ଜି ଗୁଣ୍ଡ ପକାଇ ଭଲଭାବେ ମିଶାଇ ଥଣ୍ଡା ହେବାକୁ ଛାଡ଼ିଦିଅନ୍ତୁ। ଏବେ ଚକଟା ମଇଦାରୁ ଛୋଟ ଛୋଟ ଗୋଳା କରି ୩-୪ ଇଞ୍ଚ ବ୍ୟାସର ଛୋଟ ପୁରୀ ଭଳି ବେଲି ନିଅନ୍ତୁ । ୧ ବଡ଼ ଚାମଚ ମଇଦା ସହ ୩ ବଡ଼ ଚାମଚ ପାଣି ମିଶାଇ ଏକ ବହଳିଆ ଘୋଳ ତିଆରି କରନ୍ତୁ। ବର୍ତ୍ତମାନ ଗୋଟିଏ ପୁରୀର ମଝିରେ ପ୍ରସ୍ତୁତ ନଡ଼ିଆ-ଗୁଡ଼ ପୁର ରଖନ୍ତୁ । ଏହା ଉପରେ ଆଉ ଏକ ଛୋଟ ପୁରୀ ସାହାଯ୍ୟରେ ପୁରକୁ ଘୋଡାଇ ଦିଅନ୍ତୁ । ପରେ ପୁଣି ଉକ୍ତ ପୁରୀ ଉପରେ ଆଉ ଅଳ୍ପ ପୁର ଦେଇ ତା ଉପରେ ଆଉ ଏକ ପୁରୀ ଘୋଡାନ୍ତୁ । ପ୍ରତି ସ୍ତରକୁ ମଇଦା ଘୋଳ ଦ୍ୱାରା ସିଲ କରନ୍ତୁ । ବର୍ତ୍ତମାନ ତଳେ ଥିବା ସବୁଠାରୁ ବଡ ପୁରୀକୁ ମଇଦା ଘୋଳ ଦେଇ ଅର୍ଦ୍ଧଚନ୍ଦ୍ରାକାର ଆକାର ଦେଇ ବନ୍ଦ କରି ଦିଅନ୍ତୁ । ଏହାପରେ କଡ଼େଇରେ ଘିଅ ଗରମ କରି, ପ୍ରସ୍ତୁତ ତ୍ରିପୁରୀଗୁଡ଼ିକୁ ସାବଧାନତାର ସହ ଛାଣି ନିଅନ୍ତୁ । ଏହାକୁ ଗାଢ ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ଛାଣି ନିଅନ୍ତୁ ।



# ମାଙ୍କଡ଼ର ମୂଲ୍ୟ ୨୫ ଲକ୍ଷ

ଚୀନ୍‌ରେ ଗୋଟିଏ ମାଙ୍କଡ଼ର ମୂଲ୍ୟ ୨୫ ଲକ୍ଷ ପର୍ଯ୍ୟନ୍ତ ପହଞ୍ଚିଯାଇଛି, ଯାହା ଫଳରେ ଟଙ୍କା ଥାଇ ମଧ୍ୟ ଅନେକ ଲାବୋରେଟୋରୀକୁ ମାଙ୍କଡ଼ ମିଳୁନଥିବାରୁ ବୈଜ୍ଞାନିକମାନଙ୍କୁ ସେମାନଙ୍କ ରିସର୍ଚ୍ଚ ପ୍ରୋଜେକ୍ଟ ବନ୍ଦ କରିବାକୁ ପଡୁଛି । ସୂଚନା ଅନୁସାରେ ଏଗୁଡ଼ିକ 'କ୍ରାବ୍-ଇଟିଂ ମକାକ୍' ପ୍ରଜାତିର ମାଙ୍କଡ଼, ଯାହାର ବ୍ୟବହାର ନୂଆ ଔଷଧର ଟେଷ୍ଟିଂ ପାଇଁ କରାଯାଇଥାଏ । ଗୋଟିଏ ବର୍ଷ ପୂର୍ବେ ଏମାନଙ୍କ ମୂଲ୍ୟ ପ୍ରାୟ ୧୦ ଲକ୍ଷ ଥିଲା, ଯାହା ଏବେ ବୃଦ୍ଧି ପାଇ ୨୫ ଲକ୍ଷରେ ପହଞ୍ଚିଛି । ଚୀନ୍‌ରେ ନୂଆ ଔଷଧ ଉପରେ ଦ୍ରୁତ ଗତିରେ ଚାଲିଥିବା ଗବେଷଣା ଯୋଗୁଁ ଏମାନଙ୍କ ଚାହିଦା ଅଚାନକ ବଢ଼ିଯାଇଛି । ସପ୍ଲାୟରମାନଙ୍କ କହିବା ଅନୁଯାୟୀ ଏହି ବର୍ଷର ସମସ୍ତ ମାଙ୍କଡ଼ ପୂର୍ବରୁ ହିଁ ବୁକ୍ ହୋଇସାରିଛନ୍ତି । ଗ୍ୱାଙ୍ଗଝୋଉର ଜିନାନ୍ ୟୁନିଭରସିଟିର ବୈଜ୍ଞାନିକ ଗୁଓ ଶ୍ୟାଙ୍ଗ୍‌ୟୁଙ୍କ ଅନୁଯାୟୀ, ସେମାନଙ୍କ ଲାବୋରେଟୋରୀକୁ ପ୍ରତିବର୍ଷ ୩୦ ରୁ ୫୦ଟି ମାଙ୍କଡ଼ର ଆବଶ୍ୟକତା ଥାଏ। ମାତ୍ର ବର୍ତ୍ତମାନ ଦାମ୍ ଏତେ ବଢ଼ିଯାଇଛି ଯେ ଅନେକ ପ୍ରୋଜେକ୍ଟ ଅଟକାଇବାକୁ ପଡ଼ିଛି । ବିଶେଷଜ୍ଞମାନଙ୍କ କହିବା କଥା ଯେ ମାଙ୍କଡ଼ଙ୍କ ସଂଖ୍ୟା ଶୀଘ୍ର ବଢ଼ାଯାଇପାରିବ ନାହିଁ, କାରଣ ଏମାନଙ୍କୁ ପ୍ରସ୍ତୁତ ହେବା ପାଇଁ ଅନେକ ବର୍ଷ ସମୟ ଲାଗିଥାଏ । ତେଣୁ ଏହି ଅଭାବ ଦେଖିବାକୁ ମିଳୁଛି ।



## ବିବାହ ବନ୍ଧନରେ ଜେନିଫର

ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି ଲୋକପ୍ରିୟ ଟେଲିଭିଜନ୍ ଅଭିନେତ୍ରୀ ଜେନିଫର୍ ୱିଙ୍ଗେଟ୍। ନିକଟରେ ୟୁକେରେ ଅନୁଷ୍ଠିତ ଏକ ଇଣ୍ଟିମେଟ୍ ସେରେମୋନିରେ ସିଙ୍ଗାପୁରର ଜଣାଶୁଣା ଫାଇନାନ୍ସ ପ୍ରଫେସନାଲ୍ ୱିଲିୟମ୍ ଇସମେଲ୍‌ଙ୍କୁ ସେ ବିବାହ କରିଛନ୍ତି। ଯାହାର ଫଟୋ ସୋସିଆଲ ମିଡିଆରେ ସେ ନିଜେ ଅପଲୋଡ କରିଛନ୍ତି । ସୂଚନା ଅନୁସାରେ ୟୁକେରେ ଗୁରୁବାର, ୧୬ ଜୁଲାଇରେ ଅନୁଷ୍ଠିତ ଏହି ବ୍ୟକ୍ତିଗତ ସମାରୋହରେ କେବଳ ପରିବାର ଏବଂ ଅତି ଅନ୍ତରଙ୍ଗ ବନ୍ଧୁମାନେ ଉପସ୍ଥିତ ଥିଲେ। ୱିଲିୟମ୍ 'ଏମଏଚସି ଡିଜିଟାଲ୍ ଗ୍ରୁପ୍'ରେ ବିଜନେସ୍ ଡେଭେଲପମେଣ୍ଟ ଆଣ୍ଡ ଟ୍ରେଡିଂର ଡାଇରେକ୍ଟର ଭାବେ କାର୍ଯ୍ୟରତ ଅଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୨ରେ ଅଭିନେତା କରନ୍ ସିଂହ ଗ୍ରୋଭରଙ୍କୁ ବିବାହ କରି ୨୦୧୪ରେ ଅଲଗା ହୋଇଥିବା ଜେନିଫର୍‌ଙ୍କର ଏହା ଦ୍ୱିତୀୟ ବିବାହ। ଦୀର୍ଘ ବର୍ଷ ପରେ ତାଙ୍କର ଏହି ନୂଆ ଆରମ୍ଭକୁ ନେଇ ତାଙ୍କର ଫ୍ୟାନ୍‌ସମାନେ ବେଶ୍ ଖୁସି ପ୍ରକାଶ କରିଛନ୍ତି ।



## ହାଃହାଃ

ସ୍ତ୍ରୀ: (ରାଗିକି) ମୁଁ କେତେବେଳୁ ପଚାରିଲିଣି, କୁଆଡ଼େ ଯାଇଥିଲ ବୋଲି ? ଉତ୍ତର କାହିଁକି ଦେଉନାହଁ ?

ସ୍ୱାମୀ: (ଶାନ୍ତ ସ୍ୱରରେ) ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, "ମୂର୍ଖମାନଙ୍କ ସହ ଯୁକ୍ତିତର୍କ କଲେ ନିଜର ଜ୍ଞାନ ନଷ୍ଟ ହୁଏ।"

ସ୍ତ୍ରୀ: (ଆହୁରି ଜୋର୍‌ରେ) ତୁମେ ମତେ ମୂର୍ଖ କହିଲ ?

ସ୍ୱାମୀ: ନା ସେମିତି ନୁହେଁ, ମୁଁ ତ ବାସ୍ ମୋ ଜ୍ଞାନ ବଞ୍ଚାଉଥିଲି !

# ଅଜବ ଚାକିରି

ଜାପାନରେ ଭୁତ ଡର ଥିବା ଘରଗୁଡ଼ିକରେ ରାତି ବିତାଇବା ଏବେ ଏକ ନୂଆ ଚାକିରିର ରୂପ ନେଇଛି । ଯେଉଁଥିରେ ଲୋକଙ୍କୁ ସେହି ସ୍ଥାନରେ ରହିବା ପାଇଁ ଅର୍ଥ ପ୍ରଦାନ କରାଯାଉଛି । ଜାପାନରେ ଯେଉଁ ଘରଗୁଡ଼ିକରେ ପୂର୍ବରୁ ହତ୍ୟା, ଆତ୍ମହତ୍ୟା କିମ୍ବା ନିଃସଙ୍ଗତାରେ କାହାର ମୃତ୍ୟୁ ହୋଇଥାଏ, ସେଗୁଡ଼ିକୁ 'ଜିକ୍କୋ ବୁକ୍କେନ୍' ଘର କୁହାଯାଏ ଏବଂ ଏହି କାରଣରୁ ଲୋକମାନେ ଏସବୁ ଘର କିଣିବା କିମ୍ବା ଭଡ଼ାରେ ନେବାକୁ ପସନ୍ଦ କରନ୍ତି ନାହିଁ। ତେବେ ଘରଗୁଡ଼ିକରେ କୌଣସି ଅଲୌକିକ କିମ୍ବା ଅସାମାନ୍ୟ କାର୍ଯ୍ୟକଳାପ ନାହିଁ ବୋଲି ପ୍ରମାଣିତ କରି ତାହାକୁ ସହଜରେ ବିକ୍ରି କରିବା ଉଦ୍ଦେଶ୍ୟରେ ଏହି ନୂଆ ଉପାୟ ଆପଣାଯାଇଛି। ଏହି କାମ ପାଇଁ ଅନେକ ଯୁବକ ଆଗ୍ରହର ସହ ଆଗେଇ ଆସୁଥିବା ବେଳେ ଏପରି ଘରଗୁଡ଼ିକରେ ଏକାକୀ ଗୋଟିଏ ରାତି ବିତାଇବା ବଦଳରେ ପ୍ରାୟ ୫୨ ହଜାର ଟଙ୍କା ମିଳୁଛି । ଯେଉଁଠାରେ ସାରା ରାତି କ୍ୟାମେରା ଏବଂ ଅନ୍ୟାନ୍ୟ ଉପକରଣ ମାଧ୍ୟମରେ ରେକର୍ଡିଂ କରାଯାଇଥାଏ। ଯଦି ରାତିସାରା କୌଣସି ଅସାମାନ୍ୟ ଘଟଣା ନଘଟେ, ତେବେ ଘରକୁ ସାଧାରଣ ସମ୍ପତ୍ତି ଭାବେ ପୁଣି ଥରେ ବଜାରରେ ବିକ୍ରି ପାଇଁ ଉପଲବ୍ଧ କରାଯାଉଛି ।



## ଇତିହାସ

୧୮୨୯- ଆମେରିକାର ୱିଲିୟମ୍ ଅଷ୍ଟିନ୍ ବର୍ଟ ଟାଇପୋଗ୍ରାଫ୍‌ର ଉଦ୍ଭାବନ କଲେ । ଏହାପରେ ଟାଇପ୍‌ରାଇଟର୍ ବିକାଶିତ ହେଲା ।

୧୮୫୬- ଭାରତୀୟ ଜାତିୟତାବାଦୀ, ଦାର୍ଶନିକ, ଶିକ୍ଷକ ଏବଂ ସ୍ୱାଧୀନତା ସଂଗ୍ରାମୀ ବାଲ୍ ଗଙ୍ଗାଧର ତିଳକଙ୍କ ଜନ୍ମ ।



ବାଲ୍ ଗଙ୍ଗାଧର ତିଲକ

୧୮୮୧- ଅନ୍ତର୍ଜାତୀୟ ଜିମନାଷ୍ଟିକ୍ ସଙ୍ଘ ଦ୍ୱାରା ଖେଳ ପରିସଙ୍ଘର ସ୍ଥାପନା ।

୧୯୯୩- ଛତିଶଗଡର ସ୍ୱାଧୀନତା ସେନାନୀ ଲକ୍ଷ୍ମଣ ପ୍ରସାଦ ଦୁବେଙ୍କ ପରଲୋକ।

୧୮୯୮- ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ପ୍ରସିଦ୍ଧ ବଙ୍ଗଳା ସାହିତ୍ୟିକ ତାରାଶଙ୍କର ବନ୍ଦୋପାଧ୍ୟାୟଙ୍କ ଜନ୍ମ ।

୧୯୦୬- କ୍ରାନ୍ତିକାରୀ ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ଆଜାଦଙ୍କ ଜନ୍ମ ।

୧୯୯୮- ସାତଜଣ ଭାରତୀୟ ବୈଜ୍ଞାନିକଙ୍କୁ ଦେଶ ଛାଡିବା ପାଇଁ ସଂଯୁକ୍ତ ରାଷ୍ଟ୍ର ଆମେରିକାର ଆଦେଶ ।

୨୦୧୨- ଇରାକ ସିରିଜ୍ ଆକ୍ରମଣରେ ୧୦୩ ଲୋକଙ୍କ ପ୍ରାଣହାନୀ ।



**ମେଷ:** କର୍ମକ୍ଷେତ୍ରେ ଆଶ୍ୱସ୍ତି, ନୂତନ କାର୍ଯ୍ୟ ଆରମ୍ଭ, ସୁସମାଚାର, ବ୍ୟବସାୟିକ ଲାଭ, ସମ୍ମାନ ପ୍ରତିଷ୍ଠା ଲୋକସମ୍ପର୍କବୃଦ୍ଧି, ଶରୀର ସୁସ୍ଥ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୭, ଆରାଧନା-ପ୍ରଭୁ ହନୁମାନ ।

**ବୃଷ:** ଦ୍ରବ୍ୟଲାଭ, କିଛି କାର୍ଯ୍ୟରେ ବିଳମ୍ବ, ଅନୁଷ୍ଠାନରୁ ଲାଭ, କର୍ମକ୍ଷେତ୍ରେ ସାମାନ୍ୟ ପ୍ରଶଂସା, ବିଶିଷ୍ଟ କାର୍ଯ୍ୟରେ ଯୋଗଦାନ, ଶୁଭଖବର, ଶରୀର ସୁସ୍ଥ, ଶତ୍ରୁସମସା, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା-ମହାଲକ୍ଷ୍ମୀ ।

**ମିଥୁନ:** ପେଟବ୍ୟଥା, କର୍ମକ୍ଷେତ୍ରେ ପରିଶ୍ରମ, ପାରିବାରିକ ସୁଖ, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ସୁସମାଚାର, ବ୍ୟବସାୟରେ ଲାଭ, ଭ୍ରାତୃସ୍ନେହ, ଶତ୍ରୁସମସ୍ୟ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା-ବିଷ୍ଣୁ ଭଗବାନ ।

**କର୍କଟ:** ଅପମାନଯୋଗ, ହେବାକାର୍ଯ୍ୟରେ ବାଧା, ଦୂରଯାତ୍ରା, ବନ୍ଧୁଲାଭ, ସନ୍ତାନଲାଭ, ଦାମ୍ପତ୍ୟକଳହ, ପ୍ରଦ୍ୟଲାଭ, ସମ୍ପତ୍ତିବିବାଦ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ସିଂହ:** ଶରୀର ଅସୁସ୍ଥ, ଶୁଭଖବର, ମାନସିକଶାନ୍ତି, ଶତ୍ରୁସମସ୍ୟା ଦୂର, ବ୍ୟବସାୟରେ ଉନ୍ନତି, କିଛି କ୍ରୟବିକ୍ରୟ, ପାରିବାରିକ ଶାନ୍ତି, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ପ୍ରଭୁ ଜଗନ୍ନାଥ ।

**କନ୍ୟା:** ଲୋକସମ୍ପର୍କବୃଦ୍ଧି, ବ୍ୟବସାୟରେ ଲାଭ, ମାନସିକ ଶାନ୍ତି, ବନ୍ଧୁଗୃହେ ଯାତ୍ରା, ଦାମ୍ପତ୍ୟଖୁସି, ସମସ୍ୟା ସମାଧାନ, ସ୍ୱାଦିଷ୍ଟ ଭୋଜନ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୬, ଆରାଧନା-ମା' ଦକ୍ଷିଣକାଳୀ ।

**ତୁଳା:** ନୁତନ କର୍ମେ ଖୁସି, ଶୁଭଖବର, ଅଯଥାଖର୍ଚ୍ଚ, ଆର୍ଥିକଲାଭ, ଦୂରଯାତ୍ରା ସଫଳ, ଅଜଣା ବ୍ୟକ୍ତି ସହଯୋଗ, ପାରିବାରିକ ଖୁସି, ଦେବଦର୍ଶନ, ଉତ୍ସବକୁ ନେଇ ଆଲୋଚନା, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ଶଙ୍କର ଭଗବାନ ।

**ବିଛା:** ବନ୍ଧୁମନାନ୍ତର, କିଛି କାର୍ଯ୍ୟରେ ବିଳମ୍ବ, ଅଯଥାଖର୍ଚ୍ଚ, ଆର୍ଥିକଲାଭ, ଦୂରଯାତ୍ରା ସଫଳ, ଅଜଣା ବ୍ୟକ୍ତି ସହଯୋଗ, ପାରିବାରିକ ଖୁସି, ଦେବଦର୍ଶନ, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୭, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ:** ଅର୍ଥଲାଭ, ସମସ୍ୟା ସମାଧାନ, ପାରିବାରିକ ଖୁସି, ଦୂରଯାତ୍ରା ସଫଳ, ଶୁଭ ଆଲୋଚନା, ସନ୍ତାନଲାଭ, ଶରୀର ସୁସ୍ଥ, କର୍ମକ୍ଷେତ୍ରେ ପ୍ରଶଂସା, ବନ୍ଧୁଲାଭ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୦, ଆରାଧନା-ମା' କୋଚିଲାଇ ।

**ମକର:** ଶୁଭଖବର, ଗୃହେ ସାହାଯ୍ୟ, ଲୋକସମ୍ପର୍କରେ ବାଧ, ଯାତ୍ରାରେ କଷ୍ଟ, ବନ୍ଧୁସହଯୋଗ, ସ୍ୱଜନେ ବିରୋଧ, ସନ୍ତାନଖୁସି, ବ୍ୟବସାୟରେ ସାମାନ୍ୟ ଲାଭ, କିଛିଦ୍ରବ୍ୟ କ୍ରୟ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା-ମା' କୁତାମଚଣ୍ଡୀ ।

**କୁମ୍ଭ:** ବନ୍ଧୁସହଯୋଗ, ମାନସିକ ଶାନ୍ତି, ସମସ୍ୟା ସମାଧାନ, କିଛି କାର୍ଯ୍ୟରେ ବିଳମ୍ବ, ଶତ୍ରୁ ପରାଜିତ, ଅର୍ଥଲାଭ, ଶୁଭଖବର, ଦାମ୍ପତ୍ୟଖୁସି, ଅର୍ଥଲାଭ, ଯାତ୍ରା ଶୁଭ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ ।

**ମୀନ:** ଯାତ୍ରାରେ ସତର୍କ, ଶରୀର ଅସୁସ୍ଥ, ବନ୍ଧୁ ସହଯୋଗ, ଦ୍ରବ୍ୟକ୍ରୟ, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ସନ୍ତାନଲାଭ, ସୁମିଷ୍ଟ ଭୋଜନ, ବିଶିଷ୍ଟ କାର୍ଯ୍ୟରେ ଲାଭ, ପୂର୍ବଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୪, ଆରାଧନା-ମା' ବଗଳାମୁଖୀ ।

**ଆଷାଢ଼ ଶୁକ୍ଳପକ୍ଷ ନବମୀ**
**୨୩.୭.୨୦୨୬, ଗୁରୁବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

## ନବୀନ ପଟ୍ଟନାୟକଙ୍କ ମନ୍ତବ୍ୟକୁ ବିଜେପି ସାଂସଦଙ୍କ ସମୂହ ବିରୋଧ

# ନବୀନ ବାବୁ ଓଡ଼ିଆ ଲୋକଙ୍କୁ ଦୁର୍ବଳ ଭାବନ୍ତୁ ନାହିଁ : ଭର୍ତ୍ତୃହରି

ଭୁବନେଶ୍ୱର, (ସବ୍ୟୁ) : ମଙ୍ଗଳବାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯେଉଁ ଢଙ୍ଗରେ ଏବଂ ଯେଉଁ ବିଷୟରେ ବିବୃତି ଦେଇଛନ୍ତି, ତାହା ସମ୍ପୂର୍ଣ୍ଣ ତଥ୍ୟହୀନ, ଭିତ୍ତିହୀନ ଏବଂ ଉଦ୍ଦେଶ୍ୟମୂଳକ । ଭାରତୀୟ ଜନତା ପାର୍ଟି ପକ୍ଷରୁ ଆମେ ସମସ୍ତେ ମିଳିତ ଭାବରେ ଏହାକୁ ଦୃଢ଼ ଶବ୍ଦରେ ନିନ୍ଦା କରୁଛୁ ବୋଲି ବୁଧବାର ନୂଆଦିଲ୍ଲୀ ଠାରେ ଓଡ଼ିଶାର ବିଜେପି ସାଂସଦମାନେ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ କହିଛନ୍ତି ।

ସାଂସଦ ଭର୍ତ୍ତୃହରି ମହତାବ କହିଛନ୍ତି ଯେ, ନବୀନ ପଟ୍ଟନାୟକ ବୋଧହୁଏ ଭାବିଛନ୍ତି ଯେ ଲୋକଙ୍କର ସ୍ମୃତିଶକ୍ତି କମ୍ ଏବଂ ଓଡ଼ିଶାବାସୀ ସବୁକିଛି ଭୁଲି ଯାଇଛନ୍ତି । କିନ୍ତୁ ଓଡ଼ିଆ ଲୋକମାନଙ୍କୁ, ଓଡ଼ିଶାବାସୀଙ୍କୁ ଏତେ ଦୁର୍ବଳ କିମ୍ବା ଅଜ୍ଞ ମନେକରିବା ଉଚିତ ନୁହେଁ। ୨୦୧୫ ମସିହାରୁ ୨୦୨୩ ମସିହା ପର୍ଯ୍ୟନ୍ତ ତାଙ୍କ ନିଜ ଶାସନ କାଳରେ ଓଡ଼ିଶାରେ ପ୍ରତ୍ୟେକ ବର୍ଷ ପ୍ରତିଯୋଗିତାମୂଳକ ପରୀକ୍ଷାଗୁଡ଼ିକରେ ବ୍ୟାପକ ଅନିୟମିତତା ଓ ପ୍ରଶ୍ନପତ୍ର ଲିକ୍ ଘଟିଥିଲା। ପୁଲିସ କନଷ୍ଟେବଲ ପରୀକ୍ଷା, ଓପିଏସସି, ଓଜେଏସଇ, ମାଟ୍ରିକ୍ ପରୀକ୍ଷା ଆଦି ଅନେକ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଓ ଦୁର୍ନୀତି



ଯୋଗୁଁ ଓଡ଼ିଶା ହାଇକୋର୍ଟ ତତ୍କାଳୀନ ବିଜେଡି ସରକାରଙ୍କ କାର୍ଯ୍ୟକଳାପ ପ୍ରତି କଡ଼ା ଭର୍ତ୍ସନା କରିଥିଲେ । ସେ ସମୟରେ ବିରାଟ ଆନ୍ଦୋଳନ, ଶୋଭାଯାତ୍ରା ଓ ବିକ୍ଷୋଭ ହୋଇଥିଲେ ସୁଦ୍ଧା ସେତେବେଳର ସରକାର ଜଣେ ହେଲେ ମନ୍ତ୍ରୀଙ୍କ ଇସ୍ତଫା ନେଇନଥିଲେ ।

ଯେଉଁଭଳି ଭାବରେ ନବୀନ ପଟ୍ଟନାୟକ ଓ ବିଜେଡି କଂଗ୍ରେସ ଓ ସିଜେପିର ଦେଶ ବିରୋଧୀ ଓ ହିଂସାତ୍ମକ କାର୍ଯ୍ୟକଳାପକୁ ସମର୍ଥନ କରିବାକୁ ଆଗେଇ ଆସିଛନ୍ତି, ତାହା ତାଙ୍କର ନିମ୍ନ ମନୋବୃତ୍ତିକୁ ପରିପ୍ରକାଶ କରୁଛି । ଗଣତନ୍ତ୍ରରେ ଧାରଣା ଦେବା ଓ ମତ ପ୍ରକାଶ କରିବାର ଅଧିକାର ସମସ୍ତଙ୍କର ଅଛି। କିନ୍ତୁ ସୁରକ୍ଷା ବାରିକେଡ୍ ଗୋଟାଏ ପରେ ଗୋଟାଏ ଭାଙ୍ଗି ପାର୍ଲାମେଣ୍ଟ ଭିତରକୁ ଜୋରଜବରଦସ୍ତ ପଶିବାକୁ ଚେଷ୍ଟା କରିବା, ହିଂସାକାଣ୍ଡ ରଚନା କରିବା ଅତ୍ୟନ୍ତ ଦେଶବିରୋଧୀ ଅଟେ। ଘରେ ବସି ଏହି ହିଂସାକାଣ୍ଡକୁ ସମର୍ଥନ କରିବା ପୂର୍ବରୁ ନବୀନ ପଟ୍ଟନାୟକ ପ୍ରଥମେ ସେହି ହିଂସାକାଣ୍ଡକୁ ନିନ୍ଦା କରିବା ଦରକାର ଥିଲା, ଯାହା ସେ କରିନାହାନ୍ତି।

ନିଟ୍ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ନଜରକୁ ଆସିବା କ୍ଷଣି କେନ୍ଦ୍ର ସରକାର ଓ ଶିକ୍ଷା ମନ୍ତ୍ରଣାଳୟ ତୁରନ୍ତ ଦୃଢ଼ ଓ ସଂଶୋଧନାତ୍ମକ ପଦକ୍ଷେପ ଗ୍ରହଣ କଲେ। ପ୍ରତ୍ୟେକ ରାଜ୍ୟ ସରକାର ଏବଂ ପ୍ରତିରକ୍ଷା ବିଭାଗର ସହଯୋଗରେ ବିମାନ ଯୋଗେ ପ୍ରଶ୍ନପତ୍ର ପଠାଯାଇ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପୁନଃପରୀକ୍ଷା ସଫଳତାର ସହ ପରିଚାଳିତ ହେଲା। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଖାତା ଦେଖା ଶେଷ ହୋଇ ରେଜଲ୍ଟ ମଧ୍ୟ ପ୍ରକାଶ ପାଇଲା। କେନ୍ଦ୍ରର ମୋଦୀ ସରକାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପ୍ରତି ସମ୍ପୂର୍ଣ୍ଣ ସମ୍ବେଦନଶୀଳ ।

ସମଗ୍ର ଦେଶରେ କମ୍ୟୁନିଷ୍ଟମାନେ ନିଜର ଜନାଦେଶ ହରାଇସାରିଛନ୍ତି । ଓଡ଼ିଶାରେ ମଧ୍ୟ ବିଜେଡି ଖୁବ୍ ଦ୍ରୁତଗତିରେ ନିଜର ଜନାଦେଶ ହରାଉଛି । କୌଣସି ପ୍ରକୃତ ପ୍ରସଙ୍ଗ ନଥିବାରୁ 'ଔଷଧ ରାଗରେ ତାଟିଆ କାମୁଡ଼ିଲା' ଭଳି ଏକ ଅଣ-ପ୍ରସଙ୍ଗକୁ ନେଇ ସେମାନେ ରାଜନୀତି କରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ କହିବା ଅନୁଯାୟୀ, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ରାଜନୀତି କରାଯିବା ଉଚିତ ନୁହେଁ, କାରଣ ଦେଶର ପ୍ରଗତି ଓ ବିକାଶ ସେମାନଙ୍କ ଭବିଷ୍ୟତ ଉପରେ ନିର୍ଭର କରେ। ଭାରତୀୟ ଜନତା ପାର୍ଟି ସଂସଦର ଗୃହ ଭିତରେ ଓ ବାହାରେ ନିଟ୍ ଏବଂ ଜାତୀୟ ସ୍ତରର ପରୀକ୍ଷା ପରିଚାଳନାରେ ସୁଧାର ଆଣିବା ପାଇଁ ଗଠନମୂଳକ ଆଲୋଚନା ଚାହୁଁଛି । ବିଜେଡି ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ ଗୃହ କାର୍ଯ୍ୟ ପରିଚାଳନାରେ ସହଯୋଗ କରନ୍ତୁ । ବିଶେଷ କରି ରାଜ୍ୟସଭାରେ ଥିବା ବିଜେଡି ସାଂସଦମାନେ ଗୃହ ଚାଲିବାରେ ସହଯୋଗ କରନ୍ତୁ ବୋଲି ଶ୍ରୀ ମହତାବ ଆହ୍ୱାନ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ସାଂସଦ ସଙ୍ଗୀତା ସିଂହଦେଓ, ଅନିତା ପ୍ରିୟଦର୍ଶିନୀ, ମାଳବିକା ଦେବୀ, ରୁଦ୍ର ନାରାୟଣ ପାଣି, ପ୍ରଦୀପ ପୁରୋହିତ, ଅନନ୍ତ ନାଏକ, ଅଭିମନ୍ୟୁ ସେଠୀ, ରବି ନାରାୟଣ ବେହେରା, ବଳଭଦ୍ର ମାଝୀ, ସୁକାନ୍ତ ପାଣିଗ୍ରାହୀ, ବିଭୂ ପ୍ରସାଦ ତରାଇ, ଉପସ୍ଥିତ ଥିଲେ ।

## ଇଣ୍ଟିଗ୍ରେଟେଡ୍ ଫରେଷ୍ଟ ମନିଟରିଂ କମାଣ୍ଡ ସେଣ୍ଟର ଉଦ୍‌ଘାଟିତ

# ଡିଜିଟାଲ୍ ପ୍ରଯୁକ୍ତିର ପ୍ରୟୋଗ ବନପ୍ରଶାସନକୁ ସୁଦୃଢ଼ କରିବ

ଭୁବନେଶ୍ୱର(ସବ୍ୟୁ): ଇଣ୍ଟିଗ୍ରେଟେଡ୍ ଫରେଷ୍ଟ ମନିଟରିଂ ଓ କମାଣ୍ଡ ସେଣ୍ଟରକୁ ଏକ କେନ୍ଦ୍ରୀଭୂତ ଡିଜିଟାଲ୍ ପ୍ଲାଟଫର୍ମ ଭାବେ ବିକଶିତ କରାଯାଇଛି, ଯାହା ରିଅଲ୍-ଟାଇମ୍ ନିରୀକ୍ଷଣ ଓ ତଥ୍ୟଭିତ୍ତିକ ନିଷ୍ପତ୍ତି ଗ୍ରହଣକୁ ସୁଗମ କରିବ । ଏଥିରେ ବିଭିନ୍ନ ଡିଜିଟାଲ୍ ବ୍ୟବସ୍ଥା ଓ ଜିଓସ୍ପେସିଆଲ୍ ପ୍ରଯୁକ୍ତିର ସମନ୍ୱୟ କରାଯାଇ ବନ ସୁରକ୍ଷା, କ୍ଷେତ୍ରସ୍ତରୀୟ କାର୍ଯ୍ୟକଳାପ ଓ ପ୍ରଶାସନିକ ସ୍ୱଚ୍ଛତାକୁ ଅଧିକ ସୁଦୃଢ଼ କରାଯିବ ।

ବୁଧବାର ଅରଣ୍ୟ ଭବନଠାରେ ଇଣ୍ଟିଗ୍ରେଟେଡ୍ ଫରେଷ୍ଟ ମନିଟରିଂ ଓ କମାଣ୍ଡ ସେଣ୍ଟରର ଉଦଘାଟନ କରି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଏହା କହିଛନ୍ତି । ଏହି ଅତ୍ୟାଧୁନିକ କେନ୍ଦ୍ର ପ୍ରତିଷ୍ଠା ମାଧ୍ୟମରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପ୍ରଯୁକ୍ତି-ନିର୍ଭର ବନ ପ୍ରଶାସନ ଏବଂ ନିରନ୍ତର ପ୍ରାକୃତିକ ସମ୍ପଦ ପରିଚାଳନା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ରାମ ସିଂଖୁଣ୍ଟିଆ କହିଥିଲେ, ଅତ୍ୟାଧୁନିକ ଡିଜିଟାଲ୍ ପ୍ରଯୁକ୍ତିର ପ୍ରୟୋଗ ବନ ପ୍ରଶାସନକୁ ଅଧିକ ସୁଦୃଢ଼ କରିବା ସହ ସ୍ୱଚ୍ଛତା ବୃଦ୍ଧି କରିବ ଏବଂ ଓଡ଼ିଶାର ବନ ସମ୍ପଦର ସଂରକ୍ଷଣ ଓ ନିରନ୍ତର ପରିଚାଳନା ପାଇଁ ସମୟୋପଯୋଗୀ ନିଷ୍ପତ୍ତି ଗ୍ରହଣରେ ସହାୟକ ହେବ । ବିଭାଗର ପ୍ରମୁଖ ଡିଜିଟାଲ୍ ପ୍ଲାଟଫର୍ମ ଓଡ଼ିଶା ଫରେଷ୍ଟ



ମ୍ୟାନେଜମେଣ୍ଟ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ସୂଚନା ପ୍ରଯୁକ୍ତି-ଆଧାରିତ ପଦକ୍ଷେପଗୁଡ଼ିକର ପ୍ରଦର୍ଶନ କରାଯାଇଥିଲା ।

ଏହି ଅବସରରେ www.ofsds.odisha.gov.in ର ନବୀକୃତ ୱେବସାଇଟର ଉନ୍ମୋଚନ ହୋଇଥିଲା । ଏଥିସହିତ ଭାରତରେ ଜାଇକା ସହାୟତାପ୍ରାପ୍ତ ବନୀକରଣ ପ୍ରକଳ୍ପଗୁଡ଼ିକର ୧୪ତମ ଜାତୀୟ କର୍ମଶାଳାର ସ୍ମରଣିକା ଏବଂ ଓଡ଼ିଶା ଫରେଷ୍ଟ୍ରି ସେକଟର ଡେଭେଲପମେଣ୍ଟ ପ୍ରୋଜେକ୍ଟ (ଦ୍ୱିତୀୟ ପର୍ଯ୍ୟାୟ)ର ବାର୍ଷିକ ରିପୋର୍ଟ (୨୦୨୫-୨୬) କୁ ମଧ୍ୟ ଉନ୍ମୋଚନ କରାଯାଇଥିଲା । ଉଦଘଟନୀ ସମାରୋହରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ଡ଼ଃ କେ. ମୁରୁଗେଶନ, ପିସିସିଏଫ୍(କେଏଲ୍) ଉମା ନନ୍ଦୁରୀ, ଓଏଫ୍ଏସଡିପିର ମୁଖ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଜି. ରାଜେଶ, ସିଏଫ୍ (ଆଇଟି ଏବଂ ଜିଆଇଏସ୍) ଭି. କାର୍ତ୍ତିକ, ସ୍ୱତନ୍ତ୍ର ଶାସନ ସଚିବ ସ୍ୱୟଂ ମଲ୍ଲିକ, ନିର୍ଦ୍ଦେଶକ ତଥା ପରିବେଶ-ତଥା-ସ୍ୱତନ୍ତ୍ର ଶାସନ ସଚିବ କେଏସ୍ ପ୍ରଦୀପ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ସୁଭଦ୍ରା, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାକୁ ବିରୋଧ ମାମଲା

## ଆବେଦନକୁ ଖାରଜ କଲେ ହାଇକୋର୍ଟ

କଟକ, ( ସବ୍ୟୁ) : ସୁଭଦ୍ରା ଯୋଜନା ଏବଂ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାକୁ ବିରୋଧ କରି ରୁଜୁ ମାମଲାକୁ ହାଇକୋର୍ଟ ବୁଧବାର ଖାରଜ କରି ଦେଇଛନ୍ତି। ଏଭଳି ଯୋଜନା ସାଧାରଣ ଲୋକଙ୍କ ଉନ୍ନତି ପାଇଁ କରାଯାଇଥିବାରୁ ଅଦାଲତ ଏଥିରେ ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ଏହି ଅବସରରେ କହିଛନ୍ତି । ରମାକାନ୍ତ ନାୟକଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ପରିପ୍ରେକ୍ଷୀରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି । ଆବେଦନକାରୀ ଶ୍ରୀ ନାୟକ ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, ରାଜ୍ୟ ସରକାର ୨୦୨୪ରେ ସୁଭଦ୍ରା ଯୋଜନା ଆରମ୍ଭ କରିଥିଲେ । ଏହି ଯୋଜନାରେ ରାଜ୍ୟର ପ୍ରାୟ ଗୋଟେ କୋଟି ମହିଳାଙ୍କୁ ବର୍ଷକୁ ଦୁଇଟି କିସ୍ତିରେ ୧୦ହଜାର ଟଙ୍କା ଲେଖାଏଁ ପ୍ରଦାନ କରୁଛନ୍ତି । ପାଞ୍ଚ ବର୍ଷ ପାଇଁ ଏହି ଅର୍ଥ ମିଳିବ। ମୋଟ୍‌ରେ ୫୦ହଜାର ଟଙ୍କା ଦିଆଯିବ। ସେହିପରି ୨୦୨୫ରେ "ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଆରମ୍ଭ ହୋଇଥିଲା। ଏଥିରେ ଗୋଟେ ଝିଅକୁ ବିବାହ ପାଇଁ ୬୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ବିବାହ ପାଇଁ ପଞ୍ଜୀକରଣ କରିବା ପରେ ଦମ୍ପତିଙ୍କ ଆକାଉଣ୍ଟ କୁ ୩୫ ହଜାର ଟଙ୍କା ପଠାଯିବ । ଶାଢ଼ୀ ଏବଂ ଅନ୍ୟାନ୍ୟ ସାମଗ୍ରୀ ପାଇଁ କ୍ୟାସ୍ ଆକାରରେ ୧୦ହଜାର ଟଙ୍କା ଦିଆଯିବ। ବିବାହରେ ସାଜସଜ୍ଜା ପାଇଁ ୧୫ ହଜାର ଟଙ୍କା ଦିଆଯିବ। ଏହିଭଳି ଭାବେ ମୋଟ୍ ଗୋଟେ ଝିଅର ବିବାହ ପାଇଁ ରାଜ୍ୟ ସରକାର ୬୦ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହି ଦୁଇଟି ଯୋଜନା ଦ୍ୱାରା ପ୍ରକୃତରେ ସାଧାରଣ ଲୋକେ ଯେତିକି ଉପକୃତ ହେଉନହାତି ଏହାଠାରୁ ଅଧିକ ରାଜ୍ୟ ସରକାରଙ୍କ ତହବିଲ୍ ଉପରେ ଚାପ ବଢୁଛି। ରାଜ୍ୟ ସରକାର ଏହି ଅର୍ଥକୁ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଖର୍ଚ୍ଚ କରିପାରନ୍ତେ । ଯେଉଁଥିରୁ ସମସ୍ତ ରାଜ୍ୟବାସୀ ଉପକୃତ ହୋଇପାରନ୍ତେ। କିନ୍ତୁ ଗୋଟେ ସରକାର ଏଭଳି ଯୋଜନା କରିବା ପରେ ପରବର୍ତ୍ତୀ ସରକାର ଏହାଠାରୁ ଆହୁରି ଭଲ ଯୋଜନା କରିବା ଲାଗି ଚିନ୍ତା କରୁଛନ୍ତି । ଏଭଳି ମାଗଣା ଯୋଜନା ଦ୍ୱାରା ଲୋକଙ୍କ ମଧ୍ୟରେ କର୍ମ କରିବାର ସଂସ୍କୃତି ମରିଯାଉଛି। ଏଭଳି ଯୋଜନାକୁ ବନ୍ଦ କରାଯିବା ଆବଶ୍ୟକ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରତ୍ୟେକ ଯୋଜନା ପାଇଁ ଆର୍ଥିକ ଅନୁଦାନ ମଞ୍ଜୁର କରାଯିବା ବେଳେ ଏଥିପାଇଁ ବିଧାନସଭାରେ ପାରିତ ହେବା ଆବଶ୍ୟକ । କିନ୍ତୁ ଏହି ଯୋଜନା କ୍ୟାବିନେଟ୍‌ର ନିଷ୍ପତ୍ତି ବଳରେ କାର୍ଯ୍ୟକାରୀ କରାଯାଇଛି ବୋଲି ଆବେଦନକାରୀ ଉଲ୍ଲେଖ କରିଥିଲେ । ତେଣୁ ଏଭଳି ଯୋଜନାକୁ ବନ୍ଦ ପାଇଁ ଅଦାଲତ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଥିଲେ । ଏହାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। ଏଭଳି ଯୋଜନା ଦ୍ୱାରା ମହିଳାମାନେ ସ୍ୱାବଲମ୍ବୀ ହୋଇପାରୁଛନ୍ତି। ମୁଖ୍ୟମନ୍ତ୍ରୀ ବିବାହ ଯୋଜନାରେ ଅନେକ ମହିଳା ଏକ ନୂଆ ଜୀବନ ଆରମ୍ଭ କରିପାରୁଛନ୍ତି। ଏଭଳି ଯୋଜନା ବନ୍ଦ ହେବା ଅନୁଚିତ୍ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଦୃଢ଼ ଯୁକ୍ତି ଉପସ୍ଥାପନ କରାଯାଇଥିଲା । ଏହାକୁ ଗ୍ରହଣ କରି ହାଇକୋର୍ଟ ଆବେଦନକାରୀଙ୍କ ପିଟିସନ୍‌କୁ ଖାରଜ କରିଦେଇଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।

## ଆମେ ରାହୁଲ ଗାନ୍ଧୀଙ୍କ ସିଂହ

# ଭୟ କ'ଣ ଆମେ ଜାଣୁନା : ନୀଲଠିଆ

ଭୁବନେଶ୍ୱର,(ସବ୍ୟୁ): କଂଗ୍ରେସର ନେତା ପ୍ରତିପକ୍ଷ ରାହୁଲ ଗାନ୍ଧୀଙ୍କ ଉପରେ ଦିଲ୍ଲୀ ପୋଲିସର ବେଆଇନ ଓ ଅମାନୁଷିକ ବ୍ୟବହାର ତଥା କଂଗ୍ରେସ ଦଳର ତିନିଗୋଟି ଦାବିକୁ ନେଇ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସମ୍ମିଳନୀରେ ପୂର୍ବତନ ଏଆଇସିସି ଅନୁସୂଚିତ ବିଭାଗ ଅଧ୍ୟକ୍ଷ ରାଜେଶ ନୀଲଠିଆ କେନ୍ଦ୍ର ସରକାରଙ୍କ ଛାତ୍ରମାରଣ ନୀତିକୁ କଡା ସମାଲୋଚନା କରିଛନ୍ତି । ସେ କହିଛନ୍ତି, ଯେଉଁ ଛାତ୍ର ଦିନେ ଭାରତକୁ ଗଢିବେ ଓ ଦିଗଦର୍ଶନ ଦେବେ ତାଙ୍କ ଭବିଷ୍ୟତକୁ ନେଇ କ୍ରମାଗତ ଭାବରେ ଖେଳି ଚାଲିଛି । ବିଗତ ନିଟ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ହୋଇ ପରୀକ୍ଷା ରଦ୍ଦ ହେଲା । ଏହାଦ୍ୱାରା ଲକ୍ଷ ଲକ୍ଷ ଛାତ୍ରଙ୍କ ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ୨୨ ଜଣ ଛାତ୍ର ଛାତ୍ରୀ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଲେ । କେନ୍ଦ୍ରରେ ବସିଥିବା ବିଜେପି ସରକାର ପ୍ରତିଜ୍ଞା କରିଛି ସେମାନେ ଯାହା ତ୍ରୁଟି କଲେ ମଧ୍ୟ ଉତ୍ତରଦାୟିତ୍ୱ ନେବେ ନାହିଁ କିମ୍ବା ଇସ୍ତଫା ଦେବେ ନାହିଁ । ଶିକ୍ଷାନୀତିକୁ ସରକାର ସମ୍ପୂର୍ଣ୍ଣ ଧୂଳିସାତ କରି ମୂର୍ଖ ତିଆରି କରିବାକୁ ଚାହୁଁଛି ତେଣୁ ଦେଶର




ଏଭଳି ପରିସ୍ଥିତିରେ ଛାତ୍ରଙ୍କୁ ନିଜ ଭବିଷ୍ୟତ ପାଇଁ ସ୍ୱର ଉତ୍ତୋଳନ କରିବାକୁ ପଡ଼ିବ ଏବଂ ଛାତ୍ରଙ୍କୁ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ କଂଗ୍ରେସ ଦଳ ପ୍ରସ୍ତୁତ ବୋଲି କହିବା ସହ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା, ସଂସଦରେ ନିଟକୁ ନେଇ ସ୍ୱତନ୍ତ୍ର ଆଲୋଚନା ଏବଂ ଏତଲା ଦାୟର ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ଉପରୁ ଏଫଆଇଆର ପ୍ରତ୍ୟାହାର କରାଯିବାକୁ ଦାବି କରିଛନ୍ତି । ସେ ପୁଣି କହିଛନ୍ତି ଯେ, ଆମେ ରାହୁଲ ଗାନ୍ଧୀଙ୍କ ସିଂହ, ଭୟ କଣ ଆମେ ଜାଣୁନା ତେଣୁ ପୋଲିସ ଭୟ ଦେଖାଇ ସରକାର ଦବାଇ ଦେବୁ ବୋଲି ଭାବିବା ହାସ୍ୟାସ୍ପଦ । ବୁଧବାର ଅପରାହ୍ନରେ ଛାତ୍ରୋଂ କି ଗୁଞ୍ଜ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ନୀଲଠିଆଙ୍କ ସମେତ ଏଆଇସିସି ପୂର୍ବତନ ସମ୍ପାଦକ ଡଃ ବିଶ୍ୱ ରଞ୍ଜନ ମହାନ୍ତି, ଓପିସିସି ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତି, ଯୁବ କଂଗ୍ରେସ ଜାତୀୟ ସମ୍ପାଦକ ସ୍ମୃତି ରଞ୍ଜନ ଲେଙ୍କା, ମଟଲାଲ ଡୁଙ୍ଗଡୁଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ ।

4001/216/2627



ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ବିଦ୍ୟୁତ୍ ସୁରକ୍ଷା ନିୟମାବଳୀ ଅବଲମ୍ବନ କରନ୍ତୁ ଏବଂ ମହାପ୍ରଭୁଙ୍କ ଯାତ୍ରା ସୁରକ୍ଷିତରେ କରନ୍ତୁ ।

- ରଥକୁ ନିର୍ଦ୍ଧାରିତ ମାର୍ଗରେ ସୁରକ୍ଷିତ ଭାବରେ ନେବା ପାଇଁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରେ ଲିଖିତ ଭାବେ ଜଣାନ୍ତୁ ।
- ପୂଜାପେଣ୍ଡାଲ, ଯାତ୍ରାସ୍ଥଳୀ, ହୋଟେଲ, ଦୋକାନ ବଜାର, ଅଧିକ ଜନସମାଗମ ସ୍ଥାନରେ ବୈଦ୍ୟୁତିକ ଉପକରଣର ସୁରକ୍ଷା ଯାଞ୍ଚ କରାନ୍ତୁ ଏବଂ ସ୍ଥାନୀୟ ବିଦ୍ୟୁତ୍ ନିରୀକ୍ଷକଙ୍କୁ ଲିଖିତ ଭାବେ ଅବଗତ କରାନ୍ତୁ ।

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR: 4001/4025/2/26-27/0003

# ରମାଦେବୀଙ୍କ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାସୁମନ

## ନାରୀ ସଶକ୍ତିକରଣ ଦିଗରେ ରମାଦେବୀଙ୍କ ଅବଦାନ ଅତୁଳନୀୟ

ଭୁବନେଶ୍ୱର(ସବ୍ୟୁ): ରମାଦେବୀଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି । ଓଡ଼ିଶା ବିଧାନସଭା ପାର୍ଶ୍ୱରେ ଥିବା ରମାଦେବୀଙ୍କ ପ୍ରତିମୂର୍ତ୍ତିରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ । ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ସମାଜ ସଂସ୍କାର ଏବଂ ନାରୀ ସଶକ୍ତିକରଣ ଦିଗରେ ରମାଦେବୀଙ୍କ ଅବଦାନ ଅତୁଳନୀୟ । ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ସେ । ଦେଶପ୍ରେମ ଓ ସମାଜସେବା ସଦାସର୍ବଦା ଆମ ସମସ୍ତଙ୍କୁ ଏକ ସଶକ୍ତ ସମାଜ ଓ ସମୃଦ୍ଧ ରାଷ୍ଟ୍ର ନିର୍ମାଣ କରିବା ଦିଗରେ ଅନୁପ୍ରାଣିତ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

ବୁଧବାର ରମାଦେବୀଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ



କନକ ବର୍ଦ୍ଧନ ସିଂହଦେଓ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଶିଷ୍ଟ ରାଜନେତା ତଥା ସମାଜସେବୀ ପଦ୍ମ ଚରଣ ନାୟକ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଉପ ନିର୍ଦ୍ଦେଶକ ଦେବଯାନୀ ଭୂୟାଁ, ବୁଦ୍ଧିଜୀବୀ, ସମାଜସେବୀ ପ୍ରମୁଖ ଉପସ୍ଥିତ ମା' ରମାଦେବୀଙ୍କ ସ୍ମୃତିଚାରଣ କରିଛନ୍ତି ।

### ଡେଙ୍ଗୁ ନିୟନ୍ତ୍ରଣ ଓ ନିରାକରଣ ବୈଠକ

## ୪ ସହରାଞ୍ଚଳକୁ ଗଡ଼ିଲା ସଚେତନତା ରଥ

ଖୋର୍ଦ୍ଧା, (ସବ୍ୟୁ) : ଡେଙ୍ଗୁ ନିୟନ୍ତ୍ରଣ ଓ ନିରାକରଣ ନିମନ୍ତେ ସଚେତନତା ବୈଠକ ବୁଧବାର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଞ୍ଜୟ ଚନ୍ଦ୍ର ରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ । ଡେଙ୍ଗୁ ନିୟନ୍ତ୍ରଣ ଲାଗି ଆଗୁଆ ପଦକ୍ଷେପ, ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ । ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ମଶା ବାହିତ) ଡା. ଜୀବନ୍ତ ଆଚାର୍ଯ୍ୟ ଯୋଗଦେଇ ସାଧାରଣତଃ ଜୁଲାଇ ଏବଂ ଅଗଷ୍ଟ ମାସରେ ଡେଙ୍ଗୁ ବ୍ୟାପିବା ସମ୍ଭାବନା ଅଧିକ ରହିଥାଏ । ଜଣେ ଡେଙ୍ଗୁ ରୋଗୀଙ୍କ ଠାରୁ ସୁସ୍ଥ ଲୋକଙ୍କୁ ମଧ୍ୟ ଏହା ସଂକ୍ରମିତ ହୋଇଥାଏ । ପ୍ରାଥମିକ ଲକ୍ଷଣ ଦେଖାଦେବା ମାତ୍ରକେ ବିଳମ୍ବ ନକରି ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଡେଙ୍ଗୁ ରୋଗର ଚିକିତ୍ସା ଲାଗି ଭୁବନେଶ୍ୱର ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବସ୍ଥା ରହିଛି ବୋଲି କହିଥିଲେ । ଖୋର୍ଦ୍ଧା ଜିଲ୍ଲାରେ ଚଳିତ ବର୍ଷ ଜାନୁଆରୀ ୧ ରୁ ଜୁଲାଇ ୨୦ ପର୍ଯ୍ୟନ୍ତ ୩୨ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି । ସେଥିମଧ୍ୟରୁ କେବଳ ଭୁବନେଶ୍ୱର ମହାନଗର ନିଗମରୁ ୮, ଗ୍ରାମାଂଚଳରୁ ୨୪ଜଣ ରହିଛନ୍ତି ବୋଲି କହିଥିଲେ । ଗ୍ରାମାଂଚଳ ୨୪ ମଧ୍ୟରେ ବାଲକାଟି ୨, ବାଲିପାଟଣା- ୩, ବାଲୁଗାଁ - ୧, ବାଙ୍କୋଇ- ୪, ହଳଦିଆ- ୦୨, ଜଟଣୀ- ୪, ଖୋର୍ଦ୍ଧା-୧, ମେଣ୍ଢାଶାଳ -୧ ଓ ଟାଙ୍ଗୀ ରେ ୬ଜଣ ରୋଗୀ ଚିହ୍ନଟ ହୋଇଥିଲେ । ଡେଙ୍ଗୁ ରୋଗ ସମ୍ପର୍କରେ ସହରାଂଚଳ ଓ ଗ୍ରାମାଂଚଳରେ ସଚେତନତା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଛି । ପ୍ରଚାରପତ୍ର, ପୋଷ୍ଟର ହୋର୍ଡିଂ ପ୍ରଭୃତି ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡିଏମ୍‌ଓ ଡା.ଶ୍ରାମାପ୍ରସନ୍ନ ମିତ୍ର, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ପ୍ରଦୀପ୍ତ କୁମାର ସାହୁ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ରଞ୍ଜନ ମିତ୍ର, ଡିପିଏମ୍ ଶୁଭକାନ୍ତ ଘଟାୟତ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଅଧିକାରୀଙ୍କ କାର୍ଯ୍ୟାଳୟ ପରିସରୁ ଏକ ସଚେତନତା ରଥ ବାହାରିଛି । ଏହି ରଥକୁ ସିଡିଏମ୍‌ଓ ଡା. ରାୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ରଥ ଖୋର୍ଦ୍ଧା, ଜଟଣୀ, ବାଣପୁର ଓ ବାଲୁଗାଁ ଏନ୍‌ଏସି ରେ ବୁଲି ସଚେତନତା କରିବ ।

### ଡକାୟତି ଯୋଜନା ପଣ୍ଡ, ୫ ଗିରଫ

## ବନ୍ଧୁକ, ୧୨ ରାଉଣ୍ଡ ଗୁଳି, ସୁନା-ରୁପା ଗହଣା ଓ ୬ ମୋବାଇଲ ଜବତ

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ରେଳ ଷ୍ଟେସନ ପାଖରେ ଡକାୟତି ପାଇଁ ଯୋଜନା କରୁଥିବା ୫ଜଣ ଅଣଓଡ଼ିଆ ଡକାୟତଙ୍କୁ ଆର୍‌ପିଏଫ୍ ଓ ଜିଆର୍ ପୋଲିସ ଗିରଫ କରିଛି । ସେମାନଙ୍କ ନିକଟରୁ ବନ୍ଧୁକ, ୧୨ରାଉଣ୍ଡ ଗୁଳି, ଦୁଇଟି ଆନ୍ଧ୍ର କଟୁରୀ, ସୁନା-ରୂପା ଗହଣା, ୬ ମୋବାଇଲ ଫୋନ୍ ଓ ଲଙ୍କାଗୁଣ୍ଡ ପ୍ରଭୃତି ଜବତ କରାଯାଇଥିବା ଜିଆର୍ ପୋଲିସ କହିଛି ।

ଷ୍ଟେସନରୁ ଖୋର୍ଦ୍ଧା ଆଡକୁ ଯାଇଥିବା ଧାରଣାର ଶେଷ ଭାଗରେ ଥିବା ଏକ ଅନ୍ଧାରୁଆ ସ୍ଥାନରେ କିଛି ଅଣଓଡ଼ିଆ ଯୁବକ ବସି କଥା ହେଉଥିବା ଜିଆର୍‌ପିକୁ ସୂଚନା ମିଳିଥିଲା । ସୂଚନା ଅନୁଯାୟୀ ଆର୍‌ପିଏଫ୍ ଓ ଜିଆର୍ ପୋଲିସ ମିଳିତ ଭାବେ ସେଠାରେ ଚଢାଉ କରି ଖସିଯିବା ପୂର୍ବରୁ ୫ ଡକାୟତଙ୍କୁ କାବୁ କରିଛନ୍ତି । ଗିରଫ ୫ ଡକାୟତ ହେଲେ ପଓ୍ୱନ ବୈଦ (୨୫), ସୋନୁ ବୈଦ (୨୦), ଟେଷ୍ଟି ବୈଦ (୧୮), ସେରୁ ବୈଦ (୪୦) ଓ ଚାର୍‌କୁଆ ବୈଦ (୨୦) । ସମସ୍ତଙ୍କ ଘର ପଶ୍ଚିମବଙ୍ଗରେ ବୋଲି ସୂଚନା ମିଳିଛି । ସେମାନେ ରେଳଯାତ୍ରୀ ଓ ଆଖପାଖ ଅଞ୍ଚଳରେ ଲୁଟ୍‌ପାଟ କରିବା ପାଇଁ ଯୋଜନା କରୁଥିବା ଜଣାପଡ଼ିଛି । ସେମାନଙ୍କ ନିକଟରୁ ବନ୍ଧୁକ, ଗୁଳି,



୧୫ ଗ୍ରାମ୍‌ର ସୁନାଚେନ, ୫୦ଗ୍ରାମ୍‌ର ରୂପା ଗହଣା, ୪୨୪୦ଟଙ୍କା ଓ ୬ଟି ମୋବାଇଲ ଫୋନ୍ ସମେତ ଲଙ୍କାଗୁଣ୍ଡ ମିଳିଥିଲା ବୋଲି ପୋଲିସ କହିଛି । ସେମାନେ ରେଳଯାତ୍ରୀଙ୍କ ଉପରକୁ ଲଙ୍କାଗୁଣ୍ଡ ଫିଙ୍ଗି ଲୁଟ୍‌ପାଟ କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଥିବା ପୋଲିସ ଜାଣିବାକୁ ପାଇଥିଲା । ଗିରଫ ୫ଜଣଙ୍କୁ ବୁଧବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଆବଶ୍ୟକ ହେଲେ ସେମାନଙ୍କୁ ରିମାଣ୍ଡରେ ଅଣାଯାଇପାରେ ବୋଲି ଜିଆର୍‌ପି ଇନ୍ସପେକଟର କହିଛନ୍ତି ।

# ନିଯୁକ୍ତି ମେଳା ଉଦ୍‌ଘାଟନ କଲେ ମେୟର ସୁବାସ ସିଂହ

କଟକ, (ସବ୍ୟୁ): ଯୁବପିଢ଼ିଙ୍କୁ ରୋଜଗାରର ସୁଯୋଗ ପ୍ରଦାନ କରିବା ସହିତ ସେମାନଙ୍କୁ ଆତ୍ମନିର୍ଭର ଓ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ କଟକ ମହାନଗର ନିଗମ ଲାଇଟ୍ ହାଉସ୍‌ର ମିଳିତ ଅନୁକୂଲ୍ୟରେ ଏକ ନିଯୁକ୍ତିମେଳା ଆୟୋଜିତ ହୋଇଯାଇଛି । ଚାଉଳିଆଗଞ୍ଜସ୍ଥିତ କମ୍ୟୁନିଟି ହଲ୍ ପରିସରରେ ଆୟୋଜିତ ଏହି ନିଯୁକ୍ତି ମେଳାକୁ ମେୟର ସୁବାସ ସିଂହ ଉଦ୍‌ଘାଟନ କରିଥିଲେ । ଏହି ଜବ୍ ଫେୟାର୍‌ରେ ବିଭିନ୍ନ କ୍ଷେତ୍ରରେ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରାଯାଇଥିଲା । ବ୍ୟାଙ୍କିଙ୍ଗ, ଫୁଡ୍ ଆଣ୍ଡ ବେଭରେଜ୍, ଟେଲିକମ୍ୟୁନିକେସନ୍, ରିଟେଲ୍, ଅଟୋମୋବାଇଲ୍ ଏବଂ ଡାଟା ଏଣ୍ଟ୍ରି ଭଳି ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇଁ ଅନେକ କମ୍ପାନୀ ଏହି



ଜବ୍ ଫେୟାର୍‌ରେ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ପଦବୀ ପାଇଁ ପ୍ରାୟ ୩୨୦ ଜଣ ପ୍ରାର୍ଥୀ ଆବେଦନ କରି ନିଯୁକ୍ତି ପ୍ରକ୍ରିୟାରେ ସାମିଲ ହୋଇଥିଲେ । ଜବ୍ ଫେୟାର୍ ପରିଦର୍ଶନ ସମୟରେ ମେୟର ଶ୍ରୀ ସିଂହ ଉପସ୍ଥିତ ପ୍ରାର୍ଥୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ମନୋବଳ ବୃଦ୍ଧି କରିଥିଲେ ।

ସେ କହିଥିଲେ ଯେ, ଯୁବପିଢ଼ିଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିବା ଏବଂ ଯୋଗ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତିଦାତାଙ୍କ ସହିତ ସିଧାସଳଖ ଯୋଡ଼ିବା ଦିଗରେ ଏଭଳି ଜବ୍ ଫେୟାର୍ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହା ମାଧ୍ୟମରେ ଯୁବକ ଯୁବତୀମାନେ ନିଜର ଯୋଗ୍ୟତା ଅନୁଯାୟୀ ଉପଯୁକ୍ତ ଚାକିରିର ସୁଯୋଗ ପାଇବା ସହିତ ନିଜ ଭବିଷ୍ୟତକୁ ଏକ ନୂତନ ଦିଗ ଦେଇପାରିବେ । ଏଥିରେ ଉପମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ପ୍ରଲୟା ବେଉରା, କର୍ପୋରେଟର ମିନା ସାହୁ, କଟକ ମହାନଗର ନିଗମର ଉପଆୟୁକ୍ତ ସ୍ୱାତି ମିଶ୍ରଙ୍କ ସମେତ ଲାଇଟ୍ ହାଉସ୍‌ର ଅଧିକାରୀ ଓ କର୍ମଚାରୀ, ବିଭିନ୍ନ ନିଯୁକ୍ତିଦାତା ସଂସ୍ଥାର ପ୍ରତିନିଧି ଏବଂ ବହୁ ସଂଖ୍ୟକ ଆଶାୟୀ ପ୍ରାର୍ଥୀ ଉପସ୍ଥିତ ଥିଲେ ।

# ସମ୍ବେଦନହୀନ ସରକାର ଗାଦି ଛାଡ଼ିବା ଉଚିତ: କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ନିଟ ପ୍ରଶ୍ନପତ୍ର ମାମଲାକୁ ନେଇ ଦେଶବ୍ୟାପୀ ଛାତ୍ରଙ୍କ ବିକ୍ଷୋଭ ପ୍ରଦର୍ଶନ ଏବଂ ଛାତ୍ର ମାନଙ୍କ ସମର୍ଥନରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀଙ୍କ ବାସଭବନ ଆଗରେ ପ୍ରତିବାଦ ଏବଂ ଶ୍ରୀ ଗାନ୍ଧୀଙ୍କ ଉପରେ କେନ୍ଦ୍ର ସରକାର ଇଙ୍ଗିତରେ ଅମାନୁଷିକ ବ୍ୟବହାର ତଥା ରାଜଭବନ ଆଗରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ଗିରଫ ଆଦି ବିଷୟକୁ ନେଇ କଂଗ୍ରେସ ଭବନଠାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସାମ୍ପ୍ରତିକ ପ୍ରଶ୍ନପତ୍ର ଲିକ୍ ମାମଲା ଦେଶର କେବଳ ଯୁବପିଢ଼ି ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୁହେଁ, ବରଂ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଏବଂ ସମସ୍ତ ଗଠନମୂଳକ ବିରୋଧୀ ନେତୃତ୍ୱଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ, ନିରାଶା ଓ କ୍ରୋଧ ସୃଷ୍ଟି କରିଛି । ବିଜେପି ନେତୃତ୍ୱାଧୀନ ସରକାର ଦେଶ ଶାସନ କରିବାର ସମସ୍ତ ନୈତିକ ଅଧିକାର ହରାଇଛନ୍ତି । ସାରା ଦେଶରେ ଛାତ୍ରଛାତ୍ରୀମାନେ ଏହା ବିରୋଧରେ




ପ୍ରତିବାଦ କରିଛନ୍ତି । ଏହା ପରେ ବିରୋଧୀ ଦଳଗୁଡ଼ିକ ବିଭିନ୍ନ ମଞ୍ଚରେ ଏହି ପ୍ରସଙ୍ଗ ଉଠାଇଛନ୍ତି । କଂଗ୍ରେସ ଦଳ ଗୁଜରାଟର କୋଟାରୁ ଆରମ୍ଭ କରି ନିକଟରେ ଦେହରାଦୁନ ପର୍ଯ୍ୟନ୍ତ 'ଛାତ୍ରୋଁ କି ଗୁଞ୍ଜ' (ଛାତ୍ରମାନଙ୍କର ଗର୍ଜନ) ସ୍ୱରୂପରେ ଏହି ସ୍ୱର ଉତ୍ତୋଳନ କରିଛି । ସଂସଦ ନିକଟରେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ନିର୍ଦ୍ଦୟ ଭାବେ ମାଡ଼ ମରାଯାଇଛି, ଆହତ କରାଯାଇଛି ଏବଂ ସେମାନଙ୍କ ଉପରେ ଲାଠିଚାର୍ଜ କରାଯାଇଛି । ଛାତ୍ରୀମାନଙ୍କ ବସ୍ତ୍ରହରଣ କରାଯିବା ସହ ସେମାନଙ୍କୁ ଚୁଟି ଧରି ଘୋଷାରି ପ୍ରତାଡ଼ିତ କରାଯାଇଛି । ଘଟଣାର ପୃଷ୍ଠଭୂମିରେ, ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ବିରୋଧୀ ଦଳର ସାଂସଦମାନେ ଏକ ଧାରଣା ଦେଇଥିଲେ, ଯେଉଁଥିରେ ପ୍ରିୟଙ୍କା ଗାନ୍ଧୀ ଏବଂ ଅଖିଳେଶ ଯାଦବ ମଧ୍ୟ ସାମିଲ ହୋଇଥିଲେ । ସେମାନେ ଦୁଇଟି ଦାବି ଉପସ୍ଥାପନ କରିଥିଲେ - ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ବା ବହିଷ୍କାର ଏବଂ ସଂସଦରେ ଏହି ବିଷୟରେ ଆଲୋଚନା । ଦିଲ୍ଲୀ ପୋଲିସ ବଳପ୍ରୟୋଗ କରି ସେମାନଙ୍କୁ ଥାନାକୁ ନେଇଯାଇଥିଲା ଏବଂ ରାହୁଲ ଜୀଙ୍କ ସମେତ ସମସ୍ତଙ୍କୁ ବେଆଇନ ଭାବେ ଅଟକ ରଖିଥିଲା । ଏସବୁ ଗୃହମନ୍ତ୍ରୀ ଭାବେ ଅମିତ ଶାହଙ୍କ ବିଫଳତାକୁ ଦର୍ଶାଉଛି । ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଜାତୀୟ ପ୍ରବକ୍ତା ଡକ୍ଟର ହାମିଦ୍ ହୁସେନ୍, ଆରଜିପିଆରଏସ ସୁଦର୍ଶନ ଦାସ ଏବଂ ପିସିସି ପ୍ରବକ୍ତା ସୋନାଲୀ ସାହୁ ପ୍ରମୁଖ ମତ ରଖିଥିଲେ ।

### ସରକାରୀ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟ ସମୀକ୍ଷା

## ଦକ୍ଷତା ଅଭାବ ଦୂର କରିବାରେ ଆଇଟିଆଇ, ପଲିଟେକ୍‌ନିକର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର(ସବ୍ୟୁ): ଆଇଟିଆଇ ଓ ପଲିଟେକ୍ନିକ୍‌ଗୁଡ଼ିକ ଓଡ଼ିଶାର ଶିଳ୍ପ ଏବଂ ଅର୍ଥନୈତିକ ବିକାଶର ମୁଖ୍ୟ ଆଧାର । ବଦଳୁଥିବା ଶିଳ୍ପ ଜଗତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଅନୁଷ୍ଠାନଗୁଡ଼ିକର ଆଧୁନିକୀକରଣ, ନୂଆ କୌଶଳ ଆପଣାଇବା ଜରୁରୀ । ସରକାର ଏହି ବୈଷୟିକ ଅନୁଷ୍ଠାନଗୁଡ଼ିକର ସମଗ୍ର ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତିଛ ପାଠପଢ଼ାର ମାନ ବଢ଼ାଇ ଛାତ୍ରଛାତ୍ରୀଙ୍କୁ ଶିଳ୍ପ-ଉପଯୋଗୀ କରି ଗଢ଼ିତୋଳିବାକୁ ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ଓ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସରକାରୀ ଅଧ୍ୟକ୍ଷମାନଙ୍କୁ ପରାମର୍ଶ ଦେଇଛନ୍ତି ।



ବୁଧବାର ଭୁବନେଶ୍ୱରସ୍ଥିତ ଏସସିଟିଇ ଆଣ୍ଡ ଭିଟି ଠାରେ ଶିଳ୍ପ ମନ୍ତ୍ରୀ ଶ୍ରୀ ସ୍ୱାଇଁ ରାଜ୍ୟର ସରକାରୀ ଆଇଟିଆଇ ଓ ପଲିଟେକ୍ନିକ୍‌ଗୁଡ଼ିକର କାର୍ଯ୍ୟ ସମୀକ୍ଷା କରିଛନ୍ତି । ବୈଠକରେ ରାଜ୍ୟର ୭୨ଟି ସରକାରୀ ଆଇଟିଆଇ ଏବଂ ୩୫ଟି ସରକାରୀ ପଲିଟେକ୍ନିକର ଅଧ୍ୟକ୍ଷମାନେ ଯୋଗ ଦେଇ ବୈଷୟିକ ଶିକ୍ଷାର ମାନ ବଢ଼ାଇବା ଉପରେ ଆଲୋଚନା କରିଥିଲେ । ଆଇଟିଆଇ ଓ ପଲିଟେକ୍ନିକର ଯେପରି କୌଣସି ସିଟ୍ ଫାଙ୍କା ନରହେ, ସେଥିପାଇଁ ସମସ୍ତେ ଚେଷ୍ଟିତ ହେବା ଦରକାର । ଛାତ୍ରୀ, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଏବଂ ବିଶେଷ ଭାବେ ଅନ୍ନୁନତ ଜନଜାତି ଛାତ୍ରଛାତ୍ରୀଙ୍କ ନାମଲେଖା ବୃଦ୍ଧି କରାଯାଉ । ପାଠପଢ଼ା ମଝିରୁ ଛାଡୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା କମିବା ନେଇ ପଦକ୍ଷେପ ଗ୍ରହଣ କରନ୍ତୁ ଏବଂ ପ୍ଲେସମେଣ୍ଟ (ଚାକିରି ସୁଯୋଗ) ବୃଦ୍ଧି କରାଯାଉ ।

ଓଡ଼ିଶାର ଶିଳ୍ପଗୁଡ଼ିକର ଭବିଷ୍ୟତ ଦକ୍ଷ ଯୁବପିଢ଼ିଙ୍କ ଉପରେ ନିର୍ଭର କରେ । ଆଇଟିଆଇ ଏବଂ ପଲିଟେକ୍ନିକଗୁଡ଼ିକ ଉତ୍ତମ ପେସାଦାର ବ୍ୟକ୍ତି ତିଆରି କରୁଥିବା ଉତ୍କର୍ଷ କେନ୍ଦ୍ର ହେବା ଉଚିତ । ବୈଠକରେ ତାଲିମର ଗୁଣବତ୍ତା, ଶିଳ୍ପ ସଂସ୍ଥାଙ୍କ ସହ ସହଯୋଗ, ପ୍ଲେସମେଣ୍ଟ ଓ ଅନୁଷ୍ଠାନର ସୁବିଧାସୁଯୋଗର ସଠିକ୍ ବ୍ୟବହାର ଉପରେ ଆଲୋଚନା ହୋଇଥିଲା । ଏହି ଅବସରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ, ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ଚକ୍ରବର୍ତ୍ତୀ ସିଂହ ରାଠୋର ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ମିଶନରୋଡ଼ ସେଣ୍ଟ୍ ଜାଭିଅର୍ସ ହାଇସ୍କୁଲ ପକ୍ଷରୁ ଜାତୀୟ ପତାକା ଗ୍ରହଣ ଦିବସ

କଟକ ,(ସବ୍ୟୁ) :ମିଶନ ରୋଡସ୍ଥିତ ସେଣ୍ଟ୍ ଜାଭିଅର୍ସ ହାଇ ସ୍କୁଲ, ପକ୍ଷରୁ ଜାତୀୟ ପତାକା ଗ୍ରହଣ ଦିବସ କାର୍ଯ୍ୟକ୍ରମର ଆୟୋଜିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୂପା ମିଶ୍ର ଏଥିରେ ଯୋଗ ଦେଇ ଜାତୀୟ ପତାକାର ମର୍ଯ୍ୟାଦା, ଦେଶପ୍ରେମ ଓ ନାଗରିକଙ୍କ କର୍ତ୍ତବ୍ୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ । ଜାତୀୟ ପତାକା ଗ୍ରହଣ ଦିବସ ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ସୃଜନଶୀଳ କାର୍ଯ୍ୟକଳାପରେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ସେମାନେ ତ୍ରିରଙ୍ଗା ଚିତ୍ରାଙ୍କନ, ବ୍ରୋଚର ପ୍ରସ୍ତୁତି ଏବଂ ହସ୍ତନିର୍ମିତ କଳାକୃତି ତିଆରି କରି ନିଜ ଦେଶପ୍ରେମ ଓ ସୃଜନଶୀଳତାର ପରିଚୟ ଦେଇଥିଲେ । ଏହି କାର୍ଯ୍ୟକଳାପ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଜାତୀୟ ପତାକାର ମହତ୍ତ୍ୱ ବିଷୟରେ




ସଚେତନ ହେବା ସହ ଦେଶ ପ୍ରତି ସମ୍ମାନ ଓ କର୍ତ୍ତବ୍ୟବୋଧ ସଂକ୍ରାନ୍ତରେ ଅବଗତ ହୋଇଥଲେ । ବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ପ୍ରଭୁ ଚରଣ ମହାନ୍ତି କାର୍ଯକ୍ରମରେ ଯୋଗ ଦେଇ ଦେଶପ୍ରେମ ଓ ଜାତୀୟ ଐକ୍ୟର ଉଦ୍ ବୁଦ୍ଧ ହୋଇ କାର୍ଯ୍ୟକରିବାକୁ ବିଦ୍ୟାର୍ଥୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଶେଷରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରି ଜାତୀୟ ପତାକାର ସମ୍ମାନ ରକ୍ଷା କରିବା ପାଇଁ ଶପଥ ଗ୍ରହଣ କରିଥିଲେ ।

### ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ

## ବିଜୁ ଯୁବ ଓ ଛାତ୍ର ଜନତା ଦଳର ବିକ୍ଷୋଭ

ଭୁବନେଶ୍ୱର, (ସବ୍ୟୁ) : ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଏବଂ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକ ଠାରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରାଯାଇଥିଲା । ଦେଶରେ ବାରମ୍ବାର ପରୀକ୍ଷା ପ୍ରଶ୍ନପତ୍ର ଲିକ୍, ଶିକ୍ଷା ବ୍ୟବସ୍ଥାରେ ସରକାରଙ୍କ ବିଫଳତାକୁ ନେଇ ଏହି ବିକ୍ଷୋଭ ଆୟୋଜନ କରାଯାଇଥିଲା । ଶତାଧିକ ଯୁବ ଓ ଛାତ୍ର ନେତା, କର୍ମକର୍ତ୍ତା, କାର୍ଯ୍ୟକର୍ତ୍ତା ଓ ବିଜେଡି ସମର୍ଥକ ଏଥିରେ ଯୋଗଦେଇ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ ।

ଚିନ୍ମୟ ସାହୁ କହିଥିଲେ ଯେ, ଦେଶରେ ବାରମ୍ବାର ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଯୋଗୁଁ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକମାନେ ଏବେ ଚିନ୍ତାରେ ଦିନ କାଟୁଛନ୍ତି । ପରୀକ୍ଷା ସୁପରିଚାଳନା କରିବାରେ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ନିଜର ବିଫଳତାକୁ ସ୍ୱୀକାର କରି ବ୍ୟବସ୍ଥାଗତ ସଂସ୍କାର



ଆଣିବା ପରିବର୍ତ୍ତେ କେନ୍ଦ୍ର ସରକାର ଛାତ୍ରଛାତ୍ରୀଙ୍କ ଦାବିକୁ ଅଣଦେଖା କରିଆସୁଛନ୍ତି । ଏହି ସମସ୍ତ ବିଫଳତା ପାଇଁ ନୈତିକ ଦାୟିତ୍ୱ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତୁରନ୍ତ ଇସ୍ତଫା ଦିଅନ୍ତୁ ।

ଇପ୍ସିତା ସାହୁ କହିଥିଲେ ଯେ, ବାରମ୍ବାର ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷାରେ ଅନିୟମିତତା ଯୋଗୁଁ ଦେଶର ଛାତ୍ରଛାତ୍ରୀମାନେ ଅନିଶ୍ଚିତତା ମଧ୍ୟରେ ଜୀବନ ବିତାଉଛନ୍ତି । ବିଜୁ ଯୁବ ଓ ଛାତ୍ର ଜନତା ଦଳର ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ମେୟର ଶ୍ରୀମତୀ ସୁଲୋଚନା ଦାସ, ମନ୍ମଥ ରାଉତରାୟ, ସେଖ ଆମୀର, କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ସୋଫିଆ ଆଲମ, ସାଧାରଣ ସମ୍ପାଦକ ଅମରଜିତ ସେନାପତି, ବିଜୁ ଛାତ୍ର ଜନତା ଦଳର କାର୍ଯ୍ୟକାରୀ ସଭାପତି ଚିନ୍ମୟ ଦାସ, ପ୍ରମୁଖ ଶତାଧିକ କର୍ମକର୍ତ୍ତା ସାମିଲ ଥିଲେ ।

### ଏମ୍‌ଭିଆଇ ପ୍ଲାଣ୍ଟରୁ କୋଇଲା ଚୋରି ଓ ଟ୍ରକ ଜବତ ମାମଲା

# ତଦନ୍ତକୁ ଶିଥିଳ କରିବାକୁ ବଡ଼ ଡିଲ୍ ଅଭିଯୋଗ

ଚଣ୍ଡିଖୋଲ, (ସବ୍ୟୁ): ଯାଜପୁର ଜିଲ୍ଲାର ଜେନାପୁର ଥାନା ପୋଲିସ ବିରୁଦ୍ଧରେ ଏବେ ମାଳ ମାଳ ଅଭିଯୋଗ । ଥାନା ଇଲାକାରେ ଚାଲିଥିବା ଶତାଧିକ ଖଣିରୁ ଶହଶହ କୋଟି ଟଙ୍କାର କଳାପଥର ଚୋରୀ,କଣ୍ଟାପାଟଣା ବାସୁଦେବ ସିଂଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟଣା,ବିଛାଖଣ୍ଡି, ଡଙ୍କାରୀ ଓ କୁଶୁନପୁର ଖଣିରେ ପଥର ଚୋରୀ ବେଳେ ଶ୍ରମିକ ମୃତ୍ୟୁ ଘଟଣା ଗୁଡିକରେ ତଦନ୍ତର ସ୍ୱଚ୍ଛତାକୁ ନେଇ ପୋଲିସ ଉପରେ ଲୋକଙ୍କ ଭିନ୍ନ ଧାରଣା ସୃଷ୍ଟି ହୋଇଛି । ଏପରି ସ୍ଥଳେ ଏବେ ଆଉଏକ ଚୋରୀ ଓ ଠକେଇ ଘଟଣାରେ ଜେନାପୁର ଥାନା ପୋଲିସର ସଂନ୍ଦେହ ଜନକ କାର୍ଯ୍ୟ କଳାପକୁ ନେଇ ଚାଞ୍ଚଲ୍ୟକର ତଥ୍ୟ ହସ୍ତଗତ ହୋଇଛି । ଏହି ଘଟଣାରେ ତଦନ୍ତର ଶିଥିଳତାକୁ ନେଇ ଅଭିଯୋଗକାରୀ ପୋଲିସ ଉଚ୍ଚ ଅଧିକାରୀଙ୍କ ନିକଟରେ ଫେରାଦ ହୋଇ ଘଟଣାର କାର୍ଯ୍ୟଧାରା ଓ ତାଙ୍କ ଏତଲା ଉପରେ କଣ କାର୍ଯ୍ୟାନୁଷ୍ଠାନ ହୋଇଛି ତାହା ଅବଗତ କରିବାକୁ

**୧୦୦ ଦିନ ପରେ ବି ଜେନାପୁର ପୋଲିସ ହାତ ଖାଲି, ଥାନାରୁ ଟ୍ରକ ଗାଏବ**

ଚିଠି ଲେଖିଛନ୍ତି । ସୂଚନା ଅନୁଯାୟୀ ଜେନାପୁର ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ଚଡେଇଧରା ଓ ବାଲିସାହି ମଧ୍ୟ ଭାଗରେ ଥିବା ଏମଭିଆଇ ପ୍ଲାଣ୍ଟରୁ ବିନା କାଗଜପତ୍ରରେ ଓଡି୦୫ବିଏଲ ୮୨୮୪ ନମ୍ବର ଥିବା ଏକ ଟ୍ରକ ପ୍ରାୟ ୩୫ ଲକ୍ଷ ଟଙ୍କା ମୂଲ୍ୟର କୋଇଲା ଚୋରି କରି ନେଉଥିଲା । ଏହା ଜଣାପଡିବା ପରେ ଉକ୍ତ ପ୍ଲାଣ୍ଟର ଅଧିକାରୀ ସଂପୃକ୍ତ ଟ୍ରକକୁ ଅଟକାଇ ଜେନାପୁର ଥାନା ପୋଲିସକୁ ହସ୍ତାନ୍ତର କରିଥିଲେ । ଏଥିନେଇ ୨୦୨୬ ଏପ୍ରିଲ ୭ ତାରିଖରେ ପ୍ଲାଣ୍ଟର ଏଚ ଆର ମୁଖ୍ୟ ଜେନାପୁର ସଂପୃକ୍ତ ଅଭିଯୁକ୍ତ ମାନଙ୍କ ବିବରଣୀ ସହ ଥାନାରେ ଏତଲା ଦାୟର କରିଥିଲେ । ଜେନାପୁର ପୋଲିସ ଏହି ଘଟଣାରେ ବିଏନ୍‌ଏସ୍‌ଏସ୍‌ର ଧାରା ୩୧୮(୪)/୩(୫)ରେ ୯୫/୨୬ରେ ଏକ ମାମଲା ପଞ୍ଜିକୃତ କରିଥିଲେ । ପରେ ସଂପୃକ୍ତ ଅଭିଯୁକ୍ତ ଟ୍ରକକୁ ପୋଲିସ ଜବତକରି ଚଡେଇଧରା ଚେକପୋଷ୍ଟରେ ରଖିଥିଲା । ଏ ଘଟଣାରେ ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ହେବ ଓ ଟ୍ରକର ମାଲିକ ଏବଂ ଏଥିରେ ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଥିଲା । ହେଲେ ଇତିମଧ୍ୟରେ ଘଟଣାକୁ ୧୦୪ ଦିନ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ଏହି ମାମଲାର ପୋଲିସ ସଠିକ ତଦନ୍ତ ନକରି ଘଟଣାକୁ ଚପାଇ ରଖିଥିବା ଅଭିଯୋଗ ହୋଇଛି । ଏତେବଡ ଘଟଣାରେ କାର୍ଯ୍ୟାନୁଷ୍ଠାନ ହେବା ବଦଳରେ ଜବତ ହୋଇଥିବା ଅଭିଯୁକ୍ତ ଟ୍ରକ ଏବେ ଚଡେଇଧରା ପୋଲିସ ଚେକପୋଷ୍ଟରେ ନଥିବା ଦେଖାଯାଇଛି । ପୋଲିସ ଏକ ବଡ ଡିଲ କରି ଉକ୍ତ ଟ୍ରକ ଓ ମାଲିକଙ୍କ ସମେତ ସଂପୃକ୍ତ ଅଭିଯୁକ୍ତ ମାନଙ୍କୁ ଖସାଇ ଦେବା ପାଇଁ ଯୋଜନା କରିଥିବା ଆଲୋଚନା ହେଉଛି । ଏହି ଘଟଣାର ତଦନ୍ତରେ ଅହେତୁକ ଶିଥିଳତା ଓ ଜବତ ଟ୍ରକ ପୋଲିସ ହେପାଜତରୁ ଗାୟବ ହେବା ଜାଣିବା ପରେ ଅଭିଯୋଗ କାରୀ ରାକେଶ କୁମାର ମହାନ୍ତି ଜୁଲାଇ ୧୧ ତାରିଖରେ ଯାଜପୁରରୋଡ ଏସଡିପିଓଙ୍କ ନିକଟରେ ଫେରାଦ ହେବା ସହିତ ଉକ୍ତ ଘଟଣାର ତଦନ୍ତରେ ଜେନାପୁର ଥାନା ପୋଲିସର ସଂଦେହ ଜନକ କାର୍ଯ୍ୟକୁ ନେଇ ଲିଖିତ ଭାବେ ଜଣାଇଁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି । ଏ ସମ୍ପର୍କରେ ଯାଜପୁରରୋଡ ଏସଡିପିଓଙ୍କୁ ପଚାରିବାରେ ତାଙ୍କୁ ଅଭିଯୋଗକାରୀଙ୍କ ଠାରୁ ଲିଖିତ ଅଭିଯୋଗ ମିଳିଛି ଓ ସେ ଏ ସମ୍ପର୍କରେ ଜେନାପୁର ଥାନା ଅଧିକାରୀଙ୍କୁ ଷ୍ଟାଟସ ରିପୋଟ ମାଗିଥିବା ପ୍ରକାଶ କରିଛନ୍ତି ।

## ନଗର ଯୁବ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ

କଟକ, (ସବ୍ୟୁ): କଟକ ନଗର ( ଜିଲ୍ଲା ) ଯୁବ କଂଗ୍ରେସ କମିଟିର କାର୍ଯ୍ୟକାରିଣୀ ବୈଠକ ସଭାପତି ଡ଼. ବିପ୍ଳବ ଶିଳାଦିତ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଦେଶର ବର୍ତ୍ତମାନର ବିଭିନ୍ନ ଜନସ୍ୱାର୍ଥ ସମ୍ପର୍କିତ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବୈଠକରେ ସମ୍ପ୍ରତି ଘଟୁଥିବା ପ୍ରଶ୍ନପତ୍ର ଲିକ୍ ଘଟଣା, ଦ୍ରବ୍ୟ ମୂଲ୍ୟ ବୃଦ୍ଧି, ବେକାରୀ ସମସ୍ୟା, ଏବଂ ଅଯୋଧ୍ୟା ରାମ ମନ୍ଦିର ଦାନ ଅର୍ଥରେ ହୋଇଥିବା କଥିତ ଦୁର୍ନୀତି ପ୍ରସଙ୍ଗକୁ ନେଇ କେନ୍ଦ୍ର ସରକାରଙ୍କ ଭୂମିକା ଉପରେ ଆଲୋଚନା ହୋଇଥିଲା । ବକ୍ତାମାନେ ଅଭିଯୋଗ କରିଥିଲେ ଯେ ପ୍ରଶ୍ନପତ୍ର ଲିକ୍ ଘଟଣାରେ ଦେଶର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ କ୍ଷତିଗ୍ରସ୍ତ ହୋଇଛି ଏବଂ କେନ୍ଦ୍ର ସରକାର ଏହାକୁ ରୋକିବାରେ ବିଫଳ ହୋଇଛନ୍ତି । ସେହିପରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସୁରକ୍ଷା ଦେବାକୁ କେନ୍ଦ୍ର ସରକାରଙ୍କ ଉଦ୍ୟମ ସାଧାରଣ ଜନତାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଥିବା ମତ ପ୍ରକାଶ ପାଇଥିଲା । ବୈଠକରେ ସୋନମ ୱାଙ୍ଗଚୁକ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ନେଇ ମଧ୍ୟ ଆଲୋଚନା କରାଯାଇଥିଲା । ଏହି ବୈଠକରେ ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ଗୋଛାୟତ, ଶିଶିର ରଥ, ରାଜକିଶୋର ସ୍ୱାଇଁ, ରଷି କାଣ୍ଡି, ଓଡ଼ିଶା ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଶିବ ଅଗ୍ରୱାଲ, ଛାତ୍ର ନେତା ଅର୍ଜିତ ରାଉତରାୟ, ହିତାଂଶୁ ସ୍ୱାଇଁ,



ଆଡଭୋକେଟ ଶୁଭରଞ୍ଜନ ରାଉତରାୟ, ବିକାଶ ମିଶ୍ର, ଫୈଜଲ ଅହମ୍ମଦଙ୍କ ସମେତ ବହୁ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ । ଶେଷରେ ଯୁବ କଂଗ୍ରେସ ସଂଗଠନକୁ ଆହୁରି ସୁଦୃଢ଼ କରିବା ସହ ଜନସାଧାରଣଙ୍କ ସମସ୍ୟାକୁ ରାଜପଥରୁ ସଂସଦ ପର୍ଯ୍ୟନ୍ତ ଉଠାଇବା ପାଇଁ ସର୍ବସମ୍ମତିକ୍ରମେ ସଂକଳ୍ପ ଗ୍ରହଣ କରାଯାଇଥିଲା ।

# ଦୁଇ ଦିବ୍ୟାଙ୍ଗ ପୁଅଙ୍କ ଚିକିତ୍ସା ପାଇଁ, ବିଧବା ମା'ର ଆକୁଳ ନିବେଦନ

ଭଞ୍ଜନଗର, (ସବ୍ୟୁ) : କ୍ୟାନ୍ସରରେ ଚାଲିଗଲା ସ୍ୱାମୀଙ୍କ ଜୀବନ । ଘରେ ଏବେ ଦୁଇ ଦିବ୍ୟାଙ୍ଗ ପୁଅ । ଜଣକୁ ୨୧, ଆରଜଣକୁ ୧୬ । ସେମାନେ ଏବେ ଶଯ୍ୟାଶାୟୀ । ଏହି ସମୟରେ ନିଜର ଅସହାୟତା ଏବଂ ଦୁଇ ପୁଅଙ୍କ ଚିକିତ୍ସା ଖର୍ଚ୍ଚ ପାଇଁ ସଂଘର୍ଷ କରୁଛନ୍ତି ବିଧବା ମା' । ପାଖରେ ସମ୍ବଳ ନାହିଁ । ସମସ୍ତେ କେମିତି ଚଳିବେ, ସେ ନେଇ ଭାଙ୍ଗିପଡିଛନ୍ତି ବିଧବା ସ୍ତ୍ରୀ ସଂଯୁକ୍ତା ଗୌଡ । ଜୀଇଁବା ପାଇଁ, ତିନି ତିନୋଟି ଜୀବନ କରୁଛନ୍ତି ସଂଘର୍ଷ। ଅସହାୟ ଅବସ୍ଥାରେ, ବିତୁଛି ଦିନ । ଭଞ୍ଜନଗର ବ୍ଲକ୍ ଅନ୍ତର୍ଗତ ବିରିପଦର ଗାଁରେ ରହୁଥିବା ଏଭଳି ଏକ ପରିବାରର କରୁଣ ପରିସ୍ଥିତି ଏବେ ନଜରକୁ ଆସିଛି । ଏହି ଗାଁର ବାସିନ୍ଦା ମନୋଜ ଗୌଡ । ଦୁଇ ପୁଅ ଏବଂ ସ୍ତ୍ରୀଙ୍କୁ ନେଇ ତାଙ୍କ ଅଭାବୀ ପରିବାର ହସଖୁସିରେ ଚାଲିଥିଲା । ଚାଷକାର୍ଯ୍ୟ କରି, ସେ ପରିବାର ଚଳାଉଥିଲେ । କାଳକ୍ରମେ ମନୋଜ କ୍ୟାନ୍ସରରେ ପୀଡ଼ିତ ହେଲେ । ଚିକିତ୍ସା ପାଇଁ



ଘରର ସବୁ ସମ୍ପତ୍ତି ସରିଲା । ଏହା ଭିତରେ ଜଣେ ପୁଅ ଧିରେଧିରେ ରୋଗାକ୍ରାନ୍ତ ହୋଇ ଦିବ୍ୟାଙ୍ଗ ପାଲଟିଗଲା । କିଛି ଦିନ ପରେ ମନୋଜଙ୍କ ଦେହାନ୍ତ ହେଲା । ପରବର୍ତ୍ତୀ ସମୟରେ ଆଉ ଗୋଟିଏ ପୁଅର ମଧ ଦିବ୍ୟାଙ୍ଗ ପାଲଟିଗଲା । ଧିରେ ଧିରେ ଦୁଇ ପୁଅ ଶଯ୍ୟାଶାୟୀ ହୋଇଗଲେ । ଘରେ ଆଉ ଯାହାଥିଲା, ସେତକ ବି ସରିଲା । ଯେଉଁ ବୟସରେ ଉଭୟ ପୁଅ, ଅସହାୟ ବିଧବା ମା'ର ସାହାଭରଷା ହେବାକଥା, ସେହି ବୟସରେ ଜୀବନ ଜୀଇଁବା ପାଇଁ ସଂଘର୍ଷ କରୁଛନ୍ତି ଦୁଇପୁଅ ମହେଶ୍ ଏବଂ ମୁକେଶ ।

ସରକାରୀ ସହାୟତା କହିଲେ, ଦୁଇ ପୁଅଙ୍କ ସମେତ ବିଧବା ମା' ଙ୍କୁ ମାସିକ ଭତ୍ତା ଏବଂ ପଞ୍ଚାୟତରୁ ଚାଉଳ ମିଳୁଛି । ରୋଜଗାର କିଛି ନଥିବାରୁ, ସେସବୁ ଔଷଧ ଖର୍ଚ୍ଚରେ ସରି ଯାଉଛି । କିନ୍ତୁ ଅର୍ଥାଭାବରୁ ଉନ୍ନତ ଚିକିତ୍ସା ହୋଇ ନପାରିବାରୁ, ଦିନକୁ ଦିନ ଦୁଇ ପୁଅଙ୍କ ଅବସ୍ଥା ଜଟିଳ ହେବାରେ ଲାଗିଛି । ଯଦି ଚିକିତ୍ସା ସୁବିଧା ମିଳେ, ତାହେଲେ ଦୁଇ ପୁଅ ସୁସ୍ଥ ହୋଇଯିବେ ବୋଲି, ବିଧବା ମା' ଆଶା ରଖିଛନ୍ତି । ଏଥିପାଇଁ ସେ ସରକାରଙ୍କୁ ନିବେଦନ କରିଛନ୍ତି ।

ଅନ୍ୟପକ୍ଷରେ ଗତ କିଛିମାସ ଧରି ଅଟକିଥିବା ଭତ୍ତା ଟଙ୍କାକୁ ତୁରନ୍ତ ପ୍ରଦାନ କରିବାକୁ ବ୍ୟବସ୍ଥା କରାଯାଉଛି ବୋଲି, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା କହିଛନ୍ତି । ଏବେ ଅପେକ୍ଷା ଭତ୍ତା ଏବଂ ଚାଉଳ ସହାୟତା ବ୍ୟତୀତ ଦୁଇ ଦିବ୍ୟାଙ୍ଗ ପୁଅଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା । ସେତକ ହେଲେ, ଦୁଇପୁଅ ସୁସ୍ଥ ହୋଇଯିବେ ବୋଲି ଆଶା ରଖିଛନ୍ତି, ମା' ସଂଯୁକ୍ତା ।

# ଯୁବତୀଙ୍କୁ ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କ ସହ ଦୀର୍ଘ ୫ ବର୍ଷ ଧରି ଶାରୀରିକ ସମ୍ପର୍କ ରଖିବା ଏବଂ ତାଙ୍କ ଖାଦ୍ୟରେ ଔଷଧ ମିଶାଇ ଦୁଇଥର ଗର୍ଭପାତ କରାଇବା ଅଭିଯୋଗରେ ଗୋଶାଣିନୂଆଗାଁ ଥାନା ପୋଲିସ ଜଣେ ଯୁବକଙ୍କୁ ବାନ୍ଧିଛି । ଅଭିଯୁକ୍ତ ଜଣଙ୍କ ପ୍ରଦୀପ ପରିଡା (୨୯) । ତାଙ୍କରି ନାମରେ ଗୋପାଳପୁର ଥାନାରେ ଏକ ମାମଲା ରହିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି ।

ବୁଧବାର ଉଭୟ ପୀଡିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମଇନା କରାଯାଇଛି । ସେହିପରି କୋର୍ଟରେ ପୀଡିତାଙ୍କ ବୟାନ ମଧ ରେକର୍ଡ କରାଯାଇଛି । ମାମଲା ନଂ ୨୭୪/୨୬ ରେ ଅଭିଯୁକ୍ତ ପ୍ରଦୀପଙ୍କୁ କୋର୍ଟ ଚାଲାଣ କରାଯାଇଛି । ପୋଲିସ ଅଭିଯୁକ୍ତଙ୍କ ଜୈବିକ ନମୁନା ଓ ପରିଧାନ କରିଥିବା ପୋଷାକ



ସହ ପୀଡ଼ିତାଙ୍କ ଜୈବିକ ନମୁନା ଓ ପରିଧାନ କରିଥିବା ପୋଷାକ ଜବତ କରି ଘଟଣାର ତଦନ୍ତ କରୁଛି ।

ଘଟଣାରୁ ପ୍ରକାଶ ଯେ, ଉକ୍ତ ପ୍ରଦୀପ ବିଭିନ୍ନ ହଷ୍ଟେଲକୁ ଖାଦ୍ୟ ଯୋଗାଣ କରନ୍ତି । ତାଙ୍କର ଏକ ଯୁବତୀ ସହ ସମ୍ପର୍କ ଗଢ଼ି ଉଠିଥିଲା । ସେ ଉକ୍ତ ଯୁବତୀଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ପ୍ରାୟ ୫ ବର୍ଷ ଧରି ଶାରୀରିକ ସମ୍ପର୍କ ରଖିଥିଲେ । ଏଥିସହ ତାଙ୍କ ସମ୍ମତି ବିନା ଖାଦ୍ୟରେ ଔଷଧ ମିଶାଇ ଦୁଇଥର ଗର୍ଭପାତ କରାଇଥିଲେ । ଯୁବତୀ ଜଣଙ୍କ ତାଙ୍କୁ ବିବାହ କରିବାକୁ ବାଧ କରିଥିଲେ । ଅଭିଯୁକ୍ତ ଜଣଙ୍କ ବିବାହ କରିବାକୁ ମନା କରିଦରିଥିଲେ । ଯାହାଫଳରେ ଯୁବତୀ ଜଣଙ୍କ ପ୍ରତାରଣାର ଶିକାର ହୋଇଥିବା ଜାଣି ଶେଷରେ ଥାନାରେ ଏନେଇ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ କରି ଉକ୍ତ ଅଭିଯୁକ୍ତଙ୍କୁ କାବୁ କରିଥିଲା ବୋଲି କହିଛି ।

## ଦୁର୍ଘଟଣାରେ ସୂଚନା ଅଧିକାର କର୍ମୀ ଆହତ

କଟକ, (ସ୍ୱପ୍ର) : କଟକ ସହରରେ ରାସ୍ତା କଡରେ ବାଲି ଜମାଟ ରହିବା ଓ ବର୍ଷା ସମୟରେ ରାସ୍ତାରୁ ଜଳ ନିଷ୍କାସନ ନହୋଇ ଜଳବନ୍ଦୀ ଯୋଗୁଁ ଗତ ୧୯ ତାରିଖରେ ବର୍ଷା ହେଉଥିବା ବେଳେ ଯୋବ୍ରା ମ୍ୟାରିଟାଇମ୍ ମ୍ୟୁଜିୟମ୍ୟ ରାସ୍ତାରେ ସୂଚନାଅଧିକାର କର୍ମୀ ଜିତେନ୍ଦ୍ର ସାହୁ ୨ଚକିଆ ଗାଡିରେ ଯାଉଥିବା ସମୟରେ ଏକ ଦୁର୍ଘଟଣା ଘଟି ଆହତ ହୋଇଛନ୍ତି । ତାଙ୍କ ଗୋଡହାତ, ଛାତିରେ ଆଘାତ ଲାଗିଥିବା ଯୋଗୁଁ ଚିକିତ୍ସିତ ହେଉଥିବା ଜଣାପଡିଛି । ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ରାସ୍ତାରୁ ବାଲି ସଫାକରିବା, ଖାଲଖମା ପୋତିବା ଓ ଜଳ ନିଷ୍କାସନ ବ୍ୟବସ୍ଥା କରାଯିବା ପାଇଁ କଟକ ମହାନଗର ନିଗମ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିତେନ୍ଦ୍ର ଅନୁରୋଧ କରିଛନ୍ତି ।

## ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ: ଜଣେ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ଟାଉନ୍ ଥାନା ପୋଲିସ ଜଣେ ଯୁବତୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ବ୍ରହ୍ମପୁର ଖଲା ସାହିର ବି. ମୋହନ କୁମାର (୩୮) । ପୋଲିସ ଘଟଣା ବେଳେ ବ୍ୟବହୃତ ହୋଇଥିବା ଏକ ବଜାଜ୍ ଆଭେଞ୍ଜର ମୋଟରସାଇକେଲ (ନମ୍ବର- ଓଡି ୦୭ ଏନ ୪୭୫୫) ଜବତ କରିଛି । କେସ୍ ନଂ-୩୨୦/୨୬ ରେ ତାଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି । ଜଣେ ୧୯ ବର୍ଷୀୟା ଯୁବତୀ ଉକ୍ତ ଥାନା ଅଞ୍ଚଳରେ ଥିବା ଏକ ଷ୍ଟେସନେରୀ ଦୋକାନରେ କାମ କରନ୍ତି । ଗତ ୧୬ ତାରିଖ ରାତି ପ୍ରାୟ ୯ଟା ୩୦ରେ ଦୋକାନ ବନ୍ଦ କରି ଯୁବତୀ ଜଣକ ଘରକୁ ଫେରୁଥିବା ସମୟରେ ଗିରିଜା ରେଷ୍ଟୁରାଣ୍ଟ ନିକଟରେ ଉକ୍ତ ଅଭିଯୁକ୍ତ ବାଇକରେ ଆସି ତାଙ୍କୁ ଅଟକାଇଥିଲେ । ଅଭିଯୁକ୍ତ ତାଙ୍କ ମୋବାଇଲ ନମ୍ବର ମାଗିଥିବା ବେଳେ ଯୁବତୀ ଜଣକ ଦେବାକୁ ମନା କରିଥିଲେ । ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ହାତ ଧରି ଟଣାଓଟରା କରି ଅସଦାଚରଣ କରିଥିଲେ । ସମାଜରେ ତାଙ୍କର ମର୍ଯ୍ୟାଦା ହାନି ଘଟିଥିଲା । ପରେ ପୀଡିତା ଜଣଙ୍କ ଏନେଇ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ କରି ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଜରିଆରେ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଆଜି ତାଙ୍କୁ କାବୁ କରିଥିଲା ।

# ଆଦାନୀ ଫାଉଣ୍ଡେସନ ଓ କାନାରା ବ୍ୟାଙ୍କ ପକ୍ଷରୁ ଆର୍ଥିକ ସାକ୍ଷରତା ସଚେତନତା

ଛତ୍ରପୁର, (ସବ୍ୟୁ) : ଗୋପାଳପୁର ବନ୍ଦରର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅନ୍ତର୍ଗତ ଆଦାନୀ ଫାଉଣ୍ଡେସନ ଓ କାନାରା ବ୍ୟାଙ୍କ, ଛତ୍ରପୁର ଶାଖାର ମିଳିତ ସହଯୋଗରେ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଉତ୍ପାଦକ ଗୋଷ୍ଠୀର ସଦସ୍ୟମାନଙ୍କ ପାଇଁ ଏକ ଆର୍ଥିକ ସାକ୍ଷରତା ସଚେତନତା କାର୍ଯକ୍ରମ ଆୟୋଜିତ ହୋଇଯାଇଛି ।

ଉଲ୍ଲେଖଯୋଗ୍ୟ ଯେ, ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତରେ ପ୍ରାୟ ୧୦୫ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କାର୍ଯ୍ୟରତ ଥିବାବେଳେ ସେଥିରେ ୧୨୦୦ରୁ ଅଧିକ ମହିଳା ସଦସ୍ୟ ସାମିଲ ଅଛନ୍ତି । ଏହି କାର୍ଯ୍ୟକ୍ରମରେ ଆଦାନୀ ଫାଉଣ୍ଡେସନର ପୂର୍ବାଞ୍ଚଳ ମୁଖ୍ୟ ଶ୍ରୀ ଜୟନ୍ତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ଗୋପାଳପୁର ବନ୍ଦର ପାଶ୍ୱର୍ବର୍ତ୍ତୀ




ଅଞ୍ଚଳର ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ଓ ସ୍ୱାବଲମ୍ବନ ଆଦାନୀ ଫାଉଣ୍ଡେସନର ଅନ୍ୟତମ ପ୍ରମୁଖ ଲକ୍ଷ୍ୟ । ଏଭଳି ଆର୍ଥିକ ସ୍ୱାକ୍ଷରତା କାର୍ଯ୍ୟକ୍ରମ ମାଧ୍ୟମରେ ମହିଳାମାନେ ସଞ୍ଚୟ, ବିନିଯୋଗ, ଋଣ ପରିଚାଳନା ଏବଂ ସୁରକ୍ଷିତ ଆର୍ଥିକ ଯୋଜନା ସମ୍ପର୍କରେ ସଚେତନ ହୋଇ ଏକ ସ୍ଥାୟୀ ଓ ସୁରକ୍ଷିତ ଭବିଷ୍ୟତ ଗଢ଼ିପାରିବେ । ଏହା ସହ ଏହି ଅଞ୍ଚଳରୁ ଅଧିକରୁ ଅଧିକ ମହିଳା ଉଦ୍ୟୋଗୀ ସୃଷ୍ଟି ହେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । କାନାରା ବ୍ୟାଙ୍କ ପକ୍ଷରୁ ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ସେଖ ମେହବୁବ, ଛତ୍ରପୁର ଶାଖା ପରିଚାଳିକା ଦିବ୍ୟସ୍ମିତା ମହାରଣା, ଏଫ୍ଆଇ ବିଭାଗର ଅଧିକାରୀ ରବି ନାରାୟଣ ମୋହିନୀ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ ଆର୍ଥିକ ଯୋଜନା, ବ୍ୟାଙ୍କ ଋଣ ସୁବିଧା, ସଞ୍ଚୟର ଗୁରୁତ୍ୱ, ଋଣର ସଠିକ୍ ପରିଚାଳନା ଓ ସମୟାନୁବର୍ତ୍ତୀ ପରିଶୋଧ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ ।

ଏଥିସହ ଅନଲାଇନ୍ ଓ ଡିଜିଟାଲ ଠକେଇରୁ କିପରି ସତର୍କ ରହିବା ଏବଂ ସୁରକ୍ଷିତ ଡିଜିଟାଲ ବ୍ୟାଙ୍କିଂ ବ୍ୟବହାର ସମ୍ପର୍କରେ ମଧ ମହିଳାମାନଙ୍କୁ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଏ. କବିତା କହିଥିଲେ ଯେ, ପୂର୍ବରୁ ଋଣ ସମ୍ବନ୍ଧୀୟ ସୂଚନା ଓ ଆବଶ୍ୟକ କାଗଜପତ୍ର ବିଷୟରେ ଜାଣିବା ପାଇଁ ବାରମ୍ବାର ବ୍ୟାଙ୍କକୁ ଯିବାକୁ ପଡୁଥିଲା । ଆଜି ବ୍ୟାଙ୍କ ନିଜେ ଗ୍ରାମକୁ ଆସି ବିଭିନ୍ନ ସରକାରୀ ଯୋଜନା, ଋଣ ସୁବିଧା ଓ ଆର୍ଥିକ ପରିଚାଳନା ସମ୍ପର୍କରେ ସରଳ ଭାବରେ ଅବଗତ କରାଇଛି। ଏଭଳି ଉପଯୋଗୀ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ସେ ଆଦାନୀ ଫାଉଣ୍ଡେସନ ଓ କାନାରା ବ୍ୟାଙ୍କକୁ ଧନ୍ୟବାଦ ଜଣାଇଥିଲେ। ଗୋପାଳପୁର ବନ୍ଦରର ସାମାଜିକ ଦାୟିତ୍ୱବୋଧ ବିଭାଗ ମୁଖ୍ୟ ଦେବଦତ୍ତ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ୫୫ ନମ୍ବର ଜାତୀୟ ରାଜପଥରେ ମର୍ମନ୍ତୁଦ ଦୁର୍ଘଟଣା

# ଇନୋଭା-ସ୍କୁଟି ମୁହାଁମୁହିଁ : ୨ ମୃତ, ଜଣେ ଗୁରୁତର



ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ୫୫ ନମ୍ବର ଜାତୀୟ ରାଜପଥର ନିରୁପମା ହୋଟେଲ ନିକଟରେ ଏକ ମର୍ମନ୍ତୁତ ଦୁର୍ଘଟଣା ଘଟିଛି । ଏକ ଇନୋଭା କାର ସହିତ ସ୍କୁଟି ମୁହାଁମୁହିଁ ଧକ୍କା ହେବା ଫଳରେ ୨ ଜଣ ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି ।

ଟାଉନ ଥାନା ଅନ୍ତର୍ଗତ ୫୫ ଜାତୀୟ ରାଜପଥ ମହିଷାପାଟ ନିରୁପମା ହୋଟେଲ ନିକଟରେ ଏକ ଇନୋଭା କାର ନମ୍ବର ଓଆର୦୫ଏୟୁ୦୦୨୨ ଦୃତ ଗତିରେ ଯାଉଥିବା ବେଳେ ବିପରୀତ ଦିଗରୁ ଏକ ସ୍କୁଟିରେ ତିନି ଜଣ ବସି ଆସୁଥିବା ବେଳେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଏହି ଦୁର୍ଘଟଣାରେ ସ୍କୁଟିରେ ଥିବା ୩ ଜଣଙ୍କ ମଧ୍ୟରୁ ୨ଜଣ ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ଗଁଦିଆ ବ୍ଲକ ଯୋରନ୍ଦା ଥାନା ଅନ୍ତର୍ଗତ କାବରା ଗ୍ରାମର ବିଶ୍ୱଜିତ୍ ଦାଶ ଗୁରୁତର ହୋଇଥିବାର ଜଣାପଡିଚି । ସ୍କୁଟିରେ ଯାଉଥିବା ଅନ୍ୟ ଦୁଇଜଣଙ୍କ ପରିଚୟ ମିଳିପାରିନାହିଁ । ଗୁରୁତର ବିଶ୍ୱଜିତକୁ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି ।

## ଡିଭାଇନ୍‌ରେ ଟାଟା ପାୱାର ଦ୍ୱାରା ଶିକ୍ଷାନବିଶ ଚୟନ




ବାରିପଦା, (ସବ୍ୟୁ) : ବାରିପଦା ସହରରେ ଅବସ୍ଥିତ ଡିଭାଇନ୍ ଡିଭାଇନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲଜିରେ ଜୁଲାଇ ୨୧ତାରିଖ ଦିନ ଟାଟା ପାୱାର ଦ୍ୱାରା ଶିକ୍ଷାନବିଶ ଚୟନ କରାଯାଇଥିଲା । ଉତ୍ତର ଓଡିଶା ମଣ୍ଡଳର ମାନବ ସମ୍ବଳ ତଥା ପ୍ରଶାସନିକ ପରିଚାଳନା ମୁଖ୍ୟ ଆନନ୍ଦ ଗୌରବ ଚାଟାର୍ଜୀ ଓ ବରିଷ୍ଠ ମାନବ ସମ୍ବଳ ଅଧିକାରୀ କିରଣ ସିଂ ଉପସ୍ଥିତ ରହି ଏଲେକଟିକାଲ୍ ଇଞ୍ଜିନିୟରିଂ ବିଭାଗରେ ଡିପ୍ଲୋମା ପାସ୍ କରିଥିବା ଛାତ୍ର ମାନଙ୍କ ସହିତ ଦୀର୍ଘ ସମୟ ଆଲୋଚନା କରିବାସହ କମ୍ପାନୀର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ବ୍ୟକ୍ତିଗତ ସାକ୍ଷାତକାର ପରେ ଚୟନ ହୋଇଥିଲେ ୧୯ଜଣ ଛାତ୍ର । ଯେଉଁ ଛାତ୍ରମାନେ ଚୟନ ପ୍ରକ୍ରିୟାରେ ଉତ୍ତୀର୍ଣ୍ଣ ହେଲେ, ସେମାନେ ସମସ୍ତେ ନିଜ ଘର ଠାରୁ ମାତ୍ର କୋଡିଏ କିଲୋମିଟର ଦୁରତ୍ୱ ମଧ୍ୟରେ କାମ କରିବେ ଏବଂ ଏକ ବର୍ଷ ସନ୍ତୋଷ ଜନକ ପ୍ରଦର୍ଶନ ପରେ କମ୍ପାନୀ ଦ୍ୱାରା ସେମାନେ ସ୍ଥାୟୀ କର୍ମଚାରୀ ଭାବେ ଯୋଗ ଦେବାର ସୁଯୋଗ ଉନ୍ମୁକ୍ତ ହେବ ।

ଏ ସମସ୍ତ ଛାତ୍ରଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ ଡିଭାଇନ୍ ଗ୍ରୁପ୍‌ର ନିର୍ଦ୍ଦେଶକ ତଥା ଟ୍ରଷ୍ଟି ଇଂ. ବିପ୍ଲବ ଭଞ୍ଜନ ବୁଗୁଡାଇ ଓ ଏହି ପ୍ରକ୍ରିୟାରେ ଆହୁରି ସାମିଲ ହେବା ପାଇଁ ପରାମର୍ଶ ଦେଇଥିଲେ ନିର୍ଦ୍ଦେଶକ ଇଂ. ଗୌରବ ବୁଗୁଡାଇ । ପ୍ରଶିକ୍ଷଣ ଏବଂ ନିଯୁକ୍ତି ଅଧିକାରୀ ଇଂ. ଆଶୀର୍ବାଦ ସ୍ୱାଇଁ ଓ ଇଲେକଟ୍ରିକାଲ ଇଞ୍ଜିନିୟରିଂ ବିଭାଗର ସମସ୍ତ ଅଧ୍ୟାପକ ଏବଂ ଅଧ୍ୟାପିକା ଏ ଚୟନ ପ୍ରକ୍ରିୟାକୁ ସୂଚାରୁ ରୂପରେ ପରିଚାଳନା କରିଥିଲେ ଏବଂ ଅଧକ୍ଷ ଇଂ. ଅଭିନ୍ନ କୁମାର ଦାସଙ୍କର ତତ୍ତ୍ୱାବଧାନରେ ଏହା ସମାପ୍ତ ହୋଇଥିଲା ।

## ବୁଗୁଡ଼ାରେ ପୁଣି ସକ୍ରିୟ ସାଇକେଲ ଓ ବାଇକ ଚୋର

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ଥାନା ଅଞ୍ଚଳରେ ପୁଣି ମାତିଲେ ସାଇକଲ ଓ ବାଇକ ଚୋର । ପୋଲିସର ନିଷ୍କ୍ରିୟତାର ସୁଯୋଗ ନେଇ ସକ୍ରିୟ ଥିବା ସାଇକେଲ ଚୋରଙ୍କ ଅଭିଯାନ ଏବେ ସହରାଞ୍ଚଳରେ ବୃଦ୍ଧି ପାଇଛି । ଗତ ସୋମବାର ସନ୍ଧ୍ୟା ସମୟରେ ମେଡିକାଲ ଛକ ନିକଟରୁ ଏକ ସାଇକଲ ଚୋରି ହୋଇଯାଇଛି । ଭାମଶ୍ୟାଳି କରଣସାହିର ସୀମା ନାହାକ ବୁଗୁଡ଼ା ମେଡିକାଲ ଛକରେ ରହୁଥିବା ଜଣଙ୍କ ଘରକୁ ଆସିଥିଲେ । ସେ ଘର ବାହାରେ ସାଇକଲ ରଖି ଘର ଭିତରକୁ ଯାଇ ୫ ମିନିଟ ପରେ ବାହାରକୁ ଆସି ଦେଖିଲା ବେଳକୁ ତାଙ୍କ ସାଇକଲ ଆଉ ନଥିଲା । ଚୋରିର ଦୃଶ୍ୟ ସେଠାରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି ଏବଂ ଏହାକୁ ସୋସିଆଲ ମିଡ଼ିଆରେ ଭାଇରଲ କରାଯାଇଥିଲେ ହେଁ ଏଯାଏଁ ଚୋର ଧରା ପଡିନି । ବୁଗୁଡା ସହରର ବିଭିନ୍ନ ମାର୍କେଟ୍ କମ୍ପ୍ଲେକ୍ସ ଏବଂ କୋଚିଂ ସେଣ୍ଟର ଆଦି ସ୍ଥାନରୁ ଅନେକ ସାଇକେଲ ଚୋରି ହୋଇଥିଲା ବେଳେ ଏଇ କିଛି ମାସ ତଳେ କାଦପଡା ଗ୍ରାମର ୨ ଛାତ୍ରୀ ସପନା ସ୍ୱାଇଁଙ୍କ ସାଇକେଲ ଷ୍ଟେଟ ବ୍ୟାଙ୍କ ସମ୍ମୁଖରୁ ଏବଂ ଗୋଳାବନ୍ଧ ଗ୍ରାମର ପିଙ୍କି ଭୂୟାଁଙ୍କ ସାଇକେଲ ବ୍ଲକ ଛକରୁ, କଣଛାଇ ଗ୍ରାମର ଶିବାନୀ ବିଷୋୟୀଙ୍କ ସାଇକେଲ ବୁଗୁଡା ବଜାରରୁ ଚୋରି ହୋଇଯାଇଥିବା ବେଳେ ନାରାୟଣ ଜେନାଙ୍କ ସାଇକେଲଟି ଏକ ଡ୍ରାଇଫୁଡ୍ ଦୋକାନ ସମ୍ମୁଖରୁ ଚୋରି ହୋଇଯାଇଥିବା ଜଣା ପଡିଛି । ଅନ୍ୟପକ୍ଷରେ ନିରଞ୍ଜନ ମହାରଣାଙ୍କ ବୁଲେଟ୍ ଗାଡିଟି ନୃସିଂହ ମନ୍ଦିର ସାହିରୁ ତାଙ୍କର ଶଶୁର ଘର ସାମ୍ନାରୁ ତଳଦିନେ ଚୋରି ହୋଇଥିବା ଅଭିଯୋଗ ହୋଇଛି । ପୋଲିସର ଅପାରଗତାରୁ ବୁଗୁଡା ସହରରେ ସାଇକେଲ ଚୋରି ଏକ ସାଧାରଣ ଘଟଣା ପାଲଟିଥିବା ବେଳେ ଲୋକଙ୍କ ମଧ୍ୟରେ ପୋଲିସ ପ୍ରତି ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ କେତେକ ସାଇକେଲ ଚୋରି ଘଟଣାର ଦୃଶ୍ୟ ମଧ ସିସିଟିଭି କ୍ୟାମେରାରେ ରହିଥିଲେ ମଧ ଚୋରକୁ ଧରିବା ପାଇଁ ପୋଲିସ ତତ୍ପରତା ଦେଖାଉ ନଥିବା ସାଧାରଣରେ ଆଲୋଚନା ହେଉଛି । ସଂପ୍ରତି ସହରରେ ସାଇକେଲ ଚୋରଙ୍କ ସକ୍ରିୟତା ଏବଂ ପୋଲିସର ନିଷ୍କ୍ରିୟତା ଯୋଗୁଁ ଲୋକଙ୍କ ମଧ୍ୟରେ ଭାଳେଣି ପଡିଯାଇଛି । ତେବେ ବୁଗୁଡା ଅଞ୍ଚଳରେ ଜାରି ରହିଥିବା ଏଭଳି ଘନ ଘନ ସାଇକେଲ ଚୋରି ଭଳି ଅପରାଧିକ ଘଟଣାକୁ ପ୍ରତିହତ କରିବା ଦିଗରେ ପୋଲିସ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦୃଢ ଦାବି ହେଉଛି ।

## ଯୁବକଙ୍କୁ ଆକ୍ରମଣ, ଜଣେ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଜଣେ ଯୁବକଙ୍କୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ ଅଭିଯୋଗରେ ବଡ଼ବଜାର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ସେ ହେଉଛନ୍ତି ଆକାଶ ଦାସ ଓରଫ୍ ଗଣ୍ଡୁ (୨୬) । କେସ୍ ନମ୍ବର ୫୩୭/୨୬ ରେ ତାଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ମଙ୍ଗଳବାର ରାତି ପ୍ରାୟ ୧୦ଟା ସମୟରେ ଶଙ୍କର ଚରଣ ଡାକୁଆ ନିଜ ମୋଟରସାଇକେଲରେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ସୁକୁଣ୍ଡା ମୁଖ୍ୟ ରାସ୍ତାର କୋରାବନ୍ଧ, ବାଉରୀ ସୁକୁଣ୍ଡା ନିକଟରେ ଦୁଇଜଣ ଯୁବକ ତାଙ୍କୁ ଅଟକାଇଥିଲେ । ସେମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ ଉଦ୍ଦେଶ୍ୟରେ ପଥର ଓ ମଦ ବୋତଲ ଫିଙ୍ଗିଥିଲେ । ଜୀବନ ବଞ୍ଚାଇବା ପାଇଁ ଅଭିଯୋଗକାରୀ ନିଜ ମୋଟରସାଇକେଲ ଛାଡ଼ି ଦୌଡ଼ି ପଳାଇଥିଲେ । ଅଭିଯୁକ୍ତମାନେ ତାଙ୍କ ପଛରେ ଗୋଡ଼ାଇ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଆକାଶ ଦାସ ଓରଫ ଗଣ୍ଡୁଙ୍କୁ କାବୁ କରିଥିଲା ।

## ମୟୂରଭଞ୍ଜ ଶାଖା ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର

ବାରିପଦା, (ସବ୍ୟୁ) : ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଙ୍ଘ, ମୟୂରଭଞ୍ଜ ଶାଖା ତରଫରୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କୁ ପ୍ରଦାନ କରାଯାଇଛି। ସମସ୍ତଙ୍କ ପାଇଁ "ଜ୍ଞାନୋଦୟ ଶିକ୍ଷାରୁ ସମୃଦ୍ଧି ଯୋଜନାର ସଫଳ ରୂପାୟନ ନିମନ୍ତେ ବେସରକାରୀ ମହାବିଦ୍ୟାଳୟ ମାନଙ୍କରେ ୨୦୦୮ ମସିହା ପରେ ନିଯୁକ୍ତି ପାଇଥିବା ଅଧ୍ୟାପକ କର୍ମଚାରୀମାନଙ୍କ ପାଇଁ ଅନୁଦାନ ନୀତି ୨୦୦୮ - ୨୦୧୮ ପ୍ରଣୟନ ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି।

ମୁଖ୍ୟମନ୍ତ୍ରୀ ପୂର୍ବରୁ ଏକ ଉଚ୍ଚସ୍ତରୀୟ କମିଟିର ଘୋଷଣା କରି ୬ମାସ ମଧ୍ୟରେ ରିପୋର୍ଟ ପ୍ରଦାନ କରିବା ପାଇଁ ଆଦେଶ



ଦେଇଥିଲେ। କମିଟି ଜୁନ ମାସରେ ରିପୋର୍ଟ ପ୍ରଦାନ କରିସାରିଥିଲେ ମଧ ଏହାକୁ କାର୍ଯ୍ୟକାରୀ ପରିବର୍ତ୍ତେ କେଜିରୁ ପିଜି ନିଃଶୁଳ୍କ ଶିକ୍ଷା ପ୍ରଦାନ ବ୍ୟବସ୍ଥା ପ୍ରଣୟନ କରିଛନ୍ତି। ଯଥାଶୀଘ୍ର ଅଧ୍ୟାପକ କର୍ମଚାରୀ ମାନଙ୍କୁ ଅନୁଦାନ ପରିସରଭୁକ୍ତ କରିବାକୁ ଦାବି କରାଯାଇଛି। ମୌସୁମୀ ଅଧିବେଶନ ପୂର୍ବରୁ ନୂତନ ଅନୁଦାନ ନୀତି ଘୋଷଣା ନକଲେ ସଙ୍ଘ ଆନ୍ଦୋଳନ ପନ୍ଥାକୁ ଆପଣେଇବା ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଚେତାବନୀ ଦେଇଛି।


ଏହି ଦାବିପତ୍ର ପ୍ରଦାନରେ ଅଧ୍ୟାପକ ଡ଼ଃ ପ୍ରୀତମ ପଣ୍ଡା, ରାଜୀବ କୁମାର ଗିରି, ଅଶ୍ୱନୀ କୁମାର ଘୋଷ, ଉଦିତ କୁମାର ମିଶ୍ର, ବାପୁନ ଘୋଷ, ଦିପ୍ତେନ୍ଦୁ ମହାନ୍ତ ଓ ଶ୍ରଦ୍ଧାନନ୍ଦ ସାହୁ ପ୍ରମୁଖ ମିଳିତ ଭାବେ ଦାବିପତ୍ର ପ୍ରଦାନ କରିଥିଲେ।

## ଉଦଳା ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟରେ ଦୁର୍ନୀତି

# ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରିଲା ଭଞ୍ଜସେନା

ବାରିପଦା, (ସବ୍ୟୁ) : ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡ ସ୍ଥିତ ଉଦଳା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କାର୍ଯ୍ୟାଳୟ ଅଧୀନସ୍ଥ ବରିଷ୍ଠ ଅଧିକାରୀଙ୍କ ଠିକାଦାର ମାନଙ୍କ ସହିତ ମଧୁଚନ୍ଦ୍ରିକା ଯୋଗୁଁ ସରକାରୀ ଅର୍ଥର ବ୍ୟାପକ ହେରଫେର ହେବା ସହିତ ଉଭୟ ଏସ୍ଆର, ଆଓ୍ୱାର୍ଡ କାର୍ଯ୍ୟ କିଛି କିଛି ଜାଗାରେ ନହୋଇ ମଧ ବିଲ ବାବଦକୁ ଅର୍ଥ ଠିକାଦାରଙ୍କୁ ପୈଠ କରାଯିବା ସହିତ ଛୋଟ ବଡ ଟେଣ୍ଡର କାର୍ଯ୍ୟ ଗୁଡିକ ନିୟମାନୁଯାୟୀ ମଧ ହେଉନାହିଁ ଏବଂ ସେଗୁଡିକୁ ଯନ୍ତ୍ରୀମାନଙ୍କ ଦ୍ୱାରା ଉପଯୁକ୍ତ ଭାବେ ତଦାରଖ ନହୋଇ ମଧ ବିଲ ପୈଠ କରାଯାଉଅଛି । ଏଭଳି ଦୁର୍ନୀତି ବାବଦରେ ବିଭାଗର ବରିଷ୍ଠ ଅଧିକାରୀ ମାନଙ୍କୁ ବାରମ୍ବାର ଅବଗତ କରୁଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ ।

ଦୁର୍ନୀତି ହୋଇଥିବା କାର୍ଯ୍ୟ ଅଭିଯୋଗ ଚିଠା ଏବଂ ନିର୍ଦ୍ଦିଷ୍ଟ ଭାବେ ଜୈନିକ ଯନ୍ତ୍ରୀ ଯିଏ କି ଅଳ୍ପ କିଛିଦିନ ସେହି ଅଞ୍ଚଳର ଯନ୍ତ୍ରୀ ସହିତ ଏସଡିଓ ଭାବେ



ମଧ ଦାୟିତ୍ୱରେ ଥିଲେ ଏବଂ ସେହି କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀଙ୍କର ସହିତ ମିଶି ବିଭାଗରେ ଦିଶାହୀନ କାର୍ଯ୍ୟ ଏବଂ ଦୁର୍ନୀତିକୁ ଯେଉ ପ୍ରଶ୍ରୟ ଦେଇ ଚାଲିଥିଲେ ସେବାବଦରେ ମଧ ଲିଖିତ ଭାବେ କପ୍ତିପଦା ଉପଖଣ୍ଡ ପ୍ରଶାସନ ଜରିଆରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଭୁବନେଶ୍ୱର ସ୍ଥିତ ବରିଷ୍ଠ ପଠାଇଥିଲେ। ଗତ ଆର୍ଥିକ ବର୍ଷରେ ଉଦଳା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କର ଅଫିସ ଦ୍ୱାରା ସମ୍ପାଦିତ ହୋଇଥିବା ଏସ୍ଆର ଏବଂ ଆୱାର୍ଡ କାର୍ଯ୍ୟ ସମୂହର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଉ, ମହିଷାସୁରୀ-ପଦ୍ମପୋଖରୀ ଏବଂ ଉଦଳା-ଦୁଗଧା-କୁଣ୍ଡାବାଇ (ମୁଖ୍ୟମନ୍ତ୍ରୀ ସଡକ ଯୋଜନା) କାର୍ଯ୍ୟ ଗୁଡିକରେ ବ୍ୟବହୃତ ହେଉଥିବା ସମସ୍ତ ସମାଗ୍ରୀ ଗୁଡ଼ିକରମାନ ତଦାରଖ କରିବା ସହିତ ବିଭାଗ ସହିତ ଚୁକ୍ତିକୁ ସମ୍ପୂର୍ଣ୍ଣ ଭାବେ ଉଲ୍ଲଙ୍ଘନ କରି ଲାଭ ପାଇବା ଆଶାରେ ହେଉଥିବା କାର୍ଯ୍ୟକୁ ଚୁକ୍ତି ନିୟମ ଅନୁଯାୟୀ କରାଯାଉ, ଉଦଳା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ମାନଙ୍କ ବେଆଇନ ସମ୍ପତ୍ତିର ଠିକ୍ ଆକଳନ କରିବା ସହିତ ଚାଲୁ ରହିଥିବା ଦୁର୍ନୀତିର ତଦନ୍ତ ରାଜ୍ୟ ଭିଜିଲାନ୍ସ ବିଭାଗକୁ ହସ୍ତାନ୍ତର କରାଯାଉ, ଦୁର୍ନୀତିକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବା ସହିତ ଦୁର୍ନୀତିଗ୍ରସ୍ତ ଅଧିକାରୀ ମାନଙ୍କୁ କଠୋର କାର୍ଯ୍ୟାନୁଷ୍ଠାନ ନେବାର ପ୍ରତିଶ୍ରୁତି ଦେଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଆମ୍ଭେ ଦେଇଥିବା ଅଭିଯୋଗ ବାବଦରେ ଯଥାଶୀଘ୍ର ସଠିକ ଭାବରେ ତଦନ୍ତ କରି ଦୋଷୀଙ୍କର ବିରୁଦ୍ଧରେ ମଧ କଠୋର ପଦକ୍ଷେପ ଗ୍ରହଣ ନକରିଲେ ଉଦଳା ସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କର କାର୍ଯ୍ୟାଳୟ ଘେରାଉ କରିବାର ଘୋଷଣା ଅନୁଯାୟୀ ବୁଧବାର ଭଞ୍ଜସେନା କପ୍ତିପଦା ଉପଖଣ୍ଡ ଶାଖା ସଭାପତି ରାକେଶ ପଣ୍ଡାଙ୍କର ନେତୃତ୍ୱରେ ପ୍ରବଳ ବର୍ଷା ସତ୍ତ୍ୱେ ବିଭିନ୍ନ ସ୍ଲୋଗାନ ଦେଇ ଘେରାଉ କାର୍ଯ୍ୟକ୍ରମ କରାଯାଇଥିଲା ।

ତା'ସତ୍ତ୍ୱେ ଯଦି ଯଥାଶୀଘ୍ର ଏହା ଉପରେ ତଦନ୍ତ କରି ଦୋଷୀଙ୍କର ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଆଗାମୀ ଅଗଷ୍ଟ ମାସ ୧୨ତାରିଖ ବୁଧବାର ଦିନ ଗ୍ରାମ୍ୟ ଉନ୍ନୟନ ବିଭାଗ ବାରିପଦା ସ୍ଥିତ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କର କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସଂଗଠନ ପକ୍ଷରୁ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଯାଇଛି। ଆଜିର ଏହି ଘେରାଉ କାର୍ଯ୍ୟକ୍ରମରେ ଜିଲ୍ଲା ଛାତ୍ର ଶାଖା ସଭାପତି ଦିପକ କୁମାର ବେହେରା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ରବିନ୍ ମହାନ୍ତି, ରୁଦ୍ର ନାରାୟଣ ପଟ୍ଟନାୟକ, ହରିଆ ଶିଆଳ, କିଶୋର ପୃଷ୍ଟି, ପଦ୍ମପ୍ରିତମ୍ ରଣା, ଦିପକ୍ ନାୟକ, ଅର୍ଜୁନ ମୁର୍ମୁ, ସୁନାରାମ ମୁର୍ମୁ, ରୋହିତ୍ ବେହେରା, ବିକାଶ ବେହେରା, ସାୟାର ମଣ୍ଡଳ, ଶୁଭେନ୍ଦୁ ଭକ୍ତା, ରତନ ମହାକୁଡ଼, ପ୍ରମୋଦ ବେହେରା, ସୁମନ୍ତ ବେହେରା, କିଶୋର ବେହେରା, ଶୁକଦେବ ଧଳା, ମୁରଲୀଧର ବିଶ୍ୱାଳ, ଆମ୍ରିତ୍ ସାହୁ, ବୁନା ଟୁଡୁ ଓ ନିତ୍ୟାନନ୍ଦ ସିଂ ପ୍ରମୁଖଙ୍କ ସମେତ ଉପଖଣ୍ଡର ବହୁ ସଂଖ୍ୟାରେ ଯୁବଛାତ୍ର ସଂଗଠକ ସାମିଲ ଥିଲେ ।

# ଆଡ଼ପ ମଣ୍ଡପରେ ଜଗନ୍ନାଥଙ୍କୁ ପୋଡ ପିଠା ଲାଗି



ଭବାନୀପାଟଣା, (ସବ୍ୟୁ): ଜଗନ୍ନାଥ ସଂସ୍କୃତିରେ ରଥଯାତ୍ରା ଅବସରରେ ଚତୁର୍ଦ୍ଧା ମୂର୍ତ୍ତି ଆଡ଼ପ ମଣ୍ଡପ ଜନ୍ମବେଦୀରେ ଥିବା ସମୟରେ ଗୁଣ୍ଡିଚା ମାଉସୀଙ୍କ ଦ୍ୱାରା ଶ୍ରୀ ଜୀଉ ମାନଙ୍କୁ ପୋଡ ପିଠା ଭୋଗ ଲାଗି କରାଯିବା ପରମ୍ପରା ରହିଛି। ବୁଧବାର ଆଡ଼ପ ମଣ୍ଡପରେ ଜଗନ୍ନାଥ ପର୍ଶୁରାମ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଥିବା ବେଳେ ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ଜଗନ୍ନାଥଙ୍କୁ ୨୭ ଟି ପୋଡ ପିଠା ଓ ଛେନା ପୋଡ ଭୋଗ ଲାଗି କରାଯାଇଛି। ବ୍ରାହ୍ମଣ ସମାଜ କଳାହାଣ୍ଡିର ମହିଳା ଶାଖା ପ୍ରଜ୍ଞା ବାହିନୀର ଭଉଣୀ ମାନେ ନିଜ ନିଜ ଘରେ ସୁଦ୍ଧପୁତ ଭାବରେ ଜଗନ୍ନାଥଙ୍କ ନିମନ୍ତେ ପୋଡ ପିଠା ତିଆରି କରି ବୁଧବାର ଦିନ ୧୧ ଟାରେ ମାଉସୀ ମନ୍ଦିର ପହଞ୍ଚିଥିଲେ। ଜଗନ୍ନାଥଙ୍କୁ ସମସ୍ତ ପୋଡପିଠା ଲାଗି କରିବା ପରେ ବ୍ରାହ୍ମଣ ସମାଜ ପକ୍ଷରୁ ମାଉସୀ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ ମାନଙ୍କୁ ପ୍ରଜ୍ଞା ବାହିନୀର ଭଉଣୀ ମାନେ ପୋଡ ପିଠା ଭୋଗ ବଣ୍ଟନ କରିଥିଲେ। ଜଗନ୍ନାଥ ମହାପ୍ରଭୁଙ୍କ ମାଉସୀ ଭୂମିକାରେ ପୋଡ ପିଠା ତିଆରି କରି ଶ୍ରୀ ଜୀଉ ମାନଙ୍କୁ ଅର୍ପଣ କରିବା ସୌଭାଗ୍ୟ ପାଇ ଆମେ ନିଜକୁ ଧନ୍ୟ ମନେ କରୁଛୁ ଓ ପ୍ରତି ବର୍ଷ ରଥ ଯାତ୍ରା ଅବସରରେ ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ଜଗନ୍ନାଥଙ୍କୁ ପୋଡ ପିଠା ଭୋଗ ଲାଗି କରାଯିବ ବୋଲି ଭାବ ବିହ୍ୱଳ ହୋଇ ପ୍ରଜ୍ଞା ବାହିନୀର ଭଉଣୀ ମାନେ ପ୍ରକାଶ କରିଥିଲେ। ବ୍ରାହ୍ମଣ ସମାଜ କଳାହାଣ୍ଡିର ବରିଷ୍ଠ ଉପ ସଭାପତି ଗଜେନ୍ଦ୍ର ପ୍ରସାଦ ପାଢ଼ୀ, ସଂଗଠନ ସମ୍ପାଦକ ଭବେନ୍ଦ୍ର ପଣ୍ଡା, ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର, ସମ୍ପାଦକ ଉମେଶ ଚନ୍ଦ୍ର ପଣ୍ଡା, ପର୍ଶୁରାମ ସେନାର ଜିଲ୍ଲା ସଂଯୋଜକ ପ୍ରଶାନ୍ତ ଠାକୁର, ପ୍ରଜ୍ଞା ବାହିନୀର ଜିଲ୍ଲା ସଂଯୋଜିକା ସ୍ନେହଲତା ଷଡ଼ଙ୍ଗୀ, ଭବାନୀପାଟଣା ନଗର କମିଟି ସଭାପତି ସୁରେନ୍ଦ୍ର ନେଗୀ, ସମ୍ପାଦକ ଶେଷଦେବ ମିଶ୍ର ସମେତ ବହୁ ସଦସ୍ୟ ଉପସ୍ଥିତ ରହି ପୋଡ଼ପିଠା ଲାଗି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

## ସୁକତେଲ ତାତି, ଜୋରଦାର ରାଜନୀତି

# କୁମିଆଁପାଲି ବିସ୍ଥାପନକୁ ନେଇ ମୁହାଁମୁହିଁ ବିଜେପି-ବିଜେଡି

ବଲାଙ୍ଗିର,(ସବ୍ୟୁ): କିଛି ବର୍ଷର ନୀରବତା ପରେ ପୁଣି ଥରେ ଚର୍ଚ୍ଚାକୁ ଫେରିଛି ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ। ଦୀର୍ଘ ବର୍ଷର ସଂଘର୍ଷ ପରେ ଡ୍ୟାମ ନିର୍ମାଣ କାମ ସରିଥିଲେ ମଧ୍ୟ ବିସ୍ଥାପନ ଓ ଭୂତଳ ଜଳସେଚନ ପ୍ରକଳ୍ପର କାମ ସମ୍ପୂର୍ଣ୍ଣ ହୋଇନାହିଁ। କୁମିଆଁପାଲି ସମେତ ତିନୋଟି ଗାଁର ବିସ୍ଥାପନ ପ୍ରଶ୍ନକୁ ନେଇ ଏବେ ପୁଣି ଆନ୍ଦୋଳନ ତୀବ୍ର ହୋଇଥିବା ବେଳେ ଏହାକୁ ନେଇ ବିଜେପି ଓ ବିଜେଡି ମଧ୍ୟରେ ରାଜନୈତିକ ଆରୋପ-ପ୍ରତ୍ୟାରୋପ ଜୋର ଧରିଛି। କୁମିଆଁପାଲି ଗାଁରେ ଦୁଇ ଦିନ ଧରି ଚାପା ଉତ୍ତେଜନା ଲାଗି ରହିଛି। ଗାଁର ୮୪ଟି ଆଦିବାସୀ ବରିହା ପରିବାର ବିସ୍ଥାପନକୁ ବିରୋଧ କରି ରନ୍ଧାବଢ଼ା ବନ୍ଦ କରି ଆନ୍ଦୋଳନ ଜାରି ରଖିଛନ୍ତି । ଗ୍ରାମବାସୀ ବିର୍ସା ମୁଣ୍ଡାଙ୍କ ପୂଜା ସହ ପାରମ୍ପରିକ ଅସ୍ତ୍ରଶସ୍ତ୍ର ପୂଜା କରି ଗାଁ ଛାଡ଼ିବୁ ନାହିଁ ବୋଲି ଅଡ଼ି ବସିଛନ୍ତି। ଏହି ସମୟରେ ପ୍ରଶାସନ ବ୍ୟାପକ ପୋଲିସ ବଳ ସହ ଗାଁରେ ପହଞ୍ଚି ଘର ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଛି । ପ୍ରଶାସନର ସୂଚନା ଅନୁଯାୟୀ, କ୍ଷତିପୂରଣ ନେଇନଥିବା ୮୪ ପରିବାରଙ୍କ ବିରୋଧରେ ଏବେ କୌଣସି ପଦକ୍ଷେପ ନିଆଯିବ ନାହିଁ । କିନ୍ତୁ କ୍ଷତିପୂରଣ ଗ୍ରହଣ କରିଥିଲେ ମଧ୍ୟ ଘର ଛାଡ଼ିନଥିବା ୩୫ଟି ପରିବାରଙ୍କ ଘରକୁ ଚିହ୍ନଟ କରାଯାଇଛି ଏବଂ କେତେକ ସ୍ଥାନରେ ଉଚ୍ଛେଦ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି । ଆନ୍ଦୋଳନକାରୀଙ୍କ ଅଭିଯୋଗ, ପ୍ରଶାସନର ସର୍ଭେରେ ତ୍ରୁଟି ରହିଛି । ନୂଆକରି ସର୍ଭେ କରି ଯଥୋଚିତ



କ୍ଷତିପୂରଣ ଦେବାକୁ ସେମାନେ ଦାବି କରିଛନ୍ତି । ଜିଲ୍ଲାପାଳ ଗୌରବ ଶିବାଜୀ ଇଶାଲୱାର କହିଛନ୍ତି, କିଛି ଦାବି ଆଇନସମ୍ମତ ନୁହେଁ । ତଥାପି ଗ୍ରାମବାସୀଙ୍କ ସହ ଆଲୋଚନା ଜାରି ରହିଛି ଏବଂ ସମସ୍ୟାର ସମାଧାନ ପାଇଁ ପ୍ରୟାସ ଚାଲିଛି ।

ଲୋୟର ସୁକତେଲ ପ୍ରକଳ୍ପକୁ ନେଇ ଦୀର୍ଘ ଦିନ ଧରି ବିବାଦ ଲାଗି ରହିଥିଲା ।ବଲାଙ୍ଗିର ଆକ୍ସନ କମିଟିର ଆନ୍ଦୋଳନ ପରେ ୨୦୧୩ ମସିହାରେ ପ୍ରକଳ୍ପ କାମ ପୁଣି ଆରମ୍ଭ ହୋଇଥିଲା । ୨୦୨୪ରେ ଡ୍ୟାମ ନିର୍ମାଣ ସରିଥିଲେ ମଧ୍ୟ ଭୂତଳ ଜଳସେଚନ ବ୍ୟବସ୍ଥା ସମ୍ପୂର୍ଣ୍ଣ ହୋଇନଥିଲା । ବର୍ତ୍ତମାନ ଡ୍ୟାମରେ ପୂର୍ଣ୍ଣ କ୍ଷମତାରେ ପାଣି ସଂରକ୍ଷଣ କରାଯାଉଛି ଏବଂ ସରକାର ସେପ୍ଟେମ୍ବରରେ ଜଳସେଚନ ବ୍ୟବସ୍ଥାର ଉଦଘାଟନ କରିବେ ବୋଲି ସୂଚନା ରହିଛି । ଏହି ପ୍ରସଙ୍ଗକୁ ନେଇ ରାଜନୈତିକ ବାକ ଯୁଦ୍ଧ ମଧ୍ୟ ଜୋର ଧରିଛି । ବିଧାୟକ କଳିକେଶ ନାରାୟଣ ସିଂହଦେଓ ରାଜ୍ୟ ସରକାରଙ୍କ ଉପରେ ବର୍ଷି କହିଛନ୍ତି ଯେ, ବିସ୍ଥାପିତ ପରିବାର ଓ ପ୍ରକଳ୍ପ ପ୍ରତି ସରକାରଙ୍କ ଆନ୍ତରିକତା ନାହିଁ । ଅନ୍ୟପଟେ ବଲାଙ୍ଗିର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଜେପି ବିଧାୟକ ଲକ୍ଷ୍ମଣ ବାଗ କହିଛନ୍ତି, ସରକାର ବିସ୍ଥାପିତଙ୍କ ସମସ୍ତ ଯୁକ୍ତିସଙ୍ଗତ ଦାବି ପୂରଣ କରିବା ସହ ପ୍ରକଳ୍ପକୁ ସଫଳ କରିବାକୁ ପ୍ରତିବଦ୍ଧ । ଲୋୟର ସୁକତେଲ ପ୍ରକଳ୍ପର ବିସ୍ଥାପନ ସମସ୍ୟାର ସମାଧାନ କେବେ ହେବ ଓ ଆନ୍ଦୋଳନର ଶେଷ କେବେ ଘଟିବ, ତାହା ଏବେ ସମସ୍ତଙ୍କ ନଜରରେ ରହିଛି ।

## ପ୍ରସୂତିଙ୍କୁ ଓଟି ବିଦା କରିବା ମାମଲା

# ତିନିଜଣିଆ ଡ଼ାକ୍ତରୀ ଟିମ୍‌ର ତଦନ୍ତ

ରାୟଗଡ଼ା,(ସବ୍ୟୁ): ରାୟଗଡ଼ା ଜିଲ୍ଲା ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ସିଜରିଆନ୍ ପ୍ରସବ ପାଇଁ ଓଟିକୁ ନିଆଯାଇଥିବା ଜଣେ ପ୍ରସୂତିଙ୍କୁ ଅପରେସନ ଥିଏଟରରୁ ବିଦା କରିଦିଆଯାଇଥିବା ଅଭିଯୋଗ ଘଟଣାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ଘଟଣାର ସତ୍ୟାସତ୍ୟ ଅନୁଧ୍ୟାନ ପାଇଁ ଗଠିତ ତିନିଜଣିଆ ଡ଼ାକ୍ତରୀ ତଦନ୍ତକାରୀ ଦଳ ବୁଧବାର ଗୁଣପୁର ଚିକିତ୍ସାଳୟରେ ପହଞ୍ଚି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ କରିଛନ୍ତି। ତଦନ୍ତକାରୀ ଦଳରେ ଏଡିପିଏଚଓ (ଟିବି) ଡା. ପ୍ରଦୀପ୍ତ କୁମାର ସୁବୁଦ୍ଧି, ଏଡିଏମଓ ଡା. କିଶୋର କୁମାର ବାରିକ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ରାକେଶ କୁମାର ସାହୁ ସାମିଲ ଅଛନ୍ତି। ଘଟଣା ଦିନ କାର୍ଯ୍ୟରତ ଥିବା ଦୁଇଜଣ ଡାକ୍ତର, ଅଭିଯୋଗକାରୀ, ସମ୍ପୃକ୍ତ ଆଶାକର୍ମୀ ଏବଂ ଓଟି ଦାୟିତ୍ୱରେ ଥିବା ଷ୍ଟାଫ୍ ନର୍ସଙ୍କ ସହ ଆଲୋଚନା କରିବା ସହ ସମସ୍ତଙ୍କ ଲିଖିତ ବୟାନ ରେକର୍ଡ କରିଛନ୍ତି। ସମସ୍ତ ତଥ୍ୟ ଓ ପ୍ରମାଣ ସଂଗ୍ରହ ପରେ ତଦନ୍ତ ରିପୋର୍ଟ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାଖଲ କରାଯିବ। ରିପୋର୍ଟ ଆଧାରରେ ପରବର୍ତ୍ତୀ ବିଭାଗୀୟ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତଦନ୍ତକାରୀ ଦଳ ସୂଚନା ଦେଇଛି। ସୂଚନାଯୋଗ୍ୟ ଗତ ୧୧ ଜୁଲାଇ ଭୋରରେ ପ୍ରସବ ବେଦନା ଅନୁଭବ କରିବା ପରେ ମୋନାଲିସା ପ୍ରଧାନଙ୍କୁ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଦୀର୍ଘ ସମୟ ଅପେକ୍ଷା ପରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା. ସନ୍ଦୀପ ସ୍ୱାଇଁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରି ସିଜରିଆନ୍ ପ୍ରସବ ପାଇଁ ଓଟି ପ୍ରସ୍ତୁତ କରିଥିଲେ। ତେବେ ସେହି ସମୟରେ ଡା. ପ୍ରଦୀପ ପଣ୍ଡା ଓଟିକୁ ଆସି ଅପରେସନକୁ ବିରୋଧ କରିବା ସହ ପ୍ରସୂତିଙ୍କୁ ଓଟିରୁ ବାହାର କରିଦେଇଥିବା ଅଭିଯୋଗ ହୋଇଥିଲା। ଫଳରେ ଗର୍ଭବତୀ ଓ ଗର୍ଭସ୍ଥ ଶିଶୁଙ୍କ ସୁରକ୍ଷା ଦୃଷ୍ଟିରୁ ତାଙ୍କ ସ୍ୱାମୀ ସରୋଜ କୁମାର ଗୌଡ଼ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ।

ଘଟଣାକୁ ନେଇ ସରୋଜ ରାଜ୍ୟ ସରକାରଙ୍କ ଜନଶୁଣାଣି ପୋର୍ଟାଲ, ଜିଲ୍ଲାପାଳ, ସ୍ୱାସ୍ଥ୍ୟ ସଚିବ ଏବଂ ସିଡିଏମ୍‌ଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଜିଲ୍ଲାପାଳ ଡ଼ାକ୍ତର ପ୍ରଦୀପ ପଣ୍ଡାଙ୍କୁ ତୁରନ୍ତ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରିଥିଲେ। ପୂର୍ବରୁ ମଧ୍ୟ ଗୁଣପୁରରେ ତାଙ୍କ ନାମରେ ଚାଲୁଥିବା ଏକ ବେଆଇନ କ୍ଲିନିକ୍ ଉପରେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ସିଲ୍ କରାଯାଇଥିଲା। ବର୍ତ୍ତମାନ ତଦନ୍ତ ଶେଷ ପର୍ଯ୍ୟାୟରେ ଥିବାବେଳେ ତଦନ୍ତ ରିପୋର୍ଟ ଆଧାରରେ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କି ପଦକ୍ଷେପ ନିଆଯିବ ସେନେଇ ସମସ୍ତଙ୍କ ନଜର ରହିଛି।

# ଭିଜିଲାନ୍ସ ଜାଲରେ ଓଏଭି ପ୍ରିନ୍ସିପାଲ



କଲମପୁର, (ସବ୍ୟୁ):କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଓଡିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ସୀତାକାନ୍ତ ରଣା ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ବିଭାଗ ହାତରେ ଧରା ପଡିଛନ୍ତି । ସୂଚନାନୁଯାୟୀ, ଅଧ୍ୟକ୍ଷ ଶ୍ରୀ ରଣା ଥୁଆମୂଳ ରାମପୁର ଓଡିଶା ଆଦର୍ଶ ବିଦ୍ୟାଳୟରେ ସଫେଇ କାର୍ଯ୍ୟରେ ନିୟୋଜିତ ଏସଏଚଜି ର ତିନି ମାସର ବକେୟା ବିଲ କରିବାପାଇଁ ଲାଞ୍ଚ ଦାବି କରିଥିଲେ । ସମ୍ପୃକ୍ତ ଏସଏଚଜିର ସଦସ୍ୟମାନେ ବକେୟା ବିଲ ପାଇଁ ଅଧ୍ୟକ୍ଷଙ୍କୁ ବାରମ୍ବାର ଅନୁରୋଧ କରୁଥିଲେ । କିନ୍ତୁ ବିଭିନ୍ନ ଆଳ ଦେଖାଇ ଅଧ୍ୟକ୍ଷ ବିଲ ପାସ କରୁନଥିଲେ । ଏ ସମ୍ପର୍କରେ ଏସ ଏଚ ଜି ସଦସ୍ୟ ମାନେ ଓଡିଶା ଭିଜିଲାନ୍ସକୁ ଅବଗତ କରିଥିଲେ । ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ବିଭାଗ ଶ୍ରୀ ରଣାଙ୍କୁ ମାଡ଼ିବସିଥିଲା । ତାଙ୍କଠାରୁ ଲାଞ୍ଚ ବାବଦର ୧୦ ହଜାର ଟଙ୍କା ମଧ୍ୟ ଜବତ କରିଥିଲା ।ଶ୍ରୀ ରଣାଙ୍କ କାର୍ଯ୍ୟାଳୟ ସମେତ ଭବାନୀପାଟଣା ସ୍ଥିତ ଭଡା ଘରେ ମଧ୍ୟ ବିଭାଗ ପକ୍ଷରୁ ଚଢ଼ାଉ ଜାରି ରହିଛି । ଭିଜିଲାନ୍ସ ବିଭାଗ ଅଧ୍ୟକ୍ଷ ଶ୍ରୀ ରଣାଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

# ପୁରୁଣା ରାସ୍ତା ସଙ୍କୁଚିତ ପ୍ରତିବାଦରେ ଆନ୍ଦୋଳନ

ସମ୍ବଲପୁର,(ସବ୍ୟୁ): ପୁରୁଣା ରାସ୍ତାକୁ ସଙ୍କୁଚିତ କରାଯିବା ପ୍ରତିବାଦରେ ବାଗଡ଼ିଆପଡା-ସର୍ଙ୍କର୍ମା ଅଞ୍ଚଳବାସୀ ବୁଧବାର ଆନ୍ଦୋଳନକୁ ଓହ୍ଲାଇଥିଲେ। ଗ୍ରାମ୍ୟ ରାସ୍ତାକୁ ଦୀର୍ଘ ସମୟ ଧରି ଅବରୋଧ କରିଥିଲେ। ଫଳରେ ଭାରୀଯାନ ଚଳାଚଳ ବାଧ୍ୟାପ୍ରାପ୍ତ ହୋଇଥିଲା। ଖବର ପାଇ ଆରପିଏଫ୍ ଓ ଅଇଁଠାପାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ। ମାତ୍ର ଆନ୍ଦୋଳନକାରୀ ମାନେ ନିଜ ଜିଦ୍‌ରେ ଅଡ଼ି ବସିଥିଲେ। ଏଥିସହ ପୂର୍ବତଟ ରେଳପଥ ବିଭାଗୀୟ ଯନ୍ତ୍ରୀ ଲଲାଟେନ୍ଦୁ ବିଦ୍ୟାଧର ଜେନାଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଥିଲେ। ଏନେଇ ଶ୍ରୀଜେନା ସମ୍ବଲପୁର ଜିଲ୍ଲାପାଳଙ୍କୁ ଏକ ପତ୍ର ଲେଖି ଜନସାଧାରଣଙ୍କ ଦାବି ସମ୍ପର୍କରେ ଅବଗତ କରିବା ସହ ବିହିତ ପଦକ୍ଷେପ ନେବାକୁ ଜଣାଇବା



ପରେ ରାସ୍ତା ଅବରୋଧ ହଟିଥିଲା। ସୂଚନାଯୋଗ୍ୟ, ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନମ୍ବର ୨୮ ବାଗଡ଼ିଆପଡା-ସର୍ଙ୍କର୍ମାର ରାସ୍ତା ଦେଇ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଗ୍ରାମର ଲୋକେ ଯାତାୟତ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ୧୯୯୮ରେ ସମ୍ବଲପୁର-ଅନୁଗୁଳ ନୂତନ ରେଳ ଲାଇନ ନିର୍ମାଣ ବେଳେ ଏଠାରେ ଅଣ୍ଡରପାସ୍ ତିଆରି ହୋଇଥିଲା। ଲୋକେ ସୁବିଧାରେ ଦୀର୍ଘବର୍ଷ ହେବ ଯାତାୟତ କରୁଥିବା ବେଳେ ରେଳବାଇ ପକ୍ଷରୁ ରାସ୍ତାର ଏକ ଅଂଶକୁ ସଙ୍କୁଚିତ କରାଯାଇଛି। ଫଳରେ ଯାତାୟତ ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି। ପ୍ରାୟ ଅଧ କିଲୋମିଟର ଦୂରରେ ଅନ୍ୟ ଏକ ଅଣ୍ଡରପାସ୍‌ରେ ଜନସାଧାରଣଙ୍କ ଯାତାୟତ ପାଇଁ ଅସ୍ଥାୟୀ ବିକଳ୍ପ ରାସ୍ତା କରାଯାଇଛି। ଏଥିପାଇଁ ଲୋକଙ୍କୁ ବୁଲି ଯିବାକୁ ପଡୁଛି। ଏହାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ରାସ୍ତା ଅବରୋଧ କରିଥିଲେ। ଏଥିଯୋଗୁଁ ସମ୍ବଲପୁର ସିଟି ଷ୍ଟେସନ ଗୁଡ୍ସ ସେଡ୍ ମାଲବାସୀ ଟ୍ରକ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

# ମହିଳା ସଶକ୍ତିକରଣ ସଚେତନତା କାର୍ଯ୍ୟକ୍ରମ



କନ୍ଧମାଳ,(ସବ୍ୟୁ) : ପଞ୍ଚାୟତ ମହାବିଦ୍ୟାଳୟ କନ୍ଧମାଳ ପକ୍ଷରୁ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର ଅଧୀନରେ ପୂର୍ବାହ୍ନରେ ଏକ ମହିଳା ସଶକ୍ତିକରଣ ଓ ସାମାଜିକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ଅନୋଜ କୁମାର ଭୁକ୍ତାଙ୍କ ମାର୍ଗଦର୍ଶନରେ ଏବଂ ଶକ୍ତିଶ୍ରୀ ସଂଯୋଜିକା ପ୍ରୀତିସ୍ମିତି ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା । କଲେଜ ଅଧ୍ୟକ୍ଷ ଶ୍ରୀ ଭୁକ୍ତା ଓ କନ୍ଧମାଳ ଥାନା ଏସଆଇ ବବିତା ସାହୁ ସବୁଜ ପତାକା ଦେଖାଇ ସଚେତନତା ରାଲିର ଶୁଭାରମ୍ଭ କରିଥିଲେ । ଏଭଳି ସଚେତନତା ରାଲି ଛାତ୍ରୀମାନଙ୍କ ମଧ୍ୟରେ ନେତୃତ୍ୱ, ସାମାଜିକ ଦାୟିତ୍ୱବୋଧ ଏବଂ ଆତ୍ମବିଶ୍ୱାସର ବିକାଶରେ ସହାୟକ ହେବ ବୋଲି ଅଧ୍ୟକ୍ଷ ଶ୍ରୀ ଭୁକ୍ତା ଛାତ୍ରୀମାନଙ୍କୁ ନିଜ ପ୍ରେରଣାଦାୟୀ ବକ୍ତବ୍ୟରେ କହିଥିଲେ । ମହିଳାଙ୍କୁ ସମ୍ମାନ, ସୁରକ୍ଷା, ସମାନତା ଓ ସାମାଜିକ ସଚେତନତା ସମ୍ପର୍କିତ ବିଭିନ୍ନ ସଚେତନତା ସ୍ଲୋଗାନ ସହ ଛାତ୍ରୀମାନେ ମହାବିଦ୍ୟାଳୟ ପରିସରରୁ ବାହାରି ପୋଲିସ ଷ୍ଟେସନ, ବସ ଷ୍ଟାଣ୍ଡ, ଶିଶୁମନ୍ଦିର ଦେଇ ହାଟପଦା ଛକ ପର୍ଯ୍ୟନ୍ତ ହୋଇ ମହାବିଦ୍ୟାଳୟକୁ ଫେରିଥିଲେ । କାର୍ଯ୍ୟକ୍ରମରେ ସଂସ୍କୃତ ଆଧ୍ୟାପକ ପୌଲସ୍ତ୍ରୀ ପ୍ରଧାନ, ଯୁବ ରେଡକ୍ରସ ପରାମର୍ଶଦାତା ତଥା ରାଜନୀତି ବିଜ୍ଞାନ ଅଧ୍ୟାପକ ସମୀର ମେହେର, ଅଧ୍ୟାପକ ସୁନୀଲ ପୁଟା , ଅଧ୍ୟାପକ ଜୟ ପ୍ରକାଶ ମହଲା, ଅଧ୍ୟାପକ ବସନ୍ତ ଖଟୁଆ, ଅଧ୍ୟାପକ ନୀଳମଣି ମଲ୍ଲିକ, ଅଧ୍ୟାପିକା ନନ୍ଦିନୀ ସାମନ୍ତରାୟ, ଅଧ୍ୟାପିକା ଅମ୍ରିତା ସାହୁ,ଅଧ୍ୟାପିକା ଅର୍ଚ୍ଚନା ମିଶ୍ର ଅଧ୍ୟାପିକା ମଧୁସ୍ମିତା ନନ୍ଦ , ଅଧ୍ୟାପିକା ସୁକନ୍ୟା ସାହୁଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ମାନେ ସକ୍ରିୟ ସହଯୋଗ କରିଥିଲେ ।

# ବିନ୍ଧୁ-ମୀନା ସେବା ଫାଉଣ୍ଡେସନ ପକ୍ଷରୁ ଗରିବ ବୃଦ୍ଧବୃଦ୍ଧାଙ୍କୁ ଛତା ଓ ଚପଲ ବଣ୍ଟନ



ଗୋଲାମୁଣ୍ଡା,(ସବ୍ୟୁ): ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଚପୁରିଆ ଓ ଉଦେସୁରୁଙ୍ଗ ଗ୍ରାମ ପଞ୍ଚାୟତରେ ବିନ୍ଧୁ-ମୀନା ସେବା ଫାଉଣ୍ଡେସନ ପକ୍ଷରୁ ଛତା ଚପଲ ବଣ୍ଟନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଅସହାୟ, ଗରିବ ବୃଦ୍ଧ ବୃଦ୍ଧା, ଦିବ୍ୟାଙ୍ଗ ଏବଂ ବିଧବା ମହିଳା ମାନଙ୍କ ସମେତ ମୋଟ ୧୩୬୦ ଜଣ ହିତାଧିକାରୀଙ୍କୁ ବର୍ଷାରୁ ରକ୍ଷା ପାଇବା ପାଇଁ ଛତା ଓ ଚପଲ ବଣ୍ଟନ କରାଯାଇଛି। ଏହି ସେବା କାର୍ଯ୍ୟକ୍ରମରେ ବିନ୍ଧୁ-ମୀନା ସେବା ଫାଉଣ୍ଡେସନର ଅଧ୍ୟକ୍ଷ ତଥା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଧୁ ମହାନନ୍ଦ ଯୋଗଦେଇ ଏହି ସାମଗ୍ରୀ ଗୁଡ଼ିକ ବଣ୍ଟନ କରିଥିଲେ। ପୂର୍ବରୁ ମଧ୍ୟ ବ୍ଲକ ଅଧ୍ୟକ୍ଷ ଶ୍ରୀ ମହାନନ୍ଦଙ୍କ ନେତୃତ୍ୱରେ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଗୋଲାମୁଣ୍ଡା ବ୍ଲକର ୨୮ଗୋଟି ଗ୍ରାମ ପଞ୍ଚାୟତର ଅସହାୟ ବୃଦ୍ଧ ବୃଦ୍ଧାମାନଙ୍କୁ ୧୪ ହଜାରରୁ ଉର୍ଦ୍ଧ୍ୱ ମାଗଣା କମ୍ବଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜୟନ୍ତ ସିଂ, ଅଶୋକ ମଙ୍ଗରାଜ, ନାରାୟଣ ଅଘରିଆ, ମନୋଜ ଅଗ୍ରୱାଲ, ମାଧୁରୀ ମଙ୍ଗରାଜ, ଦୁଶାସନ ବାଗ, ତୁଲାରାମ ସେଠିଆ,ଜଗୁଜୀବନ ସେଠିଆ,ମନୋଜ ଚନ୍ଦନ,ଟିକେ ସେଠିଆ, ସେନାପତି ମଲ୍ଲିକ, ସୁରଜ ମଙ୍ଗରାଜ, ହରେରାମ ମଲ୍ଲିକ,ହେମନ୍ତ ବାଗ, ପଦ୍ମ ଲୋଚନ ସୁନାନୀ ପ୍ରମୁଖ ଉପସ୍ଥିତ ହୋଇ ସହଯୋଗ କରିଥିଲେ ।

# ଚଳଚ୍ଚିତ୍ରକୁ ବିରୋଧ

ସମ୍ବଲପୁର,(ସବ୍ୟୁ): ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗଦଳ ଓଡିଶା ପଶ୍ଚିମ ସମ୍ବଲପୁର ଜିଲ୍ଲା ପକ୍ଷରୁ ମହାପ୍ରଭୁ ଜଗନ୍ନାଥ ଚଳଚିତ୍ରକୁ ବିରୋଧ କରାଯାଇଛି। ଜିଲ୍ଲା ସଂଯୋଜକ କିଶୋର ଚନ୍ଦ୍ର ପାଢୀଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ମହାପ୍ରଭୁ ଜଗନ୍ନାଥ ଚଳଚିତ୍ରରେ ଓଡ଼ିଆଙ୍କ ମଉଡ଼ ମଣି ତଥା ମହାପ୍ରଭୁ ଶ୍ରୀ କାଳିଆ ସାଆନ୍ତେଙ୍କୁ ବିକୃତ କରାଯାଇଛି। ଚଳଚିତ୍ର ନିର୍ମାତା ଦୁର୍ଗା ଦଳେଇ ଏକ ଆନିମେସନ ଫିଲ୍ମ ନିର୍ମାଣ କରିଛନ୍ତି। ଯେହେତୁ ଏହି ଫିଲ୍ମରେ ମହାପ୍ରଭୁ ଓ ସଂସ୍କୃତିକୁ ବିକୃତ କରାଯାଇଛି , ତେଣୁ ଏହାକୁ ବନ୍ଦ କରିବାକୁ ଦାବି ହୋଇଛି। ଏଥିରେ ଜିଲ୍ଲା ସହ ସଂଯୋଜକ ପ୍ରମୋଦ କୁମାର ଛନ୍ଦ, ସୁରେଶ ମହତମ୍, ଶେଷ ଯୁଆଡ଼ି, ରଜନୀ ବରିହା, ଆଶିଷ ନାଗ, ରାଜା ଦାସ, ପରମେଶ୍ୱର ସେନାପତି, ବାବୁଲା ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଶାସନକୁ ସରକାରୀ ଯୋଜନାର କାର୍ଡ ଫେରାଇଲେ ବିସ୍ଥାପିତ

ବଲାଙ୍ଗିର,(ସବ୍ୟୁ): ଲୋୟର ସୁକତେଲ ପ୍ରକଳ୍ପକୁ ନେଇ ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକର କୁମିଆଁପାଲି ଗାଁରେ ବିସ୍ଥାପନ ବିବାଦ ଆହୁରି ତୀବ୍ର ହୋଇଛି । ନୂତନ ସର୍ଭେ କରି ବର୍ତ୍ତମାନ ସ୍ଥିତି ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଗଲେ ହିଁ ସେମାନେ ବିସ୍ଥାପିତ ହେବେ ବୋଲି ଆଦିବାସୀ ପରିବାରମାନେ ଦାବି କରୁଛନ୍ତି । କିନ୍ତୁ ନୂଆ ସର୍ଭେ ସମ୍ଭବ ନୁହେଁ ବୋଲି ଜିଲ୍ଲା ପ୍ରଶାସନ ସ୍ପଷ୍ଟ କରିଛି । ଗତ ଦୁଇ ଦିନ ଧରି ଆନ୍ଦୋଳନରେ ବସିଥିବା ଗ୍ରାମବାସୀଙ୍କ ସହ ମଙ୍ଗଳବାର ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ଏବଂ ଉପଜିଲ୍ଲାପାଳ ଆଲୋକ ପଟେଲ ଆଲୋଚନା କରିଥିଲେ । ତେବେ ଆଲୋଚନାରୁ କୌଣସି ସମାଧାନ ବାହାରିନଥିଲା ।

ଆଲୋଚନା ସମୟରେ ପ୍ରତିବାଦ ସ୍ୱରୂପ ଆଦିବାସୀମାନେ ଆଧାର କାର୍ଡ, ସ୍ୱାସ୍ଥ୍ୟ କାର୍ଡ, ଭତ୍ତା କାର୍ଡ ଓ ସ୍ୱାସ୍ଥ୍ୟ ବୀମା କାର୍ଡ ସମେତ ସରକାରୀ ଯୋଜନା ସହ ଜଡିତ ବିଭିନ୍ନ କାର୍ଡ ପ୍ରଶାସନକୁ ଫେରାଇ ଦେଇଥିଲେ । ସେମାନଙ୍କ କହିବା ଅନୁଯାୟୀ, ସରକାର ଯଦି ସେମାନଙ୍କ ନ୍ୟାୟସଙ୍ଗତ ଦାବିକୁ ଗ୍ରହଣ କରୁନାହାନ୍ତି, ତେବେ ସରକାରୀ ସୁବିଧାର ମଧ୍ୟ ସେମାନଙ୍କ ଆବଶ୍ୟକତା ନାହିଁ । ୱାର୍ଡ ମେମ୍ବର ପ୍ରେମରାଜ ବରିହା କହିଛନ୍ତି ଯେ, ନୂତନ ସର୍ଭେ ଏବଂ ଉପଯୁକ୍ତ କ୍ଷତିପୂରଣ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଅନ୍ୟପକ୍ଷରେ ଜିଲ୍ଲାପାଳ ଗୌରଭ ଶିବାଜୀ ଈଶାଲୱାର କହିଛନ୍ତି ଯେ, ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କ ସହ ଆଲୋଚନା ଜାରି ରହିଛି ଏବଂ ଆଇନର ସୀମା ମଧ୍ୟରେ ସମାଧାନର ପ୍ରୟାସ କରାଯାଉଛି ।

## ଜିଲ୍ଲାସ୍ତରୀୟ ହାକାଥନ୍-୦୩

# ନବସୃଜନ ଓ ବୈଜ୍ଞାନିକ ଚିନ୍ତାଧାରାରେ ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନ

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲାର ଜଡାମୁଣ୍ଡା ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ହ୍ୟାକାଥନ୍-୦୩ କାର୍ଯ୍ୟକ୍ରମ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନେ ନିଜର ଅଭିନବ ପ୍ରକଳ୍ପ, ବୈଜ୍ଞାନିକ ଚିନ୍ତାଧାରା ଓ ସମସ୍ୟାର ବ୍ୟବହାରିକ ସମାଧାନ ଉପସ୍ଥାପନ କରି ସମସ୍ତଙ୍କ ପ୍ରଶଂସା ସାଉଁଟିଥିଲେ।




କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବସୃଜନ, ବିଜ୍ଞାନ ଓ ପ୍ରଯୁକ୍ତି ଆଧାରିତ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ଛାତ୍ରଛାତ୍ରୀଙ୍କୁ ନିଜ ଦକ୍ଷତାକୁ ସମାଜର ଉପକାରରେ ବ୍ୟବହାର କରିବା ସହ ନୂତନ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବାକୁ ଆହ୍ୱାନ ଜଣାଇଥିଲେ। ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼. ପ୍ରଶାନ୍ତ କୁମାର ମହାନ୍ତି ସଭାପତିତ୍ୱ କରିଥିବା ବେଳେ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, ବିଶିଷ୍ଟ ଶିକ୍ଷାବିତ୍ ଡ଼. ଶିବ ପ୍ରସାଦ ବେହେରା ମୁଖ୍ୟ ବକ୍ତା ଏବଂ ଆୟୋଜକ ବିଦ୍ୟାଳୟର ଅଧ୍ୟକ୍ଷ ନିର୍ମଳ କୁମାର ଶବର ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ପ୍ରେରଣାଦାୟକ ବାର୍ତ୍ତା ପ୍ରଦାନ କରିଥିଲେ।

ପ୍ରତିଯୋଗିତାରେ ସଲଙ୍ଗିପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିନୋଦିନୀ ତାଣ୍ଡି ପ୍ରଥମ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ନେଗିପାଲିର କୁନାଲ ଦେଓ ବୈରାଗୀ ଦ୍ୱିତୀୟ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କେଶ୍ରାଜପୁରର ସାଇନା ବୈଠାରୁ ତୃତୀୟ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ହ୍ୟାକାଥନ୍ ପାଇଁ ଚୟନିତ ହୋଇଛନ୍ତି। ମୋଟ ୧୩ଟି ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ ବିଜେତା ଦଳମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ।

## ପଦ୍ମପୁରରେ ବଢୁଛି ବେଆଇନ ଗୋଦାମ

# ଲୋକଙ୍କ ସୁରକ୍ଷା, ଯାତାୟାତ ପାଇଁ ବଢୁଛି ଚିନ୍ତା

ପଦ୍ମପୁର,(ସବ୍ୟୁ): ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡର ସଦର ମହକୁମା ତଥା ଏହାର ଆଖପାଖ ଅଞ୍ଚଳରେ ଦିନକୁ ଦିନ ବେଆଇନ ଗୋଦାମର ସଂଖ୍ୟା ବଢୁଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ସରକାରୀ ସ୍ୱୀକୃତି କିମ୍ବା ଆବଶ୍ୟକ ଅନୁମତି ବିନା କେତେକ ବ୍ୟବସାୟୀ ବ୍ୟକ୍ତିଗତ ଘର ଓ ଘରୋଇ ପରିସରକୁ ଗୋଦାମରେ ପରିଣତ କରି ବ୍ୟବସାୟ ଚଳାଉଥିବା ଅଭିଯୋଗ ହେଉଛି। ଏହାର ପ୍ରଭାବ କେବଳ ଆଖପାଖରେ ରହୁଥିବା ପରିବାରମାନଙ୍କ ଉପରେ ପଡୁନାହିଁ, ବରଂ ସହରର ଯାତାୟାତ ବ୍ୟବସ୍ଥା ଓ ସୁରକ୍ଷା ଦୃଷ୍ଟିରୁ ମଧ୍ୟ ଚିନ୍ତାର କାରଣ ପାଲଟିଛି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ, ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଗଢ଼ିଉଠିଥିବା ଏଭଳି ଗୋଦାମଗୁଡ଼ିକୁ ପ୍ରତିଦିନ ବଡ଼ ବଡ଼ ଟ୍ରକ୍ ଓ ଭାରିଯାନ ଆସି ଘଣ୍ଟା ଘଣ୍ଟା ଧରି ଛିଡ଼ା ହେଉଛି। ଫଳରେ ରାସ୍ତା ସଂକୀର୍ଣ୍ଣ ହୋଇ ଟ୍ରାଫିକ ଜାମ୍ ସୃଷ୍ଟି ହେଉଛି। ସ୍କୁଲ, କଲେଜ ଓ କାର୍ଯ୍ୟାଳୟକୁ ଯାଉଥିବା ଛାତ୍ରଛାତ୍ରୀ, କର୍ମଚାରୀ ଏବଂ ସାଧାରଣ ଯାତ୍ରୀମାନେ ପ୍ରତିଦିନ ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି।

ଅନ୍ୟପକ୍ଷରେ, ବ୍ୟକ୍ତିଗତ ଘରକୁ ଗୋଦାମରେ ପରିଣତ କରାଯାଉଥିବାରୁ ଆଖପାଖରେ ରହୁଥିବା ପରିବାରମାନଙ୍କ ବ୍ୟକ୍ତିଗତ ଜୀବନ ମଧ୍ୟ ପ୍ରଭାବିତ ହେଉଛି। ଦିନରାତି ମାଲ ଲୋଡିଂ ଓ ଅନଲୋଡିଂ, ଯାନବାହନର ଶବ୍ଦ, ଧୂଳି ଓ ଭିଡ଼ ଯୋଗୁଁ ଶାନ୍ତିପୂର୍ଣ୍ଣ ପରିବେଶ ବ୍ୟାହତ ହେଉଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଏପରି ଗୋଦାମରେ ଅଗ୍ନିକାଣ୍ଡ ଭଳି ଦୁର୍ଘଟଣା ଘଟିଲେ ଜନବସତି ଅଞ୍ଚଳରେ ବଡ଼ ବିପଦ ସୃଷ୍ଟି ହେବାର ଆଶଙ୍କା ମଧ୍ୟ ରହିଛି। କେତେକ ସଚେତନ ନାଗରିକଙ୍କ ମତରେ, ନିୟମିତ ଯାଞ୍ଚର ଅଭାବ ଏବଂ ପ୍ରଶାସନିକ ତଦାରଖ କମ୍ ଥିବାରୁ ଏଭଳି ବେଆଇନ ଗୋଦାମ ସଂଖ୍ୟା ବଢ଼ିଚାଲିଛି। ଏହି ଗୋଦାମ ଗୁଡ଼ିକରେ କେଉଁ ସାମଗ୍ରୀ ଗଚ୍ଛିତ ହେଉଛି, ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହିଛି କି ନାହିଁ ଏବଂ ସମ୍ପୃକ୍ତ ବିଭାଗର ଅନୁମତି ନିଆଯାଇଛି କି ନାହିଁ, ସେନେଇ ପ୍ରଶ୍ନ ଉଠୁଛି। ଏହାସହ ବେଆଇନ ଗୋଦାମକୁ କେନ୍ଦ୍ର କରି କଳାବଜାରୀ ଓ ମହଜୁଦକାରୀଙ୍କ ବଢୁଥିବା ନେଇ ମଧ୍ୟ ସ୍ଥାନୀୟ ସ୍ତରରେ ଅଭିଯୋଗ ହେଉଛି। ଆବଶ୍ୟକୀୟ ସାମଗ୍ରୀର କୃତ୍ରିମ ଅଭାବ ସୃଷ୍ଟି କରି ଅଧିକ ଦରରେ ବିକ୍ରି କରାଯାଉଥିବା ଆଶଙ୍କା ଲୋକଙ୍କ ମଧ୍ୟରେ ପ୍ରକାଶ ପାଉଛି। ଯଦିଓ ଏହି ଅଭିଯୋଗର ସରକାରୀ ପୁଷ୍ଟି ହୋଇନାହିଁ, ତଥାପି ସମ୍ପୃକ୍ତ ବିଭାଗ ଏହାର ତଦନ୍ତ କରିବାକୁ ଦାବି ଉଠିଛି। ସ୍ଥାନୀୟ ବାସିନ୍ଦାମାନେ ପ୍ରଶାସନକୁ ବେଆଇନ ଗୋଦାମ ଗୁଡ଼ିକର ସର୍ଭେ କରି ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତି ଓ ସଂସ୍ଥା ବିରୋଧରେ ଆଇନଗତ ପଦକ୍ଷେପ ନେବା ସହ ଜନବସତି ଅଞ୍ଚଳରେ ଏଭଳି ଗୋଦାମ ଚାଲୁଥିଲେ ତୁରନ୍ତ ବନ୍ଦ କରିବାକୁ ଦାବି କରିଛନ୍ତି। ସହରର ସୁରକ୍ଷା, ସୁଚାରୁ ଯାତାୟାତ ଓ ସାଧାରଣ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ପ୍ରଶାସନ ଶୀଘ୍ର ଏହି ପ୍ରସଙ୍ଗରେ ଦୃଢ଼ ପଦକ୍ଷେପ ନେବ ବୋଲି ସାଧାରଣରେ ଦାବି ଉଠିଛି ।

# ଏଟିଏମ୍ କାଟି ଟଙ୍କା ଲୁଟିନେଲେ ଦୁର୍ବୃତ୍ତ





ରେଢାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ୍ କାର୍ଯ୍ୟାଳୟ କମ୍ପ୍ଲେକ୍ସରେ ଥିବା ଏସବିଆଇ ଏଟିଏମ୍ କାଉଣ୍ଟରରୁ ଟଙ୍କା ଚୋରୀ ହୋଇଥିବା ନେଇ ଅଭିଯୋଗ ହୋଇଛି । ମଙ୍ଗଳବାର ବିଳମ୍ବିତ ରାତ୍ରୀରେ ଦୃବୃର୍ତ୍ତ ମାନେ ଟଙ୍କା ଚୋରୀ କରିଥିବା ଅଭିଯୋଗ ହୋଇଛି । ପ୍ରାପ୍ତ ସୂଚନା ଅନୁସାରେ ବ୍ଲକ୍ କାର୍ଯ୍ୟଳୟ ସମ୍ମୁଖରେ ଥିବା ଏଟିଏମ୍ କାଉଣ୍ଟର ବିନା ସିକ୍ୟୁରିଟି ଗାର୍ଡରେ ୨୪ଘଣ୍ଟା ଖୋଲା ରହିଥାଏ । ମଙ୍ଗଳବାର ଦିନ ପ୍ରାୟ ସନ୍ଧ୍ୟା ୬ଟାରୁ ନାକଟିଦେଉଳ ଅଂଚଳରେ ବର୍ଷା ହେଉଥିବା ବେଳେ ରାତ୍ରୀ ପ୍ରାୟ ୧୧ଟା ବେଳେ ନାକଟିଦେଉଳ ଥାନାର କିଛି ଗୃହରକ୍ଷୀ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ପାଟ୍ରୋଲିଂ କରିବା ପାଇଁ ପହଞ୍ଚି ଥିଲେ । ହେଲେ ଏଟିଏମ୍ ର ସଟର କବାଟ ବନ୍ଦ ରହିଥିବା ଦେଖିଥିଲେ । ହେଲେ ବୁଧବାର ସକାଳୁ ଏଟିଏମ୍ ର କବାଟ ଖୋଲିଥିଲେ । ତେବେ ଦୃବୃର୍ତ୍ତ ମାନେ ମେସିନ୍ କାଟି ଟଙ୍କା ଲୁଟି ନେଇଥିବା ବ୍ୟାଙ୍କ କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ । ଏହି ଘଟଣା ପରେ ଏଟିଏମ୍ ଚଳାଉଥିବା ଏଜେନ୍ସି ସଂସ୍ଥାର ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଥିଲେ ଏବଂ ନାକଟିଦେଉଳ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ରେଢାଖୋଲ ଏସଡିପିଓ ରଜନୀକାନ୍ତ ମିଶ୍ର ଏବଂ ନାକଟିଦେଉଳ ଥାନା ଅଧିକାରୀ ଆମୁସେନ କିରୋ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଛନ୍ତି । ରାତ୍ରୀରେ ପ୍ରବଳ ବର୍ଷା ହେଉଥିବା ସମୟରେ ଏକ କାର୍ ରେ ଦୁବୃର୍ତ୍ତ ମାନେ ଆସି ଏଟିଏମ୍ ସମ୍ମୁଖରେ ଲାଗିଥିବା ସିସି କ୍ୟାମେରା ଏବଂ ପାଖରେ ଥିବା ଏକ ଗ୍ରାହକ ସେବା କେନ୍ଦ୍ରରେ ଲାଗିଥିବା ସିସି କ୍ୟାମରା ଲେନ୍ସ ରେ ରଙ୍ଗ ସ୍ପ୍ରେ କରି ଏଟିଏମ୍ ଲୁଟିଥିଲେ । ବ୍ଲକ୍ ପାଖରେ ପୋଲିସ୍ ପାଟ୍ରେଲିଂ ନ ଥିବାର ସୁଯୋଗ ନେଇ ଲୁଟେରା ମାନେ ଅନ୍ୟାୟାସରେ ଲୁଟିବାରେ ସହଜ ହୋଇଥିଲା । ତେବେ ପ୍ରାୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଚୋରୀ ଚୋରୀ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି । ଏଥିରେ ଏଜେନ୍ସି ସଂସ୍ଥାର କର୍ମଚାରୀଙ୍କ ହାତ ନାହିଁତ ବୋଲି ଆଲୋଚନା ହେଉଛି ।

## ଛାତ୍ର ଆନ୍ଦୋଳନକୁ ଚପାଇ ଦେବାକୁ ଉଦ୍ୟମ

# ଅଭିଭାବକ ସମ୍ମିଳନୀ ଡାକିଲେ ଭିସୁଟ୍ କର୍ତ୍ତୃପକ୍ଷ

ସମ୍ବଲପୁର,(ସବ୍ୟୁ): ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ଛାତ୍ର ଆନ୍ଦୋଳନକୁ ଚପାଇ ଦେବାକୁ ଉଦ୍ୟମ ଆରମ୍ଭ ହୋଇଛି। ଏଥିପାଇଁ କର୍ତ୍ତୃପକ୍ଷ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଗ୍ରହଣ କରିଛନ୍ତି। ବିଶ୍ୱବିଦ୍ୟାଳୟର ସମସ୍ତ ୨ୟ ବର୍ଷ ବି.ଟେକ୍. ଏବଂ ବି.ଆର୍କ ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କୁ ନେଇ ଏକ ଜରୁରୀ ବୈଠକ ଆହୂତ କରାଯାଇଛି। କୁଳପତି ପ୍ରଫେସର ଦୀପକ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ କୁଳସଚିବଙ୍କ ଦ୍ୱାରା ଆସନ୍ତା ଜୁଲାଇ ୨୩ ତାରିଖ ପୂର୍ବାହ୍ନ୧୦ଟାରେ ଭିସୁଟ୍ ସ୍ଥିତ ବିଜୁ ପଟ୍ଟନାୟକ ଇ-ଲର୍ଣ୍ଣିଂ ସେଣ୍ଟର ଠାରେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜିତ ହେବ ବୋଲି ନୋଟିସ୍ ଜାରି କରାଯାଇଛି। ତେବେ ପରିସରରେ ଚାଲିଥିବା ଛାତ୍ର ଆନ୍ଦୋଳନ ଓ କ୍ୟାମ୍ପସର ଶିକ୍ଷାଦାନ ପରିବେଶକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି।



ଭିସୁଟ୍ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ହଷ୍ଟେଲ ଅବ୍ୟବସ୍ଥା, ନିମ୍ନମାନର ଖାଦ୍ୟ ଏବଂ ବାଧ୍ୟତାମୂଳକ ୟୁନିଫର୍ମ ନିୟମର ପ୍ରତିବାଦରେ ଗତ ୨୧ତାରିଖରେ ଆନ୍ଦୋଳନ କରିଥିଲେ। ସେମାନେ ଶ୍ରେଣୀ ବର୍ଜନ କରିବା ସହ ବିଶ୍ୱବିଦ୍ୟାଳୟ ପ୍ରଶାସନିକ କୋଠା ଓ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଓ ବିଶ୍ୱବିଦ୍ୟାଳୟର ଶାନ୍ତ ପରିବେଶ ବଜାୟ ରଖିବା ପାଇଁ ଭିସୁଟ୍ କର୍ତ୍ତୃପକ୍ଷ ସମସ୍ତ ଅଭିଭାବକଙ୍କ ଉପସ୍ଥିତି ଓ ସକ୍ରିୟ ସହଯୋଗ କାମନା କରିଛନ୍ତି। ଅନ୍ୟପଟେ ଆଜିର ଛାତ୍ର, ଆସନ୍ତା କାଲିର ଭବିଷ୍ୟତ। ଛାତ୍ର ଆନ୍ଦୋଳନ ହେଉଛି ସମାଜର ଆଇନା। ଛାତ୍ର ଜାଗ୍ରତ ହେଲେ ଦେଶର ଭବିଷ୍ୟତ ସୁରକ୍ଷିତ ହୁଏ। ଏହାଦ୍ୱାରା ଅନେକ ସମସ୍ୟାର ସମାଧାନ ମଧ୍ୟ ହୋଇଥାଏ। ତେବେ ଭିସୁଟ୍ କର୍ତ୍ତୃପକ୍ଷ ଅଭିଭାବକଙ୍କ ଜରିଆରେ ଏହି ଆନ୍ଦୋଳନକୁ ଚପାଇ ଦେବାକୁ ଉଦ୍ୟମ କରୁଥିବା ସାଧାରଣରେ ଆଲୋଚନା ହେଉଛି।

## ନକଲି ଅଦାଲତ ଆଦେଶ ଦେଖାଇ ୫୦ ହଜାର ଟଙ୍କା ଠକେଇ, ଯୁବକ ଗିରଫ

ବରଗଡ଼,(ସବ୍ୟୁ): ନିଜକୁ ଆଇନଜୀବୀ ପରିଚୟ ଦେଇ ନକଲି ଅଦାଲତ ଆଦେଶ ପ୍ରସ୍ତୁତ କରି ଜଣେ ମହିଳାଙ୍କ ପରିବାରଠାରୁ ୫୦ ହଜାର ଟଙ୍କା ଠକେଇ କରିଥିବା ଅଭିଯୋଗରେ ଅତାବିରା ପୁଲିସ ଜଣେ ଯୁବକଙ୍କୁ ବୁଧବାର ଗିରଫ କରିଛି। ଗିରଫ ଯୁବକ ଜଣକ ହେଲେ ଅତାବିରା ମିନାରବନ୍ଦ ପଡ଼ାର ମହମ୍ମଦ୍ ଜାଭେଦ୍ (୨୫) । ଏ ସମ୍ପର୍କରେ ଅତାବିରା ଥାନାରେ ମାମଲା ନଂ-୨୮୫/୨୨.୦୭.୨୦୨୬ ରୁଜୁ ହୋଇ ବିଏନଏସ ର ବିଭିନ୍ନ ଧାରାରେ ତଦନ୍ତ ଚାଲିଛି। ପୁଲିସ ସୂଚନା ଅନୁଯାୟୀ, ଗତ ୨୦ ଜୁଲାଇରେ ମହମ୍ମଦ ଜାଭେଦ (୨୫) ନିଜକୁ ଆଇନଜୀବୀ ବୋଲି ପରିଚୟ ଦେଇ ପାଇକମାଳ ଥାନା ଅନ୍ତର୍ଗତ ମଣ୍ଡୋସିଲ ଗ୍ରାମର କାହକାସା ଅଞ୍ଜୁମ ଓ ତାଙ୍କ ପରିବାର ସହ ଅତାବିରା ଥାନାକୁ ଆସିଥିଲେ। ସେ ବରଗଡ଼ ପାରିବାରିକ ଅଦାଲତର ନାମରେ ପ୍ରସ୍ତୁତ ଏକ ଆଦେଶର ପ୍ରିଣ୍ଟ କପି ଦେଖାଇ ଶିଶୁଙ୍କ ଅଭିଭାବକତ୍ୱ ମା'ଙ୍କୁ ହସ୍ତାନ୍ତର କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିବା ଦାବି କରିଥିଲେ। ତେବେ ପୁଲିସର ସନ୍ଦେହ ହେବା ପରେ ବରଗଡ଼ ପାରିବାରିକ ଅଦାଲତ ସହ ଯୋଗାଯୋଗ କରି ଯାଞ୍ଚ କରାଯାଇଥିଲା। ଯାଞ୍ଚରେ ସମ୍ପୃକ୍ତ ଆଦେଶଟି ସମ୍ପୂର୍ଣ୍ଣ ନକଲି ବୋଲି ସ୍ପଷ୍ଟ ହୋଇଥିଲା। ସେହିପରି ମହମ୍ମଦ ଜାଭେଦ କୌଣସି ଆଇନଜୀବୀ ନୁହେଁ, ବରଂ ସେ ଜଣେ ସ୍ନାତକ ବୋଲି ଜଣାପଡ଼ିଥିଲା। ତଦନ୍ତରୁ ଏହା ମଧ୍ୟ ଜଣାପଡ଼ିଛି ଯେ, ଅଭିଯୁକ୍ତ କାହକାସା ଅଞ୍ଜୁମଙ୍କ ପରିବାରକୁ ସେମାନଙ୍କ ସପକ୍ଷରେ ଅଦାଲତୀ ଆଦେଶ କରାଇଦେବାର ପ୍ରତିଶ୍ରୁତି ଦେଇ ୫୦ ହଜାର ଟଙ୍କା ନେଇଥିଲେ। ଘଟଣାକୁ ଗୁରୁତ୍ୱର ସହ ନେଇ ଅତାବିରା ପୁଲିସ ସ୍ୱତଃପ୍ରେରିତ ଭାବେ ମାମଲା ରୁଜୁ କରି ଅଭିଯୁକ୍ତ ମହମ୍ମଦ ଜାଭେଦଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ଗୋଟିଏ ଲେନୋଭୋ ଲ୍ୟାପଟପ୍ ଓ ଗୋଟିଏ ପୋକୋ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ପରେ ତାଙ୍କୁ ମାନ୍ୟବର ଅଦାଲତରେ ହାଜର କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

## ଗାଁକୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ

ମୁରିବାହାଲ,(ସବ୍ୟୁ): ପେଟର ଦାନା ପାଇଁ ଦାଦନ ଖଟିବାକୁ ସୁଦୂର ସିକନ୍ଦରାବାଦକୁ ମାତ୍ର ୨ମାସ ପୂର୍ବେ ଯାଇଥିବା ପୁଣି ଜଣେ ଯୁବକଙ୍କ ମୃତଦେହ ସର୍ଗୁଲ ଗାଁକୁ ଫେରିଛି। ମୃତ ଦାଦନ ଶ୍ରମିକ ଜଣଙ୍କ ସର୍ଗୁଲ ଗ୍ରାମର ମଗଶିର ଭୋଇଙ୍କ ପୁଅ ଟଙ୍କଧର ଭୋଇ(୨୧)। ଦାଦନ ପ୍ରବଣ ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଇଚ୍ଛାପଡ଼ା ପଞ୍ଚାୟତ ସର୍ଗୁଲ୍ ଗାଁରୁ ପ୍ରତିବର୍ଷ ସର୍ବାଧିକ ଲୋକ ପେଟପାଟଣା ପାଇଁ ଦାଦନ ଶ୍ରମିକ ଭାବେ ବାହାର ରାଜ୍ୟକୁ ଯାଇଥାନ୍ତି। ଟଙ୍କଧର ଗତ ୨ମାସ ତଳେ ଦାଦନ ଶ୍ରମିକ ଭାବେ ସିକନ୍ଦରାବାଦ ଯାଇ ଏକ ବିସ୍କୁଟ କାରଖାନାରେ କାମ କରୁଥିଲେ। ତାଙ୍କ ସହିତ ତାଙ୍କ ଗ୍ରାମର ଅନ୍ୟ ପଡ଼ାର ଯୁବକମାନେ ମଧ୍ୟ ଏହି କାରଖାନାରେ ଦାଦନ



ଶ୍ରମିକ ଭାବେ କାମ କରୁଥିଲେ। କିଛି ଦିନ ତଳେ କୌଣସି କାରଣକୁ ନେଇ ଟଙ୍କଧର ଏକ ରଶି ଲଗାଇ ସେଠାରେ ଆତ୍ମହତ୍ୟା କରିଥିବା କୁଆଡ଼େ ଦେଖିବାକୁ ମିଳିଥିଲା। ଗ୍ରାମର ଥିବା ଅନ୍ୟ ଯୁବକମାନେ ପରିବାର ଲୋକଙ୍କୁ ସୂଚନା ଦେବାପରେ ପରିବାର ଲୋକେ ମୃତଦେହ ଆଣିବା ପାଇଁ ସେଠାକୁ ଯାଇଥିଲେ। ନିଜ ହାତରୁ ଖର୍ଚ୍ଚ କରି ଏକ ଗାଡ଼ି ଯୋଗେ ପରିବାର ମୃତଦେହ ଗାଁକୁ ଆଣିଥିବା ଜଣାପଡିଛି। ଟଙ୍କଧରଙ୍କ ମୃତ୍ୟୁର ପ୍ରକୃତ କାରଣ ଅସ୍ପଷ୍ଟ ରହିଥିବା ବେଳେ ଯୁବକଙ୍କ ମୃତଦେହ ଗାଁକୁ ପହଞ୍ଚିବା ପରେ ଗାଁରେ ଅତ୍ୟନ୍ତ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପୂର୍ବରୁ ମଧ ଦାଦନ ପ୍ରବଣ ମୁରିବାହାଲ ବ୍ଲକ ଅଞ୍ଚଳରୁ ଦାଦନ ଶ୍ରମିକ ଭାବେ ପେଟପାଟଣା ପାଇଁ ଯାଇଥିବା ବହୁ ଶ୍ରମିକଙ୍କ ମୃତଦେହ ଉଦ୍ଧାର ଓ ଗାଁକୁ ଫେରିଥିବା ମଧ ଜଣାପଡିଛି। ଏହି ମୃତ ଦାଦନ ଶ୍ରମିକଙ୍କ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଡ୍ରେନେଜ ସମସ୍ୟା ବିପର୍ଯ୍ୟସ୍ତ

କୋକସରା,(ସବ୍ୟୁ) : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ସଦର କୋକସରା ଗ୍ରାମ ପଞ୍ଚାୟତ କୋକସରା ସହରରେ ଡ୍ରେନେଜ ବ୍ୟବସ୍ଥା ଭୁଶୁଡି ପଡିଛି। ଡ୍ରେନ ଦେଇ ପାଣି ନିଷ୍କାସନ ନ ହେବାରୁ ବର୍ଷା ଦିନରେ ଜାତୀୟ ରାଜପଥ ଓ ଘର ଉପରେ ଆଣ୍ଠୁଏ ପାଣି ଲହଡି ଭାଙ୍ଗୁଥିବା ଦେଖିବାକୁ ମିଳୁଛି। କୋକସରା ଗ୍ରାମ ବ୍ଲକର ମୁଖ୍ୟାଳୟ ହୋଇଥିବା ବେଳେ ଦୈନିକ ହଜାର ହଜାର ଲୋକେ ବ୍ଲକର ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର ଉପରେ ନିର୍ଭର କରନ୍ତି । ତେବେ ଗତ କିଛିଦିନ ଧରି ଜାରି ରହିଥିବା ଲଘୁଚାପ ଜନିତ ବର୍ଷା କାରଣରୁ ରାସ୍ତା ଦୁଇ ପାର୍ଶ୍ୱରେ ଥିବା ଡ୍ରେନ ଗୁଡିକ ଅନେକ ସ୍ଥାନରେ ପୋତି ହୋଇ ଯାଇଥିବା ବେଳେ କିଛି ବ୍ୟବସାୟୀ ଓ ଉଠା ଦୋକାନୀ ମାନେ ଡ୍ରେନ ଉପରେ ଦୋକାନ ବଜାର ଗଢି ବ୍ୟବସାୟ କରୁଛନ୍ତି। ଫଳରେ ଏହି ପୋତି ହୋଇ ପଡ଼ିଥିବା ଡ୍ରେନ ଦେଇ ବର୍ଷା ପାଣି ନିଷ୍କାସନ ହୋଇ ନପାରି ଜାତୀୟ ରାଜପଥ ଓ ରାସ୍ତା କଡରେ ଥିବା ଘର ମଧ୍ୟ ଦେଇ ପ୍ରବାହିତ ହେଉଥିବା ଦେଖିବାକୁ ମିଳୁଛି । ଏଥିପାଇଁ ରାସ୍ତାରେ ଯାତାୟାତ କରୁଥିବା ଜନ ସାଧାରଣ ମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷ ସବୁ ଦେଖି ମଧ୍ୟ ଆଖି ବୁଜି ଦେଇଥିବା ବେଳେ ଏନେଇ କୋକସରା ପିଇଓ ଭବିଷ୍ୟତ ପଟେଲଙ୍କ ପ୍ରତିକ୍ରିୟା ନେବାରୁ ପଞ୍ଚାୟତ ପକ୍ଷରୁ ଡ୍ରେନ ସଫେଇ କାର୍ଯ୍ୟ ଜାରି ରହିଛି, କିଛି ଉଠା ଦୋକାନୀ ଡ୍ରେନ ଉପରେ ନିଜର ବ୍ୟବସାୟ ପ୍ରତିଷ୍ଠାନ କରିଥିବାରୁ ଡ୍ରେନ ସଫାରେ ଅସୁବିଧା ହେଉଛି। ଏନେଇ ପଞ୍ଚାୟତ ପକ୍ଷରୁ ତହସିଲଦାରଙ୍କୁ ରାସ୍ତା କଡରେ ଡ୍ରେନ ଉପରେ ଜବରଦଖଲ ଉଚ୍ଛେଦ କରିବା ପାଇଁ ଲିଖିତ ଅଭିଯୋଗ କରାଯାଇଛି। ଶିବ ମନ୍ଦିର ଛକରେ ଥିବା ପୋଲ ନିର୍ମାଣରେ ତ୍ରୁଟି କାରଣରୁ ପାଣି ନିଷ୍କାସନରେ ସମସ୍ୟା ଦେଖାଦେଇଛି ବୋଲି କହିଛନ୍ତି। ଏ ଦିଗରେ ତହସିଲଦାର ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମର ସଚେତନ ନାଗରିକ ମାନେ ଦାବି କରିଛନ୍ତି ।

## ସପିଂ ମଲରେ ଭୟାବହ ଅଗ୍ନିକାଣ୍ଡ

ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ସରବାହାଲସ୍ଥିତ ଏକ ସପିଂ ମଲ କୋଠାରେ ଭୟାବହ ଅଗ୍ନିକାଣ୍ଡ ହୋଇଛି। ବୁଧବାର ସକାଳୁ ମଲ୍ ଖୋଲିବା ପୂର୍ବରୁ ଭିତରୁ ଧୂଆଁ ବାହାରୁଥିବା ଦେଖି ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ତେବେ, ନିଆଁ ଲିଭା କାମ ଜାରି ରହିଛି। ସୂଚନାମତେ,ଝାରସୁଗୁଡ଼ା ଜିଲ୍ଲା ସହର ଉପକଣ୍ଠ ସରବାହାଲଠାରେ ଥିବା ଶଙ୍କର ଜ୍ୱେଲର୍ସ ଏବଂ ଭି ମାର୍ଟ ସପିଙ୍ଗ ମଲରେ ଭୟାବହ ଅଗ୍ନିକାଣ୍ଡ ହୋଇଛି। ଅଗ୍ନିଶମ ବିଭାଗ ସମେତ ବିଭିନ୍ନ ଶିଳ୍ପ ସଂସ୍ଥାର ପାଞ୍ଚଟି ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରୁଥିଲେ ବି ନିଆଁକୁ ଆୟତ୍ତ କରାଯାଇ ପାରି ନାହିଁଛ ସର୍ଟସର୍କିଟ ଯୋଗୁଁ ନିଆଁ ଲାଗିଥିବା ଅନୁମାନ କରାଯାଉଛି।

## ଜିଲ୍ଲା ପରିଷଦ ସଦସ୍ୟଙ୍କ ସହ ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କ ସାକ୍ଷାତ

ବଲାଙ୍ଗିର(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କଣ୍ଟାବାଞ୍ଜି ବିଧାୟକ ଲକ୍ଷଣ ବାଗ ଡିଏଫଓ କନଫରେନ୍ସ ହଲ ଠାରେ ବୁଧବାର ଜିଲ୍ଲାସ୍ତରୀୟ ଅଧିକାରୀ ଓ ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା ମାନଙ୍କ ମଧ୍ୟରେ ଏକ ସୌଜନ୍ୟ ମୂଳକ ସାକ୍ଷାତ ବୈଠକ କରିଛନ୍ତି । ବଲାଙ୍ଗିର ଜିଲ୍ଲାର ବିକାଶରେ ସମସ୍ତେ ଯୋଡି ହେବାକୁ ଅଧିକାରୀ ଓ ଜନ ପ୍ରତନିଧି ମାନଙ୍କୁ ଆହ୍ୱାନ ଦେଇଛନ୍ତି। ଲୋକଙ୍କ ପାଇଁ ଲୋକଙ୍କ ସରକାର,ତେଣୁ ଅଧିକାରୀଙ୍କୁ ୪ସୁତ୍ର ସ୍ୱଚ୍ଛତା,ଉତ୍ତର ଦାୟୀତ୍ୱ ,ଗୁଣବତ୍ତା ଓ ଡେଡଲାଇନରେ କାମ କରିବାକୁ ପରାମର୍ଶ ଦେଇଥିଲେ। ବୈଠକ ପରେ ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀ ବାଗ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଠାରେ ଥିବା ଅଫିସ ଗୃହ କୁ ପୂଜାର୍ଚ୍ଚନା ପୂର୍ବକ ପ୍ରବେଶ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମ ରେ ଟିଟିଲାଗଡ ବିଧାୟକ ନବୀନ ଜୈନ ଜିଲ୍ଲା ବିଜପି ସଭାପତି ଶ୍ରୀବସ୍ତ ବେହେରା, ବରିଷ୍ଠ ନେତା ରାକେଶ କୁମାର ମିଶ୍ରଙ୍କ ସମେତ ଦଳୀୟ ତୁଙ୍ଗ ନେତା ଓ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଶଙ୍କର ପ୍ରସାଦ ଦତ୍ତ ପାଇବେ ସମ୍ବଲପୁରୀ ଜାତୀୟ ସମ୍ମାନ

ସମ୍ବଲପୁର,(ସବ୍ୟୁ): ଜୀବନ ସାରା ସୁମଧୁର କଣ୍ଠର ଯାଦୁରେ ବିମୋହିତ କରିବା ସହ ସମ୍ବଲପୁରୀ ଲୋକ ସଙ୍ଗୀତକୁ ଉଚ୍ଚ ସୋପାନରେ ପହଞ୍ଚାଇ ଥିବା ଶଙ୍କର ପ୍ରସାଦ ଦତ୍ତଙ୍କୁ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନରେ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଜାତୀୟ ସମ୍ମାନରେ ସମ୍ମାନିତ କରାଯିବ। ଏନେଇ ବୁଧବାର ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଘୋଷଣା କରାଯାଇଛି। ସମ୍ବଲପୁରୀ ସଂସ୍କୃତିର ପୁରୋଧା ଗୁରୁ ସତ୍ୟନାରାୟଣ ବହିଦାରଙ୍କର ଜନ୍ମଦିନ ଅଗଷ୍ଟ ୧ତାରିଖରେ ପାଳନ କରାଯାଉଥିବା ୧୪ ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ଅବସରରେ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଏହି ସମ୍ମାନ ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଶଙ୍କର ପ୍ରସାଦ ଦତ୍ତ ବାପା ସ୍ୱର୍ଗତ ବିଭୂତି ଭୂଷଣ ଦତ୍ତଓ ମାଆ ମିନତା ରାଣୀ ଦତ୍ତ ଙ୍କ ଠାରୁ ଔରସରୁ ବଲାଙ୍ଗୀରରେ



ଜନ୍ମଗ୍ରହଣ କରିଥିଲେ। ବାପା ମାଆଙ୍କ ଠାରୁ ପ୍ରାରମ୍ଭିକ ସଂଗୀତ ଶିକ୍ଷା ପରେ ସ୍ୱର୍ଗତ ରଫିକ୍ ଖାନ, ଗୁରୁ ସ୍ୱର୍ଗତ ଚିତ୍ତରଞ୍ଜନ ମହାନ୍ତି, ସ୍ୱର୍ଗତ ଅଶୋକ ପଟ୍ଟନାୟକ ଓ ସ୍ୱର୍ଗତ ବିଭୁତେନ୍ଦ୍ର ସିଂଦେଓ, ଗୁରୁ ଅରୁଣ ପ୍ରସନ୍ତ ସେଠ, ସ୍ୱର୍ଗତ ଫକୀର ମୋହନ ପଟ୍ଟନାୟକ, ସ୍ୱର୍ଗତ ପ୍ରଭୁଦତ୍ତ ପ୍ରଧାନଙ୍କ ଠାରୁ ସଂଗୀତ ଶିକ୍ଷା କରିଥିଲେ । ଏହାସହ ସ୍ୱର୍ଗତ ପ୍ରଦୀପ ପାତ୍ର, ପ୍ରଫୁଲ୍ଲ କରଙ୍କ ସାନିଧ ଲାଭ କରିଥିଲେ । ୧୯୭୩ ମସିହାରେ ଆକାଶବାଣୀ ସମ୍ବଲପୁରରୁ ସମ୍ବଲପୁରୀ ଲୋକସଂଗୀତ ଏବଂ ୧୯୮୭ ମସିହାରେ ଆକାଶବାଣୀ କଟକରୁ ସୁଗମ ସଂଗୀତ ପାଇଁ ଗାୟକ ଭାବେ ସ୍ୱୀକୃତି ପାଇଥିଲେ । ସମ୍ବଲପୁର ଗୀତ ମାଲିକେ ମୋର ଆନୁଅଛେ ଜର ଭମରା, ବଏଁଶୀଟା କିଏ ନେଇଗଲାରେ, ଗୁଡ଼ର ପଏଁରୀ ବାଜେ ରାଇଁଝାଇଁରେ, ଜୁଡେ ମାଏଝୀର ଘୃଣା, ଶଶୁରଘ ରକେ ଜଏଁଗଲା ନୂଆଁଖାଇ, ବାଏର ତରେତରେ ଗଲାରେ ଭାଲୁ ଖସଖସ, ନାଇଁ ବଜା ବେନୁ ଆରୁ କାହ୍ନୁରେ ପ୍ରଭୃତି ପ୍ରାୟ ୩୦୦୦ ଗୀତ ସେ ଗାଇଛନ୍ତି । ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ପ୍ରତିବର୍ଷ ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଚାର ପ୍ରସାର ଏବଂ ଆଜୀବନ ସାଧନା ପାଇଁ ଜଣକୁ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଜାତୀୟ ସମ୍ମାନରେ ସମ୍ମାନିତ କରାଯାଇ ଆସୁଛି ବୋଲି ଆବାହକ ଭବାନୀଶଙ୍କର ଭୋଇ ଓ ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି ସୂଚନା ଦେଇଛନ୍ତି।

## ବିପଦସଙ୍କୁଳ ଅବସ୍ଥାରେ ଟାଙ୍ଗରାଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ



ଜମନକିରା,(ସବ୍ୟୁ): ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇଦେବା ପାଇଁ ସରକାର ବିଦ୍ୟାଳୟର ରୂପାନ୍ତରଣ ଓ ୫-ଟି ଯୋଜନା ଜରିଆରେ ପୂର୍ବ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିବା ଓ ଡିଣ୍ଡିମ ପିଟିଥିବା ବେଳେ ବର୍ତ୍ତମାନ ସରକାର ଅନୁରୂପ ଭାବେ ସ୍କୁଲ ଗୁଡିକକୁ ଅଣଦେଖା କରୁଛନ୍ତି। ଏମିତି ଏକ ନଗ୍ନଚିତ୍ର ଦେଖିବାକୁ ମିଳୁଛି, ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ବଡ଼ମାଲ ପଞ୍ଚାୟତ ଟାଙ୍ଗରାଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସ୍ଥା। ସ୍କୁଲଟି ଅତି ପୁରୁଣା ହୋଇଥିବା ବେଳେ ଶ୍ରେଣୀ କୋଠରୀ ଗୁଡ଼ିକ ଚାଳ ଛପର ରେ ତିଆରି ହୋଇଛି । ଚାଳଛପର ଶ୍ରେଣୀ କୋଠରୀ ଗୁଡ଼ିକ ଏବେ ଅତ୍ୟନ୍ତ ବିପଦ ସଙ୍କୁଳ ଅବସ୍ଥାରେ । କୋମଳମତି ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ପ୍ରତିମୁହୂର୍ତ୍ତରେ ବିପଦ ସୃଷ୍ଟି ହୋଇଛି। ୧୯୬୧ ମସିହାରୁ ନିର୍ମିତ ଏହି ସ୍କୁଲରେ ଶିଶୁ ବାଟିକା ଠାରୁ ଆରମ୍ଭ କରି ୮ମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ୯ ଟି ଶ୍ରେଣୀ କୋଠରୀ ରହିବା କଥା କିନ୍ତୁ ମାତ୍ର ୨ ଟି କୋଠରୀ କେବଳ ଟିକିଏ ଭଲ ରହିଛି। ବାକି ଶ୍ରେଣୀ କୋଠରୀ ଗୁଡ଼ିକ ବିପଦ ସଙ୍କୁଳ ଅବସ୍ଥାରେ।

ବର୍ଷା ଦିନରେ ସେଥିରେ ସାପ, ବିଛା ଓ ଅନ୍ୟାନ୍ୟ ବିଷାକ୍ତ କୀଟପତଙ୍ଗ ରହିବାର ବିଶେଷ ଭୟ ପ୍ରତି ମୁହୂର୍ତ୍ତରେ ରହୁଛି। ସ୍କୁଲର ଏଭଳି ସ୍ଥିତି ଯୋଗୁଁ ଆତଙ୍କିତ ଅଭିଭାବକ ଓ ଆଶଙ୍କାରେ ଶିକ୍ଷକ ରହିଛନ୍ତି । ଯଦି କୌଣସି ଅଘଟଣ ଘଟେ, ତେବେ ଏଥିପାଇଁ ଶିକ୍ଷା ବିଭାଗ ଦାୟୀ ରହିବେ ବୋଲି ଅଭିଭାବକ ମାନେ ଅଭିଯୋଗ ଆଣିଛନ୍ତି। ପୁରୁଣା ଛପର ଘର ସମସ୍ୟା ସମ୍ପର୍କରେ ଗ୍ରାମବାସୀ, ବିଦ୍ୟାଳୟ ପରିଚାଳନା କମିଟି ଏବଂ ଶିକ୍ଷକମାନଙ୍କ ତରଫରୁ ସ୍ଥାନୀୟ ଶିକ୍ଷା ଅଧିକାରୀ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରାଯାଇଛି। ତଥାପି ବିଭାଗୀୟ କର୍ତ୍ତୃପକ୍ଷ କେବଳ ପ୍ରତିଶ୍ରୁତି ଦେଇ ଦାୟିତ୍ୱ ସାରିଦେଉଥିବା ଅଭିଯୋଗ ହୋଇଛି।

ସୁରକ୍ଷା ଦୃଷ୍ଟିରୁ ନୂତନ ଛାତ କୋଠରୀ (ପକ୍କା ଘର) ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଯଦି ପ୍ରଶାସନ ଅତି ଶୀଘ୍ର ଏହି ବିଦ୍ୟାଳୟର ନୂତନ କୋଠରୀ ନିର୍ମାଣ ପାଇଁ ପଦକ୍ଷେପ ନ ନିଏ, ତେବେ ଆଗାମୀ ଦିନରେ ଗ୍ରାମବାସୀ ଓ ଅଭିଭାବକମାନେ ରାଜରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏସଂକ୍ରାନ୍ତରେ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କୁ ଯୋଗାଯୋଗ କରି ପଚାରିବାରୁ, ସ୍କୁଲ ଘର ହେବା ପାଇଁ ଶେଷ ପର୍ଯ୍ୟାୟରେ ପହଞ୍ଚିଛି, ଖୁବ୍ ଶୀଘ୍ର ନୂତନ ଗୃହ ନିର୍ମାଣ କରାଯିବ ବୋଲି କହିଥିଲେ।

## ଗଛ ପଡ଼ି ଜଣେ ମୃତ, ଜଣେ ଗୁରୁତର

ସମ୍ବଲପୁର,(ସବ୍ୟୁ) : ସମ୍ବଲପୁର ଜିଲ୍ଲା ଧମା ଥାନା ଅନ୍ତର୍ଗତ ସାହାସପୁର ଛକ ନିକଟରେ ଏକ ଗଛ ଭାଙ୍ଗି ପଡ଼ିବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଏଥିସହ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିବା ବେଳେ ତାଙ୍କୁ ଭିମସାରରେ ଭର୍ତ୍ତି କରାଯାଇଛି । ଖବର ପାଇ ଧମା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେଜକୁ ଜବତ କରିଛି। ଏଥିସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ, ଛଚାନପାଲି ଗ୍ରାମର ବିକାଶ ମନ୍ଦୋଦରୀ(୨୨) ଓ ଅନ୍ୟ ଜଣେ ବାଇକ ଯୋଗେ ସମ୍ବଲପୁରରୁ ଧମା ଅଭିମୁଖେ ଆସୁଥିଲେ । ଏହି ସମୟରେ ବର୍ଷା ଓ ପବନ ଯୋଗୁଁ ସାହାସପୁର ଛକ ନିକଟରେ ଏକ ଶୁଖିଲା ଗଛ ଭାଙ୍ଗି ପଡ଼ିବାରୁ ତାଙ୍କ ଉପରେ ପଡ଼ିଥିଲା । ଫଳରେ ବିକାଶଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା ।

## ଏସ୍‌ସିଓଆର ଗଠନ : ଏଏଲପି ପୋଷ୍ଟିଂ ସ୍ଥଗିତ ଦାବି


ରାୟଗଡ଼ା,(ସବ୍ୟୁ): ଦକ୍ଷିଣ ତଟ ରେଳପଥ (ଏସସିଓଆର) ଗଠନ ପରିପ୍ରେକ୍ଷୀରେ ନବନିଯୁକ୍ତ ରେଳବାଇ ନିଯୁକ୍ତି ବୋର୍ଡ (ଆରଆରବି) ଆସିଷ୍ଟାଣ୍ଟ ଲୋକୋ ପାଇଲଟ୍ (ଏଏଲପି)ଙ୍କ ପୋଷ୍ଟିଂ ପ୍ରକ୍ରିୟାକୁ ଯୁଗ୍ମ ପ୍ରକ୍ରିୟା ନିର୍ଦ୍ଦେଶ (ଜେପିଓ) ଜାରି ଓ କାର୍ଯ୍ୟକାରୀ ନହେବା ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ଦାବି ଉଠିଛି। ଏହି ଦାବି ନେଇ ପ୍ରଭାବିତ କର୍ମଚାରୀମାନେ ବୁଧବାର ରାୟଗଡ଼ା ରେଳ ଡିଭିଜନର ରେଳ ପ୍ରବନ୍ଧକ (ଡିଆରଏମ୍) ଅମିତାଭ ସିଙ୍ଗଲଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ତାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦାବିପତ୍ରରେ କୁହାଯାଇଛି, ବିଶାଖାପାଟଣା ଡିଭିଜନରେ ଜେପିଓ ଜାରି ପୂର୍ବରୁ ଏଏଲପିଙ୍କ ପୋଷ୍ଟିଂ କରାଯାଉଛି। ରେଳବାଇ ବୋର୍ଡଙ୍କ ଅନୁମୋଦିତ ବିସ୍ତୃତ ପ୍ରକଳ୍ପ ପ୍ରତିବେଦନ (ଡିପିଆର), ଜୋନ ବିଭାଜନ ବ୍ୟବସ୍ଥା, ସ୍ଥାନାନ୍ତର ନିୟମ ଓ ବରିଷ୍ଠତା ନୀତିର ସମ୍ପୂର୍ଣ୍ଣ ପାଳନ ବିନା ପୋଷ୍ଟିଂ କରାଗଲେ ଭବିଷ୍ୟତରେ କର୍ମଚାରୀଙ୍କ ସେବା ସ୍ୱାର୍ଥ କ୍ଷୁଣ୍ଣ ହୋଇପାରେ।



ସେମାନଙ୍କ କହିବାନୁସାରେ ବର୍ତ୍ତମାନ ରାୟଗଡ଼ା ଓ ବିଶାଖାପାଟଣା ଡିଭିଜନ ଏକକ ବରିଷ୍ଠତା ୟୁନିଟ୍ ଅଧୀନରେ ରହିଛି। ଏପରି ସ୍ଥିତିରେ ଜେପିଓ ପୂର୍ବରୁ ପୋଷ୍ଟିଂ କରାଗଲେ ବରିଷ୍ଠତା, ସ୍ଥାନାନ୍ତର ଅଧିକାର ଓ ଭବିଷ୍ୟତ ସେବା ସ୍ୱାର୍ଥ ଉପରେ ପ୍ରଭାବ ପଡ଼ିବ। ବିଶେଷକରି କୋଉାଭାଲାସା-କିରଣ୍ଡୁଲ (କେକେ) ଓ କୋରାପୁଟ-ରାୟଗଡ଼ା (କେଆର୍) ରେଳପଥରେ କାର୍ଯ୍ୟରତ କର୍ମଚାରୀମାନେ କ୍ଷତିଗ୍ରସ୍ତ ହୋଇପାରନ୍ତା । ତେଣୁ ଜେପିଓ ଜାରି ଓ କାର୍ଯ୍ୟକାରୀ ନହେବା ପର୍ଯ୍ୟନ୍ତ ଏଏଲପି ପୋଷ୍ଟିଂ ପ୍ରକ୍ରିୟାକୁ ସ୍ଥଗିତ ରଖିବା, ପୂର୍ବରୁ ଜାରି ହୋଇଥିବା ପୋଷ୍ଟିଂ ଆଦେଶର ସମୀକ୍ଷା କରିବା ଏବଂ ସମସ୍ତ ପ୍ରଯୁଜ୍ୟ ନିୟମ ପାଳନ ପରେ ନୂତନ ପୋଷ୍ଟିଂ କରିବାକୁ ଦାବି କରାଯାଇଛି। ଏଥିସହ ଜୋନ ବିଭାଜନ ପ୍ରକ୍ରିୟାରେ ବିଦ୍ୟମାନ କର୍ମଚାରୀଙ୍କ ବୈଧ ଅଧିକାର ଓ ସେବା ସ୍ୱାର୍ଥର ସୁରକ୍ଷା ନିଶ୍ଚିତ କରିବାକୁ ମଧ୍ୟ ଅନୁରୋଧ କରାଯାଇଛି। ଅଭିଯୋଗକାରୀ ସ୍ପଷ୍ଟ କରିଛନ୍ତି, ଏହା କୌଣସି ବିଶେଷ ସୁବିଧା ହାସଲ ପାଇଁ ନୁହେଁ ବରଂ ରେଳବାଇ ବୋର୍ଡଙ୍କ ନିୟମାବଳୀକୁ ସ୍ୱଚ୍ଛ ଓ ସମାନ ଭାବେ କାର୍ଯ୍ୟକାରୀ କରି ସମସ୍ତ କର୍ମଚାରୀଙ୍କ ସେବା ସ୍ୱାର୍ଥ ସୁରକ୍ଷିତ ରଖିବାକୁ ସେମାନେ ଦାବି କରିଛନ୍ତି।

# ବର୍ଷା ପାଣିରେ ବୁଡୁଛି ଭୁକ୍ତା-ପ୍ରକାଶପୁର ମୁଖ୍ୟ ରାସ୍ତା

ଅମ୍ବାଭୋନା, (ସବ୍ୟୁ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତା-ପ୍ରକାଶପୁର ମୁଖ୍ୟ ରାସ୍ତା ବର୍ଷା ଦିନରେ ଜଳମଗ୍ନ ହୋଇ ପଡ଼ିଥିବାରୁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ଓଡ଼ିଶା-ଛତିଶଗଡ଼ ସୀମାନ୍ତକୁ ସଂଯୋଗ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ସଡ଼କ ଦେଇ ପ୍ରତିଦିନ ଶତାଧିକ ଯାନବାହନ ଚଳାଚଳ କରୁଥିବା ବେଳେ ରାସ୍ତାର ଦୟନୀୟ ଅବସ୍ଥା ଯାତ୍ରୀମାନଙ୍କ ପାଇଁ ବଡ଼ ବିପଦ ସୃଷ୍ଟି କରିଛି। ରାସ୍ତାଟି ସଂକୀର୍ଣ୍ଣ ହୋଇଥିବା ସହ ବିଭିନ୍ନ ସ୍ଥାନରେ ପାର୍ଶ୍ୱ ଧୋଇଯାଇ ଗଭୀର ଖାଳ ସୃଷ୍ଟି ହୋଇଛି। ବର୍ଷା ହେଲେ ସେହି ଖାଳ ଓ ଗାତଗୁଡ଼ିକରେ ପାଣି ଜମି ରହୁଥିବାରୁ ପ୍ରକୃତ ଅବସ୍ଥା ଜଣାପଡୁନାହିଁ। ବିଶେଷ କରି



ଓମଫେଡ କାର୍ଯ୍ୟାଳୟ ସମ୍ମୁଖ, ବିଦେଶୀ ମଦ ଦୋକାନ ସମ୍ମୁଖ ଏବଂ ମଧୁର ହୋଟେଲ ସମ୍ମୁଖରେ ଅତ୍ୟଧିକ ପାଣି ଜମି ରହୁଥିବାରୁ ଯାତାୟାତ ଅତ୍ୟନ୍ତ ବିପଦଜନକ ହୋଇପଡ଼ିଛି। ଫଳରେ ବାଇକ୍ ଚାଳକ, ସାଇକେଲ ଆରୋହୀ, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ସହ ସାଧାରଣ ଲୋକ ପ୍ରତିଦିନ ଦୁର୍ଘଟଣାର ଶିକାର ହେଉଛନ୍ତିଛଭୁକ୍ତା ଅଞ୍ଚଳ ବରଗଡ଼, ସୋହେଲା ସମେତ ଛତିଶଗଡ଼ର ରାୟଗଡ଼ ଓ ସାରଙ୍ଗଡ଼ ଅଞ୍ଚଳକୁ ସଂଯୋଗ କରୁଥିବାରୁ ଏହି ରାସ୍ତାର ଗୁରୁତ୍ୱ ଅତ୍ୟଧିକଛ ଭୁକ୍ତା ଏକ ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ହୋଇଥିବା ସହ ଏଠାରେ ସ୍କୁଲ, କଲେଜ, ବ୍ୟାଙ୍କ, ବ୍ଲକ କାର୍ଯ୍ୟାଳୟ, ଆର୍ଆଇ କାର୍ଯ୍ୟାଳୟ ଓ ବ୍ଲକ ମୁଖ୍ୟ ଚିକିତ୍ସାଳୟ ରହିଛି। ତେଣୁ ପ୍ରତିଦିନ ହଜାର ହଜାର ଲୋକ ବିଭିନ୍ନ କାର୍ଯ୍ୟ ପାଇଁ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ଦୀର୍ଘଦିନ ଧରି ରାସ୍ତାର ପ୍ରଶସ୍ତିକରଣ ଓ ମରାମତି କାମ ଆଗେଇ ନ ପାରିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ବିଭିନ୍ନ ବିଭାଗର କର୍ମଚାରୀ, ଜନପ୍ରତିନିଧି ଓ ଅଧିକାରୀମାନେ ପ୍ରତିଦିନ ଏହି ରାସ୍ତା ଦେଇ ଯାତାୟାତ କରୁଥିଲେ ମଧ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅଞ୍ଚଳବାସୀ ପୂର୍ତ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନକୁ ତୁରନ୍ତ ରାସ୍ତାର ମରାମତି, ସ୍ଥାୟୀ ଜଳ ନିଷ୍କାସନ ବ୍ୟବସ୍ଥା ଓ ପ୍ରଶସ୍ତିକରଣ କାମ ଆରମ୍ଭ କରିବାକୁ ଦାବି କରିଛନ୍ତି। ବିଳମ୍ବ ହେଲେ ଆଗାମୀ ଦିନରେ ଗଣଆନ୍ଦୋଳନ ଆରମ୍ଭ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ସମ୍ପାଦକୀୟ

## ଓଡ଼ିଶାକୁ କେନ୍ଦ୍ରର ଗୁରୁତ୍ୱ

ପଡ଼ୋଶୀ ପଶ୍ଚମବଙ୍ଗରେ ବିଜେପି ସରକାର ଗଠିତ ହେବା ପରେ ଓଡ଼ିଶାର ଗୁରୁତ୍ୱ ହ୍ରାସ ପାଇବ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ ପାଉଥିଲା । ମାତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ସରକାର ଦୀର୍ଘ ବାରବର୍ଷ ହେଲା ଓଡ଼ିଶା ଉପରେ ହିଁ ଗୁରୁତ୍ୱାରୋପ କରି ନୂତନ ଓଡ଼ିଶା ଗଠନ ପାଇଁ ଆଗ୍ରହ ପ୍ରକାଶ କରି ଆସିଛନ୍ତି । ଓଡ଼ିଶାରେ ଯେତେବେଳେ ଆଞ୍ଚଳିକ ଦଳ ବିଜେଡି ଶାସନ କରୁଥିଲା, ସେତେବେଳେ ମଧ କେନ୍ଦ୍ର ସରକାର କିମ୍ବା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଓଡ଼ିଶାକୁ ଗୁରୁତ୍ୱ ଦେଇ ଆସିଥିଲେ ଏବଂ ଓଡ଼ିଶାକୁ ପ୍ରଶଂସା କରିଥିଲେ । ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ତଥା ବିଜେପି ଦଳର ସରକାରଙ୍କ ପକ୍ଷରେ ରହି ସମର୍ଥନ ଜଣାଇ ଆସିଥିଲେ ।

ଓଡ଼ିଶାରେ ପ୍ରଥମ ଥର ପାଇଁ ବିଜେପି ସରକାର ଗଠନ କରି ଜଣେ ସଚ୍ଚୋଟ ଆଦିବାସୀ ନେତା ମୋହନ ଚରଣ ମାଝୀଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ବାଛି ପ୍ରଧାନମନ୍ତ୍ରୀ ଓଡ଼ିଶା ପାଇଁ ଯେ ଅଧିକରୁ ଅଧିକ ଧ୍ୟାନ ଦେଇଛନ୍ତି ଏଥିରେ ସନ୍ଦେହ ନାହିଁ । ଓଡ଼ିଶାରୁ ତିନିଜଣଙ୍କୁ କ୍ୟାବିନେଟ ପାହ୍ୟାରେ କେନ୍ଦ୍ରମନ୍ତ୍ରୀ କରିବା ସହିତ ଅନଗ୍ରସର ଅବସ୍ଥାରେ ଥିବା ଓଡ଼ିଶା ପ୍ରତି ଗୁରୁତ୍ୱ ଦେବାକୁ ଅନ୍ୟ କେନ୍ଦ୍ର ମନ୍ତ୍ରିମାନଙ୍କୁ ମଧ ପରାମର୍ଶ ଦେଇ ଆସିଛନ୍ତି । ଓଡ଼ିଶାରେ ପ୍ରବାସୀ ଭାରତୀୟ ସମ୍ମିଳନୀଠାରୁ ଆରମ୍ଭ କରି ଜାତୀୟ ସ୍ତରରେ ହେଉଥିବା ସମ୍ମିଳନୀ ସବୁର ଆୟୋଜନ ମଧ କେନ୍ଦ୍ର ସରକାର କରାଇ ଓଡ଼ିଶାର ଗୁରୁତ୍ୱ ବଢ଼ାଇଛନ୍ତି । ଏବେ ନିତି ଆୟୋଗ ପୁଞ୍ଜିନିବେଶ ଅନୁକୂଳ ତାଲିକାରେ ଓଡ଼ିଶାକୁ ପାଞ୍ଚଟି ରାଜ୍ୟ ସହିତ ଶୀର୍ଷ ତାଲିକାରେ କେନ୍ଦ୍ର ସରକାର ରଖିଛନ୍ତି । ଏହା କମ୍ ବଡ଼ କଥା ନୁହେଁ । କାରଣ ଆଉ ଦଶ ବର୍ଷ ପରେ ଓଡ଼ିଶା ଯେତେବେଳେ ତାହାର ଜନ୍ମ ଶତବାର୍ଷିକ ଉତ୍ସବ ପାଳନ କରିବ, ସେତେବେଳେ ଓଡ଼ିଶା ହୁଏ ତ ବିକଶିତ ଓଡ଼ିଶାରେ ଉପନୀତ ହୋଇଥିବ । 'ଏହାଦ୍ୱାରା ସମୃଦ୍ଧ ଓଡ଼ିଶା ଗଠନ ସମ୍ଭବପର ହେବ' ବୋଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

**ରାଜ୍ୟମାନଙ୍କରେ ବିଭିନ୍ନ କ୍ଷେତ୍ରରେ ବିଶେଷଜ୍ଞମାନଙ୍କୁ ନେଇ ଏପରି ଆୟୋଗର ଶାଖାମାନ ଗଠନ କରାଯିବା କଥା, ଯାହାର ଅଧକ୍ଷ ଦାୟିତ୍ୱରେ ମୁଖ୍ୟମନ୍ତ୍ରୀମାନେ ରହିବେ । ଅବଶ୍ୟ ପୂର୍ବର କଂଗ୍ରେସ ବା ବିଜେଡି ସରକାରମାନେ ରାଜ୍ୟ ସ୍ତରରେ ଯୋଜନା ବୋର୍ଡମାନ ଗଠନ କରିଥିଲେ, ଯାହାର ଅଧକ୍ଷ ମୁଖ୍ୟମନ୍ତ୍ରୀମାନେ ରହୁଥିଲେ । ଅନ୍ୟ ଯେଉଁ ସଦସ୍ୟମାନେ ରହୁଥିଲେ, ସେମାନେ ପ୍ରାୟ ବିଶେଷଜ୍ଞ ନଥିଲେ । ନିର୍ବାଚନରେ ଦଳୀୟ ଟିକେଟ ପାଇ ହାରି ଯାଇଥିବା ବା ଦଳୀୟ ଟିକେଟ ପାଇ ନଥିବା ବ୍ୟକ୍ତିମାନଙ୍କୁ ସେହି ବୋର୍ଡରେ ସଦସ୍ୟ ଭାବେ ରାଷ୍ଟ୍ରମନ୍ତ୍ରୀ ପାହ୍ୟାରେ ଥଇଥାନ କରା ଯାଉଥିଲା । ଫଳରେ ରାଜ୍ୟର ବିକାଶ ପ୍ରକୃତରେ ହୋଇ ପାରୁ ନଥିଲା ।**

ଯେଉଁ ରାଜ୍ୟଗୁଡ଼ିକ ସହିତ ଓଡ଼ିଶାକୁ ସମକକ୍ଷ କରାଯାଇଛି, ସେହି ରାଜ୍ୟଗୁଡ଼ିକ ହେଲା ଗୁଜରାଟ, ମହାରାଷ୍ଟ୍ର, ତାମିଲନାଡୁ ଓ ଗୋଆ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଭାଷାରେ 'ନିତି ଆୟୋଗଙ୍କର ଏହି ମାନ୍ୟତା ଓଡ଼ିଶାର ଶାସନ ସଂସ୍କାର, ବ୍ୟବସାୟ ସହଜସାଧ୍ୟତା, ସଂସ୍କାରଗତ ଦକ୍ଷତା ଏବଂ ନିବେଶକମାନଙ୍କ ସୁବିଧା ନିରନ୍ତର ଧ୍ୟାନକୁ ପ୍ରମାଣିତ କରୁଛି ।'

ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ଯେଉଁ ଯୋଜନା ଆୟୋଗ (Planing Commission ) ର ପରିକଳ୍ପନା କରିଥିଲେ, ତାହାର ସଂଶୋଧନ ଓ ପରିବର୍ତ୍ତନ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଭଲ ଭାବେ କରାଇଥିଲେ ୨୦୧୫ ମସିହା ଜାନୁଆରୀ ପହିଲାରୁ । ଭାରତ ସରକାର ତାହାକୁ ରୂପାନ୍ତରୀକରଣ ଭାରତ ପାଇଁ ଜାତୀୟ ପ୍ରତିଷ୍ଠାନରେ (National Institute for Transforming India) ପରିଣତ କରିଥିଲେ । ଭାରତ ସରକାରଙ୍କ ନୀତି ନିର୍ଦ୍ଧାରଣ ଲାଗି ଏହା ଥିଲା ସର୍ବୋଚ୍ଚ ପ୍ରତିଷ୍ଠାନ, ଯାହାର ଅଧକ୍ଷ ନିଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ପୂର୍ବରୁ ଥିବା ଯୋଜନା କମିଶନର ଉଚ୍ଛେଦ ତଦ୍ୱାରା କରାଯାଇଥିଲା । ରାଜ୍ୟମାନଙ୍କୁ ବିନା ବାଛ ବିଚାରରେ ଅନୁଦାନ ଦେବା ସହିତ ସାମଗ୍ରିକ ବିକାଶ ପାଇଁ କାମ କରିବାକୁ ଏହି ନିତି ଆୟୋଗ ମୋଦିଜୀଙ୍କ ନେତୃତ୍ୱରେ ଖୁବ୍ ତତ୍ପରତା ପ୍ରକାଶ କରି ଆସିଛି । ରାଜ୍ୟମାନଙ୍କରେ ବିଭିନ୍ନ କ୍ଷେତ୍ରରେ ବିଶେଷଜ୍ଞମାନଙ୍କୁ ନେଇ ଏପରି ଆୟୋଗର ଶାଖାମାନ ଗଠନ କରାଯିବା କଥା, ଯାହାର ଅଧକ୍ଷ ଦାୟିତ୍ୱରେ ମୁଖ୍ୟମନ୍ତ୍ରୀମାନେ ରହିବେ । ଅବଶ୍ୟ ପୂର୍ବର କଂଗ୍ରେସ ବା ବିଜେଡି ସରକାରମାନେ ରାଜ୍ୟ ସ୍ତରରେ ଯୋଜନା ବୋର୍ଡମାନ ଗଠନ କରିଥିଲୋ, ଯାହାର ଅଧକ୍ଷ ମୁଖ୍ୟମନ୍ତ୍ରୀମାନେ ରହୁଥିଲେ । ଅନ୍ୟ ଯେଉଁ ସଦସ୍ୟମାନେ ରହୁଥିଲେ, ସେମାନେ ପ୍ରାୟ ବିଶେଷଜ୍ଞ ନଥିଲେ । ନିର୍ବାଚନରେ ଦଳୀୟ ଟିକେଟ ପାଇ ହାରି ଯାଇଥିବା ବା ଦଳୀୟ ଟିକେଟ ପାଇ ନ ଥିବା ବ୍ୟକ୍ତିମାନଙ୍କୁ ସେହି ବୋର୍ଡରେ ସଦସ୍ୟ ଭାବେ ରାଷ୍ଟ୍ରମନ୍ତ୍ରୀ ପାହ୍ୟାରେ ଥଇଥାନ କରା ଯାଉଥିଲା । ଫଳରେ ରାଜ୍ୟର ବିକାଶ ପ୍ରକୃତରେ ହୋଇ ପାରୁ ନଥିଲା । ତେଣୁ ମୁଖ୍ୟମନ୍ତ୍ରୀ ନିତି ଆୟୋଗ ଢାଞ୍ଚାରେ ରାଜ୍ୟ ଶାଖା ଗଠନ କରିବା ଦିଗରେ ପଦକ୍ଷେପ ନିଅନ୍ତୁ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )

samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମ୍ମୁଖରେ କେତୋଟି ଆହ୍ୱାନ-୨



ଡକ୍ଟର ସନ୍ତୋଷ କୁମାର ମହାପାତ୍ର

ଜାତୀୟକରଣ ପରେ ଭାରତର ବ୍ୟାଙ୍କିଙ୍ଗ୍ ନକ୍ସା ସମ୍ପୂର୍ଣ୍ଣ ବଦଳିଗଲା । ଦେଶର କୋଣ ଅନୁକୋଣେ ବ୍ୟାଙ୍କ ଶାଖା ଖୋଲିଲା । ଗ୍ରାମାଞ୍ଚଳ ଓ ଅର୍ଦ୍ଧ-ସହରାଞ୍ଚଳରେ ବ୍ୟାଙ୍କ ଶାଖାର ଅଦ୍‌ଭୁତପୂର୍ବ ବିସ୍ତାର ଘଟିଲା । ଔପଚାରିକ ବ୍ୟାଙ୍କିଙ୍ଗ୍ ସେବା ସହ ଯୋଡ଼ି ହୋଇ ସାଧାରଣ ଗରିବ ଓ ଚାଷୀକୂଳ ସୁଧଖୋର ମହାଜନ ଓ ସାହୁକାରଙ୍କ କବଳରୁ ମୁକ୍ତି ପାଇଲେ । କୃଷି, କ୍ଷୁଦ୍ର ଶିଳ୍ପ (MSMEs), ରପ୍ତାନି ଭଳି ପ୍ରାଥମିକତା କ୍ଷେତ୍ରକୁ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ପ୍ରଚୁର ଋଣ ମିଳିଲା । ଜନସାଧାରଣଙ୍କ ସଞ୍ଚୟ ସରକାରୀ ସୁରକ୍ଷା ବଳୟକୁ ଆସିବା ଫଳରେ ସଞ୍ଚୟ ହାର ବୃଦ୍ଧି ପାଇଲା ଏବଂ ପୂର୍ବରୁ ଦେଖାଯାଉଥିବା ବେସରକାରୀ ବ୍ୟାଙ୍କଗୁଡ଼ିକର ବିଫଳତା ହ୍ରାସ ପାଇଲା । ଦାରିଦ୍ର୍ୟ ଦୂରୀକରଣ, କୃଷିର ସାମଗ୍ରିକ ଉନ୍ନତି ଓ ନିକଟ ଅତୀତର ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ପରି ବିରାଟ କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ପଛରେ ଏହି ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ହିଁ ମେରୁଦଣ୍ଡ ଭାବେ କାର୍ଯ୍ୟ କରିଛନ୍ତି ।

ଦେଶର ପ୍ରଗତି ଓ ଶିଳ୍ପାୟନରେ ବ୍ୟାଙ୍କମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କଲେ । କିନ୍ତୁ ନବେଦଶକରେ ନବ୍ୟ-ଉଦାରୀକରଣ ନୀତି କାର୍ଯ୍ୟକାରୀ ହେବାଠାରୁ ଘରୋଇ ବ୍ୟାଙ୍କଗୁଡିକୁ ଅଧିକ ପ୍ରୋତ୍ସାହନ ଦେବା ସହିତ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ପରୋକ୍ଷରେ ଦୁର୍ବଳ କରି ଦିଆଯାଉଛି । ରାଷ୍ଟ୍ରାୟତ୍ତ ବ୍ୟାଙ୍କରୁ ପୁଞ୍ଜୀ ପ୍ରତ୍ୟାହାର କରାଯାଉଛି ଓ ମିଶ୍ରଣ କରାଯାଉଛି , ଶାଖା ହ୍ରାସ କରାଯାଉଛି । ଆବଶ୍ୟକ କର୍ମଚାରୀ ନିଯୁକ୍ତି କରାଯାଉନି । ଯାହାଫଳରେ ବ୍ୟାଙ୍କ କର୍ମଚାରୀ ସର୍ବଦା ଚାପଗ୍ରସ୍ତ ରହୁଛନ୍ତି । ନିଯୁକ୍ତି ହ୍ରାସ ଯୋଗୁଁ ବ୍ୟାଙ୍କରେ ଚାକିରି କରିବାପାଇଁ ଶିକ୍ଷିତ ଯୁବକ ଯୁବତୀ ପଢ଼ିଲା ବେଳେ ଯେଉଁ ସ୍ୱପ୍ନ ଦେଖନ୍ତି, ତାହା ଧୂଳିସାତ ହୋଇ ଯାଇଛି ।

ଆଜିର ସମୟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ବିଜୟଯାତ୍ରା ସମ୍ମୁଖରେ କେତେକ ଭୟଙ୍କର ପ୍ରତିବନ୍ଧକ ସୃଷ୍ଟି ହୋଇଛି । ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି ଅଣ-ଆଦାୟକ୍ଷମ ସମ୍ପତ୍ତି (NPA) ବା ବଡ଼ କର୍ପୋରେଟ୍ ଋଣ ଖିଲାପି । କର୍ପୋରେଟ୍ ଦେବାଳିଆ ସମାଧାନ ପ୍ରକ୍ରିୟା (CIRP) ଏବଂ ଜାତୀୟ କମ୍ପାନୀ ଆଇନ ଟ୍ରିବ୍ୟୁନାଲ (NCLT) ମାଧ୍ୟମରେ ବଡ଼ ବଡ଼ କମ୍ପାନୀଗୁଡ଼ିକର ଋଣକୁ ଯେଉଁଭଳି ଭାବେ ସମାଧାନ କରାଯାଉଛି, ସେଥିରେ ବ୍ୟାଙ୍କଗୁଡ଼ିକ ପ୍ରବଳ କ୍ଷତି ସହୁଛନ୍ତି । ବ୍ୟାଙ୍କମାନେ ସେମାନଙ୍କ ପ୍ରାପ୍ୟର ହାରାହାରି ୬୭ ପ୍ରତିଶତ ପାଉନାହାନ୍ତି, ଯାହାକୁ ବ୍ୟାଙ୍କିଙ୍ଗ ଭାଷାରେ 'ହେୟାରକଟ୍' କୁହାଯାଏ । ଅପରପକ୍ଷେ, ବ୍ୟାଙ୍କ ଜାଲିଆତି ଓ ଠକେଇ ମାମଲା ମଧ ଚିନ୍ତାଜନକ ଭାବେ ବୃଦ୍ଧି ପାଇଛି । ଗତ ଦଶନ୍ଧିରେ ବ୍ୟାଙ୍କଗୁଡ଼ିକ ପ୍ରାୟ ୧୬.୬୫ ଲକ୍ଷ କୋଟିର ଅନାଦାୟ ଋଣ 'ରାଇଟ୍-ଅଫ୍' (Write-Off) ବା ବହିଖାତାରୁ ବାଦ୍ ଦେଇଛନ୍ତି, ଯେଉଁଥିରୁ ମାତ୍ର ୧୬ ପ୍ରତିଶତ ଅର୍ଥ ହିଁ ବାସ୍ତବରେ ଆଦାୟ ହୋଇ ପାରୁଛି । କର୍ପୋରେଟ୍ ଜାଲିଆତି ଓ ଋଣ ଛାଡ଼ ଯୋଗୁଁ ବ୍ୟାଙ୍କଗୁଡ଼ିକର ଯେଉଁ ଆର୍ଥିକ କ୍ଷତି ହେଉଛି, ତାହାର ସିଧାସଳଖ ବୋଝ ସାଧାରଣ ମଧ୍ୟବିତ୍ତ ଓ ଜମାକାରୀଙ୍କ ଉପରେ ପଡୁଛି । କ୍ଷତି ଭରଣା ପାଇଁ ବ୍ୟାଙ୍କଗୁଡ଼ିକ ଜମା ସୁଧହାରକୁ କମ୍ ରଖୁଛନ୍ତି । ଏହା ସହିତ ସୁଧ ଉପରେ ଟିକସ ଭାର ଓ ଟିକସ ରିହାତିର ଅଭାବ ପରିସ୍ଥିତିକୁ ଆହୁରି ଜଟିଳ କରିଛି । ମୁଦ୍ରାସ୍ଫୀତି ଓ ସୁଧ ଉପରେ ଟିକସ କାଟିବା ପରେ ବାସ୍ତବରେ ଜମାକାରୀଙ୍କୁ ବିଯୁକ୍ତାତ୍ମକ ରିଟର୍ଣ୍ଣ (Negative Real Yield) ମିଳୁଛି । ଫଳସ୍ୱରୂପ, ଜିଡିପିର ଅନୁପାତ ଭାବରେ ବ୍ୟାଙ୍କ ଜମା ହ୍ରାସ ପାଉଛି । ପ୍ରଥମତଃ, ଉଚ୍ଚ ରିଟର୍ଣ୍ଣ ଆଶାରେ ସାଧାରଣ ଲୋକେ ବ୍ୟାଙ୍କ ଛାଡ଼ି ଶେୟାର ବଜାର କିମ୍ବା ମ୍ୟୁଚୁଆଲ୍ ଫଣ୍ଡ ଆଦି ବଜାର-ସଂଯୁକ୍ତ ଯୋଜନାରେ ଅଧିକ ନିବେଶ କରୁଛନ୍ତି । ଭାରତରେ ଦୁର୍ବଳ ଆର୍ଥିକ ସାକ୍ଷରତା କାରଣରୁ ବଜାର ଅସ୍ଥିର ହେଲେ ଏହି ସାଧାରଣ ଜମାକାରୀମାନେ ପ୍ରବଳ କ୍ଷତି ସହିବାର ଆଶଙ୍କା ରହିଛି, ଯାହା ନେଇ ୨୦୨୫ ମାର୍ଚ୍ଚରେ ଅର୍ଥ ମନ୍ତ୍ରଣାଳୟ ମଧ ସଂସଦରେ ଚେତାବନୀ ଦେଇଥିଲା । ଦ୍ୱିତୀୟତଃ, ଧନୀ ଶ୍ରେଣୀର ଲୋକମାନେ ନିଜ ସଞ୍ଚୟକୁ ସୁନା, ଜମି କିମ୍ବା ଆବାସିକ ସମ୍ପତ୍ତିରେ ନିୟୋଜିତ କରୁଛନ୍ତି, ଯାହା ଅଣଉତ୍ପାଦନଶୀଳ ଏବଂ ମୁଦ୍ରାସ୍ଫୀତି ବୃଦ୍ଧି କରାଏ । ତୃତୀୟତଃ, ଘରୋଇ ଆର୍ଥିକ ସଞ୍ଚୟ ହିଁ ଦେଶର ବିକାଶ ଓ ଜାତୀୟ ନିବେଶର ଭିତ୍ତିଭୂମି । ଯଦି ଲୋକେ ବ୍ୟାଙ୍କରେ ସଞ୍ଚୟ କରିବା କମାଇ ଦେବେ, ତେବେ ସରକାରୀ ବିତ୍ତୀୟ ନିଅଣ୍ଟ ପୂରଣ ଏବଂ ଶିଳ୍ପାୟନ ପାଇଁ ଦେଶକୁ ଏଫଡିଆଇ (FDI) କିମ୍ବା ବୈଦେଶିକ ଋଣ ଉପରେ ନିର୍ଭର କରିବାକୁ ପଡ଼ିବ, ଯାହାର ଭବିଷ୍ୟତ ପରିଣାମ ବହୁତ ନକରାତ୍ମକ ହୋଇପାରେ ।

**ସାର୍ବଜନୀନ ବ୍ୟାଙ୍କଗୁଡ଼ିକୁ କେବଳ ଏକ ବ୍ୟବସାୟିକ ସଂସ୍ଥା ଭାବେ ବିଚାର କରାଯାଇପାରିବ ନାହିଁ । ବର୍ତ୍ତମାନ ଏକୀକରଣ ପରେ ଭାରତରେ ୧୨ଟି ପ୍ରମୁଖ ରାଷ୍ଟ୍ରାୟତ୍ତ ବ୍ୟାଙ୍କ କାର୍ଯ୍ୟ କରୁଛନ୍ତି, ଯାହାଙ୍କ ଉପରେ ସରକାରଙ୍କ ପ୍ରତ୍ୟେକଟି ସାମାଜିକ କଲ୍ୟାଣକାରୀ ଯୋଜନାର ଦାୟିତ୍ୱ ରହିଛି । କିନ୍ତୁ ବେସରକାରୀ ବ୍ୟାଙ୍କ, ବିଦେଶୀ ବ୍ୟାଙ୍କ ଓ ଫିନ୍ଟେକ୍ କମ୍ପାନୀଗୁଡ଼ିକ ସହ ପ୍ରତିଯୋଗିତାରେ ତିଷ୍ଠି ରହିବାକୁ ହେଲେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ କେତେକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଜରୁରୀ । ଏଥିପାଇଁ ଇଚ୍ଛାକୃତ ଖିଲାପକାରୀ ବା 'ୱିଲ୍ଫୁଲ୍ ଡିଫଲ୍ଟର'ମାନଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ଏବଂ ଦେବାଳିଆ ସମାଧାନ ପ୍ରକ୍ରିୟା ଯୋଜନାରେ ହେଉଥିବା ବୃହତ ହେୟାରକଟ୍ କ୍ଷତିକୁ ରୋକିବା ପାଇଁ ସ୍ୱଚ୍ଛ ନୀତି ଆବଶ୍ୟକ । ସାଧାରଣ ଜମାକାରୀଙ୍କ ବ୍ୟାଙ୍କ ଜମା ଉପରେ ସନ୍ତୋଷଜନକ ସୁଧ ପ୍ରଦାନ କରିବା ସହ ଜମା ସୁଧ ଉପରୁ ଟିକସ ଛାଡ଼ କରିବା ଆବଶ୍ୟକ, ଯଦ୍ଦ୍ୱାରା ଦେଶରେ ଆର୍ଥିକ ସଞ୍ଚୟ ହାର ପୁଣି ବୃଦ୍ଧି ପାଇବ । ଏହା ସହିତ ଆଧୁନିକ ଡିଜିଟାଲ ଭିତ୍ତିଭୂମି, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (AI) ଓ ପ୍ରଯୁକ୍ତିରେ ନିବେଶ କରିବା ସହ ଡିଜିଟାଲ ଆର୍ଥିକ ଅପରାଧରୁ ଗ୍ରାହକଙ୍କୁ ସୁରକ୍ଷା ଦେବା ଜରୁରୀ ।**

ସାର୍ବଜନୀନ ବ୍ୟାଙ୍କଗୁଡ଼ିକୁ କେବଳ ଏକ ବ୍ୟବସାୟିକ ସଂସ୍ଥା ଭାବେ ବିଚାର କରାଯାଇପାରିବ ନାହିଁ । ବର୍ତ୍ତମାନ ଏକୀକରଣ ପରେ ଭାରତରେ ୧୨ଟି ପ୍ରମୁଖ ରାଷ୍ଟ୍ରାୟତ୍ତ ବ୍ୟାଙ୍କ କାର୍ଯ୍ୟ କରୁଛନ୍ତି, ଯାହାଙ୍କ ଉପରେ ସରକାରଙ୍କ ପ୍ରତ୍ୟେକଟି ସାମାଜିକ କଲ୍ୟାଣକାରୀ ଯୋଜନାର ଦାୟିତ୍ୱ ରହିଛି । କିନ୍ତୁ ବେସରକାରୀ ବ୍ୟାଙ୍କ, ବିଦେଶୀ ବ୍ୟାଙ୍କ ଓ ଫିନ୍ଟେକ୍ କମ୍ପାନୀଗୁଡ଼ିକ ସହ ପ୍ରତିଯୋଗିତାରେ ତିଷ୍ଠି ରହିବାକୁ ହେଲେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ କେତେକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଜରୁରୀ । ଏଥିପାଇଁ ଇଚ୍ଛାକୃତ ଖିଲାପକାରୀ ବା 'ୱିଲ୍ଫୁଲ୍ ଡିଫଲ୍ଟର'ମାନଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ଏବଂ ଦେବାଳିଆ ସମାଧାନ ପ୍ରକ୍ରିୟା ଯୋଜନାରେ ହେଉଥିବା ବୃହତ ହେୟାରକଟ୍ କ୍ଷତିକୁ ରୋକିବା ପାଇଁ ସ୍ୱଚ୍ଛ ନୀତି ଆବଶ୍ୟକ । ସାଧାରଣ ଜମାକାରୀଙ୍କ ବ୍ୟାଙ୍କ ଜମା ଉପରେ ସନ୍ତୋଷଜନକ ସୁଧ ପ୍ରଦାନ କରିବା ସହ ଜମା ସୁଧ ଉପରୁ ଟିକସ ଛାଡ଼ କରିବା ଆବଶ୍ୟକ, ଯଦ୍ଦ୍ୱାରା ଦେଶରେ ଆର୍ଥିକ ସଞ୍ଚୟ ହାର ପୁଣି ବୃଦ୍ଧି ପାଇବ । ଏହା ସହିତ ଆଧୁନିକ ଡିଜିଟାଲ ଭିତ୍ତିଭୂମି, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (AI) ଓ ପ୍ରଯୁକ୍ତିରେ ନିବେଶ କରିବା ସହ ଡିଜିଟାଲ ଆର୍ଥିକ ଅପରାଧରୁ ଗ୍ରାହକଙ୍କୁ ସୁରକ୍ଷା ଦେବା ଜରୁରୀ । ବ୍ୟାଙ୍କ ନିଷ୍ପତ୍ତିରେ ରାଜନୈତିକ ବା ବାହ୍ୟ ହସ୍ତକ୍ଷେପ ସର୍ବନିମ୍ନ ସ୍ତରକୁ ଆଣିବା, ଉତ୍ତରଦାୟିତ୍ୱ ବୃଦ୍ଧି କରିବା ଏବଂ ଅବସର ନେଉଥିବା ଅଭିଜ୍ଞ କର୍ମଚାରୀଙ୍କ ସ୍ଥାନରେ ସମୟୋପଯୋଗୀ -ଦକ୍ଷ କର୍ମଚାରୀ ନିଯୁକ୍ତି କରିବା ଅତ୍ୟାବଶ୍ୟକ । କେହି ଭୁଲିବା ଅନୁଚିତ ଯେ ଯଦି ୨୦୦୭-୦୮ ବିଶ୍ୱ ଆର୍ଥିକ ସଙ୍କଟ ଦ୍ୱାରା ଭାରତ କମ୍ ପ୍ରଭାବିତ ହୋଇଥାଏ , ତାହାର ପ୍ରମୁଖ କାରଣ ହେଉଛି ଏକା ଶକ୍ତିଶାଳୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ବୀମା ଶିଳ୍ପର ଉପସ୍ଥିତି ।

**ସ୍ତମ୍ଭକାର ତଥା ଅର୍ଥନୀତିଜ୍ଞ ଭାବେ ପରିଚିତ**
**ମୋ-୯୪୩୭୨୦୮୭୬୨**

# ରଥେ ବିଜେ ଦେଖ ଦାରୁ ଦେବତା



ଡକ୍ଟର ଲକ୍ଷ୍ମଣ ସାହୁ

ଶ୍ରୀକ୍ଷେତ୍ରରେ ବିରାଜିତ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱ ପୂଜିତ ଦେବତା । କେବଳ ଓଡ଼ିଆ ଜାତିର ନୁହନ୍ତି, ସେ ହେଉଛନ୍ତି ସମଗ୍ର ଭାରତର ଅସ୍ମିତାର ପ୍ରତୀକ । ସେ ହେଉଛନ୍ତି ଶେଷ ଅବତାର କରୁଣାମୟ ବିଶ୍ୱ ଠାକୁର, ଚର୍ଚ୍ଚିତ ଦାରୁବ୍ରହ୍ମ ଦେବତା । ସେହିଁ କୃଷ୍ଣ, ସେହି ବିଷ୍ଣୁ । ସକଳ ଦେବାଦେବୀଙ୍କ ଗୁଣ ନିହିତ ବ୍ରହ୍ମାଣ୍ଡ ଠାକୁର । ବୈଦିକ, ଅବୈଦିକ, ଜୈନ, ବୌଦ୍ଧ, ଶାକ୍ତ, ଗାଣପତ୍ୟ, ସୌର, ଶୈବ, ନାଥ, ଶାବର, କବୀରପନ୍ଥୀ, ନାନକପନ୍ଥୀ, ଆର୍ଯ୍ୟ, ଅନାର୍ଯ୍ୟ, ମୁସଲମାନ, ଖ୍ରୀଷ୍ଟିଆନ ସମସ୍ତେ ତାଙ୍କର ଶରଣାପନ୍ନ । ତାଙ୍କର ଅପଲକ ଚକାଆଖିରେ ସକଳେ ସମାନ । ତା'ଙ୍କ ନିକଟରେ ନା ଅଛି ସାନ ବଡ଼, ଧନୀ ନିର୍ଦ୍ଧନ, ରୋଗୀ ନିରୋଗ, ଜାତି ଅଜାତି, ଛୁଆଁ ଅଛୁଆଁ, ଭେଦ ଅଭେଦ ଭାବ ପ୍ରତିକ୍ରିୟା । ସେ ଜଣଙ୍କର ନୁହନ୍ତି, ସେ ଗଣଙ୍କର , ଅଖିଳ ବିଶ୍ୱର ଗଣଦେବତା । ସେହି ଦାରୁବ୍ରହ୍ମ ଜଗନ୍ନାଥ ହେଉଛନ୍ତି ପୂର୍ଣ୍ଣବ୍ରହ୍ମ । ଅସୀମ, ଅନିତ୍ୟ, ନିର୍ଗୁଣ । ତାଙ୍କର ଦିବ୍ୟ କୃପା ହେଲେ ତାଙ୍କୁ ଜାଣିବା ଭକ୍ତ ପକ୍ଷେ ସମ୍ଭବ ହୋଇନଥାଏ । ସେ ଚିର ରହସ୍ୟମୟ ଭାବର ଠାକୁର , ସମଗ୍ର ଓଡ଼ିଆ ଜାତିର ପ୍ରାଣବିନ୍ଦୁ । 'ସର୍ବ ରହସ୍ୟଂ ପୁରୁଷୋତ୍ତମସ୍ୟ / ଦେବା ନ ଜାଣନ୍ତି କୃତଃ ମନୁଷ୍ୟ ।'

ଶ୍ରୀମଦ୍ଭାଗବଦ୍ ଗୀତାର ସେ କ୍ଷର-ଅକ୍ଷର-ପୁରୁଷୋତ୍ତମ । ଅର୍ଥାତ୍ କ୍ଷର ହେଉଛନ୍ତି ପରିଦୃଶ୍ୟମାନା ପ୍ରକୃତି ବା ସୁଭଦ୍ରା । ଅକ୍ଷର ହେଉଛନ୍ତି ବଳଭଦ୍ର ଓ ପୁରୁଷୋତ୍ତମ ହେଉଛନ୍ତି ପରମାତ୍ମା ଜଗତ୍ ପ୍ରଭୁ ଶ୍ରୀଜଗନ୍ନାଥ । ଭକ୍ତ କ୍ଷର ଓ ଅକ୍ଷର ଠାରୁ ସ୍ୱତନ୍ତ୍ର ସେହି ପରମାତ୍ମା ବା ପୁରୁଷୋତ୍ତମ ଜାଣି ପାରିଲେ ଅନ୍ୟ କିଛି ଜାଣିବା ଆବଶ୍ୟକ ନଥାଏ । ପୁରୁଷୋତ୍ତମଙ୍କୁ ଜାଣିବା ହିଁ ତା' ଜନ୍ମର ସାର୍ଥକତା । ତାଙ୍କର ବିଗ୍ରହ ପୂଜା ପାର୍ବଣ ସ୍ୱୟମ୍ଭୁ ମନୁଙ୍କ ପୂର୍ବରୁ ସମାଜରେ ପ୍ରଚଳିତ ଥିବା ଶାସ୍ତ୍ରରେ ଉଲ୍ଲେଖ ରହିଛି । ସେହି ସୃଷ୍ଟିର ଏକମାତ୍ର ଆଦ୍ୟ ଦେବତା ସକଳ ଧର୍ମ ଦର୍ଶନର ପ୍ରତିନିଧି କରି ଅବିଚଳିତ ମହିମାରେ ପ୍ରତ୍ୟୟମାନ ହୋଇ ଆସୁଛନ୍ତି । ସେ ସତ୍-ଚିତ୍-ଆନନ୍ଦ ସଚ୍ଚିଦାନନ୍ଦ । ସେହି ପରମ ପରଂବ୍ରହ୍ମ । ତାଙ୍କ ବିଗ୍ରହ ପରମବ୍ରହ୍ମଙ୍କର ସ୍ମାରକୀ ସ୍ୱରୂପ ପ୍ରତୀକ ।

ତାଙ୍କର କୌଣସି ନିର୍ଦ୍ଦିଷ୍ଟ ରୂପ ନାହିଁ, ସେ ଅରୂପା, ଅଥଚ ସର୍ବରୂପ । 'ଶ୍ୱେତାଶ୍ୱେତ' ଉପନିଷଦରେ ଉଲ୍ଲେଖ ଅଛି - 'ଅପାଣି ପାଦୋ ଜବନ ଗ୍ରହୀତା / ପଶ୍ୟତ୍ୟଚକ୍ଷୁ ସ ଶ୍ରୁଣୋତ୍ୟକର୍ଣ୍ଣଃ/ ସ ବେତ୍ତି ବେଦ୍ୟଂ ନ ଚ ତସ୍ୟ ବେତ୍ତା / ତମାହୁରଗ୍ର୍ୟଂ ପୁରୁଷଂ ମହାନ୍ତମ୍ ।' ଅର୍ଥାତ୍ ସର୍ବତ୍ର ସେହି ପରଂବ୍ରହ୍ମଙ୍କ ହସ୍ତ ପଦ, ତାଙ୍କର ଚକ୍ଷୁ, ମସ୍ତକ ଓ ମୁଖ ଓ କର୍ଣ୍ଣ । ସେ ସର୍ବବ୍ୟାପୀ ସଚରାଚର । ସେ ସକଳ ଇନ୍ଦ୍ରିୟର ପ୍ରକାଶକ , ଅଥଚ ସେ ଇନ୍ଦ୍ରିୟ ବିବର୍ଜିତ । ତାଙ୍କର ହସ୍ତ ନଥାଇ ସେ ଗ୍ରହଣ କରନ୍ତି, ସେଭଳି ପଦ ନଥାଇ ସେ ଗମନ କରନ୍ତି, ଚକ୍ଷୁ ନଥାଇ ସେ ସର୍ବଦର୍ଶୀ, କର୍ଣ୍ଣ ନଥାଇ ସବୁ ଶ୍ରବଣ କରନ୍ତି ।

ଜଗତର ନାଥ ଜଗନ୍ନାଥ ହେଉଛନ୍ତି ସେହି ପରମବ୍ରହ୍ମଙ୍କର ପ୍ରତୀକ । ତେଣୁ ତାଙ୍କର ବିଗ୍ରହ ପୂର୍ବାବଧି ହସ୍ତପଦ ଶୂନ୍ୟ ଓ କର୍ଣ୍ଣ ବିହୀନ ଅବସ୍ଥାରେ ନିର୍ମିତ ହେଉଛନ୍ତି । ବିଶେଷ କରି ତାଙ୍କ ବିଗ୍ରହ ଦାରୁବ୍ରହ୍ମ ଭାବେ ବିରାଜିତ । କହିବାକୁ ଗଲେ ସେ ଅନ୍ୟ ଦେବଦେବୀଙ୍କ ବିଗ୍ରହ ପରି ଧାତବ ବା ପ୍ରସ୍ତରର ବିଗ୍ରହ ନୁହନ୍ତି । ତାଙ୍କର ବିଗ୍ରହ କେବଳ ନିମ୍ବ ଦାରୁରେ ନିର୍ମିତ ହୁଏ । ଦାରୁ ତାଙ୍କ ବିଗ୍ରହକୁ ପ୍ରାଣମୟ କରିଥାଏ । ସେହି ଦାରୁବ୍ରହ୍ମ ଦାରୁଦେବତା ପ୍ରାଣବାନ ଅଟନ୍ତି । କାରଣ ବୃକ୍ଷ ନିର୍ଜୀବ ନୁହେଁ । ତା'ର ପ୍ରାଣ ଅଛି । ତେଣୁ ଆଦିମ ଯୁଗରୁ ମାନବ ବୃକ୍ଷକୁ ଆଶ୍ରୟ କରି ଜୀବନ ଧାରଣ କରି ଚଳିଛି କେବଳ ନୁହେଁ, ବରଂ ତାକୁ ଅତିଭୌତିକ ଶକ୍ତି ମନେକରି ପୂଜା ଅର୍ଚ୍ଚନା ଉପାସନା କରି ଆସିଛି ।

ଦାରୁ ବିଗ୍ରହ ଉପାସନାର ପରମ୍ପରା ଏକ ପ୍ରାଚୀନ ଉତ୍କଳୀୟ ସଂସ୍କୃତି । ବିଶ୍ୱର ବୈଚିତ୍ର୍ୟମୟ ଦାରୁ ରୂପେ ଜଗନ୍ନାଥ ସେହି ଦାରୁମୂର୍ତ୍ତି ସଂସ୍କୃତିର ଏକାନ୍ତ ପ୍ରତୀକ । ଦାରୁମୂର୍ତ୍ତି ସଂସ୍କୃତିର ଆଦି ସ୍ରଷ୍ଟା ସ୍ୱୟଂ ପ୍ରଭୁ ଜଗନ୍ନାଥ । ତେଣୁ ମାନବ ସଂସ୍କୃତିର ଆଦି ପ୍ରକାଶ ହିଁ କେବଳ ଜଗନ୍ନାଥ ସଂସ୍କୃତିରେ ଘଟିଛି ।

ପୁରୁଷୋତ୍ତମ ବିହାରୀ ଶ୍ରୀଜଗନ୍ନାଥ ଦାରୁ ଦେବତା । ଆଦି ମାନବ ପ୍ରଥମେ ଦାରୁକୁ ଦେବତା ଭାବେ ପୂଜା କରିଆସିଛି । ସେହି ପୂଜା ପରମ୍ପରା ଅଦ୍ୟାବଧି ଆଦି ମାନବ ସମାଜରେ ବିଦ୍ୟମାନ । ବୈଦିକ ଆର୍ଯ୍ୟମାନଙ୍କ ପାଇଁ ମଧ ଦାରୁ ଥିଲେ ଦେବତା । ଆଦି ମାନବ ଦାରୁ ଦେବତା ସଂସ୍କୃତିରୁ କେବେ ବିଚ୍ୟୁତ ନୁହନ୍ତି । ଗୋଟିଏ ମହାନ୍ ଧାରଣାର ଧାରକ ସେମାନେ । ବୃକ୍ଷ ବା ଦାରୁ ହିଁ ପ୍ରକୃତି । ପ୍ରକୃତି ହିଁ ପରମବ୍ରହ୍ମ ।

ଶବର ସଭ୍ୟତା ଏ ପର୍ଯ୍ୟନ୍ତ ଦାରୁର ପ୍ରାଧାନ୍ୟ ନିକଟରେ ନିମଳିତ ନୁହେଁ । ଜନ୍ମ ଠାରୁ ମୃତ୍ୟୁ, ଏନ୍ତୁଡ଼ିଶାଳ ଠାରୁ ଶ୍ମଶାନ ପର୍ଯ୍ୟନ୍ତ ଦାରୁର ଭୂମିକାକୁ ଅସ୍ୱୀକାର କରାଯାଇ ପାରେ ନାହିଁ । ଜୀବଦ୍ଦଶା ମଧ, ଦାରୁ ସର୍ବସ୍ୱ । ଯେତେବେଳେ ଦାରୁ ମାନବର ଜନ୍ମ, ଜୀବନ ଓ ମରଣ ସହିତ ନିବିଡ଼ ଭାବେ ଜଡ଼ିତ, ସେତେବେଳେ ଆଦିମାନବୀୟ ଆଧ୍ୟାତ୍ମିକ ସଂସ୍କୃତି ପ୍ରକୃତିର ପରମ ଉପଜୀବ୍ୟ ଦାରୁ ହିଁ ଦେବତା ରୂପେ ପୂଜିତ ହେବା ଅସମ୍ଭବ ନୁହେଁ । ସେଥିପାଇଁ ବୃକ୍ଷ ଉପାସନାରୁ ହିଁ ଦାରୁ ଦେବତା ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପର୍ବର ମର୍ଯ୍ୟାଦା ବିଶ୍ୱ ବିଦିତ ହୋଇ ଆସୁଛି ।

ପ୍ରାଚୀନ କାଳରୁ ଶବରମାନେ ମହୋଦଧି କୂଳରେ ଗୋଟିଏ କୁଟୀର ମଧ୍ୟରେ ବୃକ୍ଷଗଣ୍ଡିକୁ ଅଥାତ୍ ଦାରୁକୁ ରଖି ପୂଜା କରି ଆସୁଥିଲେ । ସେହି କୁଟୀରରେ ଦ୍ରାବିଡ଼ ଶବ୍ଦ ଗୁଡିସା ବ୍ୟବହାର କରାଯାଉଥିଲା । ପାରମ୍ପରିକ ରୀତିନୀତିରେ ଶବରମାନେ ବୃକ୍ଷ ଦେବତାଙ୍କୁ ରଥରେ ନେଇ ଅନ୍ୟ କୁଟୀରରେ ରଖିବାର ଯାତ୍ରାକୁ ଗୁଡିସା ଯାତ୍ରା ପରବର୍ତ୍ତୀ ସମୟରେ ଗୁଣ୍ଡିଚା ଯାତ୍ରା ରୂପେ ଖ୍ୟାତ ହୋଇଛି । ଅଦ୍ୟାବଧି ସେହି ଶବରମାନଙ୍କ ବଂଶଜ ଦଇତାମାନଙ୍କ ଦ୍ୱାରା ଗୁଣ୍ଡିଚା ଯାତ୍ରା ସମାହିତ ହେଉଛି । ଶାବରୀ ଭାଷାରେ କୁନଡିଜା ଅଥାର୍ଥ ସେହି ଗଣ୍ଡି ଅପଭ୍ରଂଶ ହୋଇ ଗୁଣ୍ଡିଚା ନାମରେ ନାମିତ ହୋଇ ଗୁଣ୍ଡିଚା ଯାତ୍ରା ଭାବେ ପରିଗଣିତ ହୋଇଛି । ଶବର ଦେବତା ଜଗନ୍ନାଥ ବେଦ ପରବର୍ତ୍ତୀ ପୁରାଣ ଯୁଗରେ ଆର୍ଯ୍ୟ ଜାତିର ଉପାସ୍ୟ ହୋଇ ଗୁଣ୍ଡିଚା ଯାତ୍ରା ପରମ୍ପରାରେ ଏବେ ଘୋଷ ପର୍ବ ଭାବେ ପାଳିତ ହେଉଛି ।

ପରମବ୍ରହ୍ମଙ୍କର ବିଗ୍ରହ ନିମ୍ବ ବୃକ୍ଷର ଗଣ୍ଡିକୁ ନିର୍ବାଚନ କରିବାରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ରହିଛି । ବିଗ୍ରହ ଶୁଷ୍କ କାଠରେ ନିର୍ମିତ ନହୋଇ ସଦ୍ୟ କର୍ତ୍ତିତ ହୋଇଥିବା ଦାରୁରେ ନିର୍ମିତ ହୁଏ । କାରଣ ଦାରୁ ବୃକ୍ଷ ରସପୂର୍ଣ୍ଣ ରହିଥାଏ । 'ସ୍ଥାବରାଣାମ୍ ରସୋ ପ୍ରାଣଃ'-ବିଶେଷ କରି ସେହି ରସ, ଦାରୁରେ ବାର ବର୍ଷ ପର୍ଯ୍ୟନ୍ତ ଅଶୁଷ୍କ ଅବସ୍ଥାରେ ରହିଥାଏ । ତେଣୁ ପ୍ରତ୍ୟେକ ବାର ବର୍ଷ ପରେ ଦାରୁବ୍ରହ୍ମଙ୍କୁ ବିସର୍ଜନ କରାଯାଇ ନବକଳେବର କରାଯିବାର ସ୍ୱତନ୍ତ୍ର ବିଧି ରହିଛି । ଏହି ନବକଳେବର ପୁଣି ଦୋ ଆଷାଢ଼ି ବର୍ଷରେ କରାଯିବାର ପାରମ୍ପରିକ ବିଧିବିଧାନ ରହିଛି । କାରଣ ଆଷାଢ଼ ମାସରେ ନିମ୍ବ ବୃକ୍ଷ ପୂର୍ଣ୍ଣ ମାତ୍ରାରେ ରସଯୁକ୍ତ ହୋଇଥାଏ । ତେଣୁ ବାର ବର୍ଷ ପରେ ଶୁଷ୍କ ଦାରୁବ୍ରହ୍ମଙ୍କୁ ବିସର୍ଜନ କରାଯାଇ ସେଠାରେ ନୂତନ ବିଗ୍ରହଙ୍କୁ ସ୍ଥାପନ କରାଯାଏ । ସାଧୁ ଚୈତନ୍ୟ ଦାସ ତାଙ୍କ 'ନିର୍ଗୁଣ ମାହତ୍ମ୍ୟ' ରେ ଉଲ୍ଲେଖ କରିଛନ୍ତି- 'ଶୁଖିଲା କାଠ ଦାରୁବ୍ରହ୍ମ / ତହିଁ ଅଛନ୍ତି ପରଂବ୍ରହ୍ମ ।'

ଯୁଗ ଯୁଗ ଧରି ମହାପ୍ରଭୁ ଜଗନ୍ନାଥଙ୍କ ଏହି ଦାରୁ-ବ୍ରହ୍ମ ବିଗ୍ରହ କେବଳ ମାନବ ଜାତିକୁ ଚେତାଇ ଦେଉଛି ଜନ୍ମ ମୃତ୍ୟୁର ରହସ୍ୟ । ଏ ଶରୀର ଅସ୍ଥାୟୀ , ମରଣଶୀଳ । କିନ୍ତୁ ଶରୀର ମଧ୍ୟରେ ଅଧିଷ୍ଠିତ ପ୍ରାଣ ବା ଆତ୍ମା ସେହି ମହାପ୍ରାଣର ଅଂଶ ବିଶେଷ । ସେହି ଆତ୍ମା ହିଁ ହେଉଛନ୍ତି ପୁରୁଷୋତ୍ତମ ପରମବ୍ରହ୍ମ । ତେଣୁ ଆତ୍ମାର କେବେ ମୃତ୍ୟୁ ନାହିଁ । କେବଳ ମାତ୍ର ଘଟ ପରିବର୍ତ୍ତନ ଘଟେ । ମହାପୁରୁଷ ସନ୍ଥ ଅଚ୍ୟୁତାନନ୍ଦ 'ଶୂନ୍ୟ ସଂହିତା' ରେ କହିଛନ୍ତି - 'ଅବତାର ଦଶ ଏହି ଦାରୁରୂପ/ ଏହି ଦାରୁରେ ସେ ଲୀନ / ଈଶ୍ୱର ସାକ୍ଷାତେ ଲୀଳାର ନିମନ୍ତେ/ ବିଜେ ରତ୍ନ ସିଂହାସନ ।'

ଚାରିବେଦ ମଧ୍ୟରେ ଋଗ୍ ବେଦ ପ୍ରାଚୀନତମ । ସେଥିରେ ବର୍ଣ୍ଣନା ଅଛି ସିନ୍ଧୁ-ତୀର-ବାସୀ ଶ୍ରୀଜଗନ୍ନାଥ ହେଉଛନ୍ତି ଦାରୁ ବ୍ରହ୍ମ । ବେଦର ଭାଷ୍ୟକାର ତଥା ବିଜୟ ନଗର ରାଜାଙ୍କ ଅମାତ୍ୟ ସାୟାଣାଚାର୍ଯ୍ୟ କହିଛନ୍ତି ପୁରୀ ବା ପୁରୁଷୋତ୍ତମ ପୀଠର ଦାରୁ-ବ୍ରହ୍ମ ପୁରୁଷୋତ୍ତମଙ୍କର ସୂଚନା' ମିଳେ, ଯଥା - 'ଆଦୌ ଯଦ୍ ଦାରୁ ପ୍ଳବତେ ସିନ୍ଧୋଃ ଅପୁରସମ୍ /ତଦ୍ଧା ଲଭସ୍ୱ ଦୁର୍ଦାନୋ ତନେ ଯାହି ପରଂସ୍ଥଳମ୍ ।' ତୈତ୍ତିରୀୟ ଶ୍ରୁତିରେ ଦାରୁ ମୂର୍ତ୍ତିର ମିଳିଥାଏ । ଡକ୍ଟର ବାସୁଦେବ ସାହୁ ମତପ୍ରକାଶ କରି କୁହନ୍ତି - ଯଦି ବୈଦିକ କାଳର ଏହି ଦାରୁ ଜଗନ୍ନାଥଙ୍କ ପୂର୍ବ ଦାରୁ ରୂପ ବୋଲି ପ୍ରମାଣିତ ହୁଏ, ତେବେ ଜଣାଯିବ ଦାରୁ-ବ୍ରହ୍ମ ରୂପୀ ଶ୍ରୀଜଗନ୍ନାଥଙ୍କ ଅସ୍ତିତ୍ୱ ବୈଦିକ ଯୁଗରେ ଅଥାର୍ଥ ଖ୍ରୀଷ୍ଟାପୂର୍ବ ଦେଢହଜାର ବର୍ଷ ପର୍ଯ୍ୟନ୍ତ ପରିବ୍ୟାପ୍ତ । ବେଦ ପରି ଉପନିଷଦରୁ ମଧ ଶ୍ରୀଜଗନ୍ନାଥଙ୍କ ସ୍ୱରୂପର ଯଥେଷ୍ଟ ପ୍ରମାଣ ମିଳିଥାଏ । ଶ୍ୱେତାଶ୍ୱେତ୍ତର ଓ କୈବଲ୍ୟ ଉପନିଷଦରେ ଦାରୁ-ବ୍ରହ୍ମ ପୁରୁଷୋତ୍ତମଙ୍କର ସ୍ୱରୂପ ଓ ସୂଚନା' ରହିଛି ।

ରହସ୍ୟମୟ ଠାକୁର ସେ । ତାଙ୍କର ରହସ୍ୟ ଭେଦ କରିବା ସହଜ ନୁହେଁ । ମମ ଚିତ୍ତ ସଦାହମ । ମୁଁ ସର୍ବଜ୍ଞ ଓ ଏକ ରୂପ ଥାଇ ଅରୂପ । ମୋତେ କେହି ଜାଣିପାରନ୍ତି ନାହିଁ । ମୁଁ ଶୁଦ୍ଧ ଚୈତନ୍ୟ ସ୍ୱରୂପ । ବାସ୍ତବରେ ଉପନିଷଦ ବାକ୍ୟ ସମୂହରେ ପୁରୁଷୋତ୍ତମ ଚେତନାର ପୁଷ୍କଳ ଅଭିବ୍ୟକ୍ତି ସୁସ୍ପଷ୍ଟ । ଶ୍ରୀମଦ୍ ଭାଗବତ ଗୀତାର ପଞ୍ଚଦଶ ଅଧ୍ୟାୟରେ ଶ୍ରୀପୁରୁଷୋତ୍ତମ ତତ୍ତ୍ୱ ଆଲୋଚନା ପ୍ରସଙ୍ଗରେ ପୁରୁଷୋତ୍ତମ ଜଗନ୍ନାଥଙ୍କ ନାମୋଲ୍ଲେଖ ରହିଛି । ଯଥା-' ଦ୍ୱବିମୌ ପୁରୁଷୌ ଲୋକେ କ୍ଷର ଶ୍ଚାକ୍ଷର ଏବ ଚ / କ୍ଷରଃ ସର୍ବାଣି ଭୂତାନି କୂଟସ୍ଥୋରକ୍ଷର ଉଚ୍ୟତେ । ଉତ୍ତମଃ ପୁରୁଷ ସ୍ତ୍ୱନ୍ୟଃପରମାତ୍ମେତ୍ୟୁ ଦାହୃତଃ / ଯୋ ଲୋକତ୍ରୟ ମାବିଶ୍ୟ ବିଭର୍ତ୍ତ୍ୟବ୍ୟୟ ଈଶ୍ୱରଃ / ଯସ୍ମାତ୍ କ୍ଷରମତୀ ତୋଃହମ୍ କ୍ଷରଦପି ଚୋତ୍ତମଃ / ଅତୋସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ।

ବାସ୍ତବରେ ଏହାର ଅର୍ଥ ହେଉଛି ସଂସାରରେ କ୍ଷର ଓ ଅକ୍ଷର ନାମରେ ଖ୍ୟାତ, ଆବ୍ରହ୍ମସ୍ତମ୍ଭ ଚରାଚର ସମଗ୍ର ବିଶ୍ୱ ସୃଷ୍ଟିକୁ କ୍ଷର କୁହାଯାଏ । କାରଣ ଏହା ବିନାଶଶୀଳ । ଭଗବାନଙ୍କର ମାୟାଶକ୍ତି ବା ଅବ୍ୟକ୍ତ ମୂଳ ପ୍ରକୃତି ହେଉଛି ଅକ୍ଷର ପୁରୁଷ । କାରଣ ଏହା ନିତ୍ୟ ଓ ଅବିନାଶୀ । ଏହି ଦୁଇଟି ଠାରୁ ଭିନ୍ନ ଓ ଶ୍ରେଷ୍ଠ ହେଉଛି ପୁରୁଷୋତ୍ତମ ଓ ସେ ହେଉଛନ୍ତି ପରମାତ୍ମା । ସେହିଁ ସର୍ବ ନିୟନ୍ତା, ଈଶ୍ୱର ଓ ନିର୍ବିକାର । ମୁଁ କ୍ଷର ଓ ବିନାଶଶୀଳ, ଜଡ ସୃଷ୍ଟିର ଅତୀତ । ଅବ୍ୟକ୍ତ ମାୟା ବା ମୂଳ ପ୍ରକୃତି ଠାରୁ ଉତ୍ତମ । ତେଣୁ ଲୋକ ସମୂହରେ ଓ ବେଦରେ ମୁଁ ପୁରୁଷୋତ୍ତମ ନାମରେ ପରିଚିତ ବୋଲି ଭଗବାନ ନିଜ ମୁଖରେ ପ୍ରକାଶ କରିଛନ୍ତି । ପଣ୍ଡିତ ନୀଳକଣ୍ଠ ଦାସଙ୍କ ମତରେ ସେହି ପୁରୁଷୋତ୍ତମ ହେଉଛନ୍ତି ଦାରୁ ଦେବତା ଶ୍ରୀଜଗନ୍ନାଥ । ତେଣୁ ସେହି ଲୀଳାମୟ ରହସ୍ୟମୟ ଠାକୁର ପୁରୁଷୋତ୍ତମ, ଦାରୁ ବ୍ରହ୍ମ ଦାରୁଦେବତା ଜଗନ୍ନାଥ ଶ୍ରୀମନ୍ଦିର ରତ୍ନସିଂହାସନ ଛାଡ଼ି ବଡ଼ଦାଣ୍ଡକୁ ଓହ୍ଲାଇ ଆସି ଆପଣାର ଜନ୍ମ ପୀଠ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରନ୍ତି । ଜାତି, ଧର୍ମ, ସଂପ୍ରଦାୟ ନିର୍ବିଶେଷରେ ଅଗଣିତ ବିଶ୍ୱବାସୀ ତାଙ୍କୁ ଦର୍ଶନ ଓ ସ୍ପର୍ଶ କରିବାର ସୌଭାଗ୍ୟ ଲାଭ କରନ୍ତି । ସତ୍ୟ, ଶାନ୍ତି ଓ ବିଶ୍ୱ ପ୍ରତୀକ ଜଗନ୍ନାଥଙ୍କୁ ଦର୍ଶନ କରି ମୋକ୍ଷ ଲାଭ କରିବାର ବିଶ୍ୱାସ ରହିଛି । ତାଙ୍କରି ଦର୍ଶନରେ 'ପୁନରୋପି ଜନ୍ମଂ, ପୁନରୋପି ମରଣଂ' ଘୂର୍ଣ୍ଣିରୁ ରକ୍ଷା ମିଳେ...!!!

**ଅଧକ୍ଷ , ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ- ୪**
**ମୋ-୯୦୪୦ ୧୫୧୪୭୫**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ତୃତୀୟ...

ଗୃହରେ ସ୍ଲୋଗାନବାଜି କରିବା ସହ ଗୃହର ମଧ୍ୟଭାଗକୁ ଆସିବାରୁ ଗୃହର କାର୍ଯ୍ୟ ଅଚଳ ହୋଇପଡ଼ିଥିଲା । ମନ୍ତ୍ରୀ ଶ୍ରୀ ରିଜ୍‌ଜୁ କହିଥିଲେ ଯେ କଂଗ୍ରେସ ଏବେ ଆଲୋଚନା ପାଇଁ ନୂଆ ସର୍ତ୍ତ ରଖୁଛି । କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ ମଧ୍ୟ ସୋସିଆଲ ମିଡ଼ିଆରେ ବିରୋଧୀ ଦଳ ନେତାମାନେ ଯୁବକମାନଙ୍କୁ ବିଭ୍ରାନ୍ତ କରିବାକୁ କରୁଥିବା ଉଦ୍ୟମରେ ବିଫଳ ହେବେବୋଲି ଉଲ୍ଲେଖ କରିଛନ୍ତି । ରାଜ୍ୟସଭାରେ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ହଟ୍ଟଗୋଳ ହେବାରୁ ଗୃହକୁ ମୁଲତବୀ କରାଯାଇଥିଲା । ଡିଏମ୍‌କେ ସାଂସଦ ତିରୁଚୀ ସିଭା କହିଥିଲେ ଯେ ଦେଶରେ ଯାହା ଏବେ ଘଟୁଛି ତାହା ଏକ ବିରଳ ଘଟଣା । ବାରମ୍ବାର ମୁଲତବୀ ପରେ ଗୃହ କାର୍ଯ୍ୟ ଆରମ୍ଭ ହେବାମାତ୍ରେ ମନ୍ତ୍ରୀ ଶ୍ରୀ ରିଜ୍‌ଜୁ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ବୋଲି ଦୋହରାଇଥିଲେ । ସମାଜବାଦୀ ପାର୍ଟିର ଅଖିଳେଶ ଯାଦବ କହିଛନ୍ତି ଯେ ଏ ପ୍ରସଙ୍ଗ କଂଗ୍ରେସ କିମ୍ବା ସମାଜବାଦୀ ପାର୍ଟିର ନୁହେଁ ଏହା ହେଉଛି ଦେଶର ଯୁବକ ଓ ଛାତ୍ରମାନଙ୍କର ସମସ୍ୟା । ଏହା ଉପରେ ଆଲେଚୋନା ପାଇଁ ସମୟ ସ୍ଥିର କରାଯାଉ ଏବଂ ଏହାକୁ ଗୁରୁତ୍ୱ ଦିଆଯାଇ ଆଲୋଚନା କରାଯାଉ ।

## ତୁରନ୍ତ...

ଯୁବକମାନେ ସାମ୍ପ୍ରାଦିକତା ଓ ଆନ୍ଦୋଳନରେ ସାମିଲ ହେଉଛନ୍ତି ସେମାନଙ୍କୁ କପ୍ରୋଚ୍ ବା ଅସରପା ବୋଲି କହିଥିଲେ । ପରବର୍ତ୍ତୀ ମୁହୂର୍ତ୍ତରେ ସେ ଉଲ୍ଲେଖ କରିଥିଲେ ଯେ ଯାହାର ଜାଲ୍ ଓ ମିଛ ଡିଗ୍ରୀ ଅଛି ସେମାନଙ୍କୁ ଏଭଳି କୁହାଯାଇଥିଲା । ପ୍ରଧାନ ବିଚାରପତିଙ୍କ ମନ୍ତବ୍ୟ ପରେ ସିଜେପି ଜନ୍ମ ନେଇଥିଲା । ସିଜେପିର ଆନ୍ଦୋଳନ ଏବେ ଦିଲ୍ଲୀରେ ବଡ ସମସ୍ୟା ସୃଷ୍ଟି କରିଛି । ଆନ୍ଦୋଳନ ପ୍ରତି ସାଧାରଣ ଲୋକଙ୍କର ସମର୍ଥନ ବଢୁଛି । ତେବେ ଏହି ସମ୍ବେଦନଶୀଳ ମାମଲାରେ ଜରୁରୀ ହସ୍ତକ୍ଷେପ ପାଇଁ ସୁପ୍ରିମ୍‌କୋର୍ଟ ମନା କରିଦେଇଛନ୍ତି ।

## ଭିକେ...

ସମନରେ ଭିକେ ପାଣ୍ଡିଆନଙ୍କୁ ହାଜର ହୋଇ ତଦନ୍ତରେ ସହଯୋଗ କରିବାକୁ କୁହାଯିବା ସହ ଆବଶ୍ୟକ କାଗଜପତ୍ର, ଇଲେକ୍‌ଟ୍ରୋନିକ ଡିଭାଇସ୍ ଓ ଅନ୍ୟାନ୍ୟ ମାମଲା ସଂକ୍ରାନ୍ତୀୟ କାଗଜପତ୍ର ସାଙ୍ଗରେ ଆଣିବାକୁ କୁହାଯାଇଛି । ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗାଏବ ହୋଇଥିବା ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ତଦନ୍ତ ଫାଇଲ ଓ ସମ୍ ହସ୍ପିଟାଲ ଅଗ୍ନିକାଣ୍ଡ ତଦନ୍ତ ଫାଇଲ ପରିଚାଳନା କରିଥିବା କେତେକ ପୂର୍ବ ଅଫିସର ଅସୁସ୍ଥ ଅଛନ୍ତି । ସେମାନେ ସୁସ୍ଥ ହୋଇ ହାଜର ହେଲେ ଫାଇଲ ଗାଏବ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିବ । ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ପୂର୍ବ ଅଫିସରମାନଙ୍କୁ ହାଜର ହେବାକୁ ସମନ କରାଯାଉଛି ବୋଲି ପୋଲିସ ସୂତ୍ରରୁ ପ୍ରକାଶ ।

## ଆଇନ୍...

ଜନଗହଳିକୁ ବୈଜ୍ଞାନିକ ପଦ୍ଧତିରେ ଅନୁଧ୍ୟାନ କରିବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସିସିଟିଭିରୁ ମିଳୁଥିବା ସୂଚନାକୁ ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ବ୍ୟବସ୍ଥା ଜରିଆରେ ସମସ୍ୟା ଥିବା ସ୍ଥାନକୁ ତୁରନ୍ତ ପ୍ରଦାନ କରାଗଲେ, ସମସ୍ୟାର ସମାଧାନ ହୋଇପାରିବ । ଆଗକୁ ବାହୁଡା ଯାତ୍ରା ସହିତ ମହାପ୍ରଭୁଙ୍କ ସୁନାବେଶ ଓ ନିଳାଦ୍ରୀବିଜେ ଅନୁଷ୍ଠିତ ହେବ । ତେଣୁ, ସମସ୍ତ ନୀତିକାନ୍ତି ଯେପରି ସୁଚାରୁ ରୂପେ ପାଳିତ ହେବ ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ରଖିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ ।

ରଥଯାତ୍ରାରେ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ, ଦୁଇଜଣ ଶ୍ରଦ୍ଧାଳୁଙ୍କ ଜୀବନହାନି ଯୋଗୁ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ମୃତ ଶ୍ରଦ୍ଧାଳୁଙ୍କ ପରିବାରବର୍ଗଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବା ପାଇଁ ଘୋଷଣା କରାଯାଇଛି ।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢୀ ରଥଯାତ୍ରା ପରିଚାଳନା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ପୋଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ, ଅଗ୍ନିଶମ ପୋଲିସ ମହାନିର୍ଦ୍ଦେଶକ ଡଃ ସୁଧାଂଶୁ ଷଡଙ୍ଗୀ, ପୋଲିସ ମଡର୍ଣ୍ଣାଇଜେସନ୍‌ର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ସୌମେନ୍ଦ୍ର ପ୍ରିୟଦର୍ଶୀ ପୋଲିସ ପ୍ରଶାସନର ବିଭିନ୍ନ ପ୍ରସ୍ତୁତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ବୈଠକରେ ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ ସିଂ ପ୍ରମୁଖ ଉପସ୍ଥିତ ରହି ବାହୁଡା ଓ ସୁନାବେଶ ପରିଚାଳନା ସମ୍ପର୍କରେ ମତାମତ ରଖିଥିଲେ ।

## ଆମେରିକା...

ଇରାନର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ୫୦ ସାଧାରଣ ଲୋକଙ୍କର ମୃତ୍ୟୁ ହୋଇଥିବାବେଳେ ୫୦୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି । ଏହି ସମୟରେ ମଧ୍ୟ ଆମେରିକା ସେନାର ୧୮ ଜଣଙ୍କର ମୃତ୍ୟୁ ଘଟିଲାଣି ।

## ଅନଶନ...

ଉଲ୍ଲେଖ କରିଛନ୍ତି ଯେ ଶ୍ରୀ ସିଂ ଓ ଶ୍ରୀ ନଡ୍ଡା ତାଙ୍କୁ ଗତ ରାତିରେ ମେଦାନ୍ତ ହସ୍ପିଟାଲରେ ଭେଟିଥିବାରୁ ଧନ୍ୟବାଦ ଦେଉଛି । ଭେଟିବା ସମୟରେ ମନ୍ତ୍ରୀ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ଯେଉଁ ନିଟ୍ ଆଶାୟୀମାନେ ଆତ୍ମହତ୍ୟା କରି ପେପର ଲିକ୍ ଯୋଗୁ ମୃତ୍ୟୁବରଣ କରିଛନ୍ତି ତାଙ୍କ ପରିବାରକୁ କ୍ଷତିପୂରଣ ଦେବା ନେଇ ସରକାର ବିଚାର କରୁଛନ୍ତି । ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଲାଗି ମଧ୍ୟ ବିଚାର କରାଯାଉଛି । ତେବେ ୱାଙ୍ଗଚୁକ୍ କହିଛନ୍ତି ଯେ ସଂସଦ ଚଲୋ ଅଭିଯାନ ଅତ୍ୟନ୍ତ ଶାନ୍ତିପୂର୍ଣ୍ଣ ଥିଲା । ବ୍ୟାପକ ପୋଲିସ ମୁତୟନ କରାଯାଇ ପରିସ୍ଥିତିକୁ ଗମ୍ଭୀର କରିଦିଆଗଲା । ୬୫ ସାଂସଦ କିଛିଘଣ୍ଟା ମଧ୍ୟରେ ତାଙ୍କୁ ଅନଶନ ପ୍ରତ୍ୟାହାର କରିବା ପାଇଁ ଅନୁରୋଧ କରିଛନ୍ତି । ମାତ୍ର ସେ ଚାହୁଁଛନ୍ତି ଯେ ଶିକ୍ଷା କ୍ଷେତ୍ରକୁ ଫେରିବେ । କିନ୍ତୁ ଏହା ସେ ପର୍ଯ୍ୟନ୍ତ ସମ୍ଭବ ନୁହଁ ଯେ ପର୍ଯ୍ୟନ୍ତ ଯୁବକମାନେ ଆନ୍ଦୋଳନ ଜାରି ରଖିଛନ୍ତି । ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଆବଶ୍ୟକ ରହିଛି । ଯଦି ଏଭଳି ପ୍ରତିଶ୍ରୁତି ମିଳେ ତେବେ ମୁଁ ସରକାରଙ୍କ ଉପରେ ବିଶ୍ୱାସ କରି ମୋର ଅନଶନ ଭାଙ୍ଗିବି । ସରକାର କେବଳ ମୋ ଆବେଦନ ନୁହେଁ, ଲକ୍ଷ ଲକ୍ଷ ଛାତ୍ରଙ୍କର ଆକାଂକ୍ଷାକୁ ବୁଝିବା ଦରକାର । ସୂଚନା ଯୋଗ୍ୟ ଜୁନ୍ ୨୮ ରୁ ୱାଙ୍ଗଚୁକ୍ ଅନଶନରେ ଅଛନ୍ତି ।

## ୧୦ ବର୍ଷରେ...

୭.୫ କୋଟି ଛାତ୍ର ଓ ତାଙ୍କ ପରିବାର ଏହାଦ୍ୱାରା କ୍ଷତିଗ୍ରସ୍ତ ହୋଇଛନ୍ତି । ପେପର ଲିକ୍ ଯୋଗୁ ମଧ୍ୟବିତ୍ତ ଓ ଗରିବ ପରିବାର ମଧ୍ୟ କ୍ଷତିଗ୍ରସ୍ତ ହେଉଛନ୍ତି । ସେମାନେ ତାଙ୍କ କଷ୍ଟ ଉପାର୍ଜିତ ଅର୍ଥକୁ ତାଙ୍କ ପିଲାମାନଙ୍କ ପାଠପଢ଼ାରେ ଖର୍ଚ୍ଚ କରିନ୍ତି । ମାତ୍ର କିଛି ବ୍ୟକ୍ତି ଓ ଏକ ଗୋଷ୍ଠି ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିବାକୁ ବସିଛନ୍ତି । ସେମାନେ ଛାତ୍ରମାନଙ୍କର ଜୀବନକୁ ଧ୍ୱଂସ କରୁଛନ୍ତି । ମାତ୍ର ଗୋଟିଏ ବି କାର୍ଯ୍ୟାନୁଷ୍ଠାନ ହେଉନାହିଁ ବୋଲି ରାହୁଲ କହିଛନ୍ତି ।

## ଶୀଘ୍ର...

ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କୁ ଏହି ନୂତନ କୋର୍ଟଗୁଡ଼ିକ ପାଇଁ ବିଚାରପତି ନିଯୁକ୍ତ କରିବାକୁ ଅନୁରୋଧ କରାଯାଇଛି । ଏହା ସହିତ ଅଧିକ ମାମଲା ପେଣ୍ଡିଂ ଥିବା ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକରେ ମଧ୍ୟ ଆଗାମୀ ଦିନରେ ଏହିପରି ସ୍ୱତନ୍ତ୍ର କୋର୍ଟ ଓ ସ୍ୱତନ୍ତ୍ର ସରକାରୀ ଓକିଲ ନିଯୁକ୍ତି ନେଇ ସରକାର ବିଚାର କରୁଛନ୍ତି ।

## ପ୍ରସଙ୍ଗର...

ପ୍ରସ୍ତୁତ ରହିଛୁ । ରାହୁଲ ଗାନ୍ଧି କେତେକ ନିର୍ଦ୍ଦିଷ୍ଟ ପେପର ଲିକ୍ ପ୍ରସଙ୍ଗ ଉଠାଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରୁଛନ୍ତି । ମାତ୍ର କଂଗ୍ରେସ ଓ ଅନ୍ୟ ବିରୋଧୀ ଶାସିତ ରାଜ୍ୟରେ ଘଟିଥିବା ଘଟଣାକୁ ଅଣଦେଖା କରୁଛନ୍ତି । ଯେଉଁ ୧୫୦ ପ୍ରଶ୍ନପତ୍ର ଲିକ୍ କଥା ଉଠାଇଛନ୍ତି ସରକାର ପ୍ରତ୍ୟେକ ଘଟଣାର ତଦନ୍ତ ପାଇଁ ପ୍ରସ୍ତୁତ ଅଛନ୍ତି । ଏହି ଘଟଣାର ତଦନ୍ତ କରାଯିବ । ଏକ ଦାୟିତ୍ୱପୂର୍ଣ୍ଣ ସରକାର ଭାବେ ତଦନ୍ତ କରାଯାଇ ସତ୍ୟ ଲୋକଲୋଚନକୁ ଆସିବ । ସଂସଦରେ ୧୨ ରୁ ୧୮ ଘଣ୍ଟା ବିତର୍କ ପାଇଁ ଆମେ ପ୍ରସ୍ତୁତ ଅଛୁ । ସେମାନେ ୧୨ ଘଣ୍ଟା ଚାହାଁନ୍ତୁ କିମ୍ବା ୧୮ ଘଣ୍ଟା ଚାହାଁନ୍ତୁ ଆମେ ସେଥିପାଇଁ ପ୍ରସ୍ତୁତ । ପିଲାମାନେ ମଧ୍ୟ ଆମର । ସେମାନେ ହେଉଛନ୍ତି ଦେଶର ଭବିଷ୍ୟତ । ଉଭୟ ସରକାର ଓ ବିରୋଧୀ ଏକାଠି ହୋଇ ଏହି ସମସ୍ୟାର ସମାଧାନ ଖୋଜିବା ଦରକାର ।

# ଲଗାଣ ବର୍ଷା ଜାରି, ବଢିବ ବୈତରଣୀ

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଗତ ୨୪ ଘଣ୍ଟା ମଧ୍ୟରେ ୧୬ ମିଲିମିଟର ବର୍ଷା ହୋଇଛି । ବ୍ଲକ ବନ୍ୟା ଜଳ ପରିମାପକ ଯନ୍ତ୍ର ଦ୍ୱାରା ଏହା ରେକର୍ଡ ହୋଇଛି । ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଛି । ବ୍ୟାପକ ବର୍ଷା ଫଳରେ ବହୁ ଚାଷ ଜମି ଜଳରେ ବୁଡି ରହିଛି । ଅନ୍ୟପକ୍ଷରେ ଉପରମୁଣ୍ଡରେ ବର୍ଷା ଲାଗିରହିବା ଯୋଗୁଁ ବୈତରଣୀ ନଦୀରେ ଜଳସ୍ତର ବୃଦ୍ଧି ପାଉଛି । ସନ୍ଧ୍ୟା ୬ଟାରେ ନଦୀ ଆଖୁଆପଦାରେ ସତର୍କ ସଙ୍କେତ ସ୍ତର ୧୭.୮୩ମିଟର ଅତିକ୍ରମ କରି ୧୭.୮୭ ମିଟରରେ ପ୍ରବାହିତ ହେଉଛି । ଜଳସ୍ତର ଘଣ୍ଟାପ୍ରତି ୩ମି.ମି. ବେଗରେ ବୃଦ୍ଧି ପାଉଛି । ଗତ ୨୪ ଘଣ୍ଟା ମଧ୍ୟରେ ନଦୀର ଉପରମୁଣ୍ଡ କେଉଁଝରରେ ୫୮.୦ମି.ମି., ସ୍ୱାମୀପାଟଣାରେ ୨୭.୦ ମି.ମି., ଚମ୍ପୁଆରେ ୧୯.୮ ମି.ମି., ଆନନ୍ଦପୁରରେ ୨୦.୦ ମି.ମି. ଓ ଆଖୁଆପଦାରେ ୭୮.୪ ମି.ମି. ବର୍ଷା ରେକର୍ଡ କରାଯାଇଛି । ନଦୀର ଜଳସ୍ତର ଆଖୁଆପଦାରେ ୧୮ ମିଟର ପର୍ଯ୍ୟନ୍ତ ବୃଦ୍ଧି ପାଇବ ।

# ଜିଲ୍ଲା ସଭାପତିଙ୍କୁ ଭେଟିଲେ ନବୀନ

ଭୁବନେଶ୍ୱର (ସବ୍ୟୁ) : ଦିଲ୍ଲୀରୁ ଫେରି ବିଜୁ ଜନତା ଦଳ ସଭାପତି ତଥା ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକ ଆଜି ସନ୍ଧ୍ୟାରେ ନବୀନ ନିବାସରେ ବିଜେଡି ଜିଲ୍ଲା ସଭାପତି ଓ କାର୍ଯ୍ୟକାରୀ ସଭାପତି ମାନଙ୍କ ସହିତ ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମ, ପଞ୍ଚାୟତ ନିର୍ବାଚନ,ଓ ଏସ୍‌ଆଇଆର୍ ଆଦି ବିଷୟରେ ବିସ୍ତୃତ ଆଲୋଚନା କରିଛନ୍ତି ।



ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଏବେ ରାଜ୍ୟରେ ଏସ୍‌ଆଇଆର୍‌ର ଦ୍ୱିତୀୟ ପର୍ଯ୍ୟାୟ ଜାରୀ ରହିଛି । ଏହା ବହୁତ ଗୁରୁତ୍ୱପୂର୍ଣ୍ଣ । ପ୍ରତ୍ୟେକ ଭୋଟ ଗୁରୁତ୍ୱପୂର୍ଣ୍ଣ । ତେଣୁ ଏହି ପର୍ଯ୍ୟାୟରେ ଯେପରି ଜଣେ ବି ଯୋଗ୍ୟ ଭୋଟରର ନାମ ବାଦ ନ ପଡେ ସେଥିପ୍ରତି ସଜାଗ ରହିବା ଏବଂ ଦଳର ବୁଥ୍ ଲେଭଲ ଏଜେଣ୍ଟ ମାନଙ୍କୁ ସଚେତନ କରିବାକୁ ଜିଲ୍ଲା ସଭାପତି ମାନଙ୍କୁ ପରାମର୍ଶ ଦେଇଥିଲେ । ଆଗାମୀ ୨୮ ତାରିଖରେ ଏ ସମ୍ପର୍କରେ ସେ ପୁଣି ଥରେ ସମୀକ୍ଷା କରିବେ ବୋଲି ପ୍ରକାଶ କରିଥିଲେ । ସାମାଜିକ ଗଣମାଧ୍ୟମକୁ ଆହୁରି ବ୍ୟାପକ କରି ଏହା ଜରିଆରେ ତୃଣ ମୂଳ ସ୍ତର ରେ ଆମର କାର୍ଯ୍ୟକ୍ରମ କୁ ପହଞ୍ଚାଇବାକୁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ ।

ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ସମ୍ପର୍କରେ ଆଲୋଚନା କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ରାଜ୍ୟରେ ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେଡି ବିପୁଳ ସଫଳତା ହାସଲ କରିଥିଲା ଏବଂ ଆଗାମୀ ନିର୍ବାଚନରେ ମଧ୍ୟ ଏହି ସଫଳତାକୁ ବିଜେଡୀ ପୁନର୍ବାର କରିବ ବୋଲି କହିଥିଲେ । ଏଥିପାଇଁ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବା ପାଇଁ ଆଗାମୀ ଅଗଷ୍ଟ ୧୫ ସୁଦ୍ଧା ଜିଲ୍ଲା ଓ ବ୍ଲକ କମିଟି ଗଠନ କରିବା ସହ ଖୁବ୍ ଶୀଘ୍ର ପଞ୍ଚାୟତ ଓ ୱାର୍ଡ ସ୍ତରୀୟ କମିଟି ଗଠନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଆଗାମୀ ସେପ୍ଟେମ୍ବର ମାସରେ ସେ କମିଟି ଗୁଡିକ ସହ ଆଲୋଚନା କରିବେ ବୋଲି ଶ୍ରୀ ପଟ୍ଟନାୟକ ସୂଚନା ଦେଇଥିଲେ ।

ନିଟ୍ ପେପର ଲିକ୍ ଉପରେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ବିଜେଡି ସବୁବେଳେ ଛାତ୍ର ମାନଙ୍କ ସହ ରହିଛି ଓ ଛାତ୍ରମାନଙ୍କୁ ଆମର ନୈତିକ ସମର୍ଥନ ଜାରି ରହିବ । ଏହି ବୈଠକରେ ବିଜେଡିର ବରିଷ୍ଠ ଉପ ସଭାପତି ଦେବୀ ପ୍ରସାଦ ମିଶ୍ର, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ସମେତ ଦଳର ବରିଷ୍ଠ ନେତା ଏବଂ ଚାଳିଶଟି ସାଂଗଠନିକ ଜିଲ୍ଲାର ସଭାପତିମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଭୁଶୁଡ଼ିଲା ବାଞ୍ଛା ପୋଲ, ଯାତାୟାତ ଠପ

ଆନନ୍ଦପୁର ,(ସବ୍ୟୁ): ଚଳିତବର୍ଷ ଲଘୁଚାପ ଜନିତ ଲଗାଣ ବର୍ଷା ହାଟଡ଼ିହୀ ଅଞ୍ଚଳର ଅନେକ ଲୋକଙ୍କ କ୍ଷୟକ୍ଷତି କରିଥିବା ବେଳେ ବିଭିନ୍ନ ସ୍ଥାନର ଘରଦ୍ୱାର, ପୋଲ ସହ ରାସ୍ତାଘାଟ ଆଦି ନଷ୍ଟ କରିଦେଇଛି । ଏପରିକି, ଗତକାଲି (ମଙ୍ଗଳବାର) ରାତି ପ୍ରାୟ ସାଢେ ୯ଟା ସମୟରେ ହାଟଡ଼ିହୀ ବ୍ଲକ ବାଲିବରେଇ ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଉପରେ ଥିବା ବହୁବର୍ଷ ପୁରୁଣା ପୋଲଟି ଭୁଶୁଡ଼ି ଯାଇଛି । ଏହି ପୋଲଟି ନିକଟସ୍ଥ ରାମକୃଷ୍ଣପୁର ଶାସନ ଗ୍ରାମର ବାଞ୍ଛାନିଧି ଶତପଥୀ ନିର୍ମାଣ କରିଥିବାରୁ ଏହା ବାଞ୍ଛା ପୋଲ ନାମରେ ନାମିତ ହୋଇଥିଲା ଓ ଏହି ପୋଲ ଦେଇ ପଢ଼ିଆରିପଲ୍ଲୀ ଓ କେ.ବାଲିପାଳ ପଞ୍ଚାୟତର ୨୦ରୁ ଉର୍ଦ୍ଧ୍ୱର୍ ଗ୍ରାମବାସୀ ପ୍ରତିଦିନ ଯାତାୟାତ କରିଥାନ୍ତି । ଉକ୍ତ ପଞ୍ଚାୟତକୁ ମୁଖ୍ୟରାସ୍ତା ହୋଇଥିବାରୁ ଏହି ପୋଲ ଦେଇ ଜରୁରୀ କାଳୀନ ଯାନବାହନ ସହିତ ପଞ୍ଚାୟତକୁ ପିଡ଼ିଏସ ସାମଗ୍ରୀ, ସ୍କୁଲ ଗାଡ଼ି, ବିଭିନ୍ନ ବିଭାଗୀୟ ଗାଡ଼ି ଯା'ଆସ କରିଥା'; । ମୁଖ୍ୟ କଥା ହେଲା, ଏହି ପୋଲ ରାସ୍ତାଦେଇ ବାଲିବରେଇ, ରାମକୃଷ୍ଣପୁର, ଦନେଇପୁର ଆଦି ଗାଁ ଲୋକେ ବିଦ୍ୟାଧରପୁର ବଜାର ଉପରେ ନିର୍ଭର କରି କିଣାବିକା କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ପୋଲ ଦେଇ ଗତ ୨ବର୍ଷ ପୂର୍ବେ ଗ୍ରାମ୍ୟ ଉନ୍ନୟନ ବିଭାଜନ ପକ୍ଷରୁ ନୂତନ ରାସ୍ତା ନିର୍ମାଣ ବେଳେ ପୋଲଟି ଦୁର୍ବଳ ହେଉଥିବା ନେଇ ସ୍ଥାନୀୟ ଗ୍ରାମବାସୀ କହିଥିଲେ । ଏହାକୁ ଭିତ୍ତି କରି ସେତୁ ଦୁର୍ବଳ ହେବାନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବିଭାଗ ସେତୁ ଦୁର୍ବଳ ବୋଲି ଏକ ସତର୍କ ସୂଚନା ଫଳକ ମଧ୍ୟ ଲଗାଯାଇଥିଲା । କିନ୍ତୁ ଦୁଃଖର ବିଷୟ ସେ ସମୟରେ ଯଦି ବିଭାଗ ପକ୍ଷରୁ ନୂତନ ସେତୁ ନିର୍ମାଣ ପାଇଁ ଟେଣ୍ଡର କରାଯାଇ ଆଉ ଏକ ନୂତନ ସେତୁ ନିର୍ମାଣ ହୋଇଥାନ୍ତା । ତା'ହେଲେ ଆଜିର ଦିନରେ ଅଞ୍ଚଳବାସୀଙ୍କୁ ଏ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିନଥାନ୍ତା ବୋଲି କୁହାଯାଇଛି । ସୌଭାଗ୍ୟ ବଶତଃ ପୋଲଟି ଭୁଶୁଡ଼ିବା ସମୟରେ ଖୁବ ଜୋରରେ ବର୍ଷାହେଉଥିଲା ଏବଂ ସେ ସମୟରେ କେହି ଯା'ଆସ କରୁନଥିଲେ । ବର୍ତ୍ତମାନ ସେହି



ପୋଲ ରାସ୍ତାଦେଇ ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇଯାଇଥିବା ବେଳେ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ସ୍ଥାନୀୟ ଗାଁ ଲୋକ ଏବଂ ଅନ୍ୟାନ୍ୟ ଗ୍ରାମବାସୀ ସମସ୍ତେ ବାଲିବରେଇ ଗ୍ରାମର ତଳମୁଣ୍ଡରେ ଥିବା ଏକ ପାଦଚଲା ପୋଲ ଦେଇ ଗମନାଗମନ ଆରମ୍ଭ କରିଛନ୍ତି । ।ପୋଲର ଦୁଇପାର୍ଶ ସଂକୀର୍ଣ୍ଣ ହୋଇଥିବାରୁ ସେଠାରେ ଦୁର୍ଘଟଣା ଘଟିବାର ଯଥେଷ୍ଟ ସମ୍ଭାବନା ରହିଛି । ଏଣୁ ସ୍ଥାନୀୟ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଏକ ନୂତନ ସେତୁ ନିର୍ମାଣ କଲେ ଅଞ୍ଚଳବାସୀ ଗମନାଗମନରେ ଉପକୃତ ହୋଇପାରିବେ ବୋଲି ବିଭିନ୍ନ ମହଲରେ ଦାବି ହୋଇଛି ।


## AFFIDAVIT

By virtue of an Affidavit Before Executive Magistrate Banki No : 2329/ Dt,20/07/2026 I Abakash Nayak Age 54 years old, S/O- Late Arikshita Nayak Vill- Malabiharpur, PO: Kadalibadi PS: Banki Dist : Cuttack I Declared that My Child hood Name was Abakash Naik.I Changed my name From Abakash Naik to Abakash Nayak. Hence forth I shall known Abakash Nayak for All purpose.

Sd/ Abakash Nayak

25001/792/2627
E-Mail ID - rwd.padampur@yahoo.co.in
Ph.No. 9437255440

**Government of Odisha "e" Procurement Notice**

**Bid Identification No: Online- 04-OF 2026-27**

1. Name of the work : Building works (As per Annexure-'A')
2. Amount put to Bid Excluding GST : As per Annexure-'A'
3. Class of contractor : "B" Class
5. Date & Time of availability of bid document in the portal : From Dt. 31.07.2026 at 10.00 A.M.
6. Last date & Time for receipt of bids in the portal : Dt. 14.08.2026 upto 05:00 P.M.
7. Last date of seeking clarification : Dt. 30.07.2026 up to 05.00 P.M
8. Date & Time of technical bid opening : Dt. 17.08.2026 at 11.00 A.M .
10. Name and address of the Officer Inviting Bid : Superintending Engineer, R.W.Division, Padampur, At/Po-Padampur, Dist-Bargarh, Pin- 768036

i. Other details can be seen from DTCN available in website www.tendersodisha.gov.in
ii. Corrigendum, if any shall only be published in the above website.

Sd/- Superintending Engineer,
Rural Works Division,
Padampur

OIPR : 25001/25069/1/26-27/0005

## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2026-19, ତାରିଖ: 15.07.2026

କାର୍ଯ୍ୟର ନାମ : ଏକ ବର୍ଷ ନିମନ୍ତେ ସମ୍ବଲପୁର ମଣ୍ଡଳରେ ସିନିୟର ସେକ୍ସନ ଇଞ୍ଜିନିୟର/ସିଗ୍ନାଲ/ଟିଟିଲାଗଡ଼ ଅନ୍ତର୍ଗତ ସିନ୍ଧେକେଲା (SFK)-ରଙ୍ଗିନବଟା (RNBT)-ଟିଟିଲାଗଡ଼ (TIG)-ଥେରୁବାଲି (THV), ଭବାନୀପାଟଣା (BWIP)-ଜୁନାଗଡ଼ (JNRD) ସେକ୍ସନ ନିମନ୍ତେ ସିଗ୍ନାଲ କୋନାଲ କାର୍ଯ୍ୟ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹56,56,596.55, ବିଡ୍ ସିକ୍ୟୁରିଟି : ₹1,13,100.00

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: 05.08.2026, 11:00 ଘଣ୍ଟା ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଇ-ଟେଣ୍ଡରର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନାଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ସଙ୍କେତ ଏବଂ ଦୂରସଞ୍ଚାର)/ ସମ୍ବଲପୁର

PR-315/R/26-27

**OFFICE OF THE GENERAL MANAGER,**
**WATCO PROJECT DIVISION**
Email: gmprojectsbp@gmail.com Tel. No. 0663-2411911

13001/1253/2627 **e-Procurement Notice**

**Bid Identification No.04/ Project/WATCO/SBP/ 2026-27 Dated 20.7.2026**

1. Name of the work : Civil Sewerage Work
2. Estimated cost : Varies approximately from Rs. 16.45 Lakhs 1 (one) no. of works.
3. Period of Completion : Refer to DTCN
4. No of Works : 1 (one) nos.
5. Tender Paper Cost : Refer to DTCN
6. Class of Contractor : C & D Class
7. Date & Time of availability of bid document in the portal : 11.00 Hrs. of 27.7.2026 to 17.00 Hrs. of 05.8.2026
8. Date of opening of Bid : 12.30 Hrs. on dtd.06.08.2026
9. Name and address of the O.I.T : General Manager, WATCO Project Division, Sambalpur, At-40 MLD STP Campus, Bhatra, Dhanupali, Sambalpur,768005.

Further details can be seen from the e-Procurement portal "https://www.tendersorissa.gov.in"

Sd/- GENERAL MANAGER
WATCO PROJECT DIVISION,
SAMBALPUR

OIPR : 13001/13236/1/26-27/0002

**GOVERNMENT OF ODISHA**
**Office of the Superintending Engineer Kanupur Spillway Division,**
AT/PO-Basudevpur, Dist.-Keonjhar, PIN-758047
**e- PROCUREMENT NOTICE**
**Bid Identification No.SE, KSD- 05/2026-27**
Email- eekanupurspillwav@gmail.com

32001/581/2627

| Sl. No. | Name of work | Approx. value of work. (Rs. in Lakh) | E.MD./ Bid Security, in Rs. (To be remitted online) | Cost of Bid document in Rs. (To be remitted online) | Period of Completion | Class of Contractor | Name & address of the Division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Construction of stair way on both side of the Spillway on Dam Surface" | 31.02 | 31,100.00 | 6,000.00 | 02 (Two) Calendar Months | "C" & "B" | Kanupur Spillway Division. At/PO-Basudevpur, Dist.- Keonjhar |

| Procurement Officer | Bid Identification No. | Availability of tender online for bidding | | Date & time of opening of tender | | Place of opening |
|---|---|---|---|---|---|---|
| | | From | To | Date | Time | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Kanupur Spillway Division, Basudevpur, Dist.- Keonjhar | SE, KSD- 05/2026-27 | 24.07.26 From 10.00 Hours | 07.08.26 Up to 17.00 Hours | 10.08.26 | 11.00 Hours | O/o the Superintending Enginer Kanupur Spillway Division, Basudevpur, Dist-Keonjhar |

Further details can be seen from the e-Procurement portal "www.tendersodisha.gov.in".

Sd/- Superintending Engineer
Kanupur Spillway Division, Basudevpur

OIPR : 32001/32536/1/26-27/0003

**MUNICIPAL OFFICE, JHARSUGUDA**

13001/1256/2627 **"E" Procurement Notice**

**Tender Call Notice No. 4441 / JM Dt. 17.07.2026**

BID Documents consisting of Work, Estimated Cost, Cost of tender paper. EMD, time of completion. Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tenderodisha.gov.in

1. Tender Reference : EO/JMC/04/2026-27
2. Tender ID No. : 2026_ORULB_136238
3. Name of the Work : Civil Construction works as mentioned in website.
4. No. of works : As per DTCN.
5. Estimated Cost : As per DTCN
6. Date & Time of availability of Bid Documents in the Portal : 22.07.2026 at 06.00 PM
7. Last date & time for receipt of bids in the portal : 03.08.2026 at 06.00 PM
8. Bids received online shall be opened on : 04.08.2026 at 3.30 PM
9. Name and address of the Officer inviting : Executive Officer, Jharsuguda Municipality.
10. Further details can be seen from the procurement portal i.e. www.tenderodisha.gov.in

Sd/- Executive Officer,
Jharsuguda Municipality

OIPR : 13001/13165/1/26-27/0009

3001/43/2627

SIDAC
SIDAC-TRG-TRNG-0023-2026

ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ
STATE INSTITUTE FOR DEVELOPMENT OF ARTS & CRAFTS
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ,ଓଡିଶା ସରକାର
Handlooms, Textiles Handicrafts Department, Government of Odisha

Handicrafts Complex, Gandamunda, P.O.: Khandagiri, Bhubaneswar-751030, Dist.- Khurda, Odisha, India Phone: 91 (0) 674 2350318, 2350298, 2351389,
E-mail:sidacorissagmail.com
odishacraftsmeuseum@gmail.com

ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ
ହାଣ୍ଡିକ୍ରାଫ୍ଟ କମ୍ପ୍ଲେକ୍ସ, ଗଣ୍ଡମୁଣ୍ଡା, ଭୁବନେଶ୍ୱର-୭୫୧୦୩୦

ରାଜ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଭୁବନେଶ୍ୱରଙ୍କ ଦ୍ୱାରା ପରିଚାଳିତ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ, ଗଣ୍ଡମୁଣ୍ଡା, ଭୁବନେଶ୍ୱର ୨୦୨୬-୨୭ ବର୍ଷ ନିମନ୍ତେ ନିମ୍ନଲିଖିତ ୧ ବର୍ଷୀୟା ପାଠ୍ୟକ୍ରମରେ ନାମ ଲେଖା ପାଇଁ ଅନଲାଇନ ଦରଖାସ୍ତ ଆହ୍ୱାନ କରୁଛନ୍ତି ।

| ପାଠ୍ୟକ୍ରମ | ମୌଳିକ ତାଲିମ ପାଠ୍ୟକ୍ରମ (Basic Course) | ଉଚ୍ଚତର ତାଲିମ ପାଠ୍ୟକ୍ରମ (Higher Course) | ଉଚ୍ଚତମ ତାଲି ପାଠ୍ୟକ୍ରମ (Master Course) | ଜିଲ୍ଲା ସ୍ତରୀୟ ମୌଳିକ ତାଲି ପାଠ୍ୟକ୍ରମ (District Level Basic Course) |
|---|---|---|---|---|
| ତାଲିମ ଦିଆଯାଉଥିବା ହସ୍ତଶିଳ୍ପ ନାମ ଓ ନାମ ଲେଖାଇବା ପାଇଁ ସ୍ଥାନ ସଂଖ୍ୟା | ପଥର ଖୋଦେଇ-୫, କାଠ ଖୋଦେଇ-୮, ତାଳପତ୍ର ଖୋଦେଇ- ୭, ଡାହୁଆ-୮, ଟେରାକୋଟା-୭ ପଟ୍ଟଚିତ୍ର ବିଭାଗ-୧ ଟି ସ୍ଥାନ ଖାଲି ଅଛି । | ପଥର ଖୋଦେଇ-୭, କାଠ ଖୋଦେଇ-୯, ତାଳପତ୍ର ଖୋଦେଇ-୨, ଡାହୁଆ-୨, ଟେରାକୋଟା-୪, ପଟ୍ଟଚିତ୍ର ବିଭାଗ-୯ଟି ସ୍ଥାନ ଖାଲିଅଛି । | ପଥର ଖୋଦେଇ-୯, କାଠ ଖୋଦେଇ-୭, ତାଳପତ୍ର ଖୋଦେଇ-୪, ପଟ୍ଟଚିତ୍ର ବିଭାଗ-୧୧ଟି ସ୍ଥାନ ଖାଲିଅଛି । | ପଟ୍ଟଚିତ୍ର, ସ୍ଥାନ-ଆଷୁଲା (ଆଠଗଡ ବ୍ଲକ), ଜିଲ୍ଲା-କଟକ ପଟ୍ଟଚିତ୍ର, ସ୍ଥାନ-କେନ୍ଦୁବିଲ୍ୱ (ତାଳିଗଡା ବ୍ଲକ) ପଥର ଖୋଦେଇ, ସ୍ଥାନ- କୋଣାର୍କ, ଜିଲ୍ଲା-ପୁରୀ |
| ନାମ ଲେଖାଇବା ପାଇଁ ନ୍ୟୁନତମ ଯୋଗ୍ୟତା ଅଭିଜ୍ଞତା | ଆବେଦନକାରୀ ଅଷ୍ଟମ ଶ୍ରେଣୀ ପାସ କରିଥିବା ତଥା ହସ୍ତଶିଳ୍ପରେ ରୁଚି ଓ ଆଗ୍ରହ ଥିବା ଆବଶ୍ୟକ । ଆବେଦନକାରୀ ଯଦି କାରିଗର ପରିବାରର ସଦସ୍ୟ ହୋଇଥିବେ ତେବେ ତାଙ୍କୁ ଅଗ୍ରାଧିକାର ଦିଆଯିବ । | ଆବେଦନକାରୀ ଅଷ୍ଟମ ଶ୍ରେଣୀ ପାସ କରିଥିବେ ତଥା ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ କିମ୍ବା କୌଣସି ସରକାରୀ ଜିଲ୍ଲା ହସ୍ତଶିଳ୍ପ ତାଲିମ କେନ୍ଦ୍ରରୁ ସମ୍ପୃକ୍ତ ହସ୍ତଶିଳ୍ପରେ ମୌଳିକ ତାଲିମ ପାଠ୍ୟକ୍ରମ ପାସ କରିଥିବେ କିମ୍ବା କୌଣସି ନିପୁଣ ଶିଳ୍ପୀଙ୍କ ଅଧୀନରେ ଅନ୍ୟୁନ ୫ ବର୍ଷ କାର୍ଯ୍ୟ କରିଥିବେ କିମ୍ବା କୌଣସି ଜିଲ୍ଲାରେ MCP ପ୍ରଶିକ୍ଷଣ ନେଇ ଦୁଇବର୍ଷ MCP ଙ୍କ ଅଧୀନରେ କାର୍ଯ୍ୟ କରିଥିବେ ସେମାନେ ସିଧା ସଳଖ ଭାବେ ଆବେଦନ କରିପାରିବେ । | ଆବେଦନକାରୀ ଅଷ୍ଟମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବେ ତଥା ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ କିମ୍ବା କୌଣସି ସରକାରୀ ଜିଲ୍ଲା ହସ୍ତଶିଳ୍ପ ତାଲିମ କେନ୍ଦ୍ରରୁ ସମ୍ପୃକ୍ତ ହସ୍ତଶିଳ୍ପରେ ଉଚ୍ଚତର ତାଲିମ ପାଠ୍ୟକ୍ରମ ପାସ କରିଥିବେ କିମ୍ବା କୌଣସି ନିପୁଣ ଶିଳ୍ପୀଙ୍କ ଅଧୀନରେ ଅନ୍ୟୁନ ୭ ବର୍ଷ କାର୍ଯ୍ୟକରିଥିବେ କିମ୍ବା କୌଣସି ଜିଲ୍ଲାରେ GSP ପ୍ରଶିକ୍ଷଣ ନେଇ ଦୁଇବର୍ଷ MCP/Guru ଙ୍କ ଅଧୀନରେ କାର୍ଯ୍ୟ କରିଥିବେ ସେମାନେ ସିଧା ସଳଖ ଭାବେ ଆବେଦନ କରିପାରିବେ । | ଆବେଦନକାରୀ ଅଷ୍ଟମ ଶ୍ରେଣୀ ପାସ କରିଥିବା ତଥା ହସ୍ତଶିଳ୍ପରେ ରୁଚି ଓ ଆଗ୍ରହ ଥିବା ଆବଶ୍ୟକ । ଆବେଦନକାରୀ ଯଦି କାରିଗର ପରିବାରର ସଦସ୍ୟ ହୋଇଥିବେ ତେବେ ତାଙ୍କୁ ଅଗ୍ରାଧିକାର ଦିଆଯିବ । |
| ବୟସ | ୧୫.୦୫.୨୦୨୬ ସୁଦ୍ଧା ୧୪ ରୁ ୪୦ ବର୍ଷ | ୧୫.୦୫.୨୦୨୬ ସୁଦ୍ଧା ୧୫ ରୁ ୪୦ ବର୍ଷ | ୧୫.୦୫.୨୦୨୬ ସୁଦ୍ଧା ୧୬ ରୁ ୪୦ ବର୍ଷ | ୧୫.୦୫.୨୦୨୬ ସୁଦ୍ଧା ୧୪ ରୁ ୪୦ ବର୍ଷ |
| ନାମଲେଖାଇବା ପାଇଁ ଚୟନ ପ୍ରଣାଳୀ | ରାଜ୍ୟ ସ୍ତରୀୟ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ, ହାଣ୍ଡିକ୍ରାଫ୍ଟ କମ୍ପ୍ଲେକ୍ସ, ଖଣ୍ଡଗିରି, ଭୁବନେଶ୍ୱରଠାରେ ଏବଂ ଜିଲ୍ଲାସ୍ତରୀୟ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ସମ୍ପୃକ୍ତ ତାଲିମ କେନ୍ଦ୍ରଠାରେ ବିଦ୍ୟାଙ୍କନ ପ୍ରୟୋଗ ଓ ମନୋବୃତ୍ତି ପରୀକ୍ଷା ଭିତ୍ତିରେ ଶିକ୍ଷାର୍ଥୀ ଚୟନ କରାଯିବ । ଏହି ପରୀକ୍ଷାରେ ଯୋଗ ଦେବା ନିମିତ୍ତ କୌଣସି ପ୍ରକାର ଭତ୍ତା/ଖର୍ଚ୍ଚ ଦିଆଯିବ ନାହିଁ । ଚୟନ ହୋଇଥିବା ଯୋଗ୍ୟ ଶିକ୍ଷାର୍ଥୀଙ୍କୁ ପରୀକ୍ଷା ତାରିଖ ପରେ ମୋବାଇଲ/ଇମେଲ ମାଧ୍ୟମରେ ଜଣାଇ ଦିଆଯିବ, ତେଣୁ ଆବେଦନ କାରୀ ଦରଖାସ୍ତ ଫର୍ମରେ ଚାଲୁଥିବା କିମ୍ବା ଦୁଇଟି କାର୍ଯ୍ୟକ୍ଷମ ଥିବା ମୋବାଇଲ ନମ୍ବର ଦେବା ନିହାତି ଆବଶ୍ୟକ । | | | |
| ସ୍ଥାନସଂରକ୍ଷଣ ସହ ଅନ୍ୟାନ୍ୟ ସୁବିଧା | ଅନୁସୂଚିତ ଜାତି/ଜନଜାତି/ମହିଳା/ଶାରୀରିକ ଭିନ୍ନକ୍ଷମ/ଅନଗ୍ରସର ପ୍ରାର୍ଥୀମାନଙ୍କ ପାଇଁ ସରକାରୀ ନିୟମାନୁସାରେ ବୟସ କୋହଳ ଓ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ଅଛି । ସମସ୍ତ ମୌଳିକ ବିଦ୍ୟାର୍ଥୀମାନଙ୍କୁ ମାସିକ ଷ୍ଟାଇପେଣ୍ଡ ୨୦୦୦ ଟଙ୍କା, ଉଚ୍ଚତର ବିଦ୍ୟାର୍ଥୀମାନଙ୍କୁ ମାସିକ ଷ୍ଟାଇପେଣ୍ଡ ୩୦୦୦ ଟଙ୍କା ଓ ଉଚ୍ଚତମ ବିଦ୍ୟାର୍ଥୀମାନଙ୍କୁ ମାସିକ ଷ୍ଟାଇପେଣ୍ଡ ୫୦୦୦ ଟଙ୍କା ଏବଂ ଜିଲ୍ଲାସ୍ତରୀୟ ତାଲିମ ନିମନ୍ତେ ୨୦୦୦ ଟଙ୍କା ଦିଆଯିବାର ବ୍ୟବସ୍ଥା ଅଛି । | | | |
| ଆବେଦନ ପ୍ରଣାଳୀ | ଆଗ୍ରହୀ ଛାତ୍ର/ଛାତ୍ରୀମାନେ ତା. ୨୮.୦୭.୨୦୨୬ ମଧ୍ୟରେ କେବଳ Online ମାଧ୍ୟମରେ ଆବେଦନ କରିପାରିବେ । ଆବେଦନ ପାଇଁ sidac.odisha.gov.in. କିମ୍ବା www.spdp.odisha.gov.in portal ପରିଦର୍ଶନ କରି ନିର୍ଦ୍ଦିଷ୍ଟ ସାରଣୀରେ ଆବଶ୍ୟକ ଦସ୍ତାବିଜର ପ୍ରମାଣପତ୍ର ସଂଲଗ୍ନ କରି ଆବେଦନ କରିବେ । ଅଫଲାଇନ ମାଧ୍ୟମରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ । ସମସ୍ତ ଯୋଗାଯୋଗ ଫୋନ / ଇମେଲ ମାଧ୍ୟମରେ କରାଯିବ । ତେଣୁ ଆବେଦନକାରୀମାନେ ନିର୍ଭୁଲ ଦୁଇଟି ଫୋନ ନମ୍ବର ସହ ଇମେଲ ଠିକଣା ଦେବା ପାଇଁ ଅନୁରୋଧ । | | | |

Onlineରେ ଆବେଦନ କରିବାର ଶେଷ ତାରିଖ - ତା.୨୮.୦୭.୨୦୨୬

ବି.ଦ୍ର:-କ) ବର୍ତ୍ତମାନ ଅଧ୍ୟୟନରତ ମୌଳିକ ତାଲିମ ଶିକ୍ଷା ଓ ଉଚ୍ଚତର ତାଲିମ ଶିକ୍ଷାର ଛାତ୍ର/ ଛାତ୍ରୀମାନେ ପରବର୍ତ୍ତୀ ତାଲିମ ପାଠ୍ୟକ୍ରମ ନିମନ୍ତେ ମଧ୍ୟ ଆବେଦନ କରିପାରିବେ । ସେମାନଙ୍କର ପରୀକ୍ଷାଫଳ ପ୍ରକାଶ ପାଇସାରିବା ପରେ ସେମାନଙ୍କୁ ନୂତନ ଶିକ୍ଷା ବର୍ଷରେ ନାମ ଲେଖାଇବାର ସୁଯୋଗ ପାଇଁ ବ୍ୟବସ୍ଥା ରହିଅଛି ।

ଖ) ସବିଶେଷ ବିବରଣୀ ନିମନ୍ତେ ମୋବାଇଲ ନମ୍ବର-୮୪୫୫୦୩୨୬୬୬, ୭୯୭୮୭୭୮୯୫୪, ୭୬୦୮୦୪୮୩୦୬ ରେ ଯୋଗାଯୋଗ କରିପାରିବେ ।

OIPR : 3001/3017/1/26-27/0009

ସ୍ୱା/- ସଦସ୍ୟ ସଚିବ,ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ, ଭୁବନେଶ୍ୱର



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୭୭୨୨, କେନ୍ଦୁଝର-ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାୟକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

## କିମ୍ସ ଡାକ୍ତରଙ୍କ ସଫଳତା

# ୪ ବର୍ଷ ଶିଶୁର ଫୁସଫୁସରୁ ବାହାରିଲା ଏଲ୍ଇଡି ଲାଇଟ୍

ଭୁବନେଶ୍ୱର, (ସବ୍ୟୁ) : କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନସେସ (କିମସ) ଡାକ୍ତରମାନେ ବିନା ଓପନ ସର୍ଜରୀରେ ଅସ୍ତ୍ରୋପଚାର କରି ଜଣେ ଚାରି ବର୍ଷୀୟା ବାଳକର ଫୁସଫୁସରେ ଅଟକି ରହିଥିବା ଏକ ଛୋଟ ଧାତବ ଏଲଇଡି ବଲ୍ବକୁ ସଫଳତାର ସହିତ ବାହାର କରି ତାଙ୍କୁ ନୂଆ ଜୀବନ ପ୍ରଦାନ କରିଛନ୍ତି। ଏହି ଜଟିଳ ଚିକିତ୍ସା ପ୍ରକ୍ରିୟାରେ କିମସ ଡାକ୍ତରମାନେ ସର୍ବନିମ୍ନ କ୍ଷତ ସୃଷ୍ଟି ହେଉଥିବା ଆଧୁନିକ ପ୍ରଯୁକ୍ତିର ବ୍ୟବହାର କରିଥିଲେ। ଏହା ଫଳରେ ଓପନ ସର୍ଜରୀର ଆବଶ୍ୟକତା ପଡ଼ିନଥିଲା। ଶିଶୁଟି ଏବେ ସୁସ୍ଥ ରହିଛି। ଏହି ସଫଳ ଅସ୍ତ୍ରୋପଚାର କେବଳ କିମ୍ସର ଉନ୍ନତ ଶିଶୁ ଚିକିତ୍ସା ଦକ୍ଷତାକୁ ପ୍ରତିଫଳିତ କରିନାହିଁ, ବରଂ ଜଟିଳ ଚିକିତ୍ସା କ୍ଷେତ୍ରରେ ଆଧୁନିକ ଓ ସର୍ବନିମ୍ନ



କ୍ଷତ ସୃଷ୍ଟି ହେଉଥିବା ପ୍ରଯୁକ୍ତି କେତେ ସୁରକ୍ଷିତ ଓ ପ୍ରଭାବଶାଳୀ ହୋଇପାରେ, ତାର ଉଦାହରଣ ସୃଷ୍ଟି କରିଛି। ଅସାବଧାନତା ଯୋଗୁଁ ଶିଶୁଟି ଏକ ଏଲଇଡି ବଲବକୁ ନାକରେ ପୂରାଇ ଦେଇଥିଲା। କ୍ରମେ ଏହା ଶ୍ୱାସ ମାର୍ଗ ଦେଇ ଫୁସଫୁସକୁ ଚାଲି ଯାଇଥିଲା। ସାଧାରଣ ପ୍ରଣାଳୀରେ ଅନ୍ୟ ଡାକ୍ତରଖାନାରେ ଏହି ବସ୍ତୁଟିକୁ ବାହାର କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ଏହା ସଫଳ ହୋଇନଥିଲା। ଆଠ ଦିନ ଧରି ଶିଶୁଟିର କ୍ରମାଗତ କାଶ ଲାଗି ରହିବାରୁ ତାକୁ କିମସକୁ ଅଣାଯାଇଥିଲା। ଏଠାରେ ଡାକ୍ତରମାନେ ପରୀକ୍ଷା କରି ଏଲଇଡି ବଲ୍ବଟି ଫୁସଫୁସରେ ପହଞ୍ଚିଯାଇଥିବା ଜାଣିବାକୁ ପାଇଥିଲେ। ବଲ୍ବଟି ଡାହାଣ ଫୁସଫୁସର ନିମ୍ନ ଭାଗରେ ଏକ ସଂକୀର୍ଣ୍ଣ ଶ୍ୱାସ ପଥ ଶାଖାରେ ଅଟକି ଯାଇଥିବା ଜଣାପଡ଼ିଥିଲା। କିମସ କର୍ଣ୍ଣ-ନାସା-ଗଳା ବିଭାଗର ଡାକ୍ତରମାନେ ସଫଳତାର ସହ ଏଲଇଡି ବଲବକୁ ବାହାର କଲେ। ଅସ୍ତ୍ରୋପଚାରର କିଛି ଘଣ୍ଟା ମଧ୍ୟରେ ଶିଶୁଟି ସୁସ୍ଥ ହେବା ପରେ ସାଧାରଣ ଭାବରେ ଖାଇବାକୁ ସକ୍ଷମ ହୋଇ ପାରିଥିଲା । ପରେ ତାକୁ ହସପିଟାଲରୁ ଡିସଚାର୍ଜ କରାଯାଇଥିଲା।

# ଡିଏଭି ପବ୍ଲିକ ସ୍କୁଲ୍, ଚନ୍ଦ୍ରଶେଖରପୁର ଶପଥ ଗ୍ରହଣ ଉତ୍ସବ

## ଛାତ୍ର ପ୍ରତିନିଧିମାନେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିପାରିବେ

ଭୁବନେଶ୍ୱର, (ସବ୍ୟୁ) : ଦୃଢ଼ ସଂକଳ୍ପ, ଶୃଙ୍ଖଳା ଏବଂ ପ୍ରତିବଦ୍ଧ ପ୍ରୟାସ ସହିତ ଆଜିର ଛାତ୍ର ପ୍ରତିନିଧିମାନେ ଆସନ୍ତାକାଲି ପାଇଁ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିପାରିବେ ବୋଲି ଭୁବନେଶ୍ୱରର ୧(ଓ) ଏୟାର ସ୍କ୍ୱାଡ୍ରନ୍ ଏନସିସିର କମାଣ୍ଡିଂ ଅଫିସର୍ ଗ୍ରୁପ୍ କ୍ୟାପଟେନ୍ ପୁନୀତ ଚିଲ୍ଲର୍ ମତବ୍ୟକ୍ତ କରିଛନ୍ତି। ବୁଧବାର ଦିନ ଭୁବନେଶ୍ୱରସ୍ଥିତ ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ୍ ସ୍କୁଲର ନବଗଠିତ ସ୍କୁଲ୍ କ୍ୟାବିନେଟର ଶପଥ ଗ୍ରହଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ସେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ଗୁରୁତ୍ୱାରୋପ କରିଥିଲେ ଏବଂ ସମସ୍ତ ସମସ୍ୟାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଭବିଷ୍ୟତ ନାଗରିକମାନଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ ସୃଷ୍ଟି କରିବା ପାଇଁ ବିଦ୍ୟାଳୟର ପଦକ୍ଷେପକୁ ମଧ୍ୟ ମୁଖ୍ୟ ଅତିଥି ପ୍ରଶଂସା କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସୁଜାତା ସାହୁ ସ୍କୁଲ କ୍ୟାବିନେଟର ସମସ୍ତ ସଦସ୍ୟଙ୍କୁ ଦାୟିତ୍ୱର ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପରିଚାଳନା କମିଟି ଅଧ୍ୟକ୍ଷ ସନ୍ତୋଷ କୁମାର ଶତପଥୀ, କଟକ




ଡିଏଭି ଏସସିବିର ଅଧ୍ୟକ୍ଷ ନିରଞ୍ଜନ ସ୍ୱାଇଁ ଏବଂ ଭୁବନେଶ୍ୱର କଳିଙ୍ଗନଗର ଡିଏଭିର ଅଧ୍ୟକ୍ଷ ବଳରାମ ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅନ୍ୟ ଶାଖା ଡିଏଭି ବିଦ୍ୟାଳୟଗୁଡ଼ିକର ସ୍କୁଲ୍ ଲିଡରମାନଙ୍କୁ ସମ୍ମାନିତ କରାଯାଇଥିଲା। ସିଭିଲ୍ ଡିଫେନ୍ସ ଛାତ୍ରଛାତ୍ରୀଙ୍କ ଦ୍ୱାରା ମୁଖ୍ୟ ଅତିଥିଙ୍କୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା।

୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଇଶିକା ସାହୁ (ସ୍କୁଲ୍ ଲିଡର୍), ଦେବାଂଶ ବିଶ୍ୱାଳ (ଆସିଷ୍ଟାଣ୍ଟ ସ୍କୁଲ୍ ଲିଡର୍), ଅଂଶିକା ଝା (ଅପାଲା ହାଉସ୍ ଲିଡର୍), ରିଦ୍ଧିମା ଗୋଏଙ୍କା (ଗାର୍ଗୀ ହାଉସ୍ ଲିଡର୍), ବୈଭବ ରାଣା (ମୈତ୍ରେୟୀ ହାଉସ୍ ଲିଡର୍), ରମ୍ୟା ସୁଲଭ ମିଶ୍ର (ସିକତା ହାଉସ୍ ଲିଡର୍), ଏସ୍. ଖଟୁଆ (ସମ୍ପାଦକ, ସ୍ପୋର୍ଟସ୍ କ୍ଲବ୍), ସ୍ରଗ୍ୱୀ ଦାସ (ସମ୍ପାଦକ, କଲଚରାଲ୍ କ୍ଲବ୍), କେ. ଶେରାଓ୍ୱାଲୀ (ସମ୍ପାଦକ, କୁଇଜ୍ କ୍ଲବ୍), ଇପ୍ସିତା କାହାଳି (ସମ୍ପାଦକ, ଲିଟେରାରୀ କ୍ଲବ୍), ଡି. ଚଟ୍ଟୋପାଧ୍ୟାୟ (ସମ୍ପାଦକ, ଇକୋ କ୍ଲବ୍)ଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଏବଂ ଶିକ୍ଷକମାନେ ଦାୟିତ୍ୱ ଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ଚିତ୍ରାଙ୍ଗଦା ମହାପାତ୍ର, ମୋନାଲିସା ତ୍ରିପାଠୀ ଏବଂ ଭି. ମଞ୍ଜୁଶ୍ରୀଙ୍କୁ ହାଉସ୍ କୋଅର୍ଡିନେଟର୍ ଭାବେ ଦାୟିତ୍ୱ ଦିଆଯାଇଥିଲା। ବିଭିନ୍ନ ବିଦ୍ୟାଳୟର ଅଭିଭାବକ, ଶିକ୍ଷକ ଏବଂ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ପ୍ରତିନିଧିତ୍ୱ କରିବେ ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ

## ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରର ତିନିଜଣ ଆଥଲେଟ୍

ମୁମ୍ବାଇ, (ସବ୍ୟୁ) : ସ୍କଟଲ୍ୟାଣ୍ଡର ଗ୍ଲାସଗୋଠାରେ ଜୁଲାଇ ୨୩ ରୁ ଅଗଷ୍ଟ ୨, ୨୦୨୬ ମଧ୍ୟରେ ଆୟୋଜିତ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର (ଓଡ଼ିଶା ଏଏମ୍/ଏନ୍ଏସ୍ ଜିଏଚ୍ପିସି)ର ତିନିଜଣ ଆଥଲେଟ୍ ଭାରତର ପ୍ରତିନିଧିତ୍ୱ କରିବା ପାଇଁ ଚୟନ ହୋଇଛନ୍ତି। ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ବର୍ଗରେ ଭାରତର ପ୍ରତିନିଧିତ୍ୱ ପାଇଁ ଚୟନ ହୋଇଥିବା ଆଠଜଣ ଆଥଲେଟମାନଙ୍କ ମଧ୍ୟରୁ ତିନିଜଣ ଆଥଲେଟ ତପନ ମହାନ୍ତି, ତପେଶ୍ୱରନାଥ ଦାସ ଏବଂ ଅଲମ୍ପିଆନ୍ ପ୍ରଣତି ନାୟକ ଓଡ଼ିଶା ଏଏମ୍/ଏନ୍ଏସ୍ ଜିଏଚ୍ପିସିରେ ଅଛନ୍ତି। ତପନ ମହାନ୍ତି ଏବଂ ତପେଶ୍ୱରନାଥ ଦାସ ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଏମ୍ଏଜି) ବର୍ଗରେ ଭାରତୀୟ ପୁରୁଷ ଦଳରେ ଥିବାବେଳେ ଅଲିମ୍ପିଆନ୍ ପ୍ରଣତି ନାୟକ ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଡବ୍ଲ୍ୟୁଏଜି) ବର୍ଗରେ ଭାରତୀୟ ମହିଳା ଦଳର ସଦସ୍ୟା ଅଛନ୍ତି। ଏହି ସଫଳତା ଆଥଲେଟମାନଙ୍କ ନିଷ୍ଠା ଓ କଠିନ ପରିଶ୍ରମ ଏବଂ ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଜିଏଚ୍ପିସିରେ ପ୍ରଦାନ କରାଯାଉଥିବା ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ଓ ସର୍ବାଙ୍ଗୀଣ ବିକାଶକୁ ପ୍ରତିଫଳିତ କରୁଛି। ଏହି କେନ୍ଦ୍ର ଯୁବ ପ୍ରତିଭାଙ୍କୁ ଗଢ଼ି ତୋଳିବା ସହିତ ଭାରତରେ ଜିମ୍ନାଷ୍ଟିକ୍ସ କ୍ରୀଡ଼ାର ଉନ୍ନତିରେ ନିରନ୍ତର ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି। ଏଏମ୍/ଏନ୍ଏସ୍ ଇଣ୍ଡିଆ ମାନବ ସମ୍ବଳ ଓ ପ୍ରଶାସନ ବିଭାଗର ନିର୍ଦ୍ଦେଶକ ଏବଂ ଉପସଭାପତି ଆଶୁତୋଷ ତେଲାଙ୍ଗ କହିଛନ୍ତି, " ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରର ତିନିଜଣ ଆଥଲେଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପ୍ରତିଯୋଗିତା କରିବା




ଆମ ପାଇଁ ଅତ୍ୟନ୍ତ ଗର୍ବର ବିଷୟ। ତପନ ମହାନ୍ତି, ତପେଶ୍ୱରନାଥ ଦାସ ଏବଂ ଅଲିମ୍ପିଆନ୍ ପ୍ରଣତି ନାୟକ ଆମ କେନ୍ଦ୍ରରେ ବିକଶିତ ହୋଇଥିବା ଉତ୍କର୍ଷତା, ଶୃଙ୍ଖଳା ଓ ଦୃଢ଼ତାର ଜ୍ୱଳନ୍ତ ଉଦାହରଣ। ସେମାନଙ୍କର ଏହି ସଫଳତା ଓଡ଼ିଶାରେ ଆମେ ଗଢ଼ି ତୋଳିଥିବା ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ଏବଂ ସର୍ବାଙ୍ଗୀଣ ବିକାଶ ବ୍ୟବସ୍ଥାର ପ୍ରତିଫଳନ ।

## ସାରା ରାଜ୍ୟରେ ସାର ର ଘୋର ଅଭାବ

# ପ୍ରଶାସନିକ ବିଫଳତା ଓ ସାର କଳାବଜାରୀ ଯୋଗୁଁ ଚାଷୀ ହନ୍ତସନ୍ତ: ବିଜେଡି

ଭୁବନେଶ୍ୱର, (ସବ୍ୟୁ) : ଚଳିତ ଖରିଫ ଚାଷ ଋତୁରେ ସମଗ୍ର ଓଡ଼ିଶାରେ ଦେଖାଦେଇଥିବା ସାରର ଘୋର ଅଭାବ, ବ୍ୟାପକ କଳାବଜାରୀ ଏବଂ ପ୍ରଶାସନିକ ବିଫଳତା ଯୋଗୁଁ ଲକ୍ଷ ଲକ୍ଷ ଚାଷୀ ହନ୍ତସନ୍ତ ହେଉଛନ୍ତି । ସରକାରଙ୍କ ଚାଷୀ ମାରଣ ନୀତି ଯୋଗୁଁ ଚାଷୀ କଲବଲ ହେଉଥିବାରୁ ଡବଲ ଇଞ୍ଜିନ ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ ।

ବୁଧବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି, ବିଧାୟକ ଡ଼ ଅରୁଣ କୁମାର ସାହୁ, ଉପସଭାପତି ଅତନୁ ସବ୍ୟସାଚୀ ନାୟକ ଏବଂ ଉପସଭାପତି ସଞ୍ଜୟ ଦାସବର୍ମା, ରାଜ୍ୟରେ ସାରର ଅଭାବ ନଥିବା କଥା ସରକାର ବାରମ୍ବାର ଚାଷୀମାନଙ୍କୁ ଆଶ୍ୱାସନା ଦେଉଥିବା ବେଳେ, କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ । ରାଜ୍ୟର ବିଭିନ୍ନ ସ୍ଥାନରେ ଧାନ ରୁଆ କାମର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟରେ ଚାଷୀଙ୍କୁ ସାର ଯୋଗାଇବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି କହିଥିଲେ । ଡ଼ ଅରୁଣ କୁମାର ସାହୁ କହିଥିଲେ ଯେ, ଓଡ଼ିଶାର ପ୍ରାୟ ୭୦ ପ୍ରତିଶତ ଲୋକ କୃଷି ଉପରେ



ନିର୍ଭରଶୀଳ ଥିବାବେଳେ ପ୍ରତିବର୍ଷ ପ୍ରାୟ ୩୯ ଲକ୍ଷ ହେକ୍ଟର ଜମିରେ ଖରିଫ ଧାନ ଚାଷ କରାଯାଏ । ଚଳିତ ଖରିଫ ଋତୁରେ ରାଜ୍ୟକୁ ପ୍ରାୟ ୧୧.୪୩ ଲକ୍ଷ ମେଟ୍ରିକ ଟନ ସାରର ଆବଶ୍ୟକତା ରହିଛି । କିନ୍ତୁ ୧୭ ଜୁଲାଇ ସୁଦ୍ଧା ମାତ୍ର ପ୍ରାୟ ୧.୮୧ ଲକ୍ଷ ମେଟ୍ରିକ ଟନ ସାର ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଗୁଡ଼ିକରେ ପହଞ୍ଚିଛି । ଚାଷୀଙ୍କୁ ପ୍ରାୟ ୧.୧୪ ଲକ୍ଷ ମେଟ୍ରିକ ଟନ ସାର ବଣ୍ଟନ କରାଯାଇଛି । ସମଗ୍ର ଖରିଫ ଋତୁରେ ଆବଶ୍ୟକତାର ମାତ୍ର ୧୦ ପ୍ରତିଶତ ସାର ଯୋଗାଣ ହୋଇଥିବାରୁ ରାଜ୍ୟରେ କୃତ୍ରିମ ସାର ସଙ୍କଟ ସୃଷ୍ଟି ହୋଇଛି । ଧାନ ରୁଆ କାମର ଶୀର୍ଷ ସମୟରେ ସାର ସଙ୍କଟ ଚାଷୀମାନଙ୍କୁ ଚିନ୍ତାରେ ପକାଇ ଦେଇଛି । "ଡବଲ ଇଞ୍ଜିନ ସରକାରଦ ବାସ୍ତବରେ ଓଡ଼ିଶାର ଚାଷୀଙ୍କ ପାଇଁ "ଟ୍ରବୁଲ ଇଞ୍ଜିନ ସରକାରଦରେ ପରିଣତ ହୋଇଛି । କେନ୍ଦ୍ରରେ ବିଜେପି ସରକାର ପ୍ରାୟ ୧୨ ବର୍ଷ ଧରି କ୍ଷମତାରେ ଥିବା ସତ୍ତ୍ୱେ ତାଳଚେର ସାର କାରଖାନାରେ ଏପର୍ଯ୍ୟନ୍ତ ସାର ଉତ୍ପାଦନ ହୋଇପାରିଲା ନାହିଁ । ୨୦୧୪ ମସିହାରେ ପ୍ରତି ଏକରରେ ସାର ବାବଦରେ ପ୍ରାୟ ୩,୦୦୦ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ବର୍ତ୍ତମାନ ଏହା ବଢ଼ି ପ୍ରାୟ ୭,୦୦୦ରୁ ୭,୫୦୦ ଟଙ୍କାରେ ପହଞ୍ଚିଛି । ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବାର ପ୍ରତିଶ୍ରୁତି ଦେଇଥିବା ଡବଲ ଇଞ୍ଜିନ ସରକାର ଚାଷୀମାନଙ୍କ ଉପରେ ଆର୍ଥିକ ବୋଝକୁ ଦ୍ୱିଗୁଣିତ କରୁଛନ୍ତି । ଅତନୁ ସବ୍ୟସାଚୀ ନାୟକ କହିଥିଲେ ଯେ, ରାଜ୍ୟରେ ସାରର କୌଣସି ଅଭାବ ନଥିବା ସରକାରଙ୍କ ଦାବି ସମ୍ପୂର୍ଣ୍ଣ ଅମୂଳକ । ସଞ୍ଜୟ ଦାସବର୍ମା କହିଥିଲେ ଯେ, ଭାରତ ସରକାରଙ୍କ ଜାତୀୟ ସାର ବଣ୍ଟନ ନୀତିକୁ କାର୍ଯ୍ୟକାରୀ କରିବାରେ ଓଡ଼ିଶା ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ରାଜ୍ୟରେ ସାରର କୌଣସି ଅଭାବ ନଥିବା ସମବାୟ ମନ୍ତ୍ରୀ ଦାବି କରୁଥିବା ବେଳେ ସମବାୟ ବିଭାଗର ପ୍ରମୁଖ ଶାସନ ସଚିବ ୟୁରିଆ ଓ ଡିଏପିର ଅଭାବକୁ ସ୍ୱୀକାର କରି ଜିଲ୍ଲା ପ୍ରଶାସନକୁ ବିକଳ୍ପ ସାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଓଡ଼ିଶା ପାଇଁ ଆସୁଥିବା ସାରକୁ ପଡ଼ୋଶୀ ରାଜ୍ୟକୁ ବେଆଇନ ଭାବେ ଚାଲାଣ କରାଯାଉଛି । ସମବାୟ ସମିତିଗୁଡ଼ିକ ଚାଷୀଙ୍କୁ ୟୁରିଆ ସହିତ ବାଧ୍ୟତାମୂଳକ ଭାବେ ନାନୋ ୟୁରିଆ, ଜିଙ୍କ ଓ ଅନ୍ୟାନ୍ୟ ଉତ୍ପାଦ କିଣିବାକୁ ବାଧ୍ୟ କରୁଛନ୍ତି । ମୁଖ୍ୟମନ୍ତ୍ରୀ ତୁରନ୍ତ କୃଷି, ସମବାୟ, ଖାଦ୍ୟ ଯୋଗାଣ ଏବଂ ମାର୍କଫେଡ ବିଭାଗକୁ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଡାକି ରାଜ୍ୟରେ ସାର ଆବଶ୍ୟକତାର ଆକଳନ କରନ୍ତୁ ଏବଂ ସମଗ୍ର ରାଜ୍ୟରେ ନିରବଚ୍ଛିନ୍ନ ସାର ଯୋଗାଣ ସୁନିଶ୍ଚିତ କରନ୍ତୁ । ନଚେତ୍ ଚାଷୀକୂଳର ସ୍ୱାର୍ଥ ପାଇଁ ବିଜୁ ଜନତା ଦଳ ତାର ଲଢ଼େଇକୁ ଆହୁରି ତୀବ୍ରତର କରିବ ।

# ଧନେଶ୍ୱର ଗ୍ରୁପ୍ର ସମାବର୍ତ୍ତନ ଉତ୍ସବ

କଟକ, (ସ୍ୱପ୍ର): ଓଡ଼ିଶାର ଅନ୍ୟତମ ନର୍ସିଂ ଶିକ୍ଷାନୁଷ୍ଠାନ ସମୂହ ଧନେଶ୍ୱର ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁସନ୍ରେ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବାଲିକୁଦା ଉତ୍ତମାପୁରସ୍ଥିତ କ୍ୟାମ୍ପସ-୨ ପରିସରରେ ଆୟୋଜିତ ଏହି ଉତ୍ସବକୁ ଧନେଶ୍ୱର ଗ୍ରୁପ୍ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ସଂଗ୍ରାମ କେଶରୀ ବିଶ୍ୱାଳ ଉଦଘାଟନ କରିଥିଲେ। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସେବିକାମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ବିଶ୍ୱାଳ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ




କରି ଏହି ମହାନୀୟ ବୃତ୍ତିରେ ଭବିଷ୍ୟତ ଗଢ଼ିବା ଲାଗି ନିଷ୍ପତ୍ତି ନେଇଥିବାରୁ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ ଧନେଶ୍ୱର ଗ୍ରୁପ୍ର ନିର୍ଦ୍ଦେଶିକା ସୁଜାତା ବିଶ୍ୱାଳ ଛାତ୍ରଛାତ୍ରୀଙ୍କୁ ଉତ୍ସର୍ଗୀକୃତ ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ମରଣିକା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବର୍ତ୍ତନ ଉତ୍ସବରେ ବିଏସ୍ସି (ନର୍ସିଂ) ଓ ପିବିବିଏସ୍ସି (ନର୍ସିଂ)ର ୧୦୦ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ଓଜେସି ପକ୍ଷରୁ ଭୁବନେଶ୍ୱରରେ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ଜନତା କଂଗ୍ରେସର ଭିନ୍ନ ଭିନ୍ନ ସାଂଗଠନିକ ଜିଲ୍ଲା ସଭାପତି ଘୋଷଣା ହେବାପରେ ସେହିସବୁ ଜିଲ୍ଲା ଗୁଡ଼ିକରେ ସାଂଗଠନିକ ଶକ୍ତିବୃଦ୍ଧି ନିମନ୍ତେ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି। ଏହିକ୍ରମରେ ଭୁବନେଶ୍ୱର ସାଂଗଠନିକ ଜିଲ୍ଲାରେ ବୁଧବାର ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଅଛି। ସ୍ଥାନୀୟ ୟୁନିଟ୍-୧ ସ୍ଥିତ କସ୍ତୁରବା ନାରୀମହଲଠାରେ ଆୟୋଜିତ ସଭାରେ ଦଳର ସଭାପତି ଇଂ ମହମ୍ମଦ ମୋକିମଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆଜିର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦଳର ଉପସଭାପତି ତଥା ଭୁବନେଶ୍ୱର ସାଂଗଠନିକ ଜିଲ୍ଲାର ସଭାପତି ବଦ୍ରି ନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଭୁବନେଶ୍ୱର ମହାନଗର ନିଗମର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହେବାପରେ ଓଜେସି ଏହି ସବୁ ମୌଳିକ ସମସ୍ୟା ଗୁଡ଼ିକର ସମାଧାନ ନିମନ୍ତେ ଲଢ଼େଇ କରିବ ବୋଲି ସଭାପତି ମହମ୍ମଦ ମୋକିମ୍ ଘୋଷଣା କରିଥିଲେ। ବିଗତ ଓ ବର୍ତ୍ତମାନ ସରକାରଙ୍କ ବିଫଳତା ପାଇଁ ଭୁବନେଶ୍ୱରର ବସ୍ତିବାସିନ୍ଦାମାନଙ୍କର



ଜୀବନଯାପନର ମାନ ଅତ୍ୟନ୍ତ ନିମ୍ନମାନର ହୋଇପଡ଼ିଥିବା ସ୍ଥଳେ, ସ୍ମାର୍ଟସିଟି ବୋଲାଉଥିବା ସହରରେ ରାସ୍ତାଘାଟ

ଡ୍ରେନେଜ୍, ପିଇବା ପାଣି, ସ୍ୱରେଜ୍ ପରି ଅନେକ ସମସ୍ୟା ରହିଛି ବୋଲି ସେ କହିଥିଲେ। ଓଜେସିର କର୍ମକର୍ତ୍ତାମାନଙ୍କୁ ସାଂଗଠନିକ ଆଭିମୁଖ୍ୟର ଗୁରୁମନ୍ତ୍ର ଦେଇ ପ୍ରତିଓ୍ୱାର୍ଡରେ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ ଚାଲୁରଖିବା ପାଇଁ ମୋକିମ୍ ନିଜ ବକ୍ତବ୍ୟ ରଖିଥିଲେ । ଆଗାମୀ ତିନିମାସ ମଧ୍ୟରେ ଭୁବନେଶ୍ୱରରେ ୧ ଲକ୍ଷ ସଦସ୍ୟଙ୍କୁ ଓଜେସିରେ ଯୋଡିବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି । ବସ୍ତିରୁ ଆରମ୍ଭ କରି କଲୋନୀ ପର୍ଯ୍ୟନ୍ତ ଯୁବ, ଛାତ୍ର, ମହିଳା ଓ ବରିଷ୍ଠ ନାଗରିକ

ମାନଙ୍କ ଘରକୁ ଘର ପହଞ୍ଚି ଓଜେସି ସଂଗଠନକୁ ବୁଥ୍ ସ୍ତରରୁ ମଜବୁତ କରାଯିବ ବୋଲି ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ସଭାପତି ବଦ୍ରି ନାରାୟଣ ମହାନ୍ତି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରର ବିଭିନ୍ନ ୱାର୍ଡର ଶତାଧିକ ମହିଳା, ଯୁବ ଓ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଜେସିର ଉପସଭାପତି ପ୍ରଦୀପ ପ୍ରଧାନ, ନଜିବୁର ରେହମାନ ଖାନ୍, ଓଜେସି ସେବା ସଂଗଠନ ଅଧ୍ୟକ୍ଷ ମନୋଜ ଜେନା, ମହିଳା ଜନତା କଂଗ୍ରେସ ସଭାନେତ୍ରୀ ଶୈଳବାଳା ଜେନା, ଯୁବ ଜନତା କଂଗ୍ରେସ ସଭାପତି ଆର୍ଯ୍ୟବୀର ଲେଙ୍କା, କୃଷକ ଜନତା କଂଗ୍ରେସ ସଭାପତି ସଂଗ୍ରାମ କିଶୋର ମାଝୀ, ସୋମନାଥ ରାଉତ, ରାକେଶ ବେହେରା, ସୋନାଲି ମହାପାତ୍ର, ସୁଧୀର ରାଉତ, ପ୍ରିୟବ୍ରତ ସାହୁ, ଉମେଶ ଦାସ, ଶରତ ମହାନ୍ତି, ଗଗନ ବେହେରା, ଶ୍ରୀକାନ୍ତ ସାମନ୍ତରାୟ, ସସ୍ମିତା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଭୁବନେଶ୍ୱରରେ ନୂତନ ଇଲେକ୍ଟ୍ରୋନିକ୍ସ ଶୋରୁମ ର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ଇଲେକ୍ଟ୍ରୋନିକ୍ସ ଓ ଡିଜିଟାଲ ଉପକରଣ ଗୁଡିକ ପାଇଁ ଏକ ୱାନ ଷ୍ଟପ ଗନ୍ତବ୍ୟ ସ୍ଥଳ ଶ୍ରୀ ରାଧା ଗୋବିନ୍ଦମ ଟ୍ରେଡ଼ର୍ସ ଭୁବନେଶ୍ୱରର କଟକ ରୋଡ଼ ଝାରପଡା ସ୍ଥିତ ଫାଲକନ



ହାଉସ ଠାରେ ଏହାର ନୂତନ ଶୋ ରୁମ ଉଦଘାଟନ କରିଛି। ବିଶିଷ୍ଟ ଅତିଥି ଗ୍ରାହକ ଓ ଶୁଭେଚ୍ଛୁ ମାନଙ୍କ ଉପସ୍ଥିତିରେ ଜଣାଶୁଣା ଓଲିଉଡ଼ ଅଭିନେତ୍ରୀ ଶୀତଲ ପାତ୍ର ଓ ବିଶିଷ୍ଟ ମଡେଲ ତଥା ଅଭିନେତ୍ରୀ ପାୟଲ ରାଉତ ରାୟଙ୍କ ଦ୍ୱାରା ଏହି ଶୋ ରୁମ ଉଦଘାଟନ କରାଯାଇଥିଲା। ଶ୍ରୀ ରାଧା ଗୋବିନ୍ଦମ ଟ୍ରେଡ଼ର୍ସ ଅଗ୍ରଣୀ ବ୍ରାଣ୍ଡ ଗୁଡିକର ସ୍ମାର୍ଟ ଫୋନ, ଲାପଟପ, ଟେଲିଭିଜନ, ରେଫ୍ରିଜେରେଟର, ଏୟାର କଣ୍ଡିସନର, ୱାସିଂ ମେସିନ, ସ୍ମାର୍ଟ ୱାଚ, ସି ସି ଟିଭି ସଲ୍ୟୁସନ, ଅଶେସରିଜ ଓ ଅନ୍ୟାନ୍ୟ ଡିଜିଟାଲ ଉତ୍ପାଦ ସହିତ ଇଲେକ୍ଟ୍ରୋନିକ୍ସ ଓ ଗୃହ ଉପକରଣର ଏକ ବ୍ୟାପକ ସମ୍ଭାର ପ୍ରଦାନ କରୁଛି। ଏହି ଷ୍ଟୋର ଅସଲି ଉତ୍ପାଦ ପ୍ରତିଯୋଗିତା ମୂଳକ ମୂଲ୍ୟ, ଚମତ୍କାର ଗ୍ରାହକ ସେବା ପ୍ରଦାନ କରିବାକୁ ପ୍ରତିଶୃତିବଦ୍ଧ।

# ସିଏସ୍ଏମ୍ ଟେକ୍ନୋଲୋଜିଜର ଏଫ୍ୱାଇ ୨୬ରେ ଦୃଢ଼ ପ୍ରଦର୍ଶନ

## ମୋଟ ଆୟ ୨୨୮.୭୨ କୋଟି, ୧୪% ବୃଦ୍ଧି

ଭୁବନେଶ୍ୱର, (ସବ୍ୟୁ) : ଗଭ୍ଟେକ୍ ଏବଂ ଏଣ୍ଟରପ୍ରାଇଜ୍ ଡିଜିଟାଲ୍ ଟ୍ରାନ୍ସଫର୍ମେସନ୍ କ୍ଷେତ୍ରରେ କାର୍ଯ୍ୟରତ ସିଏସଏମ୍ ଟେକ୍ନୋଲୋଜିଜ୍ ଲିମିଟେଡ୍ ଆଜି ୩୧ ମାର୍ଚ୍ଚ ୨୦୨୬ରେ ସମାପ୍ତ ହୋଇଥିବା ଚତୁର୍ଥ ତ୍ରୟମାସିକ ଏବଂ ପୂର୍ଣ୍ଣ ଆର୍ଥିକ ବର୍ଷ ପାଇଁ ତାହାର ଅଡିଟ୍ ହୋଇଥିବା ସମନ୍ୱିତ ଆର୍ଥିକ ଫଳାଫଳ ଘୋଷଣା କରିଛି। କମ୍ପାନୀ ତାଲିକାଭୁକ୍ତ ହେବା ପରେ ଏହା ଏହାର ପ୍ରଥମ ପୂର୍ଣ୍ଣ ବର୍ଷର ଫଳାଫଳ। କମ୍ପାନୀର ବୋର୍ଡ ଅଫ୍ ଡିରେକ୍ଟର୍ସ ଏଫୱାଇ ୨୬ ପାଇଁ ୫,୧୬,୦୩,୪୭୨ ଇକ୍ୱିଟି ସେୟାର ପ୍ରତି ୦.୫୦ ହାରରେ ଅନ୍ତିମ ଲାଭାଂଶ ସୁପାରିଶ କରିଛନ୍ତି। ଆଗାମୀ ବାର୍ଷିକ ସାଧାରଣ ସଭାରେ ଶେୟାରହୋଲ୍ଡରଙ୍କ ଅନୁମୋଦନ ପରେ ଏହି ଲାଭାଂଶ ସଭାର ୩୦ ଦିନ ମଧ୍ୟରେ ପ୍ରଦାନ କରାଯିବ।

ଏଫୱାଇ ୨୬ ସମନ୍ୱିତ ପ୍ରମୁଖ ଆର୍ଥିକ ସୂଚକ (ଲକ୍ଷ), ମୋଟ ଆୟ: ୨୨,୮୭୧.୮ ଲକ୍ଷ (ଏଫୱାଇ ୨୫: ୨୦,୦୬୨.୭ ଲକ୍ଷ), ବୃଦ୍ଧି ୧୪.୦%, ଇବିଆଇଡିଟିଏ : ୪,୮୦୦.୦ ଲକ୍ଷ (ଏଫୱାଇ ୨୫: ୩,୦୬୫.୩ ଲକ୍ଷ), ବୃଦ୍ଧି ୫୬.୬%, ଇବିଆଇଡିଟିଏ ମାର୍ଜିନ: ୨୧.୦% (ଏଫୱାଇ ୨୫: ୧୫.୩%), ବୃଦ୍ଧି ୫୭୧ ବେସିସ୍ ପଏଣ୍ଟ, ବ୍ୟତିକ୍ରମଧର୍ମୀ ଖର୍ଚ୍ଚ ପୂର୍ବ କରପୂର୍ବ ଲାଭ (ପିଏଟି): ୩,୪୭୭.୭ ଲକ୍ଷ, ବୃଦ୍ଧି ୭୦.୦%, ବ୍ୟତିକ୍ରମଧର୍ମୀ ଖର୍ଚ୍ଚ ପରବର୍ତ୍ତୀ ପିଏଟି : ୩,୨୦୪.୫ ଲକ୍ଷ, ବୃଦ୍ଧି ୫୬.୬%, କର ପରବର୍ତ୍ତୀ ଲାଭ (ପିଏଟି): ୨,୪୦୦.୭ ଲକ୍ଷ, ବୃଦ୍ଧି ୭୦.୨%, ପିଏଟି ମାର୍ଜିନ: ୧୦.୫% (ଏଫୱାଇ ୨୫: ୭.୦%), ବୃଦ୍ଧି ୩୪୭ ବେସିସ୍ ପଏଣ୍ଟ, ମୂଳ ଓ ଡିଲ୍ୟୁଟେଡ୍ ଇପିଏସ୍ : ୬.୧୦ (ଏଫୱାଇ ୨୫: ୩.୭୨), ବୃଦ୍ଧି ୬୪.୦% । ଇବିଆଇଡିଟିଏ ଅର୍ଥ ହେଉଛି କର, ଅର୍ଥାୟନ ବ୍ୟୟ, ମୂଲ୍ୟହ୍ରାସ ଓ ଅମୋର୍ଟାଇଜେସନ୍ ପୂର୍ବରୁ ଥିବା ଲାଭ। ନୂତନ ଶ୍ରମ ସଂହିତାର ବୈଧାନିକ ପ୍ରଭାବ ଯୋଗୁଁ ୨୭୩.୨୪ ଲକ୍ଷର ଏକକାଳୀନ ବ୍ୟତିକ୍ରମଧର୍ମୀ ଖର୍ଚ୍ଚ ପରେ ଏହି ଲାଭ ସଂଖ୍ୟା ଦର୍ଶାଯାଇଛି। କ୍ୟୁ ୪ ଏଫୱାଇ ୨୬ ସମନ୍ୱିତ ପ୍ରମୁଖ ଆର୍ଥିକ ସୂଚକ (ଲକ୍ଷ) ମୋଟ ଆୟ: ୬,୧୬୬.୮ ଲକ୍ଷ ବାର୍ଷିକ ଆଧାରରେ ୨.୬୧% ବୃଦ୍ଧି, ଇବିଆଇଡିଟିଏ : ୧,୬୪୦.୭ ଲକ୍ଷନ୍ତ ବାର୍ଷିକ ଆଧାରରେ ୫୬.୦୩% ବୃଦ୍ଧି, ଇବିଆଇଡିଟିଏ ମାର୍ଜିନ: ୨୬.୬%ନ୍ତ ୯୧୧ ବେସିସ୍ ପଏଣ୍ଟ ବୃଦ୍ଧି, ପିଏଟି : ୯୨୯.୯ ଲକ୍ଷନ୍ତ ବାର୍ଷିକ ଆଧାରରେ ୭୭.୭୨% ବୃଦ୍ଧି, ପିଏଟି ମାର୍ଜିନ: ୧୫.୧%ନ୍ତ ୬୩୭ ବେସିସ୍ ପଏଣ୍ଟ ବୃଦ୍ଧି, ମୂଳ ଓ ଡିଲ୍ୟୁଟେଡ୍ ଇପିଏସ୍ : ୨.୪୧; ବାର୍ଷିକ ଆଧାରରେ ୭୪.୦୨% ବୃଦ୍ଧି ନୂତନ ଶ୍ରମ ସଂହିତାର ବୈଧାନିକ ପ୍ରଭାବ ସ୍ୱରୂପ ୨୭୩.୨୪ ଲକ୍ଷର ଏକକାଳୀନ ଖର୍ଚ୍ଚ ସମାବେଶ ହେବା ପରେ ଏହି ତ୍ରୟମାସିକର ଲାଭ ହିସାବ କରାଯାଇଛି। ଏହି ଖର୍ଚ୍ଚ ବ୍ୟତୀତ ତ୍ରୟମାସିକ ପିଏଟି ୧,୪୧୭.୨୮ ଲକ୍ଷ ଥିଲା, ଯାହା ବାର୍ଷିକ ଆଧାରରେ ୯୨.୧% ବୃଦ୍ଧି ଦର୍ଶାଇଛି। ପରିଚାଳନାର ମତାମତ ଫଳାଫଳ ଉପରେ ମତ ପ୍ରକାଶ କରି ସିଏସଏମ୍ ଟେକ୍ନୋଲୋଜିଜର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ପ୍ରିୟଦର୍ଶୀ ପାଣି କହିଛନ୍ତି।

# ବିରୂପା ନଦୀରୁ ମହିଳାଙ୍କ ମୃତଦେହ ଉଦ୍ଧାର

ଚୌଦ୍ୱାର, (ସବ୍ୟୁ): ଚୌଦ୍ୱାର ଥାନା ଅନ୍ତର୍ଗତ ବିରୂପା ନଦୀରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଆଜି ସଂଧ୍ୟାରେ ବିରୂପା ନଦୀରେ ଜଣେ ମହିଳାଙ୍କର ମୃତଦେହ ଭାସୁଥିବାର ଦେଖି ସ୍ଥାନୀୟ ଲୋକେ ପୁଲିସ୍କୁ ଖବର ଦେବା ପରେ ଘଟଣାସ୍ଥଳରେ ଚୌଦ୍ୱାର ପୁଲିସ୍ ସହ ଅଗ୍ନିଶମ ବାହିନୀ ପହଂଚି ମୃତଦେହଟିକୁ ଉଦ୍ଧାର କରିଥିବା ବେଳେ ମୃତ ମହିଳାଙ୍କର ପରିଚୟ ମିଳିପାରିନାହିଁ । ମୃତଶରୀରକୁ ପୁଲିସ୍ ଜବତ କରି ଶବବ୍ୟବଚ୍ଛେଦ ନିମନ୍ତେ କଟକ ବଡଡାକ୍ତରଖାନା ପଠାଇବା ସହ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି ।

# ଲକ୍ଷ୍ମୀନାରାୟଣ ଜୁଏଲାରୀ ଉଦ୍ଘାଟିତ

କଟକ, (ସ୍ୱପ୍ର) : ବିଭିନ୍ନ ସୁନା, ରୂପା ଗହଣାର ସମ୍ଭାର ନେଇ ସ୍ଥାନୀୟ ବୋର୍ଡ ସ୍କୁଲ ନିକଟ ରାଣୀହାଟ ମୁଖ୍ୟ ରାସ୍ତାରେ ଲକ୍ଷ୍ମୀନାରାୟଣ ଜୁଏଲାରୀ ଉଦ୍ଘାଟିତ ହୋଇଛି । ବୁଧବାର ଏହି ଜୁଏଲାରୀକୁ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଫିତା କାଟି ଉଦଘାଟନ କରିଥିଲେ । ଏହି ଜୁଏଲାରୀରେ ଗ୍ରାହକମାନଙ୍କ ନିମନ୍ତେ ବିଭିନ୍ନ ପ୍ରକାରର ହଲମାର୍କ ସୁନା, ରୂପା ଗହଣା ସୁଲଭ ମୂଲ୍ୟରେ ଉପଲବ୍ଧ ରହିଛି ବୋଲି ଏହାର ପ୍ରୋପାଇଟର ବିଜୟ ଲକ୍ଷ୍ମୀ ଦାସ କହିଛନ୍ତି । ଏହି ଜୁଏଲାରୀର



ଉଦଘାଟନ କାର୍ଯ୍ୟକ୍ରମରେ ରାମଚନ୍ଦ୍ର ଦାସ, ମାଳିସାହୀ ପୂଜା କମିଟି ସଭାପତି ଗୌତମ ପରିଡା, କଟକ ସୁରକ୍ଷା କମିଟି ସଭାପତି ସରୋଜ ସିଂହ, ପ୍ରୋପାଇଟର ବିଜୟଲକ୍ଷ୍ମୀଙ୍କ ପରିବାର ସଦସ୍ୟ ଓ ସ୍ଥାନୀୟ ବାସିନ୍ଦା ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ।

# ଟାର୍ଗେଟରେ ଇରାନର ଭୂଗର୍ଭ ପରମାଣୁ କେନ୍ଦ୍ର



**ୱାଶିଂଟନ:** ଇରାନ ଉପରେ ଆମେରିକା କ୍ରମାଗତ ଏକାଦଶ ରାତି ପାଇଁ ବଡ଼ଧରଣର ବିମାନ ଆକ୍ରମଣ କରିଛି। ଇରାନର ସାମରିକ ପରିଚାଳନା କେନ୍ଦ୍ର, ନୌସେନା ସାମର୍ଥ୍ୟ, ଯୁଦ୍ଧବିମାନ ରଖାଯାଉଥିବା ହ୍ୟାଙ୍ଗର୍, ଡ୍ରୋନ୍ ଭଣ୍ଡାର ଓ ସାମରିକ ପରିବହନ ଭିତ୍ତିଭୂମିକୁ ଏହି ଆକ୍ରମଣରେ ନିଶାଣ କରାଯାଇଥିଲା। ଏହା ମଧ୍ୟରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନତାଞ୍ଜ ନିକଟସ୍ଥ ପାହାଡ଼ ତଳେ ନିର୍ମାଣାଧୀନ ଇରାନର ଅତ୍ୟନ୍ତ ସୁରକ୍ଷିତ ପରମାଣୁ କେନ୍ଦ୍ର ଉପରେ ଖୁବ୍ଶୀଘ୍ର ଭୟଙ୍କର ଆକ୍ରମଣ କରାଯିବ ବୋଲି ଧମକ ଦେଇଛନ୍ତି।ଆମେରିକାର ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) କହିଛି ଯେ ଇରାନ ସମୟ ବୁଧବାର ଭୋର ପ୍ରାୟ ୩ଟା ୪୫ ମିନିଟ୍ରେ ସଦ୍ୟତମ ଆକ୍ରମଣ ଶେଷ ହୋଇଥିଲା। ବିମାନବାହୀ ଜାହାଜରୁ ଯୁଦ୍ଧବିମାନ ଉଡ଼ାଣ ଭରିବା ଏବଂ ଆକାଶରୁ ବିଭିନ୍ନ ଲକ୍ଷ୍ୟ ଉପରେ ଆକ୍ରମଣ କରିବାର ଦୃଶ୍ୟ ମଧ୍ୟ ସେଣ୍ଟକମ୍ ଜାରି କରିଛି। ହର୍ମୁଜ ପ୍ରଣାଳୀ ଦେଇ ଚଳାଚଳ କରୁଥିବା ବାଣିଜ୍ୟିକ ଜାହାଜଗୁଡ଼ିକ ପ୍ରତି ବିପଦ ସୃଷ୍ଟି କରିବାରେ ଇରାନର କ୍ଷମତାକୁ ଦୁର୍ବଳ କରିବା ଏହି ଆକ୍ରମଣର ଲକ୍ଷ୍ୟ ବୋଲି କୁହାଯାଇଛି। ଇରାନର ରାଜଧାନୀ ତେହରାନ, ଉତ୍ତର ପଶ୍ଚିମର ତାବ୍ରିଜ୍ ଓ ଦକ୍ଷିଣ ଅଞ୍ଚଳରେ ବିସ୍ଫୋରଣ ଶବ୍ଦ ଶୁଣାଯାଇଥିବା ଖବର ମିଳିଛି।ଟ୍ରମ୍ପ ମଙ୍ଗଳବାର ହ୍ୱାଇଟ୍ ହାଉସ୍ର ଓଭାଲ ଅଫିସ୍ରେ ସାମ୍ବାଦିକମାନଙ୍କ ସହ କଥା ହେବାବେଳେ 'ପିକାକ୍ସ ମାଉଣ୍ଟେନ୍' ନାମରେ ପରିଚିତ ଇରାନର ନୂଆ ପରମାଣୁ କେନ୍ଦ୍ର ଅଞ୍ଚଳକୁ ଆମେରିକା ଖୁବ୍ଶୀଘ୍ର ଓ ଅତ୍ୟନ୍ତ ଭୟଙ୍କର ଭାବେ ଆକ୍ରମଣ କରିବ ବୋଲି କହିଥିଲେ। ଇରାନ ସେଠାକୁ ୟୁରାନିୟମ୍ ବିଶୋଧନରେ ବ୍ୟବହୃତ ସେଣ୍ଟ୍ରିଫ୍ୟୁଜ୍ ଯନ୍ତ୍ର ସ୍ଥାନାନ୍ତର କରିଥିବା ସନ୍ଦେହ ସମ୍ପର୍କରେ ପଚରାଯିବାରୁ ଟ୍ରମ୍ପ କହିଥିଲେ, ବିଶୋଧନ ପାଇଁ ୟୁରାନିୟମ୍ ନ ଥିଲେ କେବଳ ସେଣ୍ଟ୍ରିଫ୍ୟୁଜ୍ର କୌଣସି ଗୁରୁତ୍ୱ ନାହିଁ। ୟୁରାନିୟମ୍ କେଉଁଠି ରହିଛି, ତାହା ଉପରେ ଆମେରିକା ନଜର ରଖିଛି ବୋଲି ସେ ଦାବି କରିଥିଲେ।ଇରାନୀ ଭାଷାରେ 'କୁହ୍ ଏ କୋଲାଙ୍ଗ ଗାଜ୍ ଲା' କୁହାଯାଉଥିବା ଏହି ପାହାଡ଼ ତେହରାନଠାରୁ ପ୍ରାୟ ୨୨୦ କିଲୋମିଟର ଦକ୍ଷିଣ ଓ ନତାଞ୍ଜ ପରମାଣୁ କେନ୍ଦ୍ରଠାରୁ ପ୍ରାୟ ୨ କିଲୋମିଟର ଦୂରରେ ଅବସ୍ଥିତ। ପାହାଡ଼ ତଳେ ପ୍ରାୟ ୮୦ରୁ ୧୦୦ ମିଟର ଗଭୀରରେ ଏହି କେନ୍ଦ୍ର ନିର୍ମାଣ କରାଯାଉଥିବା ବିଶେଷଜ୍ଞମାନେ ଆକଳନ କରିଛନ୍ତି। ତେଣୁ ଆମେରିକାର ଶକ୍ତିଶାଳୀ ବଙ୍କର୍ ବିଧ୍ୱଂସୀ ବୋମା ଦ୍ୱାରା ମଧ୍ୟ ଏହାକୁ ନଷ୍ଟ କରିବା ସହଜ ହେବ ନାହିଁ।

### ସୁପ୍ରିମକୋର୍ଟ ବାର୍ ଆସୋସିଏସନର ଅସନ୍ତୋଷ

# ଆନ୍ଦୋଳନକାରୀ ଛାତ୍ରଙ୍କ ଉପରେ ମାତ୍ରାଧିକ ବଳପ୍ରୟୋଗ



**ନୂଆଦିଲ୍ଲୀ:** କକ୍ରୋଚ ଜନତା ପାର୍ଟି (ସିଜେପି)ର 'ସଂସଦ ଚଲୋ' ଆନ୍ଦୋଳନ ସମୟରେ ଛାତ୍ରମାନଙ୍କ ଉପରେ ହୋଇଥିବା ଲାଠିଚାର୍ଜ ଉପରେ ସୁପ୍ରିମକୋର୍ଟ ବାର ଆସୋସିଏସନ ଅସନ୍ତୋଷ ପ୍ରକାଶ କରିଛି। ନିର୍ଦ୍ଦୋଷ ଛାତ୍ରଛାତ୍ରୀମାନଙ୍କ ଉପରେ ହୋଇଥିବା ନିର୍ମମ ଲାଠିଚାର୍ଜକୁ ସୁପ୍ରିମକୋର୍ଟ ବାର ଆସୋସିଏସନ ଦୃଢ଼ ନିନ୍ଦା କରିଛି। ଆନ୍ଦୋଳନ ସମୟରେ ଛାତ୍ରଛାତ୍ରୀଙ୍କ ଉପରେ ଲାଠିଚାର୍ଜ ଯୋଗୁ ଅନେକ ଗୁରୁତର ଭାବେ ଆହତ ହୋଇଥିଲେ। ପ୍ରଦର୍ଶନକାରୀଙ୍କ ଉପରେ ଅତ୍ୟଧିକ ଓ ମାତ୍ରାଧିକ ବଳ ପ୍ରୟୋଗ କରାଯାଇଥିବା ବାର ଆସୋସିଏସନ୍ ନିଜ ବିବୃତିରେ କହିଛି। ଏପରି ଘଟଣାକୁ ଖୁବ୍ ଚିନ୍ତାଜନକ କହିବା ସହିତ ଗଣତାନ୍ତ୍ରିକ ସମାଜ ଏହାକୁ ଗ୍ରହଣ କରିବ ନାହିଁ ବୋଲି ସୁପ୍ରିମକୋର୍ଟ ବାର୍ ଆସୋସିଏସନ୍ ତୀବ୍ର ଶବ୍ଦରେ ନିନ୍ଦା କରି କହିଛି। ଆସୋସିଏସନ ସରକାରଙ୍କୁ ଏହି ଘଟଣାରେ ବିନା କୌଣସି ଭେଦଭାବରେ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି। ବାର୍ ଆସୋସିଏସନ୍ ପକ୍ଷରୁ ଜାରି ବୟାନରେ ନିର୍ଦ୍ଦୋଷ ଛାତ୍ରଛାତ୍ରୀଙ୍କ ଉପରେ ଲାଠିଚାର୍ଜକୁ କଡ଼ା ନିନ୍ଦା କରାଯିବା ସହିତ ଆହତ ଛାତ୍ର ଓ ଆଇନ କ୍ଷେତ୍ରରେ ଜଡ଼ିତ ଆହତଙ୍କ ଚିକିତ୍ସା କରିବାକୁ କୁହାଯାଇଛି। ଏପରି ଘଟଣାର ପୁନରାବୃତ୍ତି ଯେପରି ନ ଘଟେ ସେ ଦିଗରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରାଯାଇଛି।

# ଜାପାନରେ ରେକର୍ଡ ଭାଙ୍ଗିଲା ତାତି

**ଟୋକିଓ:** ପ୍ରବଳ ତାତି ଏବଂ ଗ୍ରୀଷ୍ମ ପ୍ରବାହ ଜାପାନରେ ଜୀବନଯାତ୍ରାକୁ ଅସ୍ତବ୍ୟସ୍ତ କରିଛି। ମଙ୍ଗଳବାର, ୨୧ ଜୁଲାଇରେ ଦେଶର ଅନେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରି ସେଲସିୟସ ଅତିକ୍ରମ କରିଥିଲା। ଏହାକୁ ଦୃଷ୍ଟିରେ ରଖି, ଜାପାନ ପାଣିପାଗ ସଂସ୍ଥା (ଜେଏମଏ)ଦେଶର ପ୍ରଥମ 'କୋକୁଶୋବି' ଆନୁଷ୍ଠାନିକ ଭାବରେ ରେକର୍ଡ କରିଛି, ଯାହାର ଅର୍ଥ 'ପୀଡ଼ାଦାୟକ ଗ୍ରୀଷ୍ମ ଦିନ'। ଏହି ନୂତନ ଶବ୍ଦଟି ଚଳିତ ବର୍ଷ ଏପ୍ରିଲରେ ସେହି ଦିନ ପାଇଁ ପ୍ରଚଳନ କରାଯାଇଥିଲା ଯେତେବେଳେ ତାପମାତ୍ରା ୪୦ ଡିଗ୍ରି ସେଲସିୟସ ଅତିକ୍ରମ କରିବ। ଗିଫୁ ପ୍ରିଫେକ୍ଚରର ଗୁଜିୟୋ ଏବଂ ତାଜିମି ସହର ଏବଂ ମଧ୍ୟ ଜାପାନର ଆଇଚି ପ୍ରିଫେକ୍ଚରର ଟୟୋଟା ସିଟିରେ ପାରଦ ୪୦ ଡିଗ୍ରି ସେଲସିୟସରେ ପହଞ୍ଚିଥିଲା। ବିଶେଷକରି, ଗୁଜିୟୋରେ ୪୦ ଡିଗ୍ରି ଏବଂ ଟୟୋଟାରେ ୪୦.୧ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଥିଲା। ଦେଶର ୯୧୪ଟି ପାଣିପାଗ କେନ୍ଦ୍ର ମଧ୍ୟରୁ ୨୭୮ଟି କେନ୍ଦ୍ରରେ ତାପମାତ୍ରା ୩୫ ଡିଗ୍ରି ସେଲସିୟସ ଉପରେ ରେକର୍ଡ କରାଯାଇଛି। ଏହାକୁ 'ମୋଶୋବି' ବା ଅତ୍ୟନ୍ତ ଗରମ ଦିନ କୁହାଯାଇଛି।ଇତିମଧ୍ୟରେ ପ୍ରବଳ ଗରମ ଜୀବନ ନେବା ଆରମ୍ଭ କରିଛି। ସୋମବାର ଦିନ, ନିଗାତା ପ୍ରଦେଶର ସାଞ୍ଜୋରେ ଜଣେ ୪୦ ବର୍ଷୀୟ ବ୍ୟକ୍ତି ରାସ୍ତାରେ ମୃତ ଅବସ୍ଥାରେ ମିଳିଥିଲେ। କାନାଗାୱାରେ ଜଣେ ୭୦ ବର୍ଷୀୟ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ଉଭୟଙ୍କ ମୃତ୍ୟୁର କାରଣ ଅତ୍ୟଧିକ ତାତି ଏବଂ ଗ୍ରୀଷ୍ମ ପ୍ରବାହ। ସରକାରୀ ପରିସଂଖ୍ୟାନ ଅନୁଯାୟୀ, ୨୦୨୪ ମସିହାରେ ପ୍ରଥମ ଥର ପାଇଁ ଅଂଶୁଘାତ ଯୋଗୁଁ ମୃତ୍ୟୁ ସଂଖ୍ୟା ୨ ହଜାର ଅତିକ୍ରମ କରିଥିଲା।ଜାପାନର କୃଷି ଏବଂ ସଂସ୍କୃତି ଉପରେ ମଧ୍ୟ ବୃଦ୍ଧି ପାଉଥିବା ତାପମାତ୍ରାର ପ୍ରଭାବ ସ୍ପଷ୍ଟ ଭାବରେ ଦେଖାଯାଉଛି। ଗରମ ଯୋଗୁଁ ମୁଖ୍ୟ ଫସଲ ଧାନର ଗୁଣବତ୍ତା ଏବଂ ଅମଳ ପ୍ରଭାବିତ ହେଉଛି। ଯାହା ଫଳରେ ଚାଷୀମାନେ ଅଧିକ ତାପମାତ୍ରା ସହ୍ୟ କରିପାରୁଥିବା ଆଭୋକାଡୋ ଭଳି ଫସଲ ପ୍ରତି ମୁହାଁଇବାକୁ ବାଧ୍ୟ ହେଉଛନ୍ତି।

# 'ଶୌର୍ଯ୍ୟ ବିଜୟ ଯାତ୍ରା'ର ଶୁଭାରମ୍ଭ କଲେ ରାଜନାଥ



**ନୂଆଦିଲ୍ଲୀ:** କାରଗିଲ ବିଜୟ ଦିବସ-୨୦୨୬ ପାଳନ ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ନୂଆଦିଲ୍ଲୀସ୍ଥିତ ଜାତୀୟ ଯୁଦ୍ଧ ସ୍ମାରକୀରୁ 'ଶୌର୍ଯ୍ୟ ବିଜୟ ଯାତ୍ରା'କୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। 'ୱାନ୍ ରାଇଡ୍, ୱାନ୍ ନେସନ୍, ୱାନ୍ ସାଲ୍ୟୁଟ୍' ସ୍ଲୋଗାନ୍କୁ ନେଇ ଆରମ୍ଭ ହୋଇଥିବା ଏହି ୧୩ ଦିନିଆ ଓ ୧୯୦୦ କିଲୋମିଟର ଦୀର୍ଘ ଅଭିଯାନରେ ୨୮ ଜଣ ରାଇଡର ଅଂଶଗ୍ରହଣ କରିଛନ୍ତି।ଏହି ଯାତ୍ରାରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ସହ ବୀର ସହିଦଙ୍କ ପରିବାର ସଦସ୍ୟମାନେ ମଧ୍ୟ ସାମିଲ ହୋଇଛନ୍ତି। ସେମାନେ ଜାୱା ଓ ୟେଜଦୀ ମୋଟରସାଇକେଲରେ ଲଦାଖର ଦ୍ରାସ୍ସ୍ଥିତ କାରଗିଲ ଯୁଦ୍ଧ ସ୍ମାରକୀ ପର୍ଯ୍ୟନ୍ତ ଯାତ୍ରା କରିବେ। ଏହି ଅଭିଯାନ ୧୯୯୯ କାରଗିଲ ଯୁଦ୍ଧରେ ବିଜୟ ହାସଲ କରିଥିବା ଭାରତୀୟ ସେନାଙ୍କ ସାହସ, ସଂକଳ୍ପ ଓ ସର୍ବୋଚ୍ଚ ବଳିଦାନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆୟୋଜିତ ହୋଇଛି।ଯାତ୍ରାଟି ଚଣ୍ଡିମନ୍ଦିର, ରେଜାଙ୍ଗ ଲା ଏବଂ ଲେହ ଯୁଦ୍ଧ ସ୍ମାରକୀ ଦେଇ ଅଗ୍ରସର ହୋଇ ୨୬ ଜୁଲାଇ ୨୦୨୬ରେ କାରଗିଲ ଯୁଦ୍ଧ ସ୍ମାରକୀରେ ଶେଷ ହେବ। ଏହି ଅଭିଯାନରେ ଜାତୀୟ ଯୁଦ୍ଧ ସ୍ମାରକୀର ପବିତ୍ର ମାଟି କାରଗିଲ ପର୍ଯ୍ୟନ୍ତ ବହନ କରାଯିବ, ଯାହା ଦେଶର ବୀର ଯୋଦ୍ଧାଙ୍କ ପ୍ରତି ସମ୍ମାନର ପ୍ରତୀକ ହେବ। ଶୁଭାରମ୍ଭ ଉତ୍ସବରେ ପ୍ରତିରକ୍ଷା ମୁଖ୍ୟ ଜେନେରାଲ ଏନ୍. ଏସ୍. ରାଜା ସୁବ୍ରମଣି, ସେନା ମୁଖ୍ୟ ଜେନେରାଲ ଧୀରଜ ସେଠ, ବରିଷ୍ଠ ସାମରିକ ଅଧିକାରୀ ଓ ବହୁ ବିଶିଷ୍ଟ ଅତିଥି ଉପସ୍ଥିତ ଥିଲେ।ଏହି ଅବସରରେ ରାଜନାଥ ସିଂହ କାରଗିଲ ଯୁଦ୍ଧରେ ସହିଦ ହୋଇଥିବା ଭାରତୀୟ ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେ କହିଥିଲେ, କାରଗିଲ ବିଜୟ ଭାରତର ଭୂମି ଅଖଣ୍ଡତା ଓ ସାର୍ବଭୌମତ୍ୱ ରକ୍ଷା ପାଇଁ ଦେଶର ଦୃଢ଼ ସଂକଳ୍ପର ପ୍ରତୀକ। ଏହି ଅବସରରେ ସେ ପରମ ବୀର ଚକ୍ର ବିଜେତା କ୍ୟାପଟେନ୍ ବିକ୍ରମ ବାତ୍ରା, ଲେଫ୍ଟନାଣ୍ଟ ମନୋଜ କୁମାର ପାଣ୍ଡେ, ସୁବେଦାର ମେଜର (ଅନରାରି କ୍ୟାପଟେନ୍) ଯୋଗେନ୍ଦ୍ର ସିଂହ ଯାଦବ ଏବଂ ସୁବେଦାର ମେଜର (ଅନରାରି କ୍ୟାପଟେନ୍) ସଞ୍ଜୟ କୁମାରଙ୍କ ଅବଦାନକୁ ସ୍ମରଣ କରିଥିଲେ।ଏହି ଅଭିଯାନରେ ଜାୱା ୩୫୦, ଜାୱା ୪୨, ଜାୱା ୪୨ ଏଫ୍ସେ, ୟେଜଦୀ ଆଡଭେଞ୍ଚର ଏବଂ ୟେଜଦୀ ସ୍କ୍ରାମ୍ବଲର ମୋଟରସାଇକେଲ ବ୍ୟବହାର କରାଯାଉଛି।କ୍ଲାସିକ୍ ଲିଜେଣ୍ଡସର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି, 'ଶୌର୍ଯ୍ୟ ବିଜୟ ଯାତ୍ରା' ମାଧ୍ୟମରେ କାରଗିଲର ବୀର ସୈନିକ ଓ ସେମାନଙ୍କ ପରିବାରର ବଳିଦାନକୁ ନୂତନ ପିଢ଼ି ସମ୍ମୁଖରେ ପହଞ୍ଚାଇବା ଆମର ଉଦ୍ଦେଶ୍ୟ। ଏହା ଯୁବପିଢ଼ିଙ୍କ ମନରେ ବୀରତ୍ୱ, ଶୃଙ୍ଖଳା, ସଂକଳ୍ପ ଏବଂ ନିଃସ୍ୱାର୍ଥ ସେବାର ମୂଲ୍ୟବୋଧକୁ ଆହୁରି ସୁଦୃଢ଼ କରିବ।

# ଲୋକସଭାରୁ ଟିଏମସି ନେତା କଲ୍ୟାଣ ବାନାର୍ଜୀ ନିଲମ୍ବିତ



**ନୂଆଦିଲ୍ଲୀ:** ତୃଣମୂଳ କଂଗ୍ରେସ (ଟିଏମସି) ସାଂସଦ କଲ୍ୟାଣ ବାନାର୍ଜୀ ବୁଧବାର ଜୁଲାଇ ୨୨ରେ ଅଗଷ୍ଟ ୧୩ ତାରିଖରେ ଶେଷ ହେବାକୁଥିବା ମୌସୁମୀ ଅଧିବେଶନର ଅବଶିଷ୍ଟ ସମୟ ପାଇଁ ଲୋକସଭାରୁ ନିଲମ୍ବିତ ହୋଇଛନ୍ତି। ସେ ନ୍ୟାସନାଲ ସିଟିଜେନ୍ ପାର୍ଟି ଅଫ୍ ଇଣ୍ଡିଆ(ଏନସିପିଆଇ) ମହିଳା ସଦସ୍ୟଙ୍କ ସହିତ ଲୋକସଭାରେ ଝଗଡ଼ା କରି ଅଣସାମ୍ବିଧାନିକ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଛି। ବୁଧବାରର ଦ୍ୱିତୀୟ ମୁଲତବୀ ପରେ ଅପରାହ୍ନ ୨ଟାରେ ଲୋକସଭା ପୁନର୍ବାର ଆରମ୍ଭ ହେବା ମାତ୍ରେ, ଅଧ୍ୟକ୍ଷ କୃଷ୍ଣ ପ୍ରସାଦ ତେନେଟି ବାନାର୍ଜୀଙ୍କ ବିରୋଧରେ ସଦସ୍ୟମାନଙ୍କ ଦ୍ୱାରା ବାଚସ୍ପତିଙ୍କ ନିକଟରେ ଦାଖଲ କରାଯାଇଥିବା ଅଭିଯୋଗକୁ ଉଲ୍ଲେଖ କରିଥିଲେ। ତେନେଟି କହିଛନ୍ତି ଯେ, ବାନାର୍ଜୀଙ୍କ ମନ୍ତବ୍ୟ ଗୃହର ମର୍ଯ୍ୟାଦାକୁ ଗରିମାକୁ କ୍ଷୁଣ୍ଣ କରିଛି ଏବଂ କେନ୍ଦ୍ର ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲଙ୍କୁ ଟିଏମସି ସାଂସଦଙ୍କୁ ନିଲମ୍ବନ କରିବା ପାଇଁ ଗୃହର ଅନୁମୋଦନ ପାଇଁ ଏକ ପ୍ରସ୍ତାବ ଆଗତ କରିବାକୁ କହିଥିଲେ। ଏନଇଇଟି ପେପର ଲିକ୍ ପ୍ରସଙ୍ଗ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ବିରୋଧୀ ସଦସ୍ୟଙ୍କ ସ୍ଲୋଗାନ ମଧ୍ୟରେ ଏହି ପ୍ରସ୍ତାବକୁ ଭଏସ୍ ଭୋଟ୍ ମାଧ୍ୟମରେ ଗୃହୀତ କରାଯାଇଥିଲା। ପ୍ରସ୍ତାବ ଗୃହୀତ ହେବା ପରେ, ତେନେଟି ବାନାର୍ଜୀଙ୍କୁ ଲୋକସଭା ପରିସର ଛାଡିବାକୁ ନିର୍ଦ୍ଦେଶ ଦେଇଥିଲେ।

# ମାନିଲାରେ କ୍ୱାଡ ବୈଦେଶିକ ମନ୍ତ୍ରୀଙ୍କ ବୈଠକ



**ମାନିଲା:** ଫିଲିପାଇନ୍ସର ରାଜଧାନୀ ମାନିଲାରେ କ୍ୱାଡ୍ ଗୋଷ୍ଠୀର ବୈଦେଶିକ ମନ୍ତ୍ରୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ଏହି ଉଚ୍ଚସ୍ତରୀୟ ଆଲୋଚନାରେ ଭାରତ, ଆମେରିକା, ଜାପାନ ଏବଂ ଅଷ୍ଟ୍ରେଲିଆର ପ୍ରତିନିଧିମାନେ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଶାନ୍ତି, ସ୍ଥିରତା ଏବଂ ଏକ ଆନ୍ତର୍ଜାତୀୟ ନିୟମ-ଭିତ୍ତିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଆଲୋଚନା କରିଛନ୍ତି। ବୈଠକର ମୁଖ୍ୟ ଲକ୍ଷ୍ୟ ଥିଲା ଦକ୍ଷିଣ ପୂର୍ବ ଏସୀୟ ରାଷ୍ଟ୍ର ସଂଘ (ଏଏସଇଏଏନ)ର ଏକତା ଏବଂ ଏହି କ୍ଷେତ୍ରରେ ଏହାର କେନ୍ଦ୍ରୀୟ ଭୂମିକା ପ୍ରତି ସମାନ ପ୍ରତିବଦ୍ଧତାକୁ ଦୋହରାଇବା।ବୈଠକରେ ଭାରତର ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର,ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ, ଅଷ୍ଟ୍ରେଲିଆର ବୈଦେଶିକ ମନ୍ତ୍ରୀ ପେନି ୱଙ୍ଗ ଏବଂ ଜାପାନର ବୈଦେଶିକ ମନ୍ତ୍ରୀ ତୋଶିମିତ୍ସୁ ମୋତେଗି ଉପସ୍ଥିତ ଥିଲେ। ଚାରି ଦେଶର କୂଟନୀତିଜ୍ଞମାନେ ଏଏସଇଏଏନର ବ୍ୟାପକ ରଣନୈତିକ ଅଂଶୀଦାର ଭାବରେ ଏହି କ୍ଷେତ୍ରର ସମୃଦ୍ଧି ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସର୍ବସମ୍ମତିକ୍ରମେ ସେମାନଙ୍କର ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ବୈଠକରେ ବୈଦେଶିକ ମନ୍ତ୍ରୀମାନେ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ସାମ୍ନାରେ ଥିବା ବର୍ତ୍ତମାନର ଚ୍ୟାଲେଞ୍ଜ ଏବଂ ଭବିଷ୍ୟତର ସୁଯୋଗଗୁଡ଼ିକୁ ନିକଟରୁ ବିଶ୍ଳେଷଣ କରିଥିଲେ। ବିଶେଷକରି, ସେମାନେ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଏଏସଇଏଏନର ଦୃଷ୍ଟିକୋଣକୁ ବ୍ୟବହାରିକ ଭାବରେ କାର୍ଯ୍ୟକାରୀ କରିବାକୁ ସହମତ ହୋଇଛନ୍ତି। ଏହା ଅନ୍ତର୍ଗତ ସାମୁଦ୍ରିକ ସୁରକ୍ଷାକୁ ସୁଦୃଢ଼ କରିବା, ଅନ୍ତର୍ଜାତୀୟ ଅପରାଧକୁ ରୋକିବା ଏବଂ ଗୁରୁତ୍ୱପୂର୍ଣ୍ଣ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଭାଗୀତାକୁ ବିସ୍ତାର କରାଯିବ।କ୍ୱାଡ୍ ଦେଶମାନଙ୍କର ମିଳିତ ବିବୃତି ସ୍ପଷ୍ଟ କରିଛି ଯେ, ସାମୁଦ୍ରିକ ସ୍ଥିରତା ହେଉଛି ସମଗ୍ର ଅଞ୍ଚଳରେ ଆର୍ଥିକ ପ୍ରଗତି ପାଇଁ ମୂଳଦୁଆ। ସୁରକ୍ଷା, ଆର୍ଥିକ ସମୃଦ୍ଧି, ମାନବିକ ସହାୟତା ଏବଂ ବିପର୍ଯ୍ୟୟ ସହାୟତା ସମେତ ପ୍ରମୁଖ ମୋର୍ଚ୍ଚାରେ ସମନ୍ୱୟକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି।

# ୟୁକ୍ରେନର ସେନାମୁଖ୍ୟଙ୍କୁ ହଟାଇଲେ ଜେଲେନସ୍କି

**କିଭ୍:** ୟୁକ୍ରେନର ବିଭିନ୍ନ ସହରରେ କିଛିଦିନ ଧରି ଚାଲିଥିବା ପ୍ରତିବାଦ ପରେ ରାଷ୍ଟ୍ରପତି ବୋଲଡିମିର ଜେଲେନସ୍କି ସଶସ୍ତ୍ର ବାହିନୀର କମାଣ୍ଡର ଇନ୍ ଚିଫ୍ ଜେନେରାଲ ଓଲେକ୍ସାନ୍ଦର ସିର୍ସ୍କିଙ୍କୁ ପଦରୁ ହଟାଇଛନ୍ତି। ତାଙ୍କ ସ୍ଥାନରେ ୪୩ ବର୍ଷୀୟ ମେଜର ଜେନେରାଲ ମିଖାଇଲୋ ଡ୍ରାପାତିଙ୍କୁ ମଙ୍ଗଳବାର ରାତିରେ ୟୁକ୍ରେନ ସେନାର ନୂଆ ମୁଖ୍ୟ ନିଯୁକ୍ତ କରାଯାଇଛି। ରୁଷ୍ ବିରୋଧୀ ଯୁଦ୍ଧ ଆରମ୍ଭ ହେବା ପରଠାରୁ ୟୁକ୍ରେନର ସାମରିକ ନେତୃତ୍ୱରେ ଏହା ସବୁଠାରୁ ବଡ଼ ପରିବର୍ତ୍ତନ ବୋଲି କୁହାଯାଉଛି।ଗତ ସପ୍ତାହରେ ଜେଲେନସ୍କି ସରକାରରେ ବଡ଼ଧରଣର ଅଦଳବଦଳ କରି ପ୍ରତିରକ୍ଷାମନ୍ତ୍ରୀ ମିଖାଇଲୋ ଫେଡୋରୋଭଙ୍କୁ ହଟାଇଥିଲେ। ମାତ୍ର ୬ ମାସ ପ୍ରତିରକ୍ଷାମନ୍ତ୍ରୀ ରହିଥିବା ୩୫ ବର୍ଷୀୟ ଫେଡୋରୋଭ ସେନାରେ ଆଧୁନିକ ପ୍ରଯୁକ୍ତି, ଡ୍ରୋନ୍ ଓ ତଥ୍ୟଭିତ୍ତିକ ଯୁଦ୍ଧ ପରିଚାଳନା ବ୍ୟବସ୍ଥା ପ୍ରଚଳନ ପାଇଁ ଉଦ୍ୟମ କରୁଥିଲେ। ତାଙ୍କୁ ହଟାଇବା ପରେ କିବ୍ ସମେତ ଦେଶର ଅନେକ ସହରରେ ହଜାର ହଜାର ଲୋକ ବିକ୍ଷୋଭ କରିଥିଲେ। ସେମାନେ ଫେଡୋରୋଭଙ୍କୁ ପୁଣି ଦାୟିତ୍ୱ ଦେବା ସହ ସିର୍ସ୍କିଙ୍କୁ ହଟାଇବାକୁ ଦାବି କରିଥିଲେ।ସିର୍ସ୍କିଙ୍କ କଠୋର ଓ ପୁରୁଣା ସୋଭିଏତ୍ ଶୈଳୀର ସେନା ପରିଚାଳନା ଯୋଗୁଁ ଯୁଦ୍ଧରେ ଅଯଥା ଅଧିକ ସୈନିକଙ୍କ ଜୀବନ ଯାଉଥିବା ତାଙ୍କ ସମାଲୋଚକମାନେ ଅଭିଯୋଗ କରିଥିଲେ। ସିର୍ସ୍କି ଓ ଫେଡୋରୋଭଙ୍କ ମଧ୍ୟରେ ସେନାର ଆଧୁନିକୀକରଣକୁ ନେଇ ମତଭେଦ ଥିଲା। ଏଥିରେ ଜେଲେନସ୍କି ସିର୍ସ୍କିଙ୍କ ପକ୍ଷ ନେଇଥିବା ଅଭିଯୋଗ ମଧ୍ୟ ଉଠିଥିଲା। ତେବେ କିବ୍ର ପ୍ରତିରକ୍ଷା ଏବଂ ଖାରକିଭ୍ ଓ ରୁଷ୍ର କୁର୍ସ୍କ ଅଞ୍ଚଳରେ ୟୁକ୍ରେନ ସେନାର ଅଭିଯାନ ପରିଚାଳନାରେ ସିର୍ସ୍କିଙ୍କ ଅବଦାନ ପାଇଁ ଜେଲେନସ୍କି ତାଙ୍କୁ ଧନ୍ୟବାଦ ଦେଇଛନ୍ତି।ଡ୍ରାପାତିଙ୍କୁ ୟୁକ୍ରେନ ସେନାର ନୂଆ ପିଢ଼ିର ଜଣେ ଦକ୍ଷ, ଲୋକପ୍ରିୟ ଓ ସଂସ୍କାରବାଦୀ କମାଣ୍ଡର ଭାବେ ଦେଖାଯାଉଛି।

# ଜେନେରିକ୍ ଔଷଧ ଉପରେ ୨୦୦% ପର୍ଯ୍ୟନ୍ତ ଶୁଳ୍କ ଘୋଷଣା କଲେ ଟ୍ରମ୍ପ



**ୱାଶିଂଟନ:** ଆମେରିକା ଅଗଷ୍ଟ ୨୦୨୮ ରୁ ଆମଦାନୀ ହେଉଥିବା ଜେନେରିକ୍ ଔଷଧ ଉପରେ କଡ଼ା ଶୁଳ୍କ (ଟାରିଫ୍) ଲଗାଇବାକୁ ଘୋଷଣା କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅନୁଯାୟୀ, ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଏପରି ଫାର୍ମାସ୍ୟୁଟିକାଲ୍ ଉତ୍ପାଦଗୁଡ଼ିକର ଉତ୍ପାଦନ ନିଜ ଦେଶ ଭିତରେ ବୃଦ୍ଧି କରିବା। ଏହି ପଦକ୍ଷେପ ଆମେରିକାକୁ ସବୁଠାରୁ ଅଧିକ ଜେନେରିକ୍ ଔଷଧ ରପ୍ତାନି କରୁଥିବା ଭାରତକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି।ନିଜର 'ଟ୍ରୁଥ୍ ସୋସିଆଲ୍' ପ୍ଲାଟଫର୍ମରେ ପୋଷ୍ଟ୍ କରି ଟ୍ରମ୍ପ କହିଛନ୍ତି ଯେ, ପର୍ଯ୍ୟାୟକ୍ରମେ ଲାଗୁ ହେବାକୁ ଥିବା ଏହି ଶୁଳ୍କ (ଟାରିଫ୍) ଯୋଜନା ଚଳିତ ବର୍ଷ ଅଗଷ୍ଟ ୧ ରୁ କାର୍ଯ୍ୟକାରୀ ହେବ ଏବଂ ପ୍ରଥମ ଦୁଇ ବର୍ଷ ପାଇଁ ଦେଶକୁ ଆସୁଥିବା ସମସ୍ତ ଜେନେରିକ୍ ଔଷଧ ଉପରେ ଆମେରିକା ଶୂନ୍ୟ ପ୍ରତିଶତ (୦%) ଶୁଳ୍କ ବଜାୟ ରଖିବ। ତୃତୀୟ ବର୍ଷ ପାଇଁ ଶୁଳ୍କ ୧୦୦ ପ୍ରତିଶତକୁ ବୃଦ୍ଧି କରାଯିବ ଏବଂ ତା'ପରେ ଏହା ୨୦୦ ପ୍ରତିଶତ ହେବ ବୋଲି ସେ କହିଛନ୍ତି।ସେ ଆହୁରି କହିଛନ୍ତି, ଆମେରିକାରେ ଜେନେରିକ୍ ଫାର୍ମାସ୍ୟୁଟିକାଲ୍ ଉତ୍ପାଦନକୁ ପୁନଃପ୍ରତିଷ୍ଠିତ କରିବା ଉଦ୍ଦେଶ୍ୟରେ ଏହା କରାଯାଉଛି, ଯେଉଁଥିରେ ସେମାନଙ୍କୁ ଦିଆଯାଇଥିବା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାରଖାନା ଓ ଉପକରଣ ନିର୍ମାଣ ନକରିବାକୁ ନିଷ୍ପତ୍ତି ନେଉଥିବା କମ୍ପାନୀଗୁଡ଼ିକ ଉପରେ ଜୋରିମାନା ଲଗାଯିବ।ରାଷ୍ଟ୍ରପତି କହିଛନ୍ତି ଯେ ଏହି ନୀତିର ଉଦ୍ଦେଶ୍ୟ ହେଉଛି ଆମେରିକାର ଜନସାଧାରଣଙ୍କୁ ସୁରକ୍ଷିତ ରଖିବା।ଭାରତ ବିଶ୍ୱର ବିଭିନ୍ନ ଦେଶକୁ ଜେନେରିକ୍ ଔଷଧ ଯୋଗାଉଥିବାରୁ ଏହାକୁ ପ୍ରାୟତଃ "ବିଶ୍ୱର ଫାର୍ମାସୀ" ବୋଲି କୁହାଯାଏ। ଆମେରିକାରେ ଭାରତୀୟ ଜେନେରିକ୍ ଔଷଧ ମୋଟ ବ୍ୟବହାରର ପ୍ରାୟ ୪୦ ପ୍ରତିଶତ ଅଂଶଗ୍ରହଣ କରିଥାଏ। 'ଗ୍ଲୋବାଲ୍ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍' ର ଏକ ରିପୋର୍ଟ ଅନୁଯାୟୀ, ୨୦୨୪-୨୦୨୫ ଆର୍ଥିକ ବର୍ଷରେ ଭାରତ ଆମେରିକାକୁ ୯.୭ ବିଲିୟନ୍ ଆମେରିକୀୟ ଡଲାର ମୂଲ୍ୟର ଫାର୍ମାସ୍ୟୁଟିକାଲ୍ ଉତ୍ପାଦ ରପ୍ତାନି କରିଥିଲା, ଯାହାକି ତାହାର ମୋଟ ବିଶ୍ୱ ସ୍ତରୀୟ ଫାର୍ମା ରପ୍ତାନି (୨୫.୮ ବିଲିୟନ୍ ଡଲାର) ର ୩୮ ପ୍ରତିଶତ ଅଟେ।ଟ୍ରମ୍ପଙ୍କ ଏହି ନୂତନ ଶୁଳ୍କ (ଟାରିଫ୍) ଧମକ ଭାରତୀୟ ଔଷଧ କମ୍ପାନୀଗୁଡ଼ିକୁ କିପରି ପ୍ରଭାବିତ କରିବ, ତାହା ତୁରନ୍ତ ସ୍ପଷ୍ଟ ହୋଇନାହିଁ। ଭାରତ ଏବଂ ଆମେରିକା ମଧ୍ୟରେ ଫେବୃଆରୀ ମାସରେ ଏକ ବାଣିଜ୍ୟ ଚୁକ୍ତି ହୋଇଥିଲା, ଯେଉଁଥିରେ ସର୍ତ୍ତ ରହିଛି ଯେ ଭାରତ "ଜେନେରିକ୍ ଫାର୍ମାସ୍ୟୁଟିକାଲ୍ସ ଏବଂ ଏହାର ଉପାଦାନ ସମ୍ବନ୍ଧରେ ଆଲୋଚନା ମାଧ୍ୟମରେ ନିଷ୍କର୍ଷ ପାଇବ।

# ମୌସୁମୀ ନେଲାଣି ୧୨୦ ଜୀବନ

**ନୂଆଦିଲ୍ଲୀ:** ଚଳିତ ବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦେଶରେ ବ୍ୟାପକ ବର୍ଷା ଆଣିଛି। ପ୍ରବଳ ବର୍ଷା ଯୋଗୁ ଅନେକ ଧନଜୀବନ ନଷ୍ଟ ହୋଇଛି। ହିମାଚଳ ପ୍ରଦେଶ ଓ ଜମ୍ମୁ-କାଶ୍ମୀର ଏବଂ ଆସାମ, ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡରେ ବନ୍ୟା, ଭୂସ୍ଖଳନ ଯୋଗୁ ଅନେକ ଜୀବନ ଯାଇଛି। ଅନେକ ରାସ୍ତା ଓ ସେତୁ ବନ୍ୟା ଜଳରେ ଭାସି ଯାଇଛି। ରେଳସେବା ପ୍ରଭାବିତ ହୋଇଥିବାବେଳେ ବିଭିନ୍ନ ସ୍ଥାନରେ ବର୍ଷା ଓ ବନ୍ୟା ପ୍ରଭାବିତ ଅଞ୍ଚଳରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବାକୁ ଉଦ୍ଧାରକାରୀ ସଂସ୍ଥାମାନଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି।ବର୍ଷା ଓ ବନ୍ୟା ଯୋଗୁଁ ଘରେ ପାଣି ପଶି କିମ୍ବା ଘର ଭୁଶୁଡ଼ି ପଡ଼ିବା ଯୋଗୁଁ ହଜାର ହଜାର ଲୋକଙ୍କୁ ବାସଚ୍ୟୁତ ହେବାକୁ ପଡ଼ିଛି।ଚଳିତ ଜୁଲାଇ ମାସରେ ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା, ବାଦଲ ଫଟା ବର୍ଷା, ଭୂସ୍ଖଳନ, ବର୍ଷା ଯୋଗୁ ସଡ଼କ ଦୁର୍ଘଟଣା ଘଟଣାରେ ୬୬ ଜଣଙ୍କର ମୃତ୍ୟୁ ହୋଇଛି। କାଙ୍ଗ୍ରା ଜିଲ୍ଲାରେ ଗତକାଲି ରାତିସାରା ହୋଇଥିବା ବର୍ଷାରେ ତିନି ଜଣ ଆହତ ହୋଇଛନ୍ତି ଓ ୧୨ଟି ଘର କ୍ଷତିଗ୍ରସ୍ତ ହୋଇଛି। ମଙ୍ଗଳବାର ଛଅଟି ଘର ଭାସିଯିବା ପରେ ଉପତ୍ୟକାରେ କ୍ଷତିଗ୍ରସ୍ତ ଘର ସଂଖ୍ୟା ୧୮ ରେ ପହଞ୍ଚିଛି। ଆସାମରେ ୩୧ ଜଣ ଲୋକଙ୍କର ମୃତ୍ୟୁ ହୋଇଛି। ଜମ୍ମୁ-କାଶ୍ମୀରରେ ଗତ ୪୮ ଘଣ୍ଟାରେ ୨୩ ଜଣଙ୍କ ଜୀବନ ଯାଇଛି। ନାଗାଲାଣ୍ଡରେ ୯ ଜଣଙ୍କର ମୃତ୍ୟୁ ହୋଇଛି।ଜମ୍ମୁ-କାଶ୍ମୀରରେ ଗତ ୪୮ ଘଣ୍ଟାରେ ୨୩ ଜଣଙ୍କର ମୃତ୍ୟୁ ହୋଇଛି। ପୁଞ୍ଚ ଓ ରାଜୌରୀ ଜିଲ୍ଲାରେ ଅଧିକ ସଂଖ୍ୟକ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ସତ ଜଣ ଲୋକ ନିଖୋଜ ଅଛନ୍ତି। ଅମରନାଥ ଯାତ୍ରା ସ୍ଥଗିତ ରଖାଯାଇଛି। କେନ୍ଦ୍ରଶାସିତ ଅଞ୍ଚଳର ଅଧିକାଂଶ ସ୍ଥାନରେ ବର୍ଷା ଜାରି ରହିଛି, ଜମ୍ମୁ ଡିଭିଜନର ପୁଞ୍ଚ, ରାଜୌରୀ, କାଠୁଆ, ରିଆସି, ସାମ୍ବା ଓ କିସ୍ତୱାଡ଼ ଏବଂ କାଶ୍ମୀରର ବଡଗାମ, ବାନ୍ଦିପୋରା ଓ ଗଣ୍ଡେରବଲରେ ପ୍ରବଳ ବର୍ଷା ହୋଇଥିବା ସୂଚନା ମିଳିଛି। ଝେଲମ ଓ ଚେନାବ ନଦୀ ଓ ଅନେକ ଉପନଦୀରେ ଜଳସ୍ତର ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଗ୍ରାମ ଓ ସହରର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଛି। ପ୍ରବଳ ବର୍ଷା ପରେ ସଲାଲ ଡ୍ୟାମର ସମସ୍ତ ଗେଟ ଖୋଲାଯାଇଛି।

# ଅର୍ଥନୈତିକ ସର୍ଭେ ୨୦୨୫-୨୬: ଭାରତରେ ବଢୁଛି ଧନୀ ବର୍ଗ



**ନୂଆଦିଲ୍ଲୀ:** ଭାରତରେ ମଧ୍ୟବିତ୍ତ ଶ୍ରେଣୀର ଦ୍ରୁତ ଅଭିବୃଦ୍ଧି ସହ ଦେଶରେ ଏକ ନୂଆ ଧନୀ ବର୍ଗ ଗଠିତ ହେଉଛି। ପାରମ୍ପରିକ ଖୁଚୁରା ଗ୍ରାହକ ଏବଂ ଅତ୍ୟଧିକ ଧନୀ ବ୍ୟକ୍ତିଙ୍କ ମଧ୍ୟବର୍ତ୍ତୀ ଏହି ବର୍ଗ ବର୍ତ୍ତମାନ ଉପଭୋଗ, ଜୀବନଶୈଳୀ ଓ ଆର୍ଥିକ ସେବାର ଚାହିଦାକୁ ନୂଆ ଦିଗ ଦେଉଛି। ଅର୍ଥ ମନ୍ତ୍ରଣାଳୟ ପ୍ରକାଶିତ ଭାରତର ଅର୍ଥନୈତିକ ସର୍ଭେ ୨୦୨୫-୨୬ ଅନୁଯାୟୀ, ପରିବାରଗୁଡ଼ିକର ଆର୍ଥିକ ସଞ୍ଚୟରେ ଇକ୍ୱିଟି ଓ ମ୍ୟୁଚୁଆଲ ଫଣ୍ଡର ଅଂଶ ୨୦୧୨ ଆର୍ଥିକ ବର୍ଷର ପ୍ରାୟ ୨ ପ୍ରତିଶତରୁ ବୃଦ୍ଧି ପାଇ ୨୦୨୫ ଆର୍ଥିକ ବର୍ଷରେ ୧୫.୨ ପ୍ରତିଶତରେ ପହଞ୍ଚିଛି। ଏହା ଦେଶରେ ଆର୍ଥିକ ବଜାର ପ୍ରତି ବ୍ୟକ୍ତିଗତ ଆଗ୍ରହ ବଢୁଥିବାର ସୂଚନା ଦେଉଛି।ବଢୁଥିବା ଆୟ, ଉଦ୍ୟୋଗିକ ବିକାଶ ଓ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ବିଶ୍ୱସ୍ତରୀୟ ଜୀବନଶୈଳୀ ସହଜରେ ଉପଲବ୍ଧ ହେବା ଫଳରେ ଏହି ଧନୀ ବର୍ଗର ବିସ୍ତାର ଘଟୁଛି। ଏହି ବର୍ଗର ଗ୍ରାହକମାନେ ଅଧିକାଂଶ କ୍ଷେତ୍ରରେ ଉତ୍ତରାଧିକାର ସମ୍ପତ୍ତି ନୁହେଁ, ବରଂ ନିଜ ପରିଶ୍ରମରେ ସମ୍ପତ୍ତି ସୃଷ୍ଟି କରିଥିବାରୁ ସେମାନେ ଅଧିକ ସଚେତନ, ସମୟ-ସମ୍ବେଦନଶୀଳ ଏବଂ ବ୍ୟକ୍ତିଗତ ଆର୍ଥିକ ସମାଧାନକୁ ପସନ୍ଦ କରୁଛନ୍ତି।ଏହି ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଦେଶର ବିଭିନ୍ନ ବ୍ୟାଙ୍କ ପାରମ୍ପରିକ ବ୍ୟାଙ୍କିଙ୍ଗ ସେବା ପରିବର୍ତ୍ତେ ପ୍ରିମିୟମ ଓ ବ୍ୟକ୍ତିଗତ ସେବା ଆଧାରିତ ପ୍ରୋଗ୍ରାମ ଆଣୁଛନ୍ତି। ଏହି ସେବାରେ ଡେଡିକେଟେଡ୍ ରିଲେସନଶିପ୍ ମ୍ୟାନେଜର, ଅଧିକ ଟ୍ରାଞ୍ଜାକ୍ସନ ସୀମା, ଭ୍ରମଣ, ଡାଇନିଂ ଓ ମନୋରଞ୍ଜନ ସୁବିଧା, ସ୍ୱାସ୍ଥ୍ୟ ଓ କଲ୍ୟାଣ ସେବା ସହ ଆକର୍ଷଣୀୟ ରିୱାର୍ଡ ବ୍ୟବସ୍ଥା ରହିଛି।ଏହି ପରିପ୍ରେକ୍ଷୀରେ ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ 'ଆଇଭୋରୀ ବାଏ ଉଜ୍ଜୀବନ' ନାମକ ଏକ ପ୍ରିମିୟମ ବ୍ୟାଙ୍କିଙ୍ଗ ସେବା ଆରମ୍ଭ କରାଯାଇଛି। ଏହି ସେବାରେ ପ୍ରିମିୟମ ମେଟାଲ ଡେବିଟ କାର୍ଡ, ଆନ୍ତର୍ଜାତୀୟ ଭ୍ରମଣ ଓ ଡାଇନିଂ ସୁବିଧା, ବିଶେଷ ଜୀବନଶୈଳୀ ସହଭାଗିତା, ରିୱାର୍ଡ ପଏଣ୍ଟ ସହ ସେଭିଂସ ଆକାଉଣ୍ଟ ଏବଂ ଡେଡିକେଟେଡ୍ ରିଲେସନଶିପ୍ ମ୍ୟାନେଜର ଭଳି ସୁବିଧା ରହିଛି।ଏହି ଅବସରରେ ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କର ରିଟେଲ ଲାୟାବିଲିଟିଜ୍-ଟିଏଏସସି ଓ ଟିପିପି ମୁଖ୍ୟ ହିତେନ୍ଦ୍ର ଝା କହିଛନ୍ତି, ଭାରତରେ ବଢୁଥିବା ଧନୀ ବର୍ଗର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଭଳି ପ୍ରିମିୟମ ବ୍ୟାଙ୍କିଙ୍ଗ ସେବା ଆରମ୍ଭ କରାଯାଇଛି। ଏହା ଗ୍ରାହକଙ୍କ ଆର୍ଥିକ ଯାତ୍ରାକୁ ଅଧିକ ସରଳ, ସୁବିଧାଜନକ ଓ ସମୃଦ୍ଧ କରିବା ସହ ସେମାନଙ୍କ ବଦଳୁଥିବା ଜୀବନଶୈଳୀ ଆବଶ୍ୟକତାକୁ ପୂରଣ କରିବ।

## ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତର ସୂଚୀ

**ପ୍ରଥମ ଦିନ- ଜୁଲାଇ ୨୩:** ଲନବୋଲ୍ସ- ଅପରାହ୍ଣ ୨ଟା- ପୁରୁଷ ସିଙ୍ଗଲ୍ସ ଗ୍ରୁପ ପର୍ଯ୍ୟାୟ
ଅପରାହ୍ଣ ୨ଟା- ମହିଳା ଯୋଡି ଗ୍ରୁପ ପର୍ଯ୍ୟାୟ
ଉଦ୍‌ଘାଟନୀ ସମାରୋହ- ରାତି ୧୦.୩୦

**ଦ୍ୱିତୀୟ ଦିନ- ଶୁକ୍ରବାର- ଜୁଲାଇ ୨୪**
ଲନବୋଲ୍ସ-ଅପରାହ୍ଣ ୧ଟା- ପୁରୁଷ ସିଙ୍ଗଲ୍ସ ଓ ମହିଳା ଯୋଡି ଗ୍ରୁପ ପର୍ଯ୍ୟାୟ
ବକ୍ସିଂ ଅପରାହଣ ୩.୩୦- ପ୍ରାରମ୍ଭିକ ବାଉଟ
ଆର୍ଟିଷ୍ଟିକ ଜିମ୍ନାଷ୍ଟିକ-ଅପରାହ୍ଣ ୪.୩୦- ପୁରୁଷ ଦଳ ଫାଇନାଲ ଓ ବ୍ୟକ୍ତିଗତ ଯୋଗ୍ୟତା ପର୍ଯ୍ୟାୟ
ପାରା ପାୱାରଲିଫ୍ଟିଂ- ସନ୍ଧ୍ୟା ୫.୩୦- ପୁରୁଷ ଓ ମହିଳା ଲାଇଟୱେଟ ଫାଇନାଲ
ପାରାପାୱାରଲିଫ୍ଟିଂ- ରାତି ୧୦.୩୦- ପୁରୁଷ ଓ ମହିଳା ହେବିୱେଟ ଫାଇନାଲ
ସୁଇମିଂ-ରାତି ୧୧.୩୦-ପୁରୁଷ ଏସ-୧୩ ଶହେ ମିଟର ଫ୍ରି-ଷ୍ଟାଇଲ ଫାଇନାଲ ଓ ୪ ଗୁଣା ୧୦୦ ମିଟର ଫ୍ରି-ଷ୍ଟାଇଲ ରିଲେ ଫାଇନାଲ ।

**ତୃତୀୟ ଦିନ - ଶନିବାର- ଜୁଲାଇ ୨୫**
ଲନବୋଲ୍ସ- ଅପରାହ୍ଣ ୧ଟା- ଗ୍ରୁପ ପର୍ଯ୍ୟାୟ ମ୍ୟାଚ
ବକ୍ସିଂ ଅପରାହ୍ଣ ୩.୩୦ ପ୍ରଥମ ରାଉଣ୍ଡ
ଆର୍ଟିଷ୍ଟିକ ଜିମ୍ନାଷ୍ଟିକ- ଅପରାହ୍ଣ ୪.୩୦- ମହିଳା ଦଳ ଫାଇନାଲ ଓ ବ୍ୟକ୍ତିଗତ ଯୋଗ୍ୟତା ପର୍ଯ୍ୟାୟ ।
୩ ଗୁଣା ୩ ହ୍ୱିଲ ଚେୟାର ବାସ୍କେଟବଲ- ରାତି ୯.୩୦- ଭାରତ ମହିଳା- ସ୍କଟଲାଣ୍ଡ
ସୁଇମିଂ- ରାତି ୧୧.୩୦- ପୁରୁଷ ଏସ-୧୪ ୨୦୦ ମିଟର ଫ୍ରି-ଷ୍ଟାଇଲ ଫାଇନାଲ ଓ ୫୦ ମିଟର ବ୍ୟାକ୍ ଷ୍ଟୋକ ଫାଇନାଲ

**ଚତୁର୍ଥ ଦିନ- ରବିବାର- ଜୁଲାଇ ୨୬**
ଲନବୋଲ୍ସ- ଅପରାହ୍ଣ ୧ଟା- ଗ୍ରୁପ ପର୍ଯ୍ୟାୟ ମ୍ୟାଚ
ଭାରୋତ୍ତୋଳନ- ଅପରାହ୍ଣ ୨ଟା- ପୁରୁଷ ୬୦ କେଜି ଫାଇନାଲ
ବକ୍ସିଂ- ଅପରାହ୍ଣ ୩.୩୦- ଦ୍ୱିତୀୟ ରାଉଣ୍ଡ ମ୍ୟାଚ
ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ- ଅପରାହ୍ଣ ୪.୩୦- ପୁରୁଷ ବ୍ୟକ୍ତିଗତ ଅଲରାଉଣ୍ଡ ଫାଇନାଲ
ଭାରୋତ୍ତୋଳନ- ସନ୍ଧ୍ୟା ୬.୩୦- ମହିଳା ୪୮ କେଜି ଫାଇନାଲ
ଆର୍ଟିଷ୍ଟିକ ଜିମ୍ନାଷ୍ଟିକ- ରାତି ୧୦.୩୦- ମହିଳା ବ୍ୟକ୍ତିଗତ ଅଲରାଉଣ୍ଡ ଫାଇନାଲ
ଭାରୋତ୍ତୋଳନ- ରାତି ୧୧ଟା- ପୁରୁଷ ୬୫ କେଜି ଫାଇନାଲ

**ପଞ୍ଚମ ଦିନ- ସୋମବାର- ଜୁଲାଇ ୨୭**
ଲନବୋଲ୍ସ- ଅପରାହ୍ଣ ୧ଟା- ଗ୍ରୁପ ପର୍ଯ୍ୟାୟ- ରାତି ୮.୩୦- ସେମିଫାଇନାଲ
ଆଥଲେଟିକ୍ସ- ଅପରାହ୍ଣ ୨.୩୦-.ପୁରୁଷ ୪୦୦ ମିଟର ହର୍ଡଲ୍ସ- ଲଙ୍ଗଜମ୍ପ ଯୋଗ୍ୟତା ପର୍ଯ୍ୟାୟ , ପୁରୁଷ ୧୧୦ ମିଟର ହଡଲ୍ସ
ସୁଇମିଂ- ଅପରାହ୍ଣ ୩ଟା- ପୁରୁଷ ୨୦୦ ମିଟର ବଟରଫ୍ଲାଏ ହିଟ୍ସ- ରାତି ୧୧.୩୦ ଫାଇନାଲ
ଭାରୋତ୍ତୋଳନ- ସନ୍ଧ୍ୟା ୫.୩୦- ମହିଳା ୫୩ ଓ ୫୮ କେଜି ଫାଇନାଲ
ହ୍ୱିଲ ଚେୟାର ବାସ୍କେଟ ବଲ- ରାତି ୯.୩୦- ଭାରତ ମହିଳା- ନାଇଜେରିଆ
ଆଥଲେଟିକ୍ସ- ରାତି ୧୧ଟା- ପୁରୁଷ ହାଇଜମ୍ପ ଫାଇନାଲ, ୧୧୦ ମିଟର ହଡଲ୍ସ ଫାଇନାଲ, ମହିଳା ସଟପୁଟ ଏଫ-୫୭ ଫାଇନାଲ
ଭାରୋତ୍ତୋଳନ-ରାତି ୧୨.୩୦- ପୁରୁଷ ୭୯ କେଜି ଫାଇନାଲ

**ଷଷ୍ଠ ଦିନ- ମଙ୍ଗଳବାର- ଜୁଲାଇ ୨୮**
ଲନବୋଲ୍ସ- ଅପରାହ୍ଣ ୧ଟା- ପଦକ ମ୍ୟାଚ
ଲନ୍‌ବୋଲ୍ସ- ସନ୍ଧ୍ୟା ୭.୩୦- ପୁରୁଷ ଯୋଡି ଓ ମହିଳା ସିଙ୍ଗଲ୍ସ ଗ୍ରୁପ୍ ପର୍ଯ୍ୟାୟ
ଆଥଲେଟିକ୍ସ- ଅପରାହ୍ଣ ୨.୩୦- ପୁରୁଷ ୪୦୦ ମିଟର ରାଉଣ୍ଡ-୧
ଭାରୋତ୍ତୋଳନ-ସନ୍ଧ୍ୟା ୬.୩୦- ମହିଳା ୬୩ କେଜି ଫାଇନାଲ
ଭାରୋତ୍ତୋଳନ- ରାତି ୧୧ଟା- ମହିଳା ୬୯ କେଜି ଫାଇନାଲ
ଆଥଲେଟିକ୍ସ- ରାତି ୧୧ଟା ମହିଳା ହାଇଜମ୍ପ ଫାଇନାଲ
ପୁରୁଷ ୧୦୦ ମିଟର ସେମିଫାଇନାଲ ଓ ଫାଇନାଲ

**ସପ୍ତମ ଦିନ- ବୁଧବାର- ଜୁଲାଇ ୨୯**
ଲନବୋଲ୍ସ - ଅପରାହ୍ଣ ୧ଟା- ପୁରୁଷ ଯୁଗଳ ଓ ମହିଳା ସିଙ୍ଗଲ୍ସ ଗ୍ରୁପ ପର୍ଯ୍ୟାୟ
ଭାରୋତ୍ତୋଳନ- ଅପରାହ୍ଣ ୨ଟା - ମହିଳା ୭୭ କେଜି ଫାଇନାଲ
ଭାରୋତ୍ତୋଳନ- ସନ୍ଧ୍ୟା ୬.୩୦- ପୁରୁଷ ୯୪ କେଜି ଫାଇନାଲ
ଆଥଲେଟିକ୍ସ- ଅପରାହ୍ଣ ୨.୩୦- ପୁରୁଷ ସଟପୁଟ ଯୋଗ୍ୟତା ପର୍ଯ୍ୟାୟ, ପୁରୁଷ ୨୦୦ ମିଟର ରାଉଣ୍ଡ-୧
ଆଥଲେଟିକ୍ସ- ରାତି ୧୧ଟା- ପୁରୁଷ ଲିଙ୍ଗଜମ୍ପ ଫାଇନାଲ, ମହିଳା ୩୦୦୦ ମିଟର ଷ୍ଟିପଲ ଚେଜ ଫାଇନାଲ

**ଅଷ୍ଟମ ଦିନ- ଗୁରୁବାର ଜୁଲାଇ-୩୦**
ଲନବୋଲ୍ସ ଅପରାହ୍ଣ ୧୧ଟା- ପୁରୁଷ ଯୁଗଳ ଓ ମହିଳା ସିଙ୍ଗଲ୍ସ
ଟ୍ରାକ୍ ସାଇକ୍ଲିଂ- ଅପରାହ୍ଣ ୨.୩୦- ଯୋଗ୍ୟତା ପର୍ଯ୍ୟାୟ
ଆଥଲେଟିକ୍ସ- ଅପରାହ୍ଣ ୨.୩୦- ପୁରୁଷ ଜାଭେଲିନ୍ ଥ୍ରୋ ଯୋଗ୍ୟତା, ପୁରୁଷ ଟ୍ରିପଲ ଜମ୍ପ ଯୋଗ୍ୟତା, ପୁରୁଷ ଡେକା ଥଲନ
ଟ୍ରାକ ସାଇକ୍ଲିଂ- ରାତି ୮.୩୦- ଟିମ ପର୍ସୁଟ ଓ ଟିମ୍ ସ୍ପ୍ରିଣ୍ଟ ଫାଇନାଲ
ଆଥଲେଟିକ୍ସ- ରାତି ୧୧ଟା- ମହିଳା ଡିସକସ ଥ୍ରୋ ଫାଇନାଲ, ମହିଳା ୫୦୦୦ ମିଟର ଫାଇନାଲ, ପୁରୁଷ ସଟପୁଟ ଫାଇନାଲ
ଭାରୋତ୍ତୋଳନ- ସନ୍ଧ୍ୟା ୬.୩୦, ମହିଳା ୮୬ କେଜି ଫାଇନାଲ
ଭାରୋତ୍ତୋଳନ- ରାତି ୧୧ଟା- ପୁରୁଷ ୧୧୦ କେଜି ଫାଇନାଲ

**ନବମ ଦିନ- ଶୁକ୍ରବାର- ଜୁଲାଇ ୩୧**
ଜୁଡୋ- ଅପରାହ୍ଣ ୩.୩୦, ପ୍ରାରମ୍ଭିକ ପର୍ଯ୍ୟାୟ
ବକ୍ସିଂ-ଅପରାହ୍ଣ ୩ଟା ସେମିଫାଇନାଲ ବାଉଟ୍
ଜୁଡୋ- ରାତି ୮.୩୦ ଫାଇନାଲ
ଆଥଲେଟିକ୍ସ- ଅପରାହ୍ଣ ୨.୩୦- ମିକ୍ସଡ ୪ ଗୁଣା ୪୦୦ ମିଟର ରିଲେ ହିଟ୍ସ
ଆଥଲେଟିକ୍ସ- ରାତି ୧୧ଟା- ପୁରୁଷ ଜାଭେଲିନ୍ ଥ୍ରୋ ଫାଇନାଲ, ପୁରୁଷ ୪୦୦ ମିଟର ହଡଲ୍ସ ଫାଇନାଲ, ପୁରୁଷ ୨୦୦ ମିଟର ଫାଇନାଲ

**ଦଶମ ଦିନ- ଶନିବାର- ଅଗଷ୍ଟ ୧**
ଲନବୋଲ୍ସ- ଅପରାହ୍ଣ ୧ଟା- ଗ୍ରୁପ ପର୍ଯ୍ୟାୟ, ରାତି ୯ଟା ସେମିଫାଇନାଲ
ଆଥଲେଟିକ୍ସ- ଅପରାହ୍ଣ ୨.୩୦- ପୁରୁଷ ଟ୍ରିପଲ ଜମ୍ପ ଫାଇନାଲ, ମହିଳା ୧୦,୦୦୦ ମିଟର ରେସ ୱାକ ଫାଇନାଲ, ପୁରୁଷ ୪୦୦ ମିଟର ଫାଇନାଲ
ଟ୍ରାକ ସାଇକ୍ଲିଂ- ସନ୍ଧ୍ୟା ୭.୩୦- ବ୍ୟକ୍ତିଗତ ସ୍ପ୍ରିଣ୍ଟ ଫାଇନାଲ ଓ ୧୦ କିମି ସ୍କ୍ରାଚ ଫାଇନାଲ
ବକ୍ସିଂ- ଅପରାହ୍ଣ ୩ଟା, ରାତି ୯ଟା- ସ୍ୱର୍ଣ୍ଣ ପଦକ ଲଢ଼େଇ
ଆଥଲେଟିକ୍ସ ରାତି ୧୧ଟା- ପୁରୁଷ ପୋଲଭଲ୍ଟ ଫାଇନାଲ, ପୁରୁଷ ୫୦୦୦ ମିଟର ଫାଇନାଲ, ମିକ୍ସଡ ୪ ଗୁଣା ୪୦୦ ମିଟର ରିଲେ ଫାଇନାଲ

**ଏଗାରତମ ଦିନ- ରବିବାର- ଅଗଷ୍ଟ ୨**
ଟ୍ରାକ ସାଇକ୍ଲିଂ- ଅପରାହ୍ଣ ୧.୩୦- ୧୦୦୦ ଟାଇମ ଟ୍ରାଏଲ ଫାଇନାଲ ଓ ୪୦ କିମି ପଏଣ୍ଟ ରେସ
ଜୁଡୋ- ଅପରାହ୍ଣ ୨.୩୦, ହେଭି ୱେଟ ପ୍ରାରମ୍ଭିକ ପର୍ଯ୍ୟାୟ
ଜୁଡୋ- ସନ୍ଧ୍ୟା ୭.୩୦ ପଦକ ମ୍ୟାଚ
ଉଦ୍‌ଯାପନୀ ସମାରୋହ ରାତି ୧୦.୩୦

# ଆଜିଠୁ ରାଜ୍ୟଗୋଷ୍ଠୀ କ୍ରୀଡା




ନୂଆଦିଲ୍ଲୀ,୨୨।୭ (ଏଜେନ୍ସି): ଗୁରୁବାର ଠାରୁ ସ୍କଟଲାଣ୍ଡର ଗ୍ଲାସଗୋ ସହରରେ ଆରମ୍ଭ ହେବାକୁଯାଉଛି ରାଜ୍ୟଗୋଷ୍ଠୀ କ୍ରୀଡା ମହାକୁମ୍ଭ । ପ୍ରଥମ ଦିନରେ ଭାରତ ତା'ର ଅଭିଯାନ ଆରମ୍ଭ କରିବ । ୨୦୨୨ ବର୍ମିଂହାମ ସଂସ୍କରଣରେ ଭାରତ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ଜିତିଥିଲା । ଏଥର ଭାରତ ଆଥଲେଟିକ୍ସ, ଭାରୋତ୍ତୋଳନ ଓ ବକ୍ସିଂରେ ପଦକ ଜିତିବାର ପ୍ରବଳ ସମ୍ଭାବନା ରହିଛି । ଭାରତର ଷ୍ଟାର ଜାଭେଲିନ ଥ୍ରୋୟର ନିଜର ଚୋପ୍ରାଙ୍କ ଠାରୁ ଅନେକ ଆଶା ରହିଛି । ସେ ସ୍ୱର୍ଣ୍ଣ ପଦକ ଜିତିବା ଲକ୍ଷ୍ୟରେ ରହିଥିବା ବେଳେ ତାଙ୍କୁ ଚ୍ୟାଲେଞ୍ଜ ଦେବେ ପାକିସ୍ତାନର ଅର୍ସଦ ନଦିମ । ଅର୍ସଦ ହେଉଛନ୍ତି ବର୍ତ୍ତମାନର ଅଲିମ୍ପିକ୍ସ ଚାମ୍ପିଅନ । ନୀରଜଙ୍କ ବ୍ୟତୀତ ଦୌଡ଼କୁଦରେ ଲଙ୍ଗଜମ୍ପର ମୁରଲୀ ଶ୍ରୀଶଙ୍କର, ଟ୍ରିପଲ ଜମ୍ପର ପ୍ରବୀଣ ଚିତ୍ରାଭେଲ ଓ ଡିଷ୍ଟାନ୍ସ ରନର ଗୁଲଭୀର ସିଂଙ୍କ ଉପରେ ଭାରତ ପଦକ ଆଶା ରଖିଛି । ଏହାବାଦ ଭାରୋତ୍ତୋଳନରେ ଅଲିମ୍ପିକ୍ ପଦକ ବିଜୟିନୀ ମୀରାବାଇ ଚାନୁ ମହିଳା ୪୮ କିଲୋବର୍ଗରେ ଲଢ଼ିବେ । ବିନ୍ଧ୍ୟାରାଣୀ ଦେବୀ ଓ ଜ୍ଞାନେଶ୍ୱରୀ ଯାଦବ ମଧ୍ୟ ପୋଡିୟମ ଉପରେ ସ୍ଥାନ ପାଇବା ଲକ୍ଷ୍ୟ ରଖିଛନ୍ତି ।

ବକ୍ସିଂରେ ସମସ୍ତଙ୍କ ନଜର ଲଭଲିନର ବୋର୍ଗୋ ହେନ ଏବଂ ଜସ୍ମିନ ଲାମ୍ବୋରିଆଙ୍କ ଉପରେ ରହିବ । ସାକ୍ଷୀ ଚୌଧୁରୀ ଓ ପ୍ରୀତି ପାୱାର ମଧ୍ୟ ଭାରତ ପାଇଁ ପଦକ ଆଣିବାର ଆଶା ରହିଛି । ଜୁଡୋରେ ତୁଲିକା ମାନ, ଲନ ବୋଲ୍ସ ଦଳ ଓ ସୋମନ ରାଣା ପଦକ ଦାବିଦାର ରହିଛନ୍ତି ।

# ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ: ଶ୍ରେଷ୍ଠ ୧୦ରେ ୩ ଭାରତୀୟ



ନୂଆଦିଲ୍ଲୀ,୨୨।୭ (ଏଜେନ୍ସି): ଇଂଲଣ୍ଡ ବିପକ୍ଷରେ ଭାରତ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ଖେଳିଥିଲା । ଏହି ଶୃଙ୍ଖଳାରେ ଭାରତ ୨-୧ରେ ପରାଜିତ ହୋଇଥିଲା । କିନ୍ତୁ ଭାରତୀୟ ବ୍ୟାଟରଙ୍କ ଦବଦବା ଆଇସିସି ର୍‍ୟାଙ୍କିଙ୍ଗରେ ଜାରି ରହିଛି । ଅଧିନାୟକ ଶୁଭମନ ଗିଲ, ବିରାଟ କୋହଲି ଏବଂ ରୋହିତ ଶର୍ମା ଦୁନିଆର ଶୀର୍ଷ ୫ ଜଣ ବ୍ୟାଟରଙ୍କ ମଧ୍ୟରେ ନିଜର ସ୍ଥାନ ବଜାୟ ରଖିଛନ୍ତି । ଗିଲ ନଂ.୧ ସ୍ଥାନ ହାସଲ କରିବାଠାରୁ ଗୋଟିଏ ରେଟିଂ ପଏଣ୍ଟ ପଛରେ ଅଛନ୍ତି । ଇଂଲଣ୍ଡ ବିପକ୍ଷରେ ଗିଲ ଏକଦିବସୀୟ ଶୃଙ୍ଖଳରେ ୧୮୮ ରନ୍ କରିଥିଲେ । ଗିଲଙ୍କ ରେଟିଂ ପଏଣ୍ଟ ୮୦୧ ରହିଛି । ଶୀର୍ଷରେ ଥିବା ନ୍ୟୁଜିଲାଣ୍ଡର ଡାର୍ଲି ମିଚେଲ ୮୦୨ ପଏଣ୍ଟ ସହ ଶୀର୍ଷ ସ୍ଥାନରେ ରହିଛନ୍ତି । ବିରାଟ କୋହଲି ୭୬୭ ପଏଣ୍ଟ ସହ ତୃତୀୟରେ ଏବଂ ରୋହିତ ଶର୍ମା ୭୫୮ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛନ୍ତି । ଇଂଲଣ୍ଡର ଅଭିଜ୍ଞ ବ୍ୟାଟର ଜୋ ରୁଟ୍ ଭାରତୀୟ ବିପକ୍ଷ ଶୃଙ୍ଖଳାରେ ୨୪୯ ରନ କରି ପ୍ଲେୟାର ଅଫ୍ ଦ ସିରିଜ ହୋଇଥିଲେ । ସେ ଅଷ୍ଟମ ସ୍ଥାନକୁ ଉଠିଛନ୍ତି । ବେନ ଡକେଟ ୧୧ଟି ସ୍ଥାନ ଉପରକୁ ଉଠି ୧୯ତମ ସ୍ଥାନରେ ପହଞ୍ଚିଛନ୍ତି । ଜ୍ୟାକବ ବେଥଲ ୫ଟି ସ୍ଥାନକୁ ଉପରକୁ ଉଠି ୭୪ତମ ସ୍ଥାନରେ ପହଞ୍ଚିଛନ୍ତି । ଭାରତୀୟ ଟି-୨୦ ଅଧିନାୟକ ଶ୍ରେୟାସ ଆୟର ମଧ୍ୟ ର୍‍ୟାଙ୍କିଙ୍ଗରେ ଦୁଇଟି ସ୍ଥାନ ଉପରକୁ ଉଠି ୧୩ତମ ସ୍ଥାନରେ ପହଞ୍ଚିଛନ୍ତି । ଆଫଗାନିସ୍ତାନର ରସିଦ ଖାନ ବୋଲରଙ୍କ ତାଲିକାର ଶୀର୍ଷରେ ରହିଛନ୍ତି । ସେ ଭାରତୀୟ ବିପକ୍ଷ ଦିନିକିଆରେ ୫ ୱିକେଟ୍ ନେଇଥିଲେ । ଇଂଲଣ୍ଡର ଜୋଫ୍ରା ଆର୍ଚର ତୃତୀୟ ସ୍ଥାନକୁ ଉଠିଛନ୍ତି ।

## ଉଷୁ: ଏସଏସ ମାର୍ଶାଲ ଆର୍ଟସ ସ୍କୁଲ ଚାମ୍ପିଅନ

ଭୁବନେଶ୍ୱର,୨୨।୭ (ସବ୍ୟୁ): ଭୁବନେଶ୍ୱରରେ ଆୟୋଜିତ ଖୋର୍ଦ୍ଧା ଜିଲ୍ଲା ଉଷୁ ଚାମ୍ପିଅନସିପ-୨୦୨୬ରେ ଏସ.ଏସ. ମାର୍ଶାଲ ଆର୍ଟସ ସ୍କୁଲ ଚାମ୍ପିଅନ ଟ୍ରଫି ସହ ମୋଷ୍ଟ ପ୍ରମିସିଂ ଟିମ ଟ୍ରଫି ଜିତି ଐତିହାସିକ ସଫଳତା ହାସଲ କରିଛି । ୩୫ ଖେଳାଳିଙ୍କ ଦଳ ୧୬ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୫ କାଂସ୍ୟ ସହ ମୋଟ ୩୧ ପଦକ ଜିତିଥିଲେ । ପ୍ରଶିକ୍ଷକ ସିଦ୍ଧାର୍ଥ କୁମାର ସାହୁ ଓ ଟିମ ମ୍ୟାନେଜର ଚିନ୍ମୟ ପୃଷ୍ଟିଙ୍କ ନେତୃତ୍ୱ ଏହି ସଫଳତାର ମୂଳ ଆଧାର ଥିଲ ।

## ବଶିଷ୍ଠଙ୍କ ବୁକଲେଟରେ ରାଜ୍ୟଗୋଷ୍ଠୀ କ୍ରୀଡା




ଭୁବନେଶ୍ୱର,୨୨।୭ (ସବ୍ୟୁ): କେରଳର କାଲିକଟ ସ୍ଥିତ ମାଲବାର ଖ୍ରୀଷ୍ଟିଆନ କଲେଜର ପୂର୍ବତନ ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ବଶିଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡାର ୨୫ ତମ ସଂସ୍କରଣ ନିମନ୍ତେ ଏକ ବୁକଲେଟ ପ୍ରସ୍ତୁତ କରିଛନ୍ତି । ସ୍ୱତନ୍ତ୍ର କ୍ରୀଡା ଅନୁରାଗୀ ପ୍ରଫେସର ବଶିଷ୍ଠ ସ୍କଟଲାଣ୍ଡରେ ହେବାକୁଥିବା ଜୁଲାଇ ୨୩ରୁ ଅଗଷ୍ଟ ୨୩ ତାରିଖ ପର୍ଯ୍ୟନ୍ତ ରାଜ୍ୟଗୋଷ୍ଠୀ କ୍ରୀଡା ନିମନ୍ତେ ସମସ୍ତ ଅଂଶଗ୍ରହଣକାରୀ ସମସ୍ତ ଭାରତୀୟ କ୍ରୀଡାବିତଙ୍କୁ ବୁକଲେଟମାଧ୍ୟମରେ ଅଭିନନ୍ଦନ ଜଣାଇଛନ୍ତି । ଏହି ବୁକଲେଟରେ ରାଜ୍ୟଗୋଷ୍ଠୀ କ୍ରୀଡା ଇତିହାସ, ପୂର୍ବତନ ଆୟୋଜକ ତଥା କ୍ରୀଡାରେ ଅଂଶ ଗ୍ରହଣ କରିଥିବା ଭାରତୀୟ ପୁରୁଷ ମହିଳା ପଦକ ବିଜେତା ସମ୍ପର୍କରେ ଉଲ୍ଲେଖ କରିଛନ୍ତି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

# ସମାଲୋଚକଙ୍କୁ ଉତ୍ତର ଦେଲେ ବୈଭବ



ନୂଆଦିଲ୍ଲୀ,୨୨।୭ (ଏଜେନ୍ସି): ଭାରତୀୟ ଦଳର ଯୁବ ପ୍ରତିଭା ବୈଭବ ସୂର୍ଯ୍ୟବଂଶୀ ଇଂଲଣ୍ଡ ଓ ଆୟର୍ଲାଣ୍ଡଗସ୍ତରେ ଭାରତୀୟ ଦଳରେ ସ୍ଥାନ ପାଇଥିଲେ । ଆୟର୍ଲାଣ୍ଡ ବିପକ୍ଷରେ ତାଙ୍କୁ ସୁଯୋଗ ମିଳିନଥିଲା । ତେବେ ଇଂଲଣ୍ଡ ବିପକ୍ଷ ଟି-୨୦ରେ ସେ ୩ଟି ମ୍ୟାଚ ଖେଳି ବିଫଳ ହୋଇଥିଲେ । ବାଉନ୍ସର ହିଁ ତାଙ୍କ ପାଇଁ କାଳ ସାଜିଥିଲା । ଯାହାକୁ ନେଇ ତାଙ୍କୁ ତୀବ୍ର ସମାଲୋଚିତ ହେବାକୁପଡିଥିଲା । ଏସବୁ ନେଇ ମୁହଁ ଖୋଲିଛନ୍ତି ୧୫ ବର୍ଷୀୟ ବୈଭବ । ସେ କହିଛନ୍ତି ଗତ ୪ ମାସ ମଧ୍ୟରେ ସେ ଅନେକ ଘାତପ୍ରତିଘାତ ଓ ସଫଳତା ଦେଖିଛନ୍ତି । ଏହା କ୍ରିକେଟର ଏକ ଅଂଶ ଆଗକୁ ମଧ୍ୟ ଜାରି ରହିବ । ସେ ଏହି ଧାରାକୁ ଅନୁସରଣ କରିବେ । ଏହା ସହ ଦଳକୁ ସତପ୍ରତିଶତ ଦେବେ । ଇଂଲଣ୍ଡରେ ଖରାପ ଫର୍ମକୁ ନେଇ ସେ କହିଛନ୍ତି ଏହା ଏକ ସାଧାରଣ କଥା । ଏମିତି ଘଟିଥାଏ । ତାଙ୍କୁ କୋଚିଂ ଏବଂ ମାର୍ଗଦର୍ଶନର ଆବଶ୍ୟକତା ରହିଛି । ଯେତେବେଳେ ସେ ଅଭ୍ୟାସ କରୁଥିଲେ କୋଚଙ୍କ ଠାରୁ ବହୁତ କିଛି ଶିଖିବାକୁ ପାଇଛନ୍ତି । ଯାହା ତାଙ୍କୁ ଖୁବ ଆନନ୍ଦ ଦେଇଛି । ଜିମ୍ବାୱେରେ ସେ ମ୍ୟାଚ ଖେଳିଛନ୍ତି । ୧୯ ବର୍ଷରୁ କମ ଦଳ ପାଇଁ ବଡ଼ ସ୍କୋର କରିଛନ୍ତି । ୪ ମାସ ତଳେ ସେ ଏଠାରେ ଭଲ ବ୍ୟାଟିଂ କରିଥିଲେ । ଏଠାକାର ଗ୍ରାଉଣ୍ଡକୁ ଭଲଭାବେ ବୁଝିଛନ୍ତି । ତେଣୁ ଜିମ୍ବାୱେ ବିପକ୍ଷ ଟି-୨୦ରେ ଭଲ ଖେଳିବେ ବୋଲି ଆଶା ରହିଛି । ଅନ୍ତର୍ଜାତୀୟ କ୍ରିକେଟରେ ଅସଲ ସ୍ୱାଦ ଚାଖିଥିବା ବୈଭବ ଇଂଲଣ୍ଡ ବିପକ୍ଷ ଦିର୍ବଳତାରୁ ବଡ଼ ଶିକ୍ଷା ପାଇଥିଲେ । ସମୟ ସୀମିତ ଥିଲେ ମଧ୍ୟ ସେ ନିଜ ତ୍ରୁଟି ସୁଧାରିବେ ବୋଲି ଆଶା କରାଯାଉଛି । ଅପରପକ୍ଷ ଜିମ୍ବାୱେର ଦ୍ରୁତ ବୋଲର ଆଚରଙ୍କ ଭଳି ସଟପିଚ ବଲ ଫିଙ୍ଗିବା ରଣନୀତି ଆପଣାଇ ବାନ୍ଧି ରଖିବାକୁ ଚେଷ୍ଟା କରିବେ । ଦଳରେ ତୃତୀୟ ଓପନର ନଥିବାରୁ ବୈଭବ ୩ଟି ଯାକ ମ୍ୟାଚ ଖେଳିବା ନିଶ୍ଚିତ । ବାଦ ପଡିବାର ଭୟ ନଥିବାରୁ ତାଙ୍କ ମନୋବଳ ଦୃଢ଼ ରହିବ ।

## ୧୬ ବର୍ଷ ପରେ ଭାରତ ଫେରିବେ ଆଇପିଏଲ ପ୍ରତିଷ୍ଠାତା



ନୂଆଦିଲ୍ଲୀ,୨୨।୭ (ଏଜେନ୍ସି): ୨୦୦୮ ମସିହାରେ ଭାରତୀୟ କ୍ରିକେଟକୁ ନୂଆ ରୂପ ଦେଇଥିବା ଲଳିତ ମୋଦୀଙ୍କୁ ନେଇ ବଡ଼ ଖବର ଆସିଛି । ଆଇପିଏଲର ପ୍ରତିଷ୍ଠାତା ତଥା ପୂର୍ବତନ ଅଧ୍ୟକ୍ଷ ଲଳିତ ମୋଦୀ ଭାରତ ଫେରିବେ । ଦୀର୍ଘ ୧୬ ବର୍ଷ ହେଲା ଲଳିତ ମୋଦୀ ଆଇନଗତ ବିବାଦ ଯୋଗୁଁ ଭାରତ ବାହାରେ ରହୁଥିଲେ । ୧୬ ବର୍ଷ ପରେ ଭାରତକୁ ଆସିବାର ଯୋଜନା କରୁଥିବା କହିଛନ୍ତି । ୨୦୦୯ରେ ଦ.ଆଫ୍ରିକାରେ ଆୟୋଜିତ ଆଇପିଏଲ ସହ ଜଡିତ ଫରେନ ଏକ୍ସଚେଞ୍ଜ ମ୍ୟାନେଜମେଣ୍ଟ ଆକ୍ଟ (ଫେମା) ମାମଲାରେ ଟ୍ରାଇବ୍ୟୁନାଲ ତାଙ୍କୁ ଆସ୍ୱସ୍ତ ଦେଇ ଏହାପରେ ଭାରତକୁ ଆସିବାର ଯୋଜନା କହିଛନ୍ତି । ୨୦୧୦ରୁ ଲଳିତ ମୋଦୀ ଇଂଲଣ୍ଡରେ ରହୁଛନ୍ତି । ଟ୍ରିବ୍ୟୁନାଲଙ୍କ ରାୟ ୧୬ ବର୍ଷ ଧରି ଚାଲିଥିବା ଆଇନଗତ ଲଢ଼େଇରେ ପୂର୍ଣ୍ଣଚ୍ଛେଦ ଟାଣିଛି । ତେଣୁ ସେ ଚଳିତ ବର୍ଷ ଶେଷ ଭାଗରେ ଆସନ୍ତାବର୍ଷ ଆରମ୍ଭରୁ ଭାରତକୁ ଫେରିବେ । ୧୬ ବର୍ଷ ଧରି ମୁଁ ଲଢ଼େଇ କରିଛି । ଗଣମାଧ୍ୟମ ଓ ସମସ୍ତଙ୍କୁ ଯାହା କହିଆସୁଥିଲି ଶେଷରେ ତାହା ସତ୍ୟ ପ୍ରମାଣିତ ହୋଇଛି । ଟ୍ରାଇବ୍ୟୁନାଲ ମୋ ସପକ୍ଷରେ ରାୟ ଦେଇଥିବାରୁ ମୁଁ ବହୁତ ଖୁସି । ଟ୍ରିବ୍ୟୁନାଲ କହିଛନ୍ତି ଯେ, ମୁଖ୍ୟ ମାମଲାରେ ଅଭିଯୋଗ ହୋଇଥିବା ଫେମା ଉଲ୍ଲଂଘନ ପାଇ ଲଳିତ ମୋଦୀ ଦାୟୀ ବୋଲି ପ୍ରମାଣ କରିବା ଲାଗି କୌଣସି ଉପଯୁକ୍ତ ତଥ୍ୟ ନାହିଁ । ତେଣୁ ତାଙ୍କ ଉପରେ ହୋଇଥିବା ମାମଲାକୁ ଖାରଜ କରାଗଲା । ୨୦୦୯ ମସିହାରେ ଲୋକସଭା ନିର୍ବାଚନ ହେବା ସହ ଆଇପିଏଲର ତାରିଖ ମେଳ ଖାଇଥିବାରୁ ଟୁର୍ଣ୍ଣାମେଣ୍ଟକୁ ଭାରତରୁ ଦ.ଆଫ୍ରିକାକୁ ସ୍ଥାନାନ୍ତର କରାଯାଇଥିଲା । ବିଦେଶରେ ଟୁର୍ଣ୍ଣାମେଣ୍ଟ ଆୟୋନ ପାଇଁ କରାଯାଇଥିବା ବିଦେଶୀ ମୁଦ୍ରା କାରବାର ସମ୍ପର୍କରେ ଇଡି ତଦନ୍ତ କରିଥିଲା । ଏଥିରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପୂର୍ବ ଉଲ୍ଲଂଘନ କରାଗଲା । ହେଲେ ଏହାକୁ କରାଯାଇଥିଲା ବୋଲି ଇଡି ଅଭିଯୋଗ କରିଥିଲା । ଟ୍ରିବ୍ୟୁନାଲ ଲଳିତ ମୋଦୀଙ୍କ ବିରୋଧରେ ଇଡି କରିଥିବା ଅଭିଯୋଗକୁ ଖାରଜ କରିଦେଇଛି । ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ଓ ଆୟକର ବିଭାଗର ମାମଲାରେ ଫସିବା ପରେ ସେ ୨୦୧୦ରେ ଭାରତ ଛାଡି ଥିଲେ । ସେବେଠାରୁ ସେ ଇଂଲଣ୍ଡ ଓ ଅନ୍ୟାନ୍ୟ ସ୍ଥାନରେ ରହୁଛନ୍ତି ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/
store/app/details/
id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି